# କଥାନି ସଠ୍ସଠାନି

ହେମଚନ୍ଦ୍ର ଆଚାର୍ଯ୍ୟ

# କଥାନ ସତ୍‌ସନ୍ତାନ

*

ଲେଖକ୍ :-

**ଶ୍ରୀ ହେମଚନ୍ଦ୍ର ଆଚାର୍ଯ୍ୟ**

ଗର୍ଭଣା-୭୬୮୦୩୩
ଜି: ବରଗଡ଼୍

*

ପ୍ରକାଶକ୍ :-

**ନିସାନ୍ ସାହିତ୍ୟ ସଂସଦ୍**

ସମଲ୍‌ପୁର୍

*

ଦ୍ୱିତୀୟ ସଂସ୍କରଣ :- ୧୯୯୪

*

ଛପା :-

**ଆର୍ଟ ଏଣ୍ଡ୍ ଆର୍ଟିଷ୍ଟ ପ୍ରେସ୍**

ଝାଡ଼୍‌ଆପଡ଼ା, ସମଲ୍‌ପୁର୍-୧

*

ଦାମ୍ -କୁଡ଼େ ଟଁକା ନ

# ସୂଚୀପତ୍ର


| କଥାନ | ପୃଷ୍ଠା |
| --- | --- |
| ୧। ମୋର୍ କଥାଟା କଥାନ ଆୟୁ | ୧ |
| ୨। ଚଂଢ୍ରାଥ୍ ମଙ୍ଗ୍ଲ | ୬ |
| ୩। ପିନ୍ଚୁଣ୍ଡୁ | ୧୨ |
| ୪। ମରନ୍ଛେ କ ଖାଇଁଛେ କେ ଜାନ୍ଏ ? | ୨୩ |
| ୫। ନୁମା | ୨୯ |
| ୬। ମୁଇଁ କା'ଣା ଦେଇ ପାରୁମି | ୪୦ |
| ୭। ଘରେ କଥା ବାରେ ପୁଲ୍ (କ) | ୫୭ |
| ୮। ,, ,, (ଖ) | ୬୧ |
| ୯। ,, ,, (ଗ) | ୬୪ |
| ୧୦। ,, ,, (ଘ) | ୬୯ |
| ୧୧। ନୂଆଁଖାଇ | ୭୭ |
| ୧୨। ମୁରେନ୍ ନୁହେ ଯୁରେନ୍ ଆୟୁ | ୮୪ |

# 'କଥାନି ସତ୍‌ସତାନି'ର୍
# ପଛର୍ ସଂସ୍କରଣ୍ ଲାଗି

'କଥାନି ଧାତ୍‌ସତାନି' ଅଠ୍‌ଗୁଲାଶ୍ ପୃଷ୍ଠା ନେଇକରି ଆଗେ ଛପା ହଇଥିଲା । କେତେ ଅସୁବିଧା ଥିଲା ବଲି ସବୁ କଥାନି ସେଥିଁ ଠାନ୍ ନାଇଁ ପାଇଥାଇ । ଏନ୍ଥ୍‌ନି ସବୁ କଥାନିକେ ନେଇ ଛପା ହେଲା ।

ଆମର୍ ଇ ଅଞ୍ଚଲର୍ ଭାଷାଥି କଥାନି ବହିଟେ ବାହାର୍ କର୍‌ବାର୍ ଠା ବନ୍‌ଏ କଡ଼ା କପାର୍‌ଟେ ଆୟ୍ । ଇ କାମେ ଶ୍ରୀମାନ୍ କେଶବ ଚନ୍ଦ୍ର ବେହେରା ଭାଷା-ମାଁର୍ ସେବାର୍ ଲାଗି ବନହାଁ ସାହେଯ୍ କରିଥିବାର୍ ଜାନି ତାହାକୁଁ ଧଏନ୍‌ଧଏନ୍ କରୁମି କାଏଁନ । ହେଲେଁ ହେତକ ନେ ତାକର୍ ଲାଗ୍ ଶୁଝି ନୈ ଧରୁ, ରହେଲା ।

ଇ ବହି ପଢ଼୍‌ଲା ପରେଁ ତାର୍ ଭଲ୍ ମନ୍ଦ୍ ନେଇ ମତାମତ୍ ପାଇଲେଁ ଖୁଷିତ୍ ହେମି ।

**ହେମଚନ୍ଦ୍ର ଆଚାର୍ଯ୍ୟ**

ଗର୍ଭଣା ୨।୧୨।୯୩

# ମୋର୍ କଥାଟା କଥାନ ଆସୁ୍

"ଛଟ୍‌ନ୍‌ଏ ପାଚଲ୍‌ଘଁଟା ?" ଆଶ୍ରିଯ୍ ହେଲା ବାଗିର୍ କହି ପକାଲା ମଙ୍ଗ୍‌ଲୁ ।

"ହଁ, ଛଟ୍‌ନ୍‌ଏ ବାହାରିଲା; ପହେଲା ତୁଲା ଥିଁ ଏତକ ବାହାର୍‌ବା ବଲି ମୋର୍ ବି ଆଶା ନାଇଁ ଥାଇ ।" ପାଚଲ୍‌ଘଁଟା ଛଟ୍‌ନାଟା ତଲେଁ ଥୁଇ ବନ୍‌ହା ବୋଧ୍ ଆଏଁଖ୍ ଥିଁ ଦେଖୁଥିଲା ଲୁର୍‌ନା, ମଙ୍ଗ୍‌ଲୁର୍ କନିଆଁ ।

"ଯା ଶୁନ୍‌ଅ ତ", ଫେର୍ କହି ବସ୍‌ଲା ଲୁର୍‌ନା, "ଗଲାବର୍ଷିଁ ଛୁଆ ଦୁହିଟା କଛୁ ନାଇଁ ଖାଇଁ ବଲି ହେନ୍ତା ଶୁଇ ପଡ଼୍‌ଲେ । ଆମର୍ ଅଡ଼ିଆ ନାଇଁଥିବାର୍‌ଟା ସେମାନ୍‌କୁଁ କେତେଦିନ୍ ଭୁସୁ୍ଲ୍ ଲୁକେଇ ହେବା ? ସେମାନେ ଜାନ୍‌ଲା ବାଗିର୍ କହେଲେ, 'ଆଜର୍ ଭୋକ୍ ନାଇଁ କର୍‌ବାର୍ ମା !' ତବ ମୁଇଁ ମୁର୍‌ହି ଆଜର୍ ଲଲିଗୁହା ଟିକେ ଟିକେ ଦେଲି, ଶୁଇ-ପଡ଼୍‌ଲେ । ତମେ ଭି ତ ସେନ୍ତା ଶୁଖା ଶୁଖା ଶୁଇଲ । ଗୁଟେ କଥା କଇ; ଆଜର୍ ଶସୁ୍ନ୍‌ବାର୍ ହାଟ୍ ତ, ଯ ପାଚଲ୍‌ଘଁଟା ଦୁଟାକ ଭଁଜାଇ ଆନ । ଗାଁଥିଁ ସବୁ ମହଙ୍ଗା । ହେଁ ଆଡ଼ୁ ଗୁଡ଼ଲ୍ ଦାସୁ୍ଲ୍ କରି ଘିନି ଆନ୍‌ବ । ତମେ ଆସୁ୍ଲେଁ ଯାଇ କୁଏ ଜାଲ୍‌ମି, ଅଁଧାନ୍ ଦେମି । ଆ'ଦେ, ଟଁକାଟେ ଅଛେ ନିଅ, ମଠରେଁ ପଲେଇଯିବ ଯେ ଟପୋ କଲ୍ ଆସି ପାରିବ । ଖେଲୁ ଆସୁ୍ଲ ବେଲେଁ ସମଲାଇ ଖ୍ଟାନେ ଦୁଟା ଚଢ଼େଇ ନେଇଛେ, ଆର୍ ମହାପ୍ରଭୁଗୁଡ଼ିର୍ ପୁଖୋଗ ଢରେଁ ଦୁଟା ଦେଇ ଆଇଛେଁ; ଦେବ୍‌ତା ବାହ୍ମନ୍ କଥା ସରିଲା । ପହେଲା ଫଲ୍ ଦେବାକେ ହେମିତ ।"

ମଙ୍ଗ୍‌ଲୁ କହିପକାଲା, "ପହିଲ୍ ପହିଲ୍‌ଟା ଛୁଆକର୍ ଲାଗି ବି ଦୁଇଟା ରଖ୍ । ଏ'ଦେ ମୁଇଁ ବାହାରୁଲିଁ, ଟଁକାଟା ବି ରଖ୍, ଫେର୍ ଗୁହା ମୁର୍‌ହି କରି ଛୁଆକୁଁ ଦେ । ବାଟ୍ କୁଶ୍‌କର୍ କଥାତ, ମୁଇଁ ଏ'ଦେ ପଲେଇ ଆଉଛେଁ । ଫେରିଲା ବେଲେଁ ପଛେ ପାସୁ୍ମି ବସୁ୍ଲେଁ ମଠ୍‌ରେଁ ପଲେଇ ଅସୁ୍ମି ।"

“ମୁଇଁ ବଲୁଥିଲିଁ କି” ଲୁର୍‌ନା ମୁଣ୍ଡର୍ ହୁରୁଲି ଖୁଷାକେ ଗସ୍ତୁଁଠ୍ ଢଉନ୍ ଢଉନ୍ କହେଲା, “ଗଲାହାଟେଁ ଘରେ କେଉ ପାଁଚ୍ ଟଁକା ଥିଲା; ଈ ହାଟେଁ ଟଁକେ ସୁକେ କମିଥିବା କି ବଢ଼ିଥିବା । ଛଟ୍‌ନାଠା ଆମର୍ ଘର୍, ଷୁଲ୍‌ହ କେଉ ଧର୍‌ସି । ମୂଲ୍‌ଆଁ ଦେବ ବସ୍ତୁଲେଁ ଭି ତିନ୍‌କୋଡ଼ିନୁ କମ୍ ହେଲେଁ ନାଇଁ ଦେବ । ବଡ଼ା ଦୁଖର୍ କମାନ; ଘିନଖିଆ ଅଁଟ୍‌କୁରେ ତ ଗୁସ୍ତ୍ ତଲେଁ ବସି ଗସ୍ତା ନୁର୍‌ସନ୍ ।”

“ହେଲା ହେଲା”, ମଙ୍ଗ୍‌ଲୁ ତାର୍ ଫଁଠା ଗୁହ୍ନ୍‌ର୍‌ହାଣ୍ଡ ଖଁନ୍‌କ ଅଡ଼ାନୁ ଭଲି ଆନ୍‌ଲା ଆର୍ ଖନ୍ଧେଁ ପକେଇ କହେଲା, “ତୁଇଁ କହୁଥିବୁ ଆର୍ ମୁଇଁ ଶୁନୁଥିମି ତ ଘରେଁ ବେଲା ହେବା; ବାହାର୍‌ଲି ।”

ମେଲା ପାତଲ୍‌ଘିଁଠା ଛଟ୍‌ନାର୍ ମୁହେଁ ଝର୍‌ହା କପଡ଼ା ଟିକେ ଢାପି-ନେଇ ଲୁର୍‌ନା କହେଲା “ନଜେର୍ ପଡ଼ସି, ନଜର୍‌ନଆଁ ହେଲେଁ ଜନଷ୍ ବକ୍‌ର ନାଇଁ ହସ୍ତ୍ । ହଁ, ଆଉର୍ ଗୁଟେ କଥା, ନମାକେ ଆମର୍ ବାର ଯାଇ ତେର ପଶ୍‌ଲା ନ, କୁର୍‌ଡାଠା ଫଁଠା । ତାର୍ ସାଙ୍ଗର୍ ଟୁକ୍‌ଲେ ତିନ୍-ହାଣ୍ଡି ଖଣ୍ଡ୍‌ଏ ଖଣ୍ଡ୍‌ଏ ଗୁଣ୍ଡିଥିଁ ପକେଇ ଗାଧି ବାହାର୍‌କେ ଯାଉଛନ୍ । ନମାକେ ଖେଜେ ବୁଜେ ଘିନେଇ ପଠାଲେଁ ବି ହେଥିର୍ ଲାଗି ହଦର୍‌ସି । ତାର୍ ଲାଗି ତିନ୍‌ହାଣ୍ଡ ଖଣ୍ଡ୍‌ଏ, ଆଉର୍ ତମର୍ ଗୁର୍‌ହାଣ୍ଡଠା ବି କୁଲ୍‌କୁଲା ହଇ ଫାଟିଗଲାନ, ତମର୍ ଲାଗି ଗୁସ୍ତ୍‌ର୍‌ହାଣ୍ଡ ଖଣ୍ଡ୍‌ଏ ଆନ୍‌ବ । ପାତଲ୍-ଘିଁଠା ବାହାର୍‌ଲାନ, ତ ଆଉର୍ ଅଡ଼ିଆ ପାସ୍ତ୍‌ନ୍ ନାଇଁ ଖଙ୍ଗେନ ।”

ଛୁଆ ଦୁହିଁଠା ଏନ୍ତ୍‌କବେଲେଁ ପାଶ୍‌କେ ଆସିଗଲେନ । ପୁଅ ରୂପ୍‌ଧର ତାର୍ କଥା ନାଇଁ ପଡ଼୍‌ବାର୍ ଜାନି ନଜର୍ ହକ୍ ଜାରି କର୍‌ବାର୍ ଢଙ୍ଗେଁ କହେଲା “ବା ଗୋ ! ଆମର୍ ଆଗିଁଆ ସବୁଦିନେ ଇସ୍‌କୁଲେଁ ଗାଲି ଦଉଛନ୍ ଖାତା ଆଉର୍ କଲମ୍ ଲାଗି । ମୋର୍ ଲାଗି ଖାତା ଖଣ୍ଡ୍‌ଏ ଆର୍ କଲମ୍‌ଟେ ଆନଥିବୁ ।”

ମଙ୍ଗ୍‌ଲୁ ପାହା ବଡ଼େଇ କହି ପକାଲା “ଅରେ ବାବୁ ! ଦସ୍ତ୍‌ସା ହେଲେଁ ତ ତୋର୍ ମାଁର୍ ଲାଗି ଆଗେ କପ୍‌ଠା ଖଣ୍ଡ୍‌ଏ ଆନ୍‌ତିଁ । ନାଇଁ ଦେଖୁଛେଁ କାସ୍ତୁଁ ଖଣ୍ଡ୍‌ଏ କପ୍‌ଠାକେ ଧୁଇ ଶୁଖେଇ ପିନ୍ଧୁଛେ; ହଉ ଆର-ପାଲି ଦେଖ୍‌ମା ।” ମଙ୍ଗ୍‌ଲୁ ଘରେଁ ଘରେ ଅଣ୍ଡିବ୍ ସାଙ୍ଗେଁ ପୁଓ ମାସ୍ତ୍‌ପୋ ଗୁଡ଼ ଛଟ୍‌ନ୍‌ଏ ପାତଲ୍‌ଘିଁଠା ଆର୍ କେତେ ଛଟ୍‌ନା ଆଶା ଖନ୍ଧେଇ କରି ଏକ୍‌ମୁହାଁ ହେଇ ଧାସ୍ତୁଁଲା ଶସ୍ତ୍‌ନ୍‌ବାର୍ ହାଟର୍ ବାଟେଁ ।

ଆୟୁଜ୍ ବସ୍ତାର୍ ଗଛ୍ ଖୁଣ୍ଟ୍ ସବୁ ଜଲ୍‌ଦି ଜଲ୍‌ଦି ପଛ୍ ଦଉଡୁଛନ୍ ବାଗିର୍ ଲାଗୁଛେ । ମଙ୍ଗ୍‌ଲୁ ନିଜେଁ ନାଇଁ ଜାଣି ପାର୍‌ବାର୍ ଯେ ସେ ଚଲୁଛେ କି ଦଉଡୁଛେ । ମଙ୍ଗ୍‌ଲୁକେ ସବୁଦିନର୍ ଚଲଲା ବାଟ୍ ଆୟୁଜ୍ ପାଶ୍ ବାଗିର୍ ଲାଗୁଛେ । ହେଲେଁ ତାର୍ ମୁଣ୍ଡେଁ ଆଶାର୍ ନଲିଆଟା ଛି ଖପୁଣ୍ ସେ ଝପୁଣ୍ ଟପା ଖାଇଁ ଦଉଡୁଛେ । କେତେ କେତେ ସୁଖର୍ ଭାବ୍‌ନାମାନେ ଚେଡ଼େନ୍ ମାଛ୍ ମେତାଲ୍ ମନା ନାଇଁ ମାନ୍‌ବାର୍ । ଆର-ପାଲିକେ ଦୁଇ ଛଟ୍‌ନା ବାହାର୍‌ବା ତ ଭାର୍ କରି ଆନ୍‌ବା । ତାର୍ ଆର-ପାଲି ତିନ୍ ଛଟ୍‌ନା, ନିଜେଁ ଭାରେ ଆର୍ ଲୁର୍‌ନା ଛଟ୍‌ନ୍‌ଏ ନେଇ ହାଟ୍‌କେ ଆସ୍‌ବେ । ଲୁର୍‌ନାର୍ ସାଙ୍ଗେଁ ମନକେ ମନ୍ କପ୍‌ଟା ଆର୍ ତାର୍ ଲାଗି ଚୁପ୍‌ର୍‌ହାଣ୍ଡି ଡିନ୍‌ବେ । ପାତଲ୍‌ଘିଁଟା ଝପ୍‌ଲେଁ, ହେଁ ବସ୍ଗୁ ନେ ମୁଲା ଦେଇନେବା, ମୁଲାର୍ ବିକ୍ରି ଭି ପହେଲା ପହେଲା କମ୍ ନୁହେ । ମୁଲା ବୁପ୍‌ସ୍ ବି କେ'ନ ଜହଦିନ୍ ରହେସି ? ବେଶୀ ହେଲେଁ ଦୁଇମାସ୍ । ତାର୍ ପଛେଁ ଆଲୁ...

"ମଙ୍ଗ୍‌ଲୁ ଦାଦା ଯୁହାର୍" ପାଲି ଗାଁର୍ ମାଲି ପଧାନର୍ ସର୍ ବାଆରି ହଉଛେ । ମଙ୍ଗ୍‌ଲୁର୍ ଭାବ୍‌ନାର୍ ନଲିଆଥିଁ ବନ୍ଦନ୍ ଟେ ପଡ଼ିଗଲା । ମଙ୍ଗ୍‌ଲୁ ଟିକେ ହସି ପକାଲା । "କେନ୍ତା ଗୋ ମାଲି ! ତୁଇଁ ବି ହାଟ୍‌କେ ବାହାରିଛୁ ? ତୋର୍ ବାପୁର୍‌ଟା ତ ବନ୍‌ଏ ଉପ୍‌କା ଥିଲା ବୋ ! ପାତଲ୍-ଘିଁଟା ଉକୁରିଲାନି ଭପୁଲ୍ ଗା; ସୋଜ୍ ହାତେଁ ହାଟ୍‌କେ ଯାଉଛୁ ଯେ..." ଡଉବରି ହାତ୍‌ନା ମାଲିର୍ ଅଣ୍ଡ୍‌କେ ପେସ୍‌ରେଇ ନେଲା ।

ଭଙ୍ଗ୍‌ଡ଼ିବଟା ମଙ୍ଗ୍‌ଲୁର୍ ଆଡ଼୍‌କେ ବଢ଼େଇ ନଉନ୍ ନଉନ୍ ମାଲି କହେଲା "ନାଇଁ ବୋ ଦାଦା ! ପାତଲ୍‌ଘିଁଟା ତ ଭର୍‌ଦରେଇଛେ ଏଛନି; ହେଲେଁ ନାଇଁ ଆଣି ନ । ଗଲାପାଲି ଭାରେ ଆଣିଥିଲିଁ ଯେ, ବିକ୍ରି ବି ବନ୍‌ଏ ଥିଲା ତ; ଯାହା ବିକ୍‌ଲିଁ ଦୁର୍ଗାଗୁଡ଼ା ଥିଁ ଗଲା । ସୋଜ୍ ହାତେଁ ଘର୍‌କେ ଫିର୍‌ଲିଁ । ଗୁହା ତୁକେ ନାଇଁପିଇଁ କି କୁଆପୁତାର୍ ଲାଗି ପକୋଡ଼ି କି ମିନ୍‌ଟି ଚୁପ୍‌ର୍ ଅନାର୍ ବି ନେଇ ନୈ ପାର୍‌ଲିଁ । ଈ ପାଲି କୁଟନିକେ ଦେଇନେଲି ହାଏନ୍‌ଲାଭ୍ କରି । ହାଟ୍‌କେ ଆଣି ନର୍ମ୍‌ମୁଲ୍ ଦେଇକରି ହେଲେଁ କେତେ ଯିବୁ ବୋ !"

ମଙ୍ଗ୍‌ଲୁର୍ ଦିହର୍ ଗହଦ୍ ଧାର୍ ବଢ଼ିଗଲା । ତାର୍ ଧର୍ ଏତ୍‌କି-ବେଲ୍‌ତକ୍ ଯେନ୍ ଉତ୍‌କା ଆସିଥିଲା ଫେର୍ ସକ୍ ସକ୍ ବସିଗଲାନି ।

ହାଟ୍‌ଠା ବି ତ ଆଉର୍ ଜହ ଧୂର୍ ନାୟୁଁନ୍; ତଥାପି କେନ୍ତାକରି ଯାୟୁସିଁ ବଲ ଚିନ୍ତା କଲା । ଯାହାବି ହଉ ମଙ୍ଗ୍‌ଲୁ ପୁହୁଁଚଲା ହାଟ୍‌ପଦାକେ । ତାର୍ ଲାଲ୍ ଟହ୍‌ଟହ ପାତଲ୍‌ଘଁଠା ଛଟ୍‌ନାକ ଯେ ଦେଖୁଛେ ଲହୁଁପି ପରୁଛେ । ଦୁଇ ଗୁସ୍ସୁର୍ ଲୋକ୍ ତାର୍ ଛଟ୍‌ନାଠାକ ଧରି ପକାଲେ "ଇ ଦୁଟାକ ତ ଆଟେ ଚଲ୍‌ବା ପୂଜା କରୁଥିବା ବାହ୍ମନ୍‌ମାନ୍‌କର୍ ଆର୍ ପୂଜା-କମିଟୀର୍ ମେମ୍ବର୍‌ମାନ୍‌କର୍ ହବସ୍‌ଥିଁ ।" କହୁଥିଲେ ସେମାନେ । ମଙ୍ଗ୍‌ଲୁର୍ ପାତଲ୍‌ଘଁଠା ଛଟନାକ ଧରି ସେମାନେ ଚଲେ, ପଛେଁ ପଛେଁ ମଙ୍ଗ୍‌ଲୁ ଆର୍ ତାର୍ ପଛେଁ ମଙ୍ଗ୍‌ଲୁର୍ ଆଶା ଭର୍‌ସା ସବୁ ।

"ଭାଇ ! ମୋର୍ କଥା ଟିକେ ଶୁନଅ । ମୁଇଁ ଇଟା ଜିକଡାଁକି କରି ନେଲେଁ ମୋର୍ ଘରେଁ ଚୂଏଲ୍ ଜଲ୍‌ବା, ଅଁଧାନ୍ ବସ୍‌ବା ।" ମଙ୍ଗ୍‌ଲୁର୍ କଥା ସେ ହାଟର୍ ହୋ ହଲା ଭିତ୍ରେଁ ହଜି ଯାଉଥାୟ୍‌, ମଙ୍ଗ୍‌ଲୁ ଦେଖ୍‌ଲା ପାଶେଁ ଠାନ୍‌ଠାକେଁ ଚଉକି ଚଉକି ବନ୍‌ଏ ଲୋକ୍‌ମାନେ ବସିଛନ, ସେ ଭିତ୍ରେଁ ଅଛନ୍ ସମିତିର୍ ଚେଆର୍‌ମେନ୍, ଏମେଲେ । ଇମାନେ ଆମର୍ ଗାଁଥିଁ ସଭା କରି ଗରିବ୍‌ମାନ୍‌କର୍ କଥା, ଚୁଷୀମାନ୍‌କର୍ କଥା, ହରିଜନ୍ ଆଦିବାସୀମାନ୍‌କର୍ କଥା କହି ବଡ଼ହାଁ ଆ-ହା-ଚ-ଚ କରୁଥିଲେ ଇମାନ୍‌କୁଁ କହେଲେଁ ମୋର୍ କଥା ଶୁନ୍‌ବେ, ସାହା ହେବେ, ଇଟା ଭରୁର୍ ଥିଲା ଭର୍‌ସା ମଙ୍ଗ୍‌ଲୁର୍ । ଯାଇକରି ହାତ୍ ଯୁଡ଼ିକରି କହେଲା ମଙ୍ଗ୍‌ଲୁ ତାର୍ ଦଶା । ଏମେଲେ କହେଲେ "ହାୟୁରେ ! ଲୋକ୍ ଶହ୍‌ଶହ୍ ଟଁକା ଦୁର୍ଗା ଚୁନ୍ଦା ଦଉଛନ୍ ଆର୍ ତମେ ପାତଲ୍‌ଘଁଠା ଦୁଟାକେ ମୁର୍‌ଛୁ ନାଇଁ ପାର୍‌ବାର୍ । ଏ ପିଲେ ! ଆନ୍‌ଅ ଆନ୍‌ଅ ଟଁକା ପାଁଚ୍‌ଠା ଆର୍ ତାର୍ ଛଟ୍‌ନାଠା ଆନନଅ ।" ମଙ୍ଗ୍‌ଲୁର୍ ଆଶା ସବୁ ପାୟୁନ୍ ଫାଟିଗଲା । କୁହ୍‌ରି ଉଠ୍‌ଲା ତାର୍ ଭିତର୍, ଗୁଡ଼୍ ମୁଡ଼୍‌କେ ଥର୍‌ଥରେଇ ଗଲା—"ଥାଉ ଆଗଁୟା ଟଁକା ପାଁଚ୍‌ଠା ହେଲେଁ କାୟୁଁ ଦେବ ? ତମେ ସବୁ ବାବୁ ଭୟା ଚୁହା ପାୟୁନ୍ କର୍‌ବ, ରଖିଥ" କହି ସେଠାନ୍ ଘୁଞ୍ଚ୍‌ଲା । ମୁଡ଼୍ କହ୍ରେଇ ଯାଉଛେ । ଗଲା କାଲ୍‌ହର୍ ଭେକ୍ ଏଛନକା ବାଧୂଛେ । ଏହୁକ ବାଟ୍ ଏକସ୍କଁଠି ଚୁଲ ଆସ୍‌ବାର୍ ଗୋଡ଼୍ ଦୁଖା ଇହାଦେ ଜନା ପରୁଛେ । ଦୁର୍ଗା-ମଣ୍ଡପ୍‌ଥିଁ ବଜା ଦୁଲ୍‌ଦୁଲେଇ ଯାଉଛେ । ମାଇକ୍‌ଥିଁ ବାହ୍ମନ୍‌କର୍ ମନ୍ତର୍ ମାନେ କାନ୍ କଲ୍‌କଲେଇ ଯାଉଛେ । ତାର୍ ଅମାନ୍ତି ଗୋଡ଼୍ ଦୁଇଟା

ତାହାକେ ଦୁର୍ଗା ମଣ୍ଡପ୍‌କେ ନେଇଗଲା । ଦୁର୍ଗାର୍ ମୁରୁତି କେତେ ସାଜ୍-ସଜାଇଁ କେତେ କାଗଜ୍ କେତେ ଜରି ଭିତ୍‌ରେଁ ଖୁଁଟ୍ ବାଗିର୍ ବସିଛେ । ଗୁହାଁକରି ବି ମଙ୍ଗ୍‌ଲୁର୍ ହାତ୍ ଯୁଡ଼ି ନୈହେଲା । କାନ୍ଦ୍‌ବାର୍ ମନ୍ ଥିଲେଁ ବି କାନ୍ଦି ନୈ ପାର୍‌ବାର୍ । ମନେ ମନେ ଖାଲି କହେଲା "ମା ଦୁର୍ଗା ! ତୁଇଁ ସବୁ ଜାନୁଛୁ, ତତେ କା'ଣା ଜନାମି ? ମୋର୍ ତକ୍ ପୁହୁଁଚ ପାର୍‌ବୁ କି ନି ବଲି ତୋର୍ ନକେ ଆସୁଲିଁ ; ତୁଇଁତ ସୁତ୍‌ଲିନେ ବାଁଧା ହଇଛୁ, ତତେ ଯେ ବାଁଧିଥିବା କେତେ ପୟ୍‌ସା ନେଇଥିବା, ତତେ କା'ଣା ଦେମି ମା ? ମୋର୍ ଯାହା ଥିଲା ତୋର୍ ପୁଝାରୀମାନ୍‌କୁଁ ନେଅଁଟ୍ । ଯାଉଛେଁ ମା ! ତୁଇଁବି ଗରିବର୍ ନୁହୁ । ଗରିବର୍ କହେ ନାଇଁ ଥିଲେ ତୁଇଁ ଥିବୁ ବଲି ଭାବୁଥିଲି, ତୁଇଁବି ଆଜିର୍ ସଂପଦ୍‌ଥି, ଖେମ୍‌ତା ଥିଁ ବାଁଧା ହଇଛୁ ।

ଦୁର୍ଗା ମଣ୍ଡପ୍ କେତେବେଲେଁ ଗୁଡ଼ିଲା, କେନ୍ ସୁରେଁ ମଙ୍ଗ୍‌ଲୁ ଘର୍ ମୁହାଁ ଦଉଡ଼ୁଛେ, ସେ ନଜେଁ ଜାନି ନାଇଁ ପାର୍‌ବାର୍ । ଗୋଡ଼୍‌ମାନେ କାଦୋ ସର୍‌ସର୍, ଦିହଟା ସାର ଝାଲେଁ ଗାଧି ଗଲାନି । ଦଶ୍‌ରା ମାସର୍ ବାଦ୍‌ଲଆ ଖରା ବଜର ଆଉଛେ, ଖାଲି ତାର୍‌ଲାଗି ବଲି ଭାବୁଛେ ମଙ୍ଗ୍‌ଲୁ । ଘରେଁ ତାର୍ ପୁଓ ଝି ଆର୍ ଲୁଚ୍‌ନା ଟାକକରି ବାଟ୍ ଦେଖୁଛନ୍ । ଲୁଚ୍‌ନା ଦୁଆରର୍ ମଠିଆନୁ ପାଣ୍ଟୁନ୍ ଗଡ଼୍‌ଗେ ଢ଼ାଲି ଆଗଭୁରା ଥୁଇନେଲା ନି ତାର୍ କାଦୋ ସର୍‌ସର୍ ଗୋଡ଼୍‌କେ ଦେଖି, ନମା ତାର୍ ଲାଗି ଭିନ୍‌ହାଣି କେନ୍ତାଟା ଆନିଥିବା କେନ୍ ରଙ୍ଗର୍ ଥିବା ବଲି ଦେଖ୍‌ବାର୍‌କେ ଭୋକ୍ ପାଶ୍‌ରି ଠିଆ ହଇଛେ, ରୂପଧର ଖାତା ଆଉର୍ କଲମ୍ ଆନି ନେଇଥିବା ଯେ ପାଣ୍ଟୁଲିକି ଚର୍‌ଚର୍ ଲେଖି ଦେଖାବା ପଢେଲା 'ଆହେ ଦୟାମୟ ବିଶ୍ୱବିହାରୀ' ବଲିଁ ସଜ୍‌ବଜ୍ ହଇ ତିଆର୍ ଅଛେ । ଲୁଚ୍‌ନାର୍ ଅଁଧାନ୍ ଟର୍‌କି ଉଠୁଛେ ଗୁଡ଼ିଲ୍ ଲଗାବା ବଲିଁ । ମଙ୍ଗ୍‌ଲୁ ଗୋଡ଼୍‌ଧୁଆ ପାଣ୍ଟୁନ୍ ଗଡ଼କି ଢ଼କ୍ ଢ଼କ୍ ପିଇ-ନେଲା ଯେ ନାହିନୁ ହେଁଠି ତକ୍ ଲୁହୁରୀ ଧୁକ୍‌ନା ଲେଖେଁ ଧପ୍ ଧପ୍ ହଉଛେ । ଲୁଚ୍‌ନା ପଚ୍‌ରିଲା "କା'ଣା ହେଲା ?"

ମଙ୍ଗ୍‌ଲୁର୍ ଗୁଟେ କଥା "କାହି ନେଇଁ ହୟ୍‌ସ, ମୋର୍ କଥାଟା କଥାନି ଆୟ୍‌ସ ।"

●

# ଚଂଘ୍‌ରାଥ ମଙ୍ଗ୍‌ଲା

ବେଲ୍ ବୁଡ଼ି ବୁଡ଼ି ଯାଉଥାଏ୍, ଆର୍ ଉଡ଼ି ଉଡ଼ି ଯାଉଥାଆନ୍ ଚରେ । ବେଲ୍‌ବୁଡ଼୍‌ତି ଆକାଶ୍ ଦଶୁଥାଏ୍ ଲାଲ୍ ଗଲ୍ ଗଲ୍ ପର୍ଛା । ଫାଟ୍‌ଲା ଫାଟଲ୍-ଘଁଟା ବାଗିର୍ । ସେ ଲୁଭ୍‌ଲୁଭାନ ରଙ୍ଗ୍‌କେ ମନ୍‌ଭର୍ ମାଖି ନଉଛନ୍ ବର୍ଷା କୁଟ୍ଟି ବାଦ୍‌ଲର୍ ଦଲ୍ । ସେମାନେ ଦଶୁଛନ୍ ଗୁଟେ ରକମର୍, ଯେ ଯାଦ୍ଧା ନୁହେ ତାହା ହେବାର୍ ଲାଗି ଚେରେଷ୍ଟା କଲେଁ ଯେନ୍ତା ଦଶ୍‌ଶନ୍ । ଦିନ୍ ଗୁଟାକର୍ ସାଙ୍ଗ୍ ସୁଖ୍ ଭାବ୍ ରଙ୍ଗ୍ ଗୁଡ଼ିଯାଉଛେ ବେଲ୍, ମନେ ଟିକେ ବି ଦୁଖ୍ ନାଇନ । ହଁସି ହଁସି ପଶିଯାଉଛେ ପଚ୍ଛିମ୍ ଆକାଶର୍ କଲା ମିସ୍‌ମିସ୍ ଡ଼ବାଘର୍ ଭିତର୍‌କେ । ସେ ହଁସିଟିକ କେତେ୍ ସୁନ୍ଦର୍, କେତେ୍ ମଧୁର୍, କେତେ ସୁରୁତ୍ ଲାଗୁଛେ ସତେଁ । ହେନ୍ତା ତିନ୍‌କୋର୍ କା ଗୃଯ୍‌ର୍ କୋର୍ ବଛରର୍ ସାଙ୍ଗ୍‌ସୁଖ୍ ଗୁଡ଼ି ଆଯ୍‌ଜ୍ ଗୃଲଗଲା ବାହ୍ମନ୍‌ବୁଢ଼ା । ଅଙ୍କର୍ ଈ ବେଲ୍‌ବୁଡ଼୍‌ତି ଆକାଶର୍ ରଙ୍ଗ୍ ଧରଛେ ତାର୍ ଗଅ, ଜଲୁଛେ ଧକ୍ ଧକ୍ ଧକ୍‌ଧକ୍ ଗଅର୍ ଗୁଟେ ଫାଲେଁ ନର୍ଦ ଯାଉଛେ ନଲଆର୍ ସୁରୁ ସଁପୁର୍ ଧାର୍ ଖୁଲ୍ ଖୁଲ୍ । କା'ଣା କହୁଛେ ସେ ନଲଆ ନିଜେଁ ବୁଝୁଛେ, ଉଁଜିଆ କାହାରର୍ ସେ ଆଉ୍‌କେ କାନ୍ ନାଇଁ । ଯେତ୍‌କ ଦିନୁ ସେ ବୁହିଲାନ ଏନ୍ତା କେତେ ଲୋକ୍ ଈଠାନେ ପୁଡ଼ା ହଇଛନ୍ ତାର୍ ହିସାବ୍ ଭାଯ୍‌ଲ୍ କରୁଛେ ନଲଆଟା ତାର୍ ମନ୍‌କେ ମନ୍ । କହୁଛେ ଭାଯ୍‌ଲ୍ ଆଜିର୍ ଜଲୁଥିବା ଈ ମୁନୁଷ୍‌ଟା କେତେ ଥର୍ ଇମ୍‌କେ ଆଇଛେ, କାଠି କରଛେ, ପାଯ୍‌ନ୍ ଛୁଇଁଛେ, ଗାଧିଛେ ବୁଡ଼ିଛେ, ଆଉର୍ କେତେଥର୍ ମୁର୍ଦାର୍ ବି ପୁଡ଼େଇ ଆଇଛେ । ଆଯ୍‌ଜ୍ ତାର୍ ମୋର୍ ସତେଁ ଶେଷ୍ ଦେଖାଗୃହା । ଇତାର୍ ପଛେଁ ସେ ଆଉର୍ କେଭେଁ ନାଇଁ ଆସେ ନ । ନଲଆଟା ହିଁସୁଛେ କି କାନ୍ଦୁଛେ କିଏ ବୁଝ୍‌ବା ତାର୍ ଭାଷା ? ହିଁ ତାର୍ ଲାଗି କାଯ୍ ହିଁସି କାନ୍ଦ ସୁଖ୍ ଦୁଖ୍ ଆର୍ ତାର୍ କାଯ୍ ଜନମ୍ ମୁର୍ତ୍ତୁ ? ଜନ୍‌ମିଲା ଦିନୁ ତ ଗୃଲଛେ ଯେ ଗୃଲଛେ । ତାର୍ ସେ ଗୃଲାର୍ ଶେଷ୍ ନାଇଁ ଅଁତ୍ ନାଇଁ ।

ଗଅର୍ ଆର ଫାଲେଁ ଟିକେ ଡ଼ିପ୍‌ଠାନ୍ ଦେଖି ଗୁହୁଡ଼େ ଲୋକ୍ ଟୁପୁର୍ ଟାପର୍ ଭୁଟ୍‌ଭାଟ୍ ହଉଛନ୍ । ସତେଁ ଈ ମୁନୁଷ୍ ଜାଯ୍‌ତ୍‌ଟା କେ ଜାନେ କେନ୍ତା ଯେ କାହିଁ ତୁନ୍‌ପର ବସି ନାଇଁପାରେ । ଏନ୍ତାକି ଏକ୍‌ଲା ଥିଲେଁ ବି ନିଜେଁ ନିଜେଁ ମନେ ମନେ ଭୁଟୁର୍ ଭାଟୁର୍ ହଉଥିସି । ଶୁଇଲେଁ

ବି ନାଇଁମାନେ, ଯାବ୍‌ତିଆ କଥା ଭର୍ମୁଥିସି । ଆଜିରର୍ ମୁର୍‌ଦାରୁ ବିନେ ଖାଇଁଥିଲ୍ ଆଉର୍ ଆଜିର୍ ଖାଇଁଥିବାର୍ ମୁନୁଷ୍ ବି କାଲିର୍ ମୁର୍ଦ୍ଧାର୍ ହେବା ଇ କଥା କିଏ ନାଇଁ ଜାନି ? ହେଲେଁ ଯେନ୍‌ମାନେ ଖାଇଁଛନ୍ ସେମାନେ ଭାବୁଛନ୍ ସତେଁ ଯେନ୍ତା ତାକର୍ ମୁର୍ତୁ ନାଇନ ।

"ଆଜିର୍ ମୁନୁଷ୍ କାଯୁଲ୍ ନାଇଁ" ପଧାନ୍ ବୁଢ଼ା ଆଁଠୁଥି ବନ୍ଧା ହଇଥିବା କରିଆ ଫସ୍‌କାଇ ବନେକରି ବସ୍‌ଲ ।

"ଦାଦା ! ଗାଆଁର୍ ବନ୍‌ଏ ଲୋକ୍‌ଟେ ଗୁଲିଗଲା ବୋ !" ପଧାନ୍ ବୁଢ଼ାର୍ କଥାକେ ଲମାବାର୍ ହିସାବ୍‌ଥିଁ ପାଖେଁ ବସିଥିବା ଝଗ୍‌ଡୁ ସା କହେଲ୍ ।

"ମୁର୍‌ଧୁନି ବଲ୍, ଗାଁର୍ ମୁର୍‌ଧୁନି ଲୋକ୍‌ଟେ ଗୁଲିଁ ଗଲା ଗା" ପଧାନ୍ ବୁଢ଼ା କହେଲା ।

ଝଗ୍‌ଡୁ ସା ପଧାନ୍ ବୁଢ଼ା ପାଖ୍‌କେ ମୁହିଁ କରି କହେଲା "ଦାଦା ! ତୋର୍‌ଠାନୁ ସାନ୍ ହଇଥିବା ତ, ହେଲେଁ ବନିହାଁ ବୁଢ଼ା ପାଉଥିଲ ।"

ପଧାନ୍‌ବୁଢ଼ା ଫେର୍ ତାର୍ କରିଆକେ ଅଁଠା ଆର୍ ଆଁଠୁକେ ଫସେଇ ଗପୁଁଠ୍ ପକାଉନ୍ ଟକାଉନ୍ କହେଲ୍ "ହିଁ, ବଛର୍ ତିନ୍‌କର୍ ସାନ୍ ଆୟୁ ଖାୟୁଲା ପୋ ତୁରନ୍ତ ବୁଢ଼ା, ଟିକେ ବଉ୍‌ଠାଟିଆ ଥିଲ ତ, ହେଁଥିର୍ ଲାଗି ଜଲ୍‌ଦି ବୁଢ଼ାଟିଆ ପାଯୁଲା ।"

ଝଗ୍‌ଡୁ ସା ସାଙ୍ଗେ ଆଉର୍ ଆଉର୍ ଲୁଟ୍‌କେ ମିଶି ଯାଉଥିଲେ । କେ କହୁଥିଲା ବନ୍‌ଏ ଲୋକ୍‌ଟେ ଥିଲା, କେ କହୁଥିଲା ତାର୍ କଥାବାର୍ତ୍ତା ବିଚ୍ଛୁର୍ ଆଗୁର୍ ଭିନ୍‌ଏ, କିଏ କହୁଥିଲ୍ ବିପଦ୍ ଆପଦ୍ ପଡ୍‌ଲେଁ ଶତ୍ରୁର୍ ଘରେଁ ବି ହାଜିର୍ । କିଏ ସାଙ୍ଗେଁ ସାଙ୍ଗେଁ କଥା କାଟି କହୁଥିଲା ତାର୍ ଶତ୍ରୁ ହେଲେଁ କିଏ ଥିଲା ବୋ ?

ଆଜିର୍ ସଭେ ମଲାଲୋକ୍‌ଠାର୍ ଭଲ୍‌ଗୁନ୍ ସବୁ ଗାଉଛନ୍ ସତେଁ ସେ ଯେନ୍ତା ତାର୍ ଜୀବନ୍‌କାଲ୍ ଭିତ୍‌ରେଁ ଖରାପ୍‌କାମ୍ କରିଛି ନାଇଁ କରି, ମଲା ଲୁକର୍ ଲାଗି ଟିକେ ଦରଦ୍ ଦେଖାବାର୍, ତାର୍ ଭଲ୍‌କଥା ଯେତେ ଉଖାର୍‌ବାର୍ ବାଗିର୍ ନୁକୋ ଗୁନ୍‌ଟେ ବନିହାଁ ଲୁକର୍ ଥିସି ।

"ତୁମେ ସବୁ ଟ୍ରେଟ୍ ଟ୍ରେଟ୍ କଥା କହୁଛ; ବୁଢ଼ାର୍ ଅସଲ୍ ଗୁନ୍‌ଠା ଯାହାଥିଲା ସେଥି ଉପର୍ କାହାରର୍ ଆଁଖି କି କାଭେ ନାଇଁ ପଡ଼ି କାଯୁଁ ?

ବୁଢ଼ା ବଡ଼ିଆ ଲେଖୁଥିଲ ଗୀତ୍ କହ କି କଥାନି କହ ଆଉର୍ ଯା' ଯାଣା ବଲ୍" କହେଲା କିଶୋର୍ ବାରିକ୍ । କିଶୋର୍ ବାରିକ୍ ଗାଆଁର୍ ପଢ଼ା ପିଲମାନ୍‌କର୍ ଭିତ୍ତରେ ନାମ୍‌ଯାଦା, ବନ୍‌ଏ ପଢ଼ୁଥିଲା । ଏଛନ୍ କଲେଜ୍ ଇସ୍କୁଲେଁ ମାଷ୍ଟର୍ ଅଛେ । ବହା ନୁହେ ହୟ୍ ସାଫ୍ ସୁତର୍ ପିଁଧନ୍ ଉଡ଼ନ୍ । ଗୋଲ୍ ଗୁଲ ମୁହଁକେ ସଁପୁର୍ ମେଞ୍ଚ ଧାର୍‌କ ବନ୍‌ଏ ଭରସି । ଟେହେଗ ବନ୍‌ଏ, କଥାବାର୍ତ୍ତା ଭି ହେନ୍ତା ହିଁ ଅସ୍‌କଠ୍ ନୁହେ । ହେଲେଁ ତାର୍ କଥା ପଡ଼୍‌ଲେଁ ତାହାକେ କଲେଜ୍‌ଥିଁ ମାଷ୍ଟର୍ ହଇଛେ, ପଢ଼ାର୍ ଇମୁଡ଼୍ ସେମୁଡ଼୍ ଫାଷ୍ଟ୍ ହଉଥିଲା ବଲି ନେଁ କହେଲେଁ ଠିକେ ଦୁଖ୍‌ମନା ହେସି ।

"ସତେଁଗା ! ବୁଢ଼ାର୍ ବାଁଧିଲା ଗୀତ୍‌ମାନେ ଗାଉଥା ବାଗିର୍ ଲାଗ୍‌ସି" କହେଲା ଝଗ୍‌ଡ଼ୁ ସା । ତାର୍ କଥାକେ ମାଥ୍‌ବରି ଦେବାର୍ ଲାଗି ମାଲ ଭୁଏ ବସ୍ଲ୍, "ନାଚ୍ କୀର୍ତ୍ତନ୍, ପାଲ, ସଙ୍ଗୁର୍ ଯେନ୍ ଗୀତ୍ ବଲ୍‌ବ ସେ ଗୀତ୍ ସାଙ୍ଗେଁ ସାଙ୍ଗେଁ ଲେଖେ । କହେବାର୍ ବେଲ୍, କଲମ୍ ଧଯ୍‌ଲ୍ କି ଲେଖ୍‌ଲ; ହରହାଠ୍ ହଇଥାଉ କି ଛିନା ଜାଗା ହଇଥାଉ କିଛି ଫରକ୍ ନାଇଁ ।"

କିଶୋର୍ ବାରିକ୍ କହେଲ "ଗୁଟେ ବି ଏକା କେଭେଁ ଛପା ନାଇଁ ହେଲା ।"

"ଛପା ହେବାର୍‌ଥିଁ କାଁଣା ଥିଏ ହୋ ! ଯା'ର୍ ପଇସା ଅଛେ ସେ ଛପା କର୍‌ବା । ବାହ୍ମନ୍ ବୁଢ଼ାର୍ ପଇସା ଥିଲେଁ ଛପା କରି ଥାଇତା । ନେଁ ଥାଇଁ କା'ଣା କର୍‌ବା ?" କହିପକାଲେ ଗାଁ ଇସ୍କୁଲର୍ ମିଶ୍ର ମାଷ୍ଟର୍ । ମିଶ୍ର ମାଷ୍ଟର୍ ଧନ୍‌ଠା ଯେନ୍ତା ଡେଙ୍ଗ୍ ନୁହେ କି ବାଙ୍ଗର୍ ନୁହେ, ମୁଠା ନୁହେ କି ପତଲ୍ ନୁହେ; କଥାଠା ବି ତାକର୍ [illegible] ନୁହେ କି ଉସାର୍ ନୁହେ । କଥା ସାଫ୍ ସୁତର୍; ସମିଯା ଜାନି ଠିଗିଆ ଛୁଡ଼ା କଥା କହେସନ୍ ବଲି ଇସ୍କୁଲ୍ କମିଟିର୍ ଲୁକେ ଭି ହେତେ ଭଲ୍ ନାଇଁ ପାଆନ୍ । ଉଁଜିଆ ଗାଆଁର୍ ଲୋକ୍, ମାଷ୍ଟର୍ ଘରକ୍‌ଥିଁ କଢ଼ି କଢ଼ି ଆସି ଛ ଗାଁନି ପୁହୁଁଚଛନ୍; ଛନ ଜମି ଠିକେ, ଘର୍ ଦୁଆର୍ ଠିକେ ନିଜର୍ କରି ଗାଆଁର୍ ହଇଗଲେନ, ତଥାପି କଥା ପଡ଼୍‌ଲେଁ ଲୁକେ କହେସନ୍ ବାହାରର୍ ଲୋକ୍ ଆସି ଗାଁଥି ପଲ୍‌ଟିସ୍ କରୁଛନ୍ । କାହାରର୍ ସୋଜ୍‌କଥା ଥିଁ ଛୁଣ୍ ନାଇଁ ଲମାନ; ଆଲ୍‌ମାଲ୍ ଠେଣ୍ ଦେଲେଁ ଆର୍ ନାଇଁ ଘୁଚନ୍ ।

"ଆଜିର୍ ଈ ପୁଡ୍ଥିବାର୍ ବାହ୍ମନ୍ ବୁଢ଼ାର୍ ଲେଖାମାନେ ଛପା ନାହିଁ ହେବାର୍ଲଗି ବୁଢ଼ାକେ ଦୋଷ୍ଦେଇ ହେବା କାହୁଁ ?" ପର୍ଘବାର୍ ଭଙ୍ଗୀନେ କହେଲେ ମିଶ୍ର ମାଷ୍ଟ୍ରେ । "ଝନ୍ଏକେ ଲେଖ୍ବାର୍ ବାଟିର୍ ଶକ୍ତି ଦେଲେ ମହାପ୍ରଭୁ, ତାହାକେ ସେ ବାଟ୍ର ଦେଖାଲା, ଯାହା ଚାର୍ଲା ଲେଖା-ଲେଖି କଲା । ଗୀତ୍ ବାଁଧ୍ଲା, ନାଟ୍ ବାଁଧ୍ଲା । ଯେନ୍ମାନେ ଶୁନ୍ଲେ ସେମାନ୍କୁଁ ଭଲ୍ ଲାଗ୍ଲା ତ ସେ ସବୁକେ ବଣହାଁ ଲୁକ୍କର୍ ସାମ୍ନାକେ ଆନ୍ବାର୍ କାମ୍ ସେମାନ୍କର୍ ଅଛେ । ଆଗେଁ ପୁର୍ବେଁ କବିମାନ୍କର୍ ଲେଖାକେ ଲୋକ୍ମାନ୍ନାକେ ଆନୁଥିଲେ ରଜାମାନେ; ଛପାଖାନା ନାହିଁ ଥାଇ ବି, ତଥାପି ତାଲ୍ପତର୍ଥି ଲେଖେଇ ଏକ୍କେ ଅନେକ୍ କରଉ-ଥିଲେ; କେତେଡ଼େ କଡ଼ା କାମ୍ । ରଜା ବିକ୍ରମ୍ ନାହିଁଥିଲେଁ କାଳିଦାସ୍ ବାଗିର୍ କବିକେ ଭାପ୍ଲା କଏ ଜାନିଥିତା ?" ମାଷ୍ଟ୍ରେ ଟିକେ ଥାକ୍ଲେ ।

ମିଶ୍ର ମାଷ୍ଟ୍ରଁକର୍ କଥା ସବୁ ନିଜର୍ ଉପର୍କେ ଆଉଟିବାର୍ ଭାବି କିଶୋର୍ ବାରିକ୍ ତାଲି ଦେଲା, "ହେଥିର୍ ଲାଗି ମୁଇଁ କହୁଛେଁ, ସେତେ-ବେଲେଁ ରଜାମାନେ ଥିଲେ, ଏଛିନି ମନ୍ତ୍ରୀମାନେ ଅଛନ୍, ଧନୀଲୋକ୍ମାନେ ଅଛନ୍, ବୁଢ଼ା ସେମାନକୁଁ ଧରି ଛପା କରେଇ ପାରିଥିତେ ।"

"ଖୁସାମତ୍ କରିହିତେ ବଲ୍" ଠେପୋ କଲା କହି ପକାଲା ଅଲେଖ୍ ପାତର୍ । ଅଲେଖ୍ ପାତର୍, ଗାଁର୍ ଚଳିବୁଲି ଯାଉଥିବା ଘରର୍ ପିଲା । ବାପର୍ ଗୁଟେ ବଲି ପୁଅ, ଟିକେ ଟେଲିହା । କିଶୋର୍ ବାରିକ୍ ସାଙ୍ଗେଁ ପଢ଼ୁଥିଲା, ମେଟ୍ରିକ୍ ନ ରହିଗଲା । ତେଣୁଁ ଝଲୁଁ କାଢ଼ି ଅସୁଲେଁ ପେଟ୍ ପୁରୁବା, ଆମର୍ ନଉକି କର୍ବାର୍ ନାହିଁନ ବଲି କହେଲା ପାତର୍ ବୁଢ଼ା, ଅଲେଖର୍ ବାବୁ । ସେଥିନୁ ଅଲେଖ ଗାଁଆନ । ଗାଁଆର୍ ନାଟେଁ ରଜ୍କୁମାର୍ ବାହାର୍ସି; ଯାଠ୍ ଯାହା କରୁ, ରଜ୍କୁମାର୍ ବେଶ୍ଟା ମୁକୋ ଖୁଲ୍ସି, ସତେଁ ରଜ୍କୁମାର୍ ମେଡାଲ୍ ଡେଧେରି । ତାର୍ ବହି ପତ୍ରର୍ ଧର୍ମୁ କିଶୋର୍ ଆଜିର୍ ମୁନୁଷ୍ ଆସୁ, କିଶୋର୍କେ ତାର୍ କେନ ଡର୍ ଅଛେ । ତେଜଠ୍ ପାୟୁଲେଁ କି ବହିପତର୍ ପାୟୁଲେଁ ପଢ଼ିସି, ନାହିଁ ଝିନ୍ଏ ଏକା । ପିଲ-ଭଳିଁ କେନ୍ସି କଥା ପଡ଼ଲେଁ ଗୁଡା ଉଗୁର୍ଥିଁ ଭାଗ୍ ନେସି । ଅଜିର୍ ଈ କଥା ଥିଁ ବି ଭାଗ୍ନେଲା ବାଗିର୍ କହି ପକାଲା ।

"ଖୁସାମତ୍ ବଲ୍ଲୁ କି ବୋ ଅଲେଖ୍ !" ସାଙ୍ଗେଁ ସାଙ୍ଗେଁ ଲାଠ୍କି ପର୍ଲା କିଶୋର୍ । "ଖୁସାମତ୍ ନାହିଁ କରି କଏ ଅଛେ ? ଜନ୍ଏ ଅଧିକର୍ ହେଲେଁ ନାଆଁ କହତି । ଚପ୍ରାଶିଠାନୁ ରାଷ୍ଟ୍ରପତି ତକ୍ ବିନା ଖୁସାମତ୍

କଣି କହେ ଚଲି ନାଇଁ ପାରନ୍ । ବେପାରି ବଲ୍ ସବ୍‌କୁଁ ଖୁସାମତ୍ କର୍‌ବାକେ ପଡ୍‌ଛେ । ଆଉର୍ ଆମର୍ ଗାଁ ଗଁଅଁଲର୍ ଚଷା ଭୂଷାକର୍ କଥା ଶୁଣ୍ ।”

ଟିକେ ଖାସିକରି ଚତାପନା ହଇ ପଧାନ୍ ବୁଢ଼ା କହେଲେ, “ଗୁଡି କୁଠିଆକୁଁ ଖୁସାମତ୍ କର୍‌ବାର୍ କଥା ଶୁଣ୍, ଗାଏ୍‌ବଲଦ୍‌କୁଁ ଭି ଖୁସାମତ୍ ନାଇଁ କଲେଁ କୁଁଡ଼ା ନାଇଁ ଖାଏ୍‌ବାର୍ ବଲ୍ ବବା ।”

କଶୋର୍ ଟିକେ ସଁଭ୍‌ରି ବସ୍‌ଲା ସତେଁ ଛିନୁ ଛିଆଡ଼୍‌କେ ଦଁତବସ୍‌ବା ଗୁଡା ଉଗ୍‌ରୁ ଥିଁ । ପଧାନ୍ ବୁଢ଼ାର୍ କଥା ପଦ୍‌କ କଶୋରର୍ ପଟିଁଆ ଯାଉଥିବାର୍ ଜାନି ଅଲେଖ୍ ଘୁରି ବସ୍‌ଲା, ଯେନ୍ତା ପାଏ୍‌ନ୍ ପହଁରା ଟିଖି ନେଁ ଥିବାର୍ ଛୁଆ ପାଦେ ପାଏ୍‌ନ୍‌କେ ଡେଗି ପେଁର୍ ବଁଧ୍ ଆଏ୍‌ର୍‌କେ ଘୁରି ଆଏ୍‌ସି । ହେଲେଁ ମିଶ୍ର ମାଷ୍ଟର୍ ଦବ ଯିବାର୍ ଲୋକ୍ ନୁହନ୍ ।

“ଗଙ୍ଗାଧର୍ ମେହେର୍ ଲେଖ୍‌ଲେ ପରେ, ‘ତୋଷାମଦ ହୋଇ ସ୍ୱର୍ଗ ବଞ୍ଚିଥିଲେ ମରିଯିବା ସଙ୍ଗେ ସରି”; ମିଶ୍ର ମାଷ୍ଟ୍ରେ କହେବାର୍ ମୁଲ୍ କଲେ “ନିଜର୍ ପେଟ୍ ଲଗି, ଜୀବ୍‌କା ଲଗି ଖୁସାମତ୍ କରି, ଭିଖ୍ ମାଗି ଚଲ୍‌ବା । ହେଲେଁ, ନିଜର୍ ଲେଖାଲେଖିକେ ନେଇ ମହାପ୍ରଭୁର୍ ଦେ'ନ୍‌କେ ଭକ୍‌ଟୁଲି କରି ଭିଖ୍ ମଗାନୁ ହୀନ୍ କଥା କିଛି ନାଇଁ । ବୁଢ଼ା କାହାକେ ଖୁସାମତ୍ କରି କିଛି ଛପେଇ ଥିଲେଁ ତାକର୍ ଇଜତ୍ ବଢ଼ିଥିବା ବଲି ମୁଇଁ ନାଇଁ ଭାବ୍‌ବାର୍ ।” ମିଶ୍ର ମାଷ୍ଟ୍ରଁକର୍ କଥା ବାକି ଲୁକ୍‌କୁଁ ବି ଭଲ୍ ଲାଗୁଥିଲା । ସବେ ମିଶ୍ର ମାଷ୍ଟ୍ରଁକର୍ ଆଡ୍‌କେ ମୁହଁ୍ କରି ଆର୍ କା'ଣା କହେବେ ଶୁନ୍‌ବାର୍ ଲଗିଁ ମନ୍ ଥିବାର୍ ଜନା ପଡୁଥିଲା । ମିଶ୍ର ମାଷ୍ଟଁକର୍ କଥାଥିଁ ବଳ ପାଇ ଅଲେଖ୍ କହି ବସ୍‌ଲା—

“ହଏ୍‌ବେ କଶୋର୍ ! ସବେ ବଡ଼ିଆ କାମ୍ ନାଇଁ ଜାନନ୍, ସବେ ସୁନ୍ଦର୍ ଲେଖି ନାଇଁ ଜାନନ୍, ସବେ ମୃଦୁଙ୍ଗ୍ କି ତବ୍‌ଲା ବଜେଇଁ ନାଇଁ ଜାନନ୍ । ଯେନ୍‌ମାନେ ଜାନ୍‌ସନ୍ ସେତାକୁଁ ସେ'ଠା ମହାପ୍ରଭୁର୍ ଦେ'ନ୍ ବଲି ଭାବ୍‌ସନ୍ । ଆର୍ ଯେ ଗୀତ୍ କି କଥାନି ଲେଖ୍‌ଲା ତ ଆଉର୍ ଟିକେ ଉଚା ଦର୍‌ଜାର୍ ଦେ'ନ୍ ବଲି ଧର୍‌ସନ୍; ସେତାକେ ନେଇ ମଗା ଯଗୁଠା କାହିଁ ସୁନ୍ଦର୍ ଲଗ୍‌ବା ?”

ପଧାନ୍ ବୁଢ଼ା କଶୋର୍ ଆଡ୍‌କେ ମୁହଁ୍ କରି କହେଲା “ହେଲେଁ ବବା ! ଅଲେଖ୍ ଯେନ୍ କହେଲା ବଢେଇ ହଉ କି ପୁତ୍‌ଲା ଲିଖା ହଉ,

ଆର୍ ଭାୟୁ୍‌ଲ୍ ଈ ବାହ୍ମନ୍ ବୁଢ଼ାର୍ ଗୀତ୍‌ଲେଖା କଥା ହଉ, ଈସବୁ ସିର୍ଜନା ଶକ୍ତି ଆୟୁ୍ । ସିର୍ଜନା କର୍‌ବାର୍ ଲେକ୍ ମହାପ୍ରଭୁ ଆୟୁ୍ । ତାର୍ ଈ ସିର୍ଜନା କର୍‌ବାର୍ ଶକ୍ତିଟିକ କାର୍ କପାଳେଁ ଟିକେ ଅଧେ ପଡ଼ିଥିସି । ସେମାନେ ଉଁକିଆ ଲୁକର୍‌ନୁ ନଷ୍ଟେ ଟିକେ ବଢ଼୍ ଆ'ନ୍ । ହେଲେଁ ଆମେ ସେମାନ୍‌କୁଁ ବଉ୍ ବଲି କେ'ନ ମାନ୍‌ସୁଁ ? ମାନୁଥିଲେଁ ବୁଢ଼ାର୍ ଲେଖାମାନ୍‌କୁଁ ଡ଼ିଆଁ ଖାଉଥିବାର୍ କେ'ନ ଦେଖି ପାର୍‌ତାଁ । ହଉ, ଛାଡ଼ ସେ ସବୁ । ରାୟୁ୍ ତ କଟି ବସ୍‌ଲାନ, ଦେଖ ମୁର୍ଦ୍ଧାର୍ ପୂଜ୍‌ବାର୍ କେତେଦୂର୍ ଗଲା ? ସର୍‌ଲାନ ବୟୁ୍‌ଲେଁ ପାଁଚ୍ ଲକ୍ଡ଼ି ଦିଅ, ଗଧାବୁଢ଼ା କର ଘର୍‌କେ ଯିମା ।" ହମ୍‌କର୍ ସୋର୍ ବସ୍‌ଲା ।

ବୁଢ଼ା'ର୍ ଜାତିର୍ ଲୋକ୍ ବୟୁ୍‌ଲେ "ସରି ଆସ୍‌ଲାନ ଆସ, ପାଁଚ୍ ଲକ୍ଡ଼ି ଦିଅ ।"

ସବେ ଗାଁକେ ଫିର୍‌ଲେ, ହେଲେଁ କିଶୋର୍ ବାରିକର୍ ମନ୍‌ଠା ନାଇଁ ଫିର୍‌ଲା ଶ୍ମସଠାନୁ, ଯେନ୍‌ଠାନ୍‌କେ ମିଶ୍ର ମାଷ୍ଟ୍ରଁକର୍ କଥାନେଇ ଯାଇଥିଲା । ରାତିଁ ଭ ବନ୍‌ଏ କରି ଶୁଇ ନାଇଁ ପାର୍‌ଲା କିଶୋର୍ । ସକାଲ୍‌ପୁଆ ଆଉ୍‌କେ ନିଦ୍ ଲାଗୁଥିଲା । ଖରା ପଡ଼ି ଆ'ସୁ୍‌ଲାନ । କିଶୋରର୍ ମାଁ ଡାକ୍‌ପକାଲେ "ଏ ବୁଆ ! କିଶୋର୍ ଉଠ୍ ବନ୍ହା ବେଲ୍ ହେଲାନ, କଲେଜ୍‌କେ ନାଇଁ ଯାଉ ଭାୟୁ୍‌ଲ୍ ?"

କିଶୋର୍ ଉଠି ପଡ଼୍‌ଲା, ଦେଖ୍‌ଲା ଯେ ଘଡ଼ିଥିଁ ଆଠ୍ ବାଜିଟଲାନ । ଘରର୍ ବାଟ୍‌ଦୁଆରେଁ ମାୟୁ୍‌ଝିଗୁଟେ ଭିଖ୍ ମାଗୁଛେ । ଟଙ୍ଗ୍‌ରା ଠାକର୍ ଭିତ୍‌ରେଁ ମଙ୍ଗଲାର୍ ପୁତ୍‌ଲାଟେ ଧରି କହୁଛେ "ମା ! ମୁଠେ ଦିଅ ।"

କିଶୋରର୍ ମାଁ କହୁଛନ୍ "ହାୟୁ୍‌ଗୋ ବୁପ୍‌ରି ! ଧାଡ଼୍ ଗୋଡ଼୍ ଜାଙ୍ଗଲ୍ ଧରି ଭିଖ୍ ମାଗୁଛୁ ତ ମାଗୁଛୁ, ହେଲେଁ ମଙ୍ଗ୍‌ଲାର୍ ପୁତ୍‌ଲାଟେ ଧରି ମଗାଟା କାୟୁଁ୍ ଢ଼ଙ୍ଗର୍ କଥା ? ଈଟା କାୟୁଁ୍ ଚଲନ୍ ଅୟୁ୍ ? ମଙ୍ଗ୍‌ଲାର୍ ବି ଇଜତ୍ ନଉଛୁ, ଆର୍ ଯେନ୍‌ମାନେ ମଙ୍ଗ୍‌ଲାକେ ମାନ୍‌ସନ୍ ତାକର୍ ବି ଇଜତ୍ ନଉଛୁ ।"

କିଶୋର୍ ମିଶ୍ର ମାଷ୍ଟ୍ରଁକର୍ କଥା ସବୁ ସୋର୍ କରି କରି ମୁହଁ୍ ଧୁଉ-ଥାୟୁ୍, ଆର୍ ତା'ର୍ ମନ୍‌ଭିତ୍‌ରେଁ ବାହ୍ମନ୍ ବୁଢ଼ାର୍ ସେ ଚେହେରା ସେ'ନ୍ତା ଥାଇ ତାର୍ ଆଗେଁ ଠିଆ ହଇକରି ଏକ୍‌କେରିଆ ହଁସୁଥାୟୁ୍ ।

# ପିନ୍‌ଟୁଡୁ

ପିନ୍‌ଟୁଡ ; ଛେଲ୍‌ପିଲଟେ, ମେଲ୍‌ଟୁ ଛୁଆ । ଲମ୍‌ଜଲମ୍, ଡଗଲ୍ ଡାଗଲ୍ । ବଟ୍ଟୋଲ୍ ପାଏନ୍, ଛନ୍‌କୁନ୍ଦେ । ଗୁରଆ ଦାନ୍ତଥିଁ ଧୋବ୍ ବୁଢ଼ାମାନେ ମଗ୍‌ଶିରର ଗୁରୁବାରଆ ଝୁଁଟି ବାଗିର୍ ଦକ୍ କରୁଛେ । ବଛର୍ ପୁରଥିବା କି ନି କେଜାନ୍‌ଏ ତଥାପି ଲୁଭ୍‌ଲୁଭାନ ଗୋଲ୍‌ଗାଲ୍ ଯେ ଦେଖିଲେଁ ବଲ୍‌ବା ତଥଲ୍ ଛୁଆଟେ ଝାଟୁଁ ଫଟୋ ଆଇଛେ । ସୁନ୍ଦର୍ ଯେନ୍ତା ସୁତର୍ ସେନ୍ତା, କେତେ ପୋଷ ମାନଛେ, ଟକେସ୍‌ବାଲେ ଦେଖିଲେଁ କାହିଁ ଟୁଙ୍‌ତେ । ସୁଟୁ ଖମାରି ସର୍‌ପଁଚ୍ ବସିଥିଲେଁ ତାକର୍ ଦେହେ ଉପର୍‌କେ ଚଢ଼ି ଆଁଯୁସି, ଖେଦ୍‌ଲେଁ ଭି ନାଇଁ ଯାଏ । ହାତେଁ ଠେଲିକରି ଖମାରି ଅଲଗେ ନେସନ୍, ଗାଲି ବି ନାଇଁ ଦଅନ୍, ପିଟାମରା ତ ଦୂରର୍ କଥା । ସର୍‌ପଁଚ୍ ବୁଢ଼ାର୍ ପୁଅ ହରିବଂଶ ପିନ୍‌ଟୁଡୁକେ କାଏ ଟିଟିନେଲେଁ କାନ୍ଧ ଦକାଦି, ହଟ୍ କରସି ନାଇଁ ଖାଏ ।

ହରିବଂଶ ସୁଟୁ ଖମାରିକର୍ ପୁଅ । ବୟସ୍ ଗଡ଼ଟେଲା ବେଲର୍ ଛୁଆ । କେତେ କେତେ ଉପାୟ୍ ବଲି କରିଥିଲେ ସୁମୁଖୀ, ସୁଟୁ ଖମାରିକର୍ କଣିଆଁ । କେତେ ଦାନ୍ ଦଖାନ୍, କେତେ ପୂଜା ଧଜା ସବୁ ପାଏନ୍ ଫାଟିଗଲା । ଶେଷେଁ ହରିବଂଶ ବଧାଲେ । ପୁରାନ୍ ବତ୍‌ବାର୍ ବଛର୍ ନେ ଘୁରିନୁ ସନ୍ତାନ୍ ହେଲା । ସେଁଟା ଫେର୍ ପୁଅ । ଖମାରି ଘର୍ ଖାଲି ନୁହେ ଗାଁ ସାରା ସଭେ ଉଷତ୍ ଆନନ୍ଦ୍ । ଏକ୍‌ଶିଆ ଦିନର୍ ସତ୍‌ନାରେନ୍ ପୂଜା, କୀର୍ତ୍ତନ୍, ଭାଗବତ୍ ଅର୍ ପର୍‌ସାଦର୍ କଥା ଲେକ୍ ନୁହେ ପାଶ୍‌ରନ୍ । ଯେ ଯାହା ନାଆଁ ଦେଲେ ସବୁ କଟିଗଲା; ପିଲର୍ ନାଆଁ ରହେଲା ହରିବଂଶ । ଠେଲିଁଗଲା ବେଲର୍ କାଏଁ ତେଜ୍ ? ଗଡ଼ଗଲା ବୟସର୍ ପିଲଙ୍କ ଖମାରେନ୍‌କେ କାହିଁର୍ ଗୁରସ୍ ହେତା ? ଗାଏ ଗୁରସ୍, ଡବା ଗୁରସ୍ ଯାଁଶା ପିଆଲେଁ ବି ଛୁଆର୍ ଦିହ୍ କେଭେଁ ବନ୍‌ଏ ନୁହେ, ଆୟୁଜ୍ ହଗା ତ କାୟୁଲ୍ ଜର୍, ପର୍‌ଦିନ୍‌କେ ଖାଦି । ଗାଁର୍ ଭଁଡ଼ାରେନ୍ ବୁଢ଼ୀ ବୟୁଲ୍ ଛେଲ୍ ଗୁରସ୍ ପିଆଲେଁ ନୁକୋ । ସୁଟୁ ଖମାରି ନୁରିଖୁଜି ଆନ୍‌ଲେ ଛେଲ୍ ପଟେ; ପୟୁସା ସିନେ ଜହ ଦେଲେ, ହେଲେଁ ଗୁରସ୍‌ଟା ଯେତେତେତେ । ଛୁଆର୍ ପେଟ୍ ପୁରିଲା ଭଁଡ଼ାରେନ୍‌ବୁଢ଼ୀର୍ କହନ୍ତି କଥା ଟପୋକଲା ଲହେଲ; ଛୁଆ ନିଖୁନ୍ । ଛେଲ୍ ପଟେକ ଆହୁରି ବେଲ୍‌ଦୁଏ କଆଁଲାଲା,

ଶେଷ୍ ବେଳର୍ ଛୁଆ ଆଦ୍ଧ୍ ଈ ପିନ୍‌ଚୁଡ଼ୁ । ବୁଢ଼ୀଛେଲ୍ ମରଗଲା, ତାର୍ ଗୁନ୍ ଶୁଟି ନାଇଁ ହୟ୍ ବଲି ଖମାଶି ତାର୍ ହାଡ଼୍ ରଖିଛନ୍, ଗଙ୍ଗା ନେବେ । ଆର୍ ଗଲା ସଲା ବେଳର୍ ଛୁଆ ଈ ପିନ୍‌ଚୁଡ଼ୁକେ ଘଡ଼େ ନେଁ ଦେଖ୍‌ଲେଁ ପାଁଚ୍ ବର୍ଷର୍ ପିଲା ହରିବଂଶ ଉଛନ୍ । ବେଲକେ ନାଇଁ ଦେଖଲେଁ ଖାୟ୍ ନାଇଁ, ବେଲ୍‌ବୁଡ଼େଁ ନେଁ ଦେଖ୍‌ଲେଁ ଶୁଏ ନାଇଁ । ପିନ୍‌ଚୁଡ଼ୁକେ ପାୟ୍‌ଲା ଦନୁ ହରିବଂଶର୍ ବଲ୍, ପିପି, ପୁତ୍‌ଲା, ସାଙ୍ଗ୍‌ସର୍‌ସା କନ୍ଥି ନୁବ ନାଇଁ । ପିନ୍‌ଚଡ଼ୁ ଅଛେ ତ ହରିବଂଶର୍ ମା'ବାପ୍‌କେ ବ ଯୋର୍ ନାଇଁ । ପିନ୍‌ଚୁଡ଼ୁ ଭି ହରିବଂଶକେ ନେଁ ଦେଖ୍‌ଲେଁ ମେଁ ମେଁ ହଉଥିସିନ । ଖମାରେନ୍ କହେସନ୍ ଦୁଇଦିନର୍ ଲାଗି ତାର୍ ମାମୁଁ ଘର୍‌କେ ମାଁ ପୁଓ ଯାଇଥିଲେ ଯେ ପିନ୍‌ଚୁଡ଼ୁ ଖିଆପିଆ ଛାଡ଼ି ତନର୍ ତନ୍ ହଇ ଯାଇଥିଲା । ଛେଲ୍‌ପିଲଟେ ବୟ୍‌ଲେଁ କା'ଣ ହେବା ମୁନ୍‌ଷର୍‌ନୁ ଭି ଜାତିକରି ସେନ୍‌ହୋ ସବାଗ୍ ତାର୍ । ହରିବଂଶ୍ ଯାହିଁ, ପିନ୍‌ଚୁଡ଼ୁ ତାହିଁ । ମୁର୍‌ହି ଦୁଠା ଖାୟ୍‌ଲେଁ ଭି ପିନ୍‌ଚୁଡ଼ୁର୍ ଭାଗ୍ ସେଥିଁ ।

ହରିବଂଶ୍‌କେ ବୟ୍‌ସ୍‌ର୍ ପୁରି ପାଁଚ୍ ଲାଗ୍‌ଲା । ଇସ୍କୁଲ୍‌କେ ଯିବାର୍ ନାଆଁ ନାଇଁ ପକାବାର୍ । ବୁଝେଇ ଶୁଝେଇ ଅଥା ହଇଗଲେନ ସର୍‌ପଂଚ୍ ଖମାଶି । ଇ ପିନ୍‌ଚୁଡ଼ୁର୍ ଲାଗି ମାୟ୍‌ଠ୍ ହଇ ଯାୟ୍‌ସିନ କାୟଁ୍ ପିଲଟା । ସୁ ଚୁ ଖମାଶିଙ୍କୁଁ ଈ ଚିନ୍ତା ଘାର୍‌ଲାନ । ହରିବଂଶର୍ ସାଙ୍ଗେଁ ସାଙ୍ଗେଁ ରନ୍ଧା-ଘର୍‌ନୁ ଡ଼ବାଘର୍ ତକ୍ ସବୁଅଡ଼େଁ ପିନ୍‌ଚୁଡ଼ୁର୍ ଯା' ଆସ୍ । ଯେନ୍‌ଘରେଁ ଡେକ୍‌ବ ଛେଲ୍‌ଲେଁଡ଼ି । ଖମାରେନ୍ ଭି ଅଥା ବର୍‌ଦ୍ଧେଇ ବର୍‌ଦ୍ଧେଇ । ଘାୟ୍ ଘାୟ୍ ବର୍‌କତ୍ ହଇ ଯାୟ୍‌ସନ୍; ପିନ୍‌ଚୁଡ଼ୁକେ ଚିପି କାଟି ପକାସନ୍, ହେଲେଁ ହରିବଂଶର୍ ଡରେଁ ପିଟିମାରି ନାଇଁ ପାରନ୍ ।

ସୁ ଚୁ ଖମାଶି ସର୍‌ପଂଚ୍ । ଇସ୍କୁଲ୍ କଲେଜର୍ ସାଠିଫିକେଠ୍ ନାଇଁ ଥିଲେଁ ବ ବୁଧି ଶୁଧି ବୟ୍‌ସ୍‌ର୍ ଆସ୍ତୁର୍ ସବୁଦିଗେଁ ଭଲ୍ । ଉଞ୍ଜିଆ ସର୍‌ପଂଚ୍ ମାନ୍‌କର୍ ଲେଖେଁ ପୟ୍‌ସାଲୁଭିଆ ନୁହନ୍ । ତାକର୍ କାୟଁ୍ ଧନ୍ ସମ୍ପତ୍ତିର୍ ଉନା ଅଛେ ? ଉନା ଥାଉ କି ନେଁ ଥାଉ ବୁଢ଼ାକାଲେଁ ପୁଓ ପାଇଛନ୍, ଅନ୍ନିଯେ୍ କଲେଁ, ଅଧରମ୍ କଲେଁ ପିଲାକେ କାଲେଁ ବିପଦ୍ ଆପଦ୍ ପଡ଼୍‌ବା । କାୟଁ୍ କର୍‌କାର୍ ? ତାକର୍ ଯେତ୍‌କି ଅଛେ ହରିବଂଶର୍ ପୁଓ ନାତି ତକ୍ ନାଇଁ ସାରି ପାର୍‌ବ୍ । ମତେଁ ଧର୍ମେ ଥିଲେଁ ଆପଦ୍

ବିପଦ୍‌କେ କାହୁଁ ଡର୍ ? ସେଥିର୍ ଲାଗି ପଂଚେତ୍ ପଇସାର୍ ହିସାବ୍ କିତାବ୍ ଅଗିଁ କେଭେଁ ଅଛେ, ସେକେଟ୍ରେରୀ ଖାତା ପତର୍‌ଥି ଯାହା ଲେଖିବା ଲୋଟଖେନ ତ ଯେ । ସେଥିର୍ ଲାଗି ବଡ଼୍ ବଲ କି ଏସ୍‌ଡ଼୍ ବଲ କି ପଂଚେତ ଅଫିସର୍ ବଲ ଯେ ଆସୁଲେଁ ସନ୍ତୋଷ୍ । ଉଞ୍ଜିଆ ପଂଚେତର୍ ଲୁକେ ଲୁଭେଁ ହେସନ୍ ତାକର୍ ପଂଚେତ୍‌କେ ଏନ୍ତା ସର୍‌ପଂଚ୍‌ଟେ ହେତା କାହୁଁରେ ! ସରଗ୍ କରିନେତେ ପଂଚେତ୍‌ଟାକେ । ରାଜ୍‌ନୀତି ଦଲ୍‌ମାନ୍‌କର୍ ବି ଲାଲ୍ ଥିପି ପଲ୍‌ସି, ଖମାରୀ ସର୍‌ପଂଚ୍ ବାଗିର୍ ଲୋକ୍ ତାକର୍ ଦଳେଁ ରହେଲେଁ ଗୁଟେ ପଂଚେତର୍ ଭୋଟ୍ କମ୍‌ସେ କମ୍ ସଲାଡ଼୍ ! ସୁ ତୁ ଖମାରୀ ପଂଚେତ୍‌ଟାକେ ନିଜର୍ କୁଟୁମ୍ ବାଗିର୍ ରଖିଛନ୍ । କିଏ କେତେବେଲେଁ ବେମାର୍ ସେମାର୍ ପଡ଼୍‌ଲା ତ ଡାକ୍ତର୍ ଡକେଁ ଉଷୋକଷା କରସନ୍ । ବିନ୍‌ଏ ଡାକ୍ତର୍ ଯେ ଆସୁ ଫିଜ୍‌ପତର୍ ନାଇଁ ନଉଁ ବଲି କହେସନ୍, "ଇଥିର୍ ଲାଗି ତ ଖମାରୀ ବାବୁ ଆମେ ସକାର୍‌ନୁ ଅଲ୍‌ଗା ପାସୁଁ ।"

"ଫଟ୍‌ଫଟିଥି ଆଇଛନ୍ ଆଜ୍ଞା ! ହେଟା ଆଉରି ପାନି ଟେଲ୍‌ସି କାହୁଁ ? ତେଲ ମୁବିଲ୍ ଲାଗି ଆଜ୍ଞା" ଟଙ୍କା ଦଶ୍ କୁଡ଼େ ପକେଟ୍‌ଥି ଭରି-ନେସନ୍ ଖମାରୀ । କିଏ କେନ୍ତା କହେସନ୍ ଦୁସ୍‌ରା ସର୍‌ପଂଚ୍‌ମାନେ ଖାସୁ ବଢ଼୍‌ଉର୍ ନାଁଥି ଠିକା ଆନି ମାସୁଟ୍ ରୁଟ୍‌ଡ଼୍ କି ଇସ୍‌କୁଲ୍ ମରାମତି କାମ୍‌ମାନେ କରି ଦୁଇ ପଇସା ନାଇଁ ଭିଆଉଛନ୍ କାହୁଁ ? ହେନ୍ତା କଲେଁ ଘରର୍ ଲାଗି ଯେନ୍ ଆଯୋବାଜେ ଖଇ ।ଠା ହଉଛେ ଭରୁନା ହେତା ତ । ହାତୁଁ ପନ୍‌ତୁଁ ସବୁବେଲେଁ ଦେଇ ହେବା ହେଲେଁ । ସାଙ୍ଗେଁ ସାଙ୍ଗେଁ ଖମାରୀ କହେସନ୍ ଟର୍ କିଏ ଆସୁ ବୋ ? କା'ଣା ଆମର୍ ପଂଚେତର୍ ଗରିବ୍ ଦୁଖୀ ଲୁକ୍‌କୁଁ ଆମର୍ ବଲି ଆମେ ନାଇଁ ଭାବ୍‌ଲେଁ ବିଲତ୍ ଆମି କାର୍ ଲୋକ୍ ଆମର୍ କର୍‌ବେ ? କା'ଣା ହେଲେଁ ମୁଇଁ ଦେଇ ପକେଇଛେଁ ଯେ ? ଇଟା ବି ଧରମ୍ ଆସୁ ତ । ଅଧରମ୍ କଲେଁ ପଦ୍‌ରି ବିପଦ୍ ପଡ଼ିସି ଧରମ୍ କଲେଁ ସଂପଦ୍ ହେବାର୍ କଥା । ଉଲ୍‌ଟା ପଂଚେତ୍ କାମର୍ ଠିକାଦାର୍ ବଲକ୍‌ନୁ ପଇସା ପାସୁବାର୍ ବିଲମ୍ ହେଲେଁ ହାତୁଁ ଦେଇ ଚଲେଇ ନେସନ୍ । ବିଲ୍ ପାସୁବାର୍ ଲାଗି ଓଭ୍ରେସର୍‌କେ କି ଅଫିସ୍ ବାଲକୁଁ କାହାକେ ବାସ୍‌ନା ଗୁଡ଼ାଲ୍ ତାମ୍‌ଦୁ ତ କାହାକେ ମୁଗ୍‌ଫଲ ଗୁଡ଼ାଦୁ ଦେଇ ମନେଇ ନେସନ୍ । ପଂଚେତ୍ କାମ୍ ଆସୁ ପାଁଚ୍‌ଲୁକଆ କଥା, କିଏ କରିବା ଆଉର୍ ? ପଂଚେତ୍ କାମ୍‌ନୁ ପଇସେ ଅଧ୍‌ଲେ ପାସୁବାର୍ ଆଶା

କର୍‌ବାର୍‌ଠା ସପ୍‌ନେ ବି ନାଇଁ ଭାବନ୍‌ । ବଲ୍‌ସନ୍‌ ଧାଁର୍‌ଲୁକଅ଼ ଦୟ୍‌ସା କଏ ଖାୟ୍‌ବା ହେବା ! ହେଁଠା ଗୁହ୍‌ ଅଃୟ୍‌ ଅଗ୍‌ବା ବସ୍ତା । ହେଁଥି ବଅଁଶ୍‌ ରହେସି ? ବଅଁସ୍‌ ବୁଡ଼ୂନ୍‌ ବୁଡ଼ନ୍‌ ଠହରି ଯାଇଛେ; ହରିବଂଶ ଥିଲେଁ ମୋର୍‌ ସବୁ ଅଛେ । ଦୟ୍‌ସା ପତର୍‌ ଧନ୍‌ ସପଦ୍‌ ଦୁଇଦିନ୍‌ଆଁ କଥା, ଆୟ୍‌ଜ୍‌ ଅଛେ କାୟ୍‌ଲ ନାଇଁ । ଗାଁର୍‌ ନୟେ ନଶାପ୍‌ ଖମାଶି ନେଥିଲେଁ ହୟ୍‌ ନାଇଁ । ଦୁହି ପକ୍ଷର୍‌ ଲୋକ ଖୁସ୍‌ । ପାଖ୍‌ପାତର୍‌ ନାଇଁ କି ଶତ୍‌ରି ନାଇଁ । ବୁଝେଇ ଶୁଝେଇ କରି ମେଶାମୁଲା କରେଇ ନେସନ୍‌ । ସୁରୁ ଖମାଶି-କର୍‌ ଥାଆତେକେଁ ପଂଚେତ୍‌ନୁ ଗୁଟେ ବି କଥା ଥାନା କର୍‌ଚିକେ ଯାଇ ନେଁ ପାରେ । ଖମାରେନ୍‌ ବି କମ୍‌ ନୁହନ୍‌ । ସର୍‌ପଂଚ୍‌ ପଠେଇଛନ୍‌ ବଲି ପଂଚେତ୍‌ ପିଅନ୍‌ ରଖୋ ଗଉର୍‌ ଅୟ୍‌ଲେଁ ସୁମୁଖୀ ଜାନି ଦକାସନ୍‌ । ଆହ୍ୟ୍‌ଜ୍‌ କଏ ଆଉଛେ କାୟ୍‌ଁ ? କେତେ ଜନ୍‌ ଅୟ୍‌ବେ ? କା କାଣା ଲଗ୍‌ବା ? ଝଟପୋ ଝଟପୋ ପରୁଶି ନେଇ ବାସ୍‌ନା ଚୂଉଲ୍‌, ଛରିଲ୍‌ ଦାୟ୍‌ଲ୍‌, ଭୁନ୍‌ଶାଗ୍‌, ଆଗୁର୍‌ ଆମୁଲ୍‌, ଗୁରସ, ଦହି, ଘି କରି ନମିଚ୍‌ଠାକେ ଯୁଗାଡ଼୍‌ କରି ପଠାହନ୍‌ । ତାର୍‌ ଉପ୍‌ରେ ତାହାକେ ଚୁହିଁ ପୟ୍‌ସା; କୁକ୍‌ରି ଠଙ୍ଗ୍‌ରି ଲଗି । କେବେଁ କେବେଁ ସର୍‌ପଂଚ୍‌ ଘରେଁ କଏ ଖାୟ୍‌ବେ ବଲି ଜାନ୍‌ଲେ ଛ'ଭୁନ୍‌ ନ'ଭଜା କରି ଖୁଆସନ୍‌ । ଗାଁଥି ବନ୍ଧା ବର୍‌ତନ୍‌ କାମ୍‌କାରଜ୍‌ ହେଲେଁ ଧାନ୍‌ ଦୁଇ ଖଣ୍ଡି ତ ପହେଲ୍‌ ଥୁଆ । ଗାଁଥି ଯା'ର୍‌ ଯେତେ-ବେଲେଁ ଯାହା ଖଙ୍ଗ୍‌ଲା ଖମାରେନ୍‌ ପାଖେଁ ହାଜର୍‌ । ଇସ୍‌ ନେଁ କରନ୍‌ । କାହାରିର୍‌ ନରାଶ୍‌ ହଇ ଫିର୍‌ବାର୍‌ କହେ ନାଇଁ ଜାନିଁ । ଲୋକ୍‌ ସନ୍ତୋଷ୍‌ ଥିଲେଁ ମୋର୍‌ ହରିବଂଶର୍‌ ଆୟୁଷ ବଢ଼୍‌ବା । ହରିବଂଶକେ ମେରିହମ୍‌ କରି ଖମାଶି ଆର୍‌ ଖମାରେନର୍‌ ମନ୍‌, କାମ୍‌, ବରୁର୍‌ ସବୁ ମାଡ଼େନର୍‌ ବଲଦ୍‌ ବାଗିର୍‌ କନ୍ଦ୍‌ରୁଛନ୍‌ । ମୂଲ୍‌ ବଲ କି ଶେଷ୍‌ ସବୁ ହରିବଂଶ ।

ଥରେ ଅଧେ ସର୍‌ପଂଚ୍‌ ଭୋଟ୍‌ଥିଁ ଜନ୍‌ଏ ପଟେ ଖମାଶିକର୍‌ ବିପକ୍ଷ୍‌ଥିଁ ଠାଡ଼୍‌ ହେଲେଁ ଫିର୍‌ଫିଠ୍‌ । ଖମାଶି କେନ୍‌ସି ଦଲର୍‌ ନୁହନ୍‌ । ଯେନ୍‌ ଦଲର୍‌ ଯେ ଯେ ଆୟ୍‌ଲେଁ ଭି ମନାଗୁନା ଉତ୍ତମ୍‌ । କାହାରିର୍‌ ନିନ୍ଦା ବଦ୍‌ନାମ୍‌ କାହାରି ଠାନେ ନାଇଁ । ସବୁ ଦଲର୍‌ ଲୋକ୍‌ କହେସନ୍‌ "ଖମାଶି ! ଆମର୍‌ ଦଲେଁ ରହ ।"

"ସବୁ ଦଲେଁ ଅଛେଁ ଆଜ୍ଞା ! ମୁଇଁ କେନ୍‌ ଦଲ୍‌କେ ଛାଡ଼୍‌ମି । ଧାରର୍‌ ଜଁଡ଼୍‌ କି ଆକାଶର୍‌ ଚରେ ତ ଆଜ୍ଞା ଦଲ୍‌ ନାଇଁ ଛାଡ଼େ, ଆମେ ତ ମୁନୁଷ୍‌ ଆଉଁ । ଦଲ୍‌ ଛାଡ଼ି ରହି ପାର୍‌ମା ?" କହେସନ୍‌ ଖମାଶି ।

ହେଲେଁ ଏମେଲେ ପଧାନ୍‌ବାବୁର୍ ଜାଲ୍‌ନେ ପଡ଼୍‌ବାର୍ ପଡ଼୍‌ବାର୍ ବାଗିର୍ ହଇଗଲେନ ସୁରୁ ଖମାରି । ଗଲାଥର୍ ଏମେଲେ ଭୋଟ୍‌ଥିଁ ପଧାନ୍‌ବାବୁ ଜିତିଗଲେ ସିନା, ଖମାରି ସର୍‌ପଂଚର୍ ପଂଚେତ୍‌ନେ ତାକର୍ ବିପକ୍ଷ୍‌ନ ପଡ଼ିଥିବାର୍ ଭୋଟ୍ ଦେଖି ତାଜୁବ୍ । ପଧାନ୍ ଏମେଲେ ପାଓର୍‌ଥିଁ ଥିବା ଦଲର୍ ଲୋକ୍ । ଲୋକ୍‌ବାକ୍, ଖର୍ଚା ବର୍ଚା, ଲୋଭ୍‌ଲାଲଚ୍, ଡର ଧମ୍‌କା କେନସି କଥାର୍ କମ୍ ନାଇଁ ଥାଇ । ତଥାପି ଇ ଗୁଟେ ପଂଚେତର୍ ଲୋକ୍ ସବୁ ଭୋଟ୍‌କାଗଜ୍‌ଥିଁ ଏକ୍‌ଲା ଝନ୍‌ଏ ମୋହର୍ ମାଏଲା ମେତାଲ୍ । ଗୁଡ଼ି, ଦୁଇଗୁଟ୍‌ର୍ ଛଟା ମାର ଯାଇଥିବା, ନେହେଲେଁ ସବୁ ଭୋଟ୍ ତାକର୍ ବିପକ୍ଷ୍‌ଥିଁ । ସେଦିନୁ ଏମେଲେ ପଧାନ୍‌ବାବୁର୍ ଆୟୁଁଖ୍ ସୁରୁ-ଖମାରି ଆଡ଼େଁ । ପଧାନ୍‌ବାବୁ ସୁରୁ ଖମାରି ସାଙ୍ଗେଁ ଭେଟ୍ ପଡ଼ୁନ୍ ପଡ଼ୁନ୍ ଆଗୋ ହାତ୍ ଠେକି ଯୁହାର୍ କର୍‌ସନ୍ । ତାକର୍ ପଂଚେତର୍ କେନ୍‌ସି ଭି କଥା ପଡ଼୍‌ଲେଁ ଓଭରସିଅର୍‌କେ ବିଡ଼ିଓକେ କହିକରି ଜଲ୍‌ଦି କରେଇଦେସନ୍ । ଖମାରିକର୍ ଗାଁକେ ଆୟୁଲେଁ ଖମାରି ଘର୍‌କେ ଯାଇ ଚୁହା ପିଇସନ୍, ଆର୍ ହରିବଂଶର୍ ଲାଗି ବିସ୍‌କୁଟ୍ ଓବାନଟେ ବି ଆନ୍‌ବାକେ ନାଇଁ ପାଶ୍‌ରନ୍ । ଦୁସ୍‌ରା ଏମେଲେ ମାନେ ଯେନ୍ ପଂଚେତ୍‌ଥିଁ ଭୋଟ୍ ନାଇଁ ପାଇଥାଆନ୍ ସେ ପଂଚେତ୍‌କେ ହାର୍‌କି ନାଇଁ ଦେଖନ୍, ମାତର୍‌କି ପଧାନ୍ ବାବୁ ଉଲ୍‌ଟିଆ । ଧୀରେ ଧୀରେ ସୁରୁ ଖମାରି ଏମେଲେ ପଧାନ୍‌ବାବୁର୍ ହାତ୍ ଚେଁସ୍‌ରା ବାଗିର୍ ହଇଁଗଲେନ । ଲୋକ୍ ବି କହୁଛନ୍, ପାଓର୍‌ଥିଁ ଆସନ୍ ଆର୍ ଶାସନ୍‌ଥିଁ ଥିବାର୍ ଦଲର୍ ଆୟୁଁଖ୍ ଯେନ ପଡ଼୍‌ବା ସେହିର୍ କଥା ଦୁସ୍‌ରା; କପାଲ୍ ସଲ୍‌ଖିଲା ବଲି । ଯେ ଯେନ୍ତା କୁହାବୁଲା ହେଲେନ ଯେ ସର୍‌ପଂଚ୍ ଭୋଟ୍ ଚେଆର୍‌ମେନ୍ ଭୋଟ୍ ଆର୍ ଜାହା ଧୁର୍ ନାୟୁଁନ । ଜଲ୍‌ଦି ହେବା ମେତାଲ୍ ଶୁଭୁଛେ । ରାଜ୍‌ନୀତି ଦଲର୍ ଲୋକ୍‌ମାନେ ନିଜର୍ ଦଲେଁ ଲୋକ୍ ବାଛି ବସ୍‌ଲେନ କେ'ନ କାହାକେ ସର୍‌ପଂଚ୍‌ଥିଁ ଠୁଇବେ । ପଧାନ୍‌ବାବୁ ତାକର୍ ଦଲେଁ କଥା ପକାଲେ ନ ଯେ ସୁରୁ ଖମାରିକୁଁ ତାକର୍ ଦଲର୍ ଚେଆର୍‌ମେନ୍ କେଣ୍ଡିଡେଟ କର୍‌ବେ । ସୁରୁ ଖମାରିକର୍ ଆଗ୍‌ମୁଣ୍ଡେଁ କଥା ପଡ଼୍‌ଲେଁ କହୁଛନ୍ "ମାଁତ ନେ ଥାଇ କାୟୁଁ ରାଜ୍-ମାଁତ ?" ଆଉର୍ ସୁରୁ ଖମାରି ବସୁଲେଁ ଖାଲି ମାଟିର୍ ଗୁଟେ ଚଲ୍‌ତା ଫିର୍‌ତା ମୁଣ୍ଡି ବସୁଲେଁ ଭି ଚଲ୍‌ବା । "କାହିଁ ଚେଆର୍‌ମେନ୍ ପଦ୍ ଆର୍ କାହିଁ ମୁଇଁ ଆଗଁମା ? ଗୁଟେ ପଂଚେତର୍ କଥା ବୁଝ୍‌ଲା ବେଲ୍‌କେ ଅକଲ୍ ଗୁଡ଼ୁମ୍ । ଇଟା ଫେର୍ ଝୁଲ୍‌ହା ସବଟା ପଂଚେତର୍ କଥା । ଫେର୍ ସବୁ

କାଗଜ୍‌ପତ୍ରର ଇଂଲିଶ୍‌ରେ । ମୁଇଁ ବନ୍‌ଏ କରି ଓଡ଼ିଆ ପଢ଼ି ନାଇଁ ପାରେଁ ଆଗ୍ୟାଁ ! ମତେ ଚେଆର୍‌ମେନ୍ କର୍‌ମୁ ବଲି ନାଇଁ କହ ଆଗ୍ୟାଁ, ଦୁସ୍‌ରା ଢଙ୍ଗେଁ ଖିଆଲ୍ ମସ୍‌କୁଲ୍ କର୍‌ବାର୍ ଅଛେ ବସ୍ୟୂଲେଁ କରି ।" ସୁ ରୁ ଖମାରି କହି ହସି ପକାଲେ ।

ହେଲେଁ ପଧାନ୍ କାଣା ସହଜେଁ ଗୁଡ଼୍‌ବାର୍ ଲୋକ୍ ? "ହସ୍ୟୂହୋ ! ଖମାରି ଆଜ୍ଞା ! ଇ ଆଠ୍ ତାରିଖ୍ ଆଉଛନ୍ ପଂଚେତ୍ ବିଭାଗର୍ ମନ୍ତ୍ରୀ, ତାକର୍ କଥା ଜାନିଛ ? ସେ ସର୍‌ପଂଚ୍ ଥିଲେ, ତେଭ୍‌କେଁ ଚେଆର୍‌ମେନ୍, ତେଭେଁରୁ ଉପର୍‌କେ ଉପର୍‌କେ ଏମେଲେ, ମନ୍ତ୍ରୀ । ଆଉର୍ ତମର୍ ଲେଖେଁ ଇଂଲିଶ୍ ନାଇଁ ଜାନିଥିବାର୍ ବହୁହାଁ ଲୋକ୍ ତ ଏମ୍‌ପି ଅଛନ୍; ତମେ ହଁ ବଲ ତ, ଫେର୍ ସବୁ ତାର୍ ସୁତେଁ ହେବା" ।

ସୁ ରୁ ଖମାରି ବହୁହାଁ ଠିକେ ଭାବତ୍ ରହେଲେ, ଉଁ ସୁଁ ନାଇଁ ବନ୍‌ଏ ଘଡ଼ି ତକ୍ । "ନାଇଁ ପଧାନ୍ ଆଗ୍ୟାଁ ! ମତେ ହେଁ ଧନ୍‌ଆ ଥିଁ ନୈଁ ପକାଉନ୍, ମୁଇଁ ବନ୍‌ଏ କି ମୋର୍ ପଁଚେତ୍ ବନ୍‌ଏ ।" କହେଲେ ଖମାରି କଷାପିତା ହୁକି ।

ପଧାନ୍ ଏମେଲେର୍ ଜାଲ୍ ହେଇତେ ଡିଲା ନୁହେ ଯେ ସହଜେଁ କିଏ ପିଛ୍‌ଲି ଯିବା । ସୁ ରୁ ଖମାରି ତ ସୁତର୍ ପାତର୍ ସତ୍‌ଲୋକ୍ ଆନ୍, ସେ ଜାଲର୍ ଆଦ ଅନ୍ତ ସେ କାହୁଁ ମାହର୍ କରି ପାର୍‌ବେ । ହରିବଂଶକେ ମେର୍‌ଖମ୍ କରି କହ୍‌ଦୁଥିବାର୍ ସୁ ରୁ ଖମାରିର୍ ମନ୍‌ମାନ୍‌କୁଁ ପଧାନ୍ ଆଗୁଁ ବନ୍ଧା କରି ଆସିଛନ୍, ଅଯ୍ୟୂଜ୍ ସେମାନ୍‌କୁଁ ଟୁପ୍‌କଲେ । କହେଲେ, "ଖମାରି ଆଗ୍ୟାଁ ! ତମର୍ ଦନ୍‌କାଲ୍ ତ ଏତ୍‌କେଁ ସର୍‌ବା, ତମେ ତମର୍ ଭର୍‌କ ନାଆଁ ଯଶ୍ କମେଇ ନେଲ । ମାତର୍‌କ ହରିବଂଶର୍ କଥା ଭାବିଛ ? ସେ କାଁ ବଲି ଲୁକ୍‌କର୍ ମଝିଁ ଚିନ୍‌ହେଁ ହେବା ? ସୋଜ୍ ସୁ ରୁ ଖମାରିର୍ ପୁଓ ବଲି ? ମୋର୍ ବାବୁ ଚେଆର୍‌ମେନ୍ ଥିଲ, ମୁଇଁ ଏମେଲେ ହେମି ମନ୍ତ୍ରୀ ହେମି ଇ ଭାବ୍‌ନାଟା ତାର୍ ମନ୍‌କେ କେ ଭୁକାବା ? ଇଟା ଛୁଆଦନ୍ ତାର୍, ମୁଉ୍‌ଠା ତାର୍ କଁଚ୍ଚ ହାଏଁଡ଼୍ ଲେଖେଁ; ଯେନ୍ତା ଗାର୍ କାଟ୍‌ବ ସେଟା ବୁଢ଼ାକାଲ୍ ତକ୍ ରହେବା । ଦେଖ ଭାଇ ! ମୁଇଁ ହରିବଂଶର୍ ଆଗତ୍ କଥା ଭାବି କହୁଛେଁ ।"

ସୁରୁ ଖମାରୀଙ୍କର୍ ହାବ୍‌ଭାବ୍ ବଦ୍‌ଲିବାର୍ ଜଣା ପଡ଼ିଲା । କଥାବାର୍ତ୍ତା ବି ପଡ଼ି । 'ନାଇଁ'ରୁ ଠିକେ ଠିକେ 'ହଁ' ଆଡ୍‌କେ ମୁହାଁଲା । ଠିକେ ଖାସିକରି ଖମାରୀ କହେଲେ "ପ୍ରଧାନ୍‌ବାବୁ ଠିଆ ବି ହେଇ ଯାଉଛନ୍ ଯେ ଚେଆର୍‌-ମେନ୍ ଭୋଟ୍‌ଟା ତ ନିର୍ବାଚନ୍ ନୁହେ ଆଗଁଆ । ନିଲମ୍ ଆୟ୍ । ମୁଇଁ କାହିଁ ପାଇମି ପଇସା ? ପାଇଲେଁ ହେଲେଁ ହେନ୍ତା ଘାଲ୍‌ଭୁ ଖର୍ଚ୍ଚା କାହିଁ କରିଥିବା ?"

"ତେ... ଖାଲି ହଁ ବଲ ଖମାରୀ ଆଜ୍ଞା ! ବାକି କଥା ଆମେ ବୁଝ୍‌ମୁ, ପାଛି ବୁଝ୍‌ବା । ହଁ ଆଠ୍ ତାରିଖ୍ ଆର୍ ଜହଦିନ୍ ନାଇଁନ । ହେଁ ଦିନେ ପଂଚେତ୍ ମନ୍ତ୍ରୀ ଆଉଛନ୍ । ସେ ଗୁଟେ ପଂଚେତ୍ ଦେଖ୍‌ବାର୍‌କେ କହୁଛନ୍ । ଏସ୍‌ଡିଓ ତୁମର୍ ପଂଚେତ୍‌କେ ବାଛୁଛନ୍ ଦେଖ୍‌ବାର୍ ଲାଗି । ସାଙ୍ଗେଁ ତ ଜିଲ୍ଲା ସଭାପତି ବି ଥିବେ । ହେଁ ଦିନେ ସବୁ କଥା ପଟିଯିବା ।" କହେଲେ ଏମେଲେ ପ୍ରଧାନ୍‌ବାବୁ । ହଁ ଠିକେ ଉବେଲ୍ ହଉଥାରେ, ଲୋକ୍ ନାଇଁ ଛୁଉନ୍‌ତ, ଯେନ୍‌ନିକେ ଗଲେଁ ଆସୁନ୍ ଆସୁନ୍ ବିଲମ୍ ହଇଯାଉସି ।" ଆଉରି ଠିକେ ଯୁଇନେଲେ ପ୍ରଧାନ୍‌ବାବୁ । ମୁଣ୍ଡ୍ ଖୁଜାଇ ଖୁଜାଇ କହେଲେ ଖମାରୀ "ଆଗଁଆ ! କାଁ କାଣା କର୍‌ବାକେ ପଡ଼୍‌ବା ?"

ପ୍ରଧାନ ଉଠୁନ୍ ଉଠୁନ୍ କହେଲେ "କିଛି ନାଇଁ ହୋ ! ଖାଲି ଗୃହା ପାଇନ୍ ଠିକେ ବନ୍‌ବସ୍ କରିଥିବ । ରାତିଁ ତ ବରଗଡ଼୍‌ନେ ଖାଇବେ ବଲି ତାକର୍ ପ୍ରୋଗ୍ରାମ୍ ଅଛେ ।" ପ୍ରଧାନ୍‌ବାବୁ ଉଠିଗଲେ । ଖମାରୀ ଖାଲି କହୁଥିବାର୍ ଶୁନା ଯାଉଥିଲା "ବର୍ଷାଦିନ୍, ଫେର୍ ରାଇଜ୍ ବକାଲ୍ ହେଲେଁ ଅଡୁଆ ।"

ଆଠ୍ ତାରିଖ୍ ଆସ୍‌ଲା । ସର୍‌ପଂଚ୍ ସୁରୁ ଖମାରୀ ତାକର୍ ୱାର୍ଡ୍-ମେମ୍ବର୍‌ମାନ୍‌କୁଁ, ପଂଚେତ୍ ସେକ୍ରେଟେରୀକେ, ପିଅନ୍ ଚୌକିଦାର୍‌କେ ସମ୍‌କୁଁ କହି ଖମାରେନ୍‌କୁଁ ଭି କହେବାର୍‌ଟା ନାଇଁ ପାର୍‌ଲେଁ । ଖମାରେନ୍ ହରିବଂଶକେ ଧରି ମାଁ ଘର୍‌କେ ଯାଇଛନ୍ ଦିନ୍‌ଏ ଅଧିକର୍ ଲାଗି । ତାକର୍ ମାଁ ବେମାର୍ ଅଛନ୍ । ବୁଢ଼ାବୁଢ଼ୀ ଲୋକ୍, ବୟ୍‌ସର୍-ବେଲ ବୁଢ଼ା ବୁଢ଼ି ଆଇଲନ, କିଛି ହଇଗଲେଁ ପଛେଁ ପସ୍ତେଇ ହେବେ । ଘରର୍ ଧନ୍ଦା ଛୁଡ଼ି ହଉ ନାଇଁ । [illegible] ବୁଢ଼ୀକେ ଛୁଡ଼ି ହରିବଂଶର୍ ଯିବାର୍ ମନ୍ ନାଇଁ । ହରି-ବଂଶକେ ଛୁଡ଼ି ଖମାରେନ୍ ହେଲେଁ କେତିକେଁ ଯାଉସନ୍ ? ପାଖର୍ ଗାଁ

ମଟ୍ଟି ଯୋର୍ ନଲଆ କଟ୍ଟି ନାଇଁ । ଯିବେ ଦନ୍‌ଏ ଆସ୍‌ବେ ଦନ୍‌ଏ । ତଥାପି ମନ୍ତ୍ରୀ ଆସ୍‌ଲେଁ ସାସ୍‌ର୍ ରନ୍ଧାବଡ଼ା ଲଗିଯିବା ବଲି ଗୃଉଲ୍ ଦାସ୍‌ଲ୍ ଅବଡ଼୍ ଜବଡ଼୍ କରି ସବୁ ରଖି ନେଇଛନ୍ ।

ପଂଚେତ୍‌ନେ ସଭେ ବସିଛନ୍ ; ସର୍‌ପଂଚ୍ ସେକେଷ୍ଟ୍ରେରି, ୱଆଡ଼୍-ମେମ୍ବର୍ ଆର୍ ଭି ଗାଁର୍ ବନ୍‌ଏ ବନ୍‌ଏ ଲୋକ୍‌ମାନେ । ରାସ୍ତ୍ ହେଲାନ, ନୁହେ ଆସନ୍ ମନ୍ତ୍ରୀ । ମଠର୍‌ଟେ ଘୁର୍ କଲେଁ ସନ୍‌କରର୍ ନଧା ସେଆଡ଼େଁ । ଚତୁର୍ଦ୍ଦିଗ୍ ମେଘ୍ ଘୁଟ୍‌ଘୁଟେ ଆନ୍‌ଲା ନ । ଯେନ୍ ମେଘ୍ ଦଶୁଛେ ଯେ ବର୍ଷା ହେଲେଁ କେ ଜାନ୍‌ଏ ବଡ଼େଟେ ବସ୍‌ଡ଼୍ ଘକଉ ନାଇଁନ । ମୁହିଁର୍ କଥା ମୁହେଁ ଅଛେ ପାସ୍‌ନ୍ ପର୍‌ଲା, ଆର୍ ତିନ୍ ତିନ୍‌ଟା ମଠର୍ ଆସି ପଂଚେତ୍ ପଂଚେତ୍ ଅଫସର୍ ଆଗ୍‌ମୁଡ଼େଁ ଦରେକ୍ ଦେଲେ । ମଠ୍‌ରର୍ ଲୋକ୍ ସବୁ ତଡାପଡା ହଇ ପଂଚେତ୍ ଘର୍‌କେ ଡୁକ୍‌ଲେ, ଅଜର୍ ଇଆଡ଼େଁ ମେଘ୍ ଭି ଜପ୍ରୋଧ୍ ନାଇଁ ରଖି ଚୁକ୍‌ଲା । ଚୁକୁଛେ ତ ଚୁକୁଛେ; ପଂଚେତ୍ ଟିନ୍ ଛୁଦନ୍‌ଟା ଫାଟି ପଡ଼୍‌ଲା ବାଗିର୍ ଲାଗୁଛେ ।

ଏମେଲେ ପଧାନ୍‌ବାବୁ ମନ୍ତ୍ରୀ, ସଭାପତି ସନ୍‌କୁଁ ସୁ ରୁ ଖମାସ୍ତ କର୍ ସାଙ୍ଗେ ଚିହ୍ନା ପର୍‌ଚେ କରେଇ ନେଲେ । ଏସ୍‌ଡ଼ିଓ ସାହେବ, ପଂଚେତ୍ ଅଫିସର୍ ବଡ଼ିଓ ସାହେବ ଆର୍ ମନ୍ତ୍ରୀକୁଁ ଜଗ୍‌ବାର୍ ଲାଗି ଆସିଥିବାର୍ ପୁଲିସ୍‌ବାଲେ ପଂଚେତ୍ ଘରେଁ ଠାନ୍‌କେଁ । ହେତେ ଚଉକି କେ'ନ ମିଲ୍‌ବା ? ପଂଚେତ୍ ପିଅନ୍ ରଖେ। ଗଉର୍ ପଂଚେତ୍ ଦଶଟା ପେସେରେଇ ନେଲାନ । ଚଉକଟେ ନେଁ ପାସ୍‌ଲା ଲୁକେ ସେ'ନ ଆଶ୍ରା ନେଲେନ । ଘର୍ ଡେଡ଼୍ ବଖ୍‌ରା ଥିଁ ଝନ୍ ଗୁଲ୍‌ଶେ ହେଲା ବେଲ୍‌କେ ସଭେ ସନ୍‌କୁଁ ଠେଉଇ ହେଲେଁ ଯାସ୍ । ଯାସ୍‌ନ୍ ଏ'ଦେ ଛୁଉବା ସେ'ଦେ ଛୁଉବା ବଲି ସନ୍‌କର୍ ଆଶା । ମାତର୍‌କ ପାସ୍‌ନ୍ ଛୁଡ଼୍‌ବାର୍ ନାଆଁ ନାଇଁ, ମୂଷଲ୍‌ର୍ ଧାରେଁ ଚୁକୁଛେ । ଘଡ଼୍‌ଘଡ଼ି ଡେଡ଼୍‌ଡେଡ଼ି ଥିଁ କାନ୍ ଫାଟି ପଡୁଛେ, ଘନ୍‌ଘାଇ ମଙ୍ଗଲ୍ ଚଲୁଛେ । ପଂଚେତ୍ ଘୁଡ଼ି ଉତ୍‌ରିବାକେ କାହାର ଦମ୍ ନାଇଁ, ଯେ ଯେନ୍ତା ଭାବେଁ ଅଛେ ସେନ୍ତା ଅଛେ ଯେ ଅଛେ ନ ।

ମନ୍ତ୍ରୀ ଈ ଜିଲ୍ଲାର୍ ଲୋକ୍ ; ସଦର୍ ନିର୍ବାଚନ୍ ମଣ୍ଡ୍‌ଲିର୍ .ଏମେଲେ । ପଧାନ୍‌ବାବୁକର୍ କହେଲା ପରେ ଜିଲା ସଭାପତି ମିଶ୍ର ବାବୁକୁଁ ପଚ୍‌ରେଇ ଜବାବ୍ ଛିଡ଼େଇନେଲେ ଯେ ସୁ ରୁ ଖମାସ୍ତ ଆସ୍‌ବା ହେଲେଥିଁ ଈ ପଂଚେତ୍ ସମିତିର୍ ଚେଆର୍‌ମେନ୍‌ଲାଗି ଠିଆହେବେ । ଖମାସ୍ତ ଭି ହଁ ବସ୍‌ଲେ ।

“ପାସ୍‌ନ୍ ତ ନାଇଁ ତୁଚ୍ଛେ ନ ଆଜ୍ଞା ! କହ୍ଟି କାଁଜଭଜ କରି ଦୁଇଟା ବନ୍‌ବସ୍ କର୍‌ସିଁ, ସଭେ ଭୁଖେଁ ହଇଯିବେ ନା । ସପ୍ଟ୍‌ରଟା କହ୍ଲେଁ ଫେର୍ ଯାହା ହେବା” । ହାତ୍ ଯୁଡ଼ିକରି କହେଲେ ସୁରୁ ଖମାରି ।

“ଇ କଥା ନୁ ଦୁସ୍‌ରା କଥା ନାଇଁ, ହେଁଟା କଲେଁ ଯାଇ, ରନ୍ଧା-ବଡ଼ାର୍ ଉଯୋଗ୍ କର ।” କହେଲେ ଏମେଲେ ପଧାନ୍‌ବାବୁ ଉପର୍ ଆଡ୍‌କେ ଚାହାଁ କରି ।

ଖମାରେନ୍ ଘରେଁ ନାଇଁ ଥିଲେଁ ବି ଦାସ୍ଟୁଲ୍ ଗୁଡ଼ୁଲ୍ ଇସ୍କୁଲ୍ ଲେସୁନ୍ ଆଗୁର୍ ଆମୁଲ୍ ଖଲି ଦନା ଠାନୁ ସବୁ ଠିକ୍‌ଠାକ୍ ହେଲା । ଓଆର୍ଡ୍ ମେମ୍ବର୍‌ମାନେ ଛତା ଧରି ସଭେ ଲଗି ପଡ଼ିଲେ । ହେଲେଁ ଏତ୍‌କି ଲୁକର୍ ଭୁନ୍‌ଶାଗ୍ କଥା କେନ୍ତା କର୍‌ମା ବଲି ଖମାରି ସର୍‌ପଂଚ୍, ଓଆର୍ଡ୍ ମେମ୍ବର୍‌ମାନେ, ପଂଚେତ୍ ସେକେଟ୍ରେରି ଆର୍ ପିଅନ୍ ରହେଁ ଗଲିର୍ ଭିତୁର୍ ଲୁଟ୍‌ଲୁଟ୍ ହଉଛନ୍ । “ମନ୍ତ୍ରୀ, ଏମେଲେ, ଏସ୍‌ଡ଼ିଓ, ଥାନାବାବୁ ବାଗିର୍ ଲୋକ୍ କେଭେଁ ଇ ପଂଚେତ୍‌ଥିଁ କୁନୁଆଁ ହେବେ । ଏଛ୍‌ନି ଦୁକାନ୍‌ଦାର୍‌କେ ଉଠାଲେଁ ଆଲୁ ଦୁଇ ଗୁସ୍ଟୁର୍ କେଜି ମିଲିପାରେ ଯେ ଆଲୁଟା କେନ୍ ଭୁନ୍ ଥିଁ ଯାସ୍ଟି ? ହେଁଟା ହେଲେଁ ଗୁଟେ ଭୁନ୍‌ହେବା ? ମେଲ୍‌ଗୁ ପଟେ ସୋର୍ ସାର୍ କରି ବୋ ରହେଁ ।” ବଲି ସମ୍‌କରର୍ ଶୁନ୍‌ଭେକେଁ କହେଲା ଆଦିବାସୀ ଓଆର୍ଡ୍ ମେମ୍ବର୍ ଉଜଲ୍ ଭୁଏ । ସଭେ ମନେ ମନେ ଗାଁ ସାରା ଉହାଟି ଆନ୍‌ଲେ, ହେଲେଁ କା'ର୍ ଘରେଁ ମେଲ୍‌ଗୁ ଅଛେ ଯେ ପାସ୍ଟୁବେ ? ସଭେ ଦୁଖ୍‌ମନା ହେଲା ବାଗିର୍ ବସିଛନ୍, ଭୁଲିଆ ପଗର୍ ଓଆର୍ଡ୍ ମୁଟ୍ଠୁ ମେହେର୍ କହେଲେ “ଅଛେ ଗା ପଟେ, ହେଲେଁ ସର୍‌ପଂଚ୍ କାଁ ବଲ୍‌ବେ ଯେ କେ ଜାନ୍‌ଏ ?” ସୁରୁ ଖମାରି ସାଙ୍ଗେଁ ସାଙ୍ଗେଁ କହି ପକାଲେ “ପାଁଚ୍ ଜାଗା ଥିଁ ଦଣ୍ଡ୍ ଦେମା, ହେଲେ ମିଲୁ ।”

ଉଜଲ୍ ଭୁଏ କେ ଆସ୍ଟୁଁଖ୍ ମାରିନେଲେ ମୁଟ୍ଠୁ ମେହେର୍ । ଉଜଲ୍ ଭୁଏ କହି ପକାଲେ “ତମର୍ ସେ ମେଲ୍‌ଗୁ ପିଲିକେ କହୁଛନ୍ ଖମାରି ! କାଁ ବଲ୍‌ବ ଯେ” । ସର୍‌ପଂଚ୍ ସୁରୁ ଖମାରିକର୍ ମନ୍ ସାଙ୍ଗେଁ ସାଙ୍ଗ୍ ଉଭିର ଗଲା । ଏତେ ବର୍ଷା ନ ଭି ତାକର୍ କଁଠକପାଲି ଝାଲ୍ ସମ୍‌କରି ଆସ୍ଟୁଁଖ୍‌କେ ଝିଲ୍‌ମିଲେଇ ଗଲା । ସୁରୁ ଖମାରି ନୀରବ୍, କଥା ନାଇଁ କି ଭାଷା ନାଇଁ, ହଁ ନାଇଁ କି ନାଇଁ ନାଇଁ । ତାକର୍ ମନର୍ ଆଖିଁ ପିନ୍‌ଚ୍‌ଡ଼ୁର୍ ସେ

ଚଗ୍‌ଲିଆ ଚେହେରା ଚକ୍‌ଚକେଇ ଗଲା । ତାର୍ ପଛେଁ ପଛେଁ ହରିବଂଶର୍ ସେ କାନ୍ଦ୍‌କାନ୍ଦ୍‌ନିଆଁ ଆୟୁଁଖ୍ ଦୁହିଣ୍ଟା ସତେଁ ଖମାରିକର୍ ଆୟୁଁଖ୍ ଦର୍ପନ୍‌କେ ଆବ୍‌ର ବସ୍‌ଲା । ଖମାରି ଭାବୁଛନ୍ ତ ଭାବୁଛନ୍ । କେତେ-ବେଲ୍ ଗଡ଼ିଗଲାନ କିଏ ଜାନୁଛେ ? ଖମାରିକର୍ ସୋର୍ ବସ୍‌ଲା ଯେତେ-ବେଲେଁ ମେହେର୍ ଭଉଆଡ଼୍ କହେଲେ ଯେ "ଏଭ୍‌କେଁ ବସାବସି କଲେଁ ହେବା ।"

ପାୟୁନ୍ ଟିକେ ଥେଇ ଆଉଛେ । ସଭେ ଖାଇ ବସ୍‌ଲେ "ଯାହା-ହେଲେଁ ଭି ଗରମ୍ ସେବକ୍ ତିପାଠୀର୍ ପାଗ୍‌ବାଗ୍‌କେ ଖୁନ ନାଇଁ ହୟୁଗା ! ଭୂଏ !" କହେଲେ ମେହେର୍ ଭଉଆଡ଼୍ ଉଜଲ୍ ଭୂଏକେ ।

"ଇଣ୍ଠା ଯେନ୍ ଶିକାର୍ ଆୟୁ, ନୁନ୍ ହଲ୍‌ଦି ଦେଇ ସିଝେଇନେଲେଁ ଭି ସୁଆଦ୍ କରିଥିତା ବୋ ନୁକୋ କିନଷ୍ ଆୟୁତ" କହେଲା ଉଜଲ୍ ଭୂଏ । ସଭେ ମଜାଥିଁ ଖାଉଛନ୍, ମାତର୍‌କି ଖମାରି ଖାଇ ଭି ନେଁ ବସି, ଖାଲି ଭେଲ୍‌କା ବାଗିର୍ ଦେଖୁଛନ୍ ଯେ ଦେଖୁଛନ୍ ।

ଖିଆପିଆ ସର୍‌ଲା; କଥା ହେଲା ମେତାଲ୍ ଖିଆ ସର୍‌ଲା କି ପାୟୁନ୍ ବି ଥେଇଲା । 'ଏଭ୍‌କେଁ ଆମେ ଯାୟୁସୁଁ' ବଲି ମନ୍ତ୍ରୀ ଏମେଲେ ଅଫିସର୍ ସବୁ ବାହାଲେ । ଖମାରି ଖାଲି ହାତ୍ ଦୁହିଟା ଯୁଡ଼ି ନେଇଛନ୍, ଆମ୍‌ଲିମ୍ କଷା ପିତା କହୁ ନାଇଁ ।

ସଭେ ଗଲେ । ପଂଚେତ୍ ଅଫିସ୍ ଛୁନା । ଖମାରି ଘର୍‌କେ ଆୟୁଲେ । ଘର୍‌ଟା ବି ଖାୟୁଁ କରୁଛେ । ପିନ୍‌ଜ୍‌ରିଡ଼୍ ଥିଲେଁ ମେଁ ମେଁ କହୁଥିତା । ଖମାରିକର୍ ଆଁଖିର୍ ପାୟୁନ୍ ରୁକି ହେଲା, ପିନ୍‌ଜ୍‌ରିଡ଼୍ ବନ୍ଧା-ହେବାର୍ ଦୁଆଁଟା ମେଲା ପଡ଼ିଥିବାର୍ ଦେଖି । ଯାହା ବି ହଉ ମେଲା ଘରେଁ ଖଟେଁ ପଡ଼ୁଲେ । ଝୁମ୍‌ରି ନାଇଁ, ଖାଲି ଇକଡ଼୍ ସେ କଡ଼୍ ହଉଛନ୍ । ସକାଲ୍ ପୁଆ ପୁଆ ଆୟୁଁଖ୍ ଲଗ୍‌ଲା ଲେଖେଁ ହେଲା । ସକାଲ୍ ପାୟୁଲା, ରାଁଧିନାଗଧୁଆ ହେଲାନ । ଖମାରି ଘରର୍ କବାଟ୍ ନେଁ ହିଟ୍‌ବାର୍ ତାୟୁଲ୍ । ପଂଚେତ୍ ପିଅନ୍ ରଖୋ ଗଉର୍ ଗଡିର୍ ଅଗ୍‌ଲିଲା କିନଷ୍ ଫତର୍ ଧରି ବାଟ୍‌ମୁହେଁ ଠିଆ ହଇଛେ; ଥରେଅଧେ 'ହରିବଂଶର୍ ବା' 'ହରିବଂଶର୍ ବା' ବଲି ଡାକ୍‌ଲା ନ; ହେଲେଁ ଭିତ୍ରୁଁ ହୁଁ ଚୁଁ କହୁ ନାଇଁ ।

ଖମାରେନ୍ ହରିବଂଶକେ ଧରି ବଲଦ୍‌ଗାଡ଼ିନୁ ଉତ୍‌ରିଲେ । ରଘୋକେ କହେଲେ "ଦେଖତ ରଘୋ ! ଈ ପିଲାକେ, ଘଣ୍ଟେ ଭି ନୈ ରହ୍ବିଦେଲା ଯେ, ପିନ୍‌ଚୂଡ଼ୁ ପିନ୍‌ଚୂଡ଼ୁ ବଲି ଉଠ୍‌ନୁ ବସ୍‌ନୁ ରେଙ୍ଗ୍ ମଚାଇଛେ ଯେ, ରଖେଇ ଥୁଏଇ ନାଇଁ ଦେବାର୍ ।" ରଘୋ ତେଭ୍‌କେଁ ଠାସ୍‌ଟ୍ ପିଠ୍‌ଲା ତ ଖମାଣି ଆସି ଖୁଲ୍‌ଲେ । ହରିବଂଶ ଖମାଣିକର୍ ନକେ ଯାସ୍‌ତା କାଣା ? ପିନ୍‌ଚୂଡ଼ୁ ପିନ୍‌ଚୂଡ଼ୁ ବଲି ତାର୍ ବନ୍ଧାଠାନ୍‌କେ ଧାସୁଁଲା, ହାତେଁ ଧରିଛେ ପିପଲ୍ ଡାଲ୍‌ଟେ, ପିନ୍‌ଚୂଡ଼ୁ ଖାସ୍‌ବା ବଲି ବାଟୁଁ ଭଙ୍ଗେଇ ଆନିଥିଲା । ଦେଖିଲା ପିନ୍‌ଚୂଡ଼ୁ ନାଇଁନ; ଦୁଆଁଟା ଖାଲି ପଡ଼ିଛେ । 'ପିନ୍‌ଚୂଡ଼ୁ ଯେ ବା' ବଲି ଖମାଣିକର୍ ଆଡ଼୍‌କେ ଦେଖିଲା ବେଲ୍‌କେ ରଘୋ ନଉର୍ କହି ପକାଲା "ଗଣ୍ଡିଁ ଦୁଇଗୁଡ଼ିଆ ଲେଁଖା ନେଇଗଲା ବାବୁ ! ଗୁଡ଼, ଫେର୍ ପଟେ ଘିନ୍‌ମା ଯେ" । ହରିବଂଶ ଦୁଲ୍‌ଦାଲ୍ କରି ଠିଆ ଠିଆ ହଠି ପଡ଼ିଲା, ସୋର୍ ମୋଲ୍ ନାଇଁ । ଗାଁ ସାରା ସାଙ୍ଗେଁ ସାଙ୍ଗେଁ ହୁଲିଆ ହଇଗଲା । ଦୁଇଲୋକ୍ ଯାଇ ଡାକ୍ତର୍ ଡାକି ଆନ୍‌ଲେ । ଡାକ୍ତର୍ କହେଲେ—"ଦହେଁ ଜର୍, ମାର୍‌କି ତ ମାରୁଛେ । ଛୁଆଟା ମନେ କେତ୍‌ନ କେତେ ଆଘାତ୍ ପାଇଛେ, ଛୁଆଟାକେ ବୁର୍ଲା ନେବାର୍ ବେବସ୍ଥା କର ।"

ଖମାରେନ୍ ବସ୍‌ଲା ଠାନୁ ଉଠ୍‌ବାର୍ ନାଇଁ । ଖମାଣି ଭେଲ୍‌କା ବାଗିରୁ ଦେଖୁଛନ୍ ପତା ପର୍‌ବାର୍ ନାଇଁ । ସମ୍‌କୁଁ ଶୁଭୁଥିଲା କି ନ କେ ଜାନ୍‌ଏ ? ଖମାଣିକର୍ କାନ୍‌କେ ଶୁଭୁଥିଲା ମେଁ···ମେଁ·· ମେଁ···

●

# ମରଲେ କି ଜୀଇଁଲେ କେ ଜାନ୍‌ଏ ?

ସୋଜ୍ ମୁନୁଷ୍ ଯେନ୍ତା ଟିକେ ସୁଖ୍‌ସପଦ୍ ହେଲେଁ ଉପ୍‌ଲ ପଡ୍‌ସି, ସେନ୍ତା ଈ ଗାଁ ବଉଲ୍‌ପୁର୍ । ମଝ୍‌ମଝ୍‌କିଆ ଗାଁଟେ । ଗୁହା ପକ୍‌ଡ଼ ଦୁକାନ୍ ଦୁଇଟା, କଗନା ଆର୍ କପ୍‌ଡ଼ା ଦୁକାନ୍ ଗୁଟେ ଖଟ୍‌ଏ ହେଲା ଦିନୁ ବଉଲ୍‌ପୁର୍ ଭି ଉପ୍‌ଲ ପଡୁଛେ; ଉଚ୍‌କ ଉଠୁଛେ । ଈ ଗାଁନ ମଟର୍‌ମାନେ ଭି ଘଣ୍ଡ୍‌ଏ ଛନ୍‌ଏ ଠିଆଡ୍ ହେସନ୍ ତ ଲୋକ୍‌ଭିଡ଼୍ ବି ଜମା ପଡ୍‌ସି । ଷ୍ଟେଟ୍ ଜାଗାଥିଁ ଗୁଡ଼ାଦୁ ଭି ଲୋକ୍ ହେଲେଁ ଭିଡ଼୍ ବାଗିର୍ ଆସୁଁଗ୍‌କେ ଦିଶ୍‌ସି । ଇନ ବିଜ୍‌ଲି ଲଗିଛେ, ଫୋନ୍ ବି ଲଗ୍‌ଲାନି । ଈ ପଂଚେତର୍ ସର୍‌ପଂଚ୍, ଚେଆର୍‌ମେନ୍ ଏନ୍ତା କି ଏମେଲେ ହେଲେଁ ଭି ଈ ଗାଁର୍ ଲୋକ୍ ହେସନ୍ । ଗଅଁଲିର୍ ଲୋକ୍‌ଠାନେ ହେଲେଁ ଭୋଟର୍‌ମାନେ କେନ୍ତା ବାଛ୍‌ବେ । ବଉଲ୍‌ପୁରେଁ ହପ୍ତାକିଆ ହାଟ୍‌ଟେ ବି ବସୁଛେ ତ ଯେ ଯେନ୍ତା ଅୟ୍‌ଲେଁ ସର୍‌ପଂଚ୍, ଚେଆର୍‌ମେନ୍ ଏମେଲେ ସମ୍‌କୁଁ ଭେଟି ପାର୍‌ବେ । ଖଜାଖିଆ ଯାତ୍‌ରାଦେଖା ଦୁହି କବାର୍ ଏକା ସାଙ୍ଗେଁ ହେବା । ବଉଲ୍‌ପୁର୍‌କେ ଗାଁ ବସ୍‌ଲେଁ ବଉଲ୍‌ପୁରଏ ରିଶ୍‌ମି ହେଲେନ । ସେ ଦିନେ ଗାଁର୍ ମାହାଜନ୍ ଲଛୁରାମର୍ ଘରେଁ ପୂଜା ହଉଥିଲା । ଯେ ପୁରୋହିତ 'ଗ୍ରାମଦେବତାୟୈ ନମଃ' ବସ୍‌ଲା ବେଲ୍‌କେ ସଟେ କଲା ସର୍‌ପଂଚ୍ ସମାରୁ ଦାଶ କହି ପକାଲା 'ନଗର ଦେବତା' ବଲି ବାହ୍ମନ୍ ଗୁସେଇଁ । ଲଛୁ ବି କହେଲା "ଆମର୍ ଗାଁ ହେଲେଁ ସହର୍ ନେ ହେଲାନି କାହିଁ ?" ଲଛୁର୍ କଥା ଏଛନି କାହିଁ ତଲେଁ ନୈ ପଡ୍‌ବାର୍ ତ; ପଣ୍ଡିତ୍ ବାହ୍ମନ୍ ବି ଚୁନ୍ ପଡ୍‌ଲେ । ଲଛୁର୍ ଦୁକାନ୍‌ଟା ବର୍ଷେ ଅଧେ ହେଲା ନ ବନ୍‌ଏ ଆୟୁଁଖ୍ ଦିଶ୍‌ଟୁ ଚଲୁଛେ; ଲଛୁର୍ ପୁଁଜିପାଣ୍ଡି ଭି ଦିନ୍‌କେ ଦିନ୍ ଦୁସ୍‌ରା ଦୁସ୍‌ରା ହଉଛେ । ତାର୍ ବାପ୍ ଘାସୁ କମେଇଥିଲା; ଲଛୁକେ ବନ୍‌ଏ ସଂପତ୍ତିଟେ ଦେଇକରି ଯାଇଥିଲା ହେଲେଁ ବୁଢ଼ା ମଲା କି ଲଛୁ ଉଡ଼ପାଣ୍ଡିଆ ରାସ୍ତା ଧସ୍‌ଲା ଦିନାକେତେ । ସଂପତ୍ତି ଥିଲେଁ ବଏସ୍ ଥିଲେଁ ଲୋକ୍ ହେନ୍ତା ହେସନ୍ ତ । ପସ୍‌ସାଟା ତାହାକେ ଥାବେଁ ରହି ନାଇଁ ଦଉଥାଇଁ । ସାଙ୍ଗେଁ ଯୁଆନ୍ ବଏସ୍‌ଟା ଭି ତାହାକେ ଇଥିଁତାହିଁ କରି ପକଉଥିଲା । ଲଛୁ ସବୁ ଖରାପ୍ ବାଟ୍‌କେ ଆଦ୍‌ରି ବସ୍‌ଲା ଆର୍ ଆବ୍‌ରି ବସ୍‌ଲା ଯେତେ ଖରାପ୍ ସାଙ୍ଗ୍ ଥିଲେ ଈ ବଉଲ୍‌ପୁରେଁ । ବଛର୍ ଦୁଇଟାକେଁ ଲଛୁ ଲୋସ୍ । ଅଡ଼ିଆ ପାନର୍ ବି ଅଭାବ୍, ବେଲେ ଖାସ୍‌ଲେଁ

ବେଲେ ନାଇଁ । ଧନ୍ କମ୍‌ଲେଁ ମାନ୍ କମ୍‌ସି; ଇଜତ୍ କମ୍‌ସି । ଲଚ୍ଛୁ ଇଥିଁ ତାହିଁ ହଇ ଗାଯ୍‌ଲ୍ ଝଗର୍ କା'ଣା ମାର୍ ହ ଖାଯ୍‌ବାର୍ ସେ ପାଶ୍‌ର ହେଁ ଥିବା । ସେ ଦିନ୍ ସବୁ ଖରାପ୍ ସମିଯ୍ଁା ଥିଲା ଲଚ୍ଛୁର୍ । ହେଲେଁ ଲଚ୍ଛୁ ଫେର୍ ବେପାରି ବେଠା ଆଯ୍, ବନ୍‌ଜିଆ ରକତ୍ ଦିହ୍‌ସାରା ତାର୍ ଚହଲୁଛେ । ଖରାପ୍ ଦିନ୍ ଯେତେ ଜଲ୍‌ଦି ଆସିଥିଲା ସେତେ ତୁର୍‌ତ ହ ଚଲେଇଗଲା ଯେନ୍‌ଦିନୁ ଲଚ୍ଛୁ ରଜ୍‌ମାତଆକର୍ ସାଙ୍ଗ୍ ଧଏଲା ।

ବଉଲ୍‌ପୁରର୍ ଗଁତିଆ ପିଲା ଯେନ୍‌ଦିନୁ ଏମେଲେ ହେଲା ସେ ଦିନୁ ଲଚ୍ଛୁର୍ ଧୁଁତି ଦଗ୍‌ଲା କା'ଣା ମୁର୍‌ଲା ଖୋଲ୍ ହ ଖଦଡ଼୍ । ଲଚ୍ଛୁ ଏଛନ୍ ରାଜ୍‌ମାତ ହଉ କି ନଯ୍ କଟାପ୍ ହଉ ସବୁ ଦଲ୍‌ଥିଁ ଆଗ୍‌ପାତ । ପାଶେଁ ମଧ୍ୟପ୍ରଦେଶ୍; ସେ ନର୍ ଜିନଷ୍ ପତରର୍ ଦର୍‌ଦାମ୍ ଆର୍ ତାର୍ ଉପ୍‌ରେଁ ଲାଗୁଥିବା ଟିକସ୍ ପାଇଁ ଆମର୍ ବଯ୍‌ଜର୍ ନୁ ଫର୍କା ଭିନ୍‌ଏ । କେନ୍‌ଟା କେତ୍‌ନି କେତେ ଶସ୍ତା ତ କେନ୍‌ଟା ବିଲ୍‌କୁଲ୍ ମହଙ୍ଗା । ମଝିଁ ସୁଉରେଁ ଚେକ୍‌ଗେଟ୍; ଛଡ଼େହେଁକି ପାର୍‌ଲେଁ ଲହିଁକି ପାର୍‌ଲେଁ ମହାଲକ୍ଷ୍ମୀର୍ ଭଁଡ଼ାର୍ ଘର୍‌ଟା ଉଗୋ ଉଗୋ ଦିଶୁଛେ । ଲଚ୍ଛୁ ବେପାରି ପିଲା ଆଯ୍, ଏଖେଁ ଝେଁଗାକେଁ ସେନ୍‌କେ କେନ୍ତା ପୁହୁଁଚ ହେବା ଜାନ୍‌ସି । ଏମେଲେ ଲେଖେଁ ପାଉଁଚ୍ ପାଯ୍‌ଲେଁ ମନ୍ତ୍ରୀମଣ୍ଡଲ୍ ବାଗିର୍ ଡ଼ବା ଉପର୍‌କେ ଚଢ଼୍‌ବାକେ ବେଲ ନାଇଁ ଲାଗ୍‌ଏ । ଲଚ୍ଛୁ ସେ ଡ଼ବା ଉପ୍‌ରୁଁ ଚେକ୍‌ଗେଟ୍ ଗୁର୍ କା'ଣା ଆଉର୍ କେନକେ ଭି ନେଗି ନେତା । ବଛ୍‌ରେ ନୁହେ ପୂରେ ଲଚ୍ଛୁ ଏଛନ୍ କବେଡ଼୍‌ପତି । ମଝି ଘାଯ୍ ଘର୍ ବନାଲା ତିନ୍‌ମହଲା । ସେନୁ ଯାଜି କରେଇନେଲା ଯେ ଅହ୍ କୁଉ୍‌ଲା ବେଲ୍‌କେ ପୂବର୍ ଉପ୍‌ଲା ମାଲ୍ ବନ୍‌ଏ କରି ଥୁରେ ପାଯ୍‌ଲା । ସେ ଯାଜଟା ଥିଲା ଖାଲି ଲୁକ୍‌କର୍ ମନ୍‌କେ ଭୁର୍‌ଲାବାର୍ ଲାଗି; କାଲେଁ କିଏ ଭାବିନେବା ଯେ ଲଚ୍ଛୁ ଦୁଇନମ୍ବ୍ରି ଧନ୍ଦାଥିଁ ଧନ୍ କମେଇଛେ । ଲଚ୍ଛୁ ଫଁଟ୍‌ଫଁଟି ଘେନ୍‌ଲା, ଜିପ୍ ବି ଘେନ୍‌ଲା । ତାର୍ କବାର୍ ଗୁଡ଼୍ ଅଫିସର୍ ପାଇ ଭି ଯେ ଯେତେବେଳେଁ ମାଗ୍‌ଲେଁ ନାଇଁ ପଦ୍ ନାଇଁ । ତେଭେଁ ତ ଥାନାବାବୁ ନୁ ମୂଲ୍ କରି ଦିହୁ ତସିଲଦାର୍ ତକ୍ ସଭେ ଲଚ୍ଛୁ ବାବୁ ଲଚ୍ଛୁ ବାବୁ ହଉଥିସନ୍; ଆର୍ ସେଥିର୍ ଲାଗି ଲଚ୍ଛୁକେ ବଉଲ୍-ପୁରେଁ ଗୁର୍‌ହି ଖୁନ୍ ମାଫ୍ । ଏଭେଁ ଏଭେଁ ସପ୍ଲେ ମନ୍ତ୍ରୀ ଆଇଥିଲେ ଯେ ରାଯ୍‌ପୁର୍ ଯିବାର୍ ମନ୍‌ଟେ କଲେ, ହେଲେଁ ସର୍କାରି ଗାଡ଼ି ନେସନ୍ କେନ୍ତାକରି ? ଗାଡ଼ିଟାକର୍ ଲାଗି ଲଚ୍ଛୁକେ କହା ହେଲା ତ ଲଚ୍ଛୁ ଜିପ୍

ଦେଲା, ହେଲେଁ ତାହାକେ ଡରେ କେନ୍ତା କେନ୍ତା ଲଗିଗଲା । ସାଙ୍ଗେଁ ସାଙ୍ଗେଁ କେତ୍ଲେ କାର୍‌ଟେ ଘିନ ଆନ୍‌ଲା । ଯେନ୍ ମନ୍ତ୍ରୀ ଆସ୍‌ବେ ଆସୁନ୍ ଯେନ୍‌କେ ଯିବେ ଯାଉନ୍ ଆଉର୍ କା'ଣା କହେବାର୍ ଅଛେ ? ଲଛୁର୍ ବେପାର୍ ବୟ୍‌ଲେଁ ବଉଲ୍‌ପୁର୍ ଆର୍ ତାର୍ ଆଖିପାଖି ସବୁ ଗାଁର୍ ଘିନା-ବିକା ହିଁ ଆୟ୍ । ଲଛୁ ଗରବ୍ ଦୁଖୀକେ ଭି ସାହେଯ୍ କରୁଛେ ବଲି ଏମେଲେ କହୁଥିଲେ । ଭୁଦୋ ଦଶ୍‌ବ ମାସେଁ ଇ ଶୁଖା ଅଂଚଲ୍‌ଥିଁ କାହାରର୍ ନ କଛି ନାଇଁ ଥାୟ୍ ତ, ସବୁ ଚଷାଭୂଷା ମହାଜନ୍ ଲୁର୍‌ସନ୍ । କା'ର୍‌ନ କା'ଣା ଥିବା ଯେ କଏ ଦେବା ? ନିଜର୍ କଥା ନିଜ୍‌କେ ଧର୍-ସଁଭାଲ୍ । ହେଲେଁ ଲଛୁ ନିକେ ଆୟ୍‌ଲେଁ ଫିର ନାଇଁ ଯା'ନ୍ କହେ । ଧାନ୍ ବସ୍ତେ ହିନ୍ ମୁଣ୍ଡ୍ ପାୟ୍‌ଲେଁ ଦେବ ବୟ୍‌ଲେଁ ରସ୍ତେ କଲ ପଚ୍ଚିଶ୍ ଟଙ୍କା ହାତେଁ ହାତ୍ ଗନିନେବା । ସୁନା, ରୁପା, ଟଙ୍କୁ, ଗରିଆ ଏନ୍ତା କି ଗାଡ଼ି ଚକା ବି ଥୁଇନେବ ବୟ୍‌ଲେଁ ଅନ୍ମାନିଆଁ ଦାମର୍ ଅଧାଟେ ଉଧାର୍ ଦେବା । କନ୍ତର୍ ଏକା ଟଙ୍କାକେଁ ମାସ୍‌କ ଦଶ ପୟ୍‌ସା । ବଛର୍‌କର୍ ପରେଁ କନ୍ତର୍ ଫେର୍ ମୂଲ୍ ହେବା । "ହେଟାତ ବେଁକ୍‌ମାନ୍‌କେଁ ଭି ହଉଛେ, ଲଛୁକେ ହେଲେଁ ଦୋଷ୍ ଦେଇହେବା କାୟ୍ଁ" ବଲି ଚେଆର୍‌ମେନ୍ ସେ ହିନେ ଲୁକ୍‌କୁଁ ବୁଝେଇଥିଲେ । ଉଧାର୍ ବାୟ୍‌ର୍ ପୟ୍‌ସା ପତର୍ ଧନ୍ଦା ଥିଁ ଏମେଲେ କି ତାକର୍ ଆଖର୍ ପାଖର୍ ଲୁକ୍‌କୁଁ ଭି ଲଛୁ ସାହେଯ୍ କର୍‌ସି; ତେଭେଁ ତ ଏମେଲେ ବାବୁର୍ ମାହାର୍ସାଦ୍ ମଲିଆ ସରଫ୍‌କେ ଭି ସେହିନେ ଟପୋ ଟପୋ ଦଶ୍ ହଜାର୍ ଗନିନେଲା । କଥା କା'ଣା କି ମଲିଆ ସରଫର୍ ସୁନା ରୁପା କାମ୍ ନାଇଁ ଚଲ୍‌ଲା । କା'ର୍ ଠାନେ ହେଲେଁ ସୁନା ରୁପା ଅଛେ ଯେ ଚଲ୍‌ତା ? ଏମେଲେ ସାଙ୍ଗେଁ ଯାଇ ଆସି ଖର୍ଚା ବର୍ଚାର୍ ଗୁଟେ ରଫତ୍ ହଇଯାଇଛେ ତ, କାଁ କର୍‌ବେ ସରଫ୍ ? ଏମେଲେ କୁଁ କହି ବେଁକ୍ ବାଲ୍‌କୁଁ ଧରାଧରି କରି ଜିପ୍ ଗାଡ଼ିଟେ ଆନି ଭଡ଼ା ଲଗାବାର୍ ମନ୍‌ଟେ କଲେ । ବେଁକ୍‌କେ ପହେଲୁଁ ପଚିଶ୍ ହଜାର୍ ଜମା ଦେବାକେ ହେବା । ଏମେଲେ କାଁ କର୍‌ବେ, ତାକର୍ ନ ଥିଲେଁ ଭି ଦେବେ କାୟ୍ଁ ? ଏମେଲେ କହିନେଲେଁ ବେଁକ୍‌ନ ସୁନା ଥୁଇକରି ପୟ୍‌ସା ଆନ୍‌ବେ । ସୁନା ପନ୍ଦ୍ରଭରି ସରଫ୍ ଯୁଟାଲେ । ବେଁକ୍‌ବାଲେ ସୁନାକେ ଠିକେ ଅପର୍‌ତେ କଲେ ତ ଏମେଲେ କହେଲେ "ମାସେଁ ଅଧିକେଁ ନେଇଯିବେ ଯେ ମୂଲ୍ କନ୍ତର୍ ଗନି କରି ।"

ମାସେ ଗଲା, ଦୁଇମାସ୍ ଗଲା, ସରାଫ୍‌ର ଦେଖା ନାଇଁ ତ ବେଁକ୍ ମେନେଜର୍ ଏମେଲେକୁଁ କହେଲେ "ଆଜ୍ଞା ! ସେ'ଟା ସୁନା ନୁହେ ଯେ; ସବୁ ସବୁ ନକ୍‌ଲ ଆୟ୍ସି । କଥା ବାହାର୍‌ଲେଁ ସରାଫ୍ ତ ଜହଲ୍ ଯିବେ ଆପଣ୍‌କର୍ ନାଆଁ ଥିଁ ବି ଆଁଚ୍ ଆସ୍‌ବା ।"

ଏମେଲେ ଶୁନ୍‌ଲେ କି ଆର୍ କାଏଁ ଆବେଁ ରହେସନ୍ ? ବିନେଁ ଭୋକ୍ ନାଇଁ କି ରାତିଁ ନିଦ୍ ନାଇଁ । ସାଙ୍ଗେଁ ସାଙ୍ଗେଁ ମାହାସାଦ୍‌ନ ହାଜର୍ । ମଲଆ ସରାଫ୍ ଆର୍ କା'ଣା କହେବେ ? କଥାଟା ସତ୍ ଆୟ୍ସି, ସୁନା ନକ୍‌ଲ ଆୟ୍ସି । ଦାମ୍ ତ ଦଶ୍ କୁଡ଼େ ଟଙ୍କା ଭିତ୍‌ରେଁ ହେବା; କା'ଣା କରହେସି ? ସରାଫ୍ କଷ୍ଟେଁମଷ୍ଟେଁ ପନ୍ଦ୍ରହଜାର୍ ଟଁକା ଯୁଟାଲେ; ବାକି ଦଶ୍‌ହଜାର୍ କଥା କା'ଣ କର୍‌ବେ ? ବିଧା ପଡ଼୍‌ଲା ଲଛୁ ଉପ୍‌ରେଁ । ଏମେଲେର୍ ଥୁକ୍‌କେ ଭି ତ ଲଛୁ ହାତ୍ ପାତ୍‌ସି, ଏଛ୍‌ନ ସେ ହିଁ ଆଶ୍ରା ।

ଲଛୁ ନାଇଁ କରି ପାର୍‌ତା କାଏଁ ? ଏମେଲେ କହେଲେ ଯେତେ-ବେଳେଁ । ଲଛୁ ନକ୍‌ଲ ସୁନା ରଖି ବାକି ଟଁକା ଦେଇ ସରାଫ୍‌କେ ରକ୍ଷା କର୍‌ଲା । ଏମେଲେ କି ସରାଫ୍ ସିନା ବେଢ଼ା ଆଁନ୍ ଯେ ନକ୍‌ଲ ସୁନାକେ ସଁଭାଲି ନାଇଁ ପାର୍‌ଲେ, ହେଲେଁ ଲଛୁ ଭାବ୍‌ଲା ଦଶ୍‌ହଜାର୍ ଟଁକା ନେ ସେ ପନ୍ଦ୍ରଭରି ଅଶ୍‌ଲ ସୁନା ପାୟ୍‌ଲା । ଟଁକା ଗନ୍‌ବାର୍ ଆଗୁଁ ଏକା ଗୁଟେ ସରତ୍ କରେଇ ନେଇଥିଲା ଯେ ସେ ସୁନାକେ ଲଛୁ ଯେତେବେଳେଁ ଯେନ୍ ଡିଜ୍‌ନର୍ ମାଲି, ମୁଦି, ଝଲ୍‌କା, ବେଁଟ୍‌ଲା କି କରନ୍‌ଫୁଲ୍ ବଲ୍‌ବା ସରାଫ୍ ସେଟା କରିନେବେ ।

ଏମେଲେ ଉଶାସ୍ ହେଲେ । ଲଛୁ ତାହାକୁଁ ବଡ଼େଟେ ବଦ୍‌ନାମି ନୁ ବଅଁଚେଇ ନେଲା । ଏଛ୍‌ନ ଲଛୁ ଆଗର୍ ଠାନୁ ବି ବଡ଼େଟେ ଲୋକ୍ ହଇଗଲା ଏମେଲେକର୍ ଆଖିଁ । ପୁଲିସ୍ ସାହେବ୍, ଜିଲା ସାହେବ୍ ଯେ ଆୟ୍‌ଲେଁ ଲଛୁକେ ଚିହ୍ନାର୍ କରେଇ କହେଲେ "ଲଛୁ ଜନ୍‌ଏ ବଢ଼ିଆ ଲୋକ୍ ଆୟ୍ସି ।" ଇନୁ ଇ ଆଡ୍‌କେ ଲଛୁ ସୁନାର୍ ଦାମ୍‌କେ ଦାମ୍ ମେଟାଲ୍ ବି ଟଁକା ଦେଇ ଗହ୍‌ନା ରଖ୍‌ଲନ ।

ପରାଗ ସା, ଘର୍ ଫିଁର୍ ପଦର୍ । ଈ ଗାଁଟା ବଉଲ୍‌ପୁର୍‌ନୁ ଡାହେ ବାଠ୍ ବସୁ୍‌ଲେଁ ଚଲ୍‌ବା । ଫିଁର୍ ପଦର୍‌କେ ଭି ବଉଲ୍‌ପୁରର୍ ସବୁ ଧାସ୍ ପଡୁଛେ । ଫିଁର୍ ପଦର୍ ବି ଭାବୁଛେ ସେ କମ୍ ନୁହେ ।

ପରାଗ ସା କଟ୍ଟିଟା ପାଠ୍ ପଢ଼ିଥିଲା । ସଭା ସମିତିକେ ଭି ସୋର୍ ପାୟୁ୍‌ଲେଁ ଯାୟୁ୍‌ସି । ତେଲ ପିଲା ଆୟୁ, ଘନାଟେ ଥିଲା, ମାଲ ମୁଦ କରି ଦୁଇ ଗୁୟୁ୍‌ର୍ ଭରି ସୁନା ବି ଥିଲା । ବଉଲ୍‌ପୁରେଁ ତ କଲ୍ ଘନା ତିନ୍-ତିନ୍‌ଟା ହେଲା ନ, ତେଲ ଘନା ମାନ୍‌କର୍ ନଶାସ୍ ବନ୍ଦ୍ । ପରାଗ ସା ବି ଘନାର୍ ଆଗ୍ରା ଗୁଡ଼ ଜମିବାଡ଼ ଦୁଇ ଟେପ୍‌ର ଯେନ୍‌ଟା ଥିଲା କମାକୁଠା କରୁଛେ । ହେଲେଁ କାଁ କର୍‌ବା ? ଲଗ୍ ଲଗ୍ ମର୍‌ଡ଼ି । ଘନା, ଘନାର ବଲଦ୍ ସବୁ ଯାଇ ଖାଲି ରହିଛେ ସୁନାମାଲି ଦୁଇଟା ।

ତାର୍ ମାଁ ବହୁ୍ ଭୂକାଲା ବେଲ୍‌କେ ଯେନ୍ ପତ୍ତରିମାଲିଟା ହାତେଁ ଖାଇଥିଲା, ପରଚର୍ କଣିଆଁ ଘାୟୁ୍ ବି ବେଁକୁଁ ନାଇଁ ଉତ୍ତରାୟୁ୍ । ପରାଗ ସେ ମାଲିଟା ଲଚ୍ଛୁର୍ ନ ଥୁଇ ଟଁକା ହଜାରେ ନେଇଥିଲା । ଧାନ୍ ମଡ଼ାଲା କ ଖଲାର୍ ମୁହେଁ ଧାନ୍ ବିକା ଲଚ୍ଛୁର୍ ନ ହାଜର୍ । ଲଚ୍ଛୁ ଗଣିନେଲା ମୂଲ୍ କନ୍ତର୍ ହିସାବ୍ କରି । ମାଲିଟା ବାହାର୍ କରି ପରାଗକେ ଦେଲା । ପରାଗ ମାଲିକେ ଉଲ୍‌ଟେଇ ପୁଲ୍‌ଟେଇ ଦେଖ୍‌ଲା, ତାହାକେ ଅପର୍‌ତେ ଲଗ୍‌ଲା । କହେଲା "ମହାଜନ୍ ଈଟା ମୋର୍ ମାଲି ନୁହୁ ଆୟୁ୍ ।"

ଲଚ୍ଛୁ କହେଲା "ବନ୍‌ଏ କରି ଚହୁ୍, ହେଟା ତୋର୍ ମାଲି ଆୟୁ୍, ତୋର୍ ନାଁ ଗାଁ ତାରିଖ୍ ପକେଇ ଲେଖି ରଖିଥିଲିଁ ।"

ପରାଗ ବସୁ୍‌ଲା "କଭି ନୁହେ" । ଘୁଚା ଉଗୁର୍ ହଜନ୍ ହଜନ୍ କଥା ବଢ଼୍‌ଲା । ପରାଗ ବି ଛାଡ଼୍‌ବାର୍ ଗୁସିଆଁ ନୁହେ କହେଲା "ଇଟା ତ ସୁନା ମେତାଲ୍ ଧଶ୍‌ବାର୍ ନାଇଁ, ମୋର୍‌ଟା ତ ହଲ୍‌ଦି ଗଏଁଠ୍ ବାଗିର୍ କୁନ୍‌ହାଁ ସୁନା ଆୟୁ୍ ।"

ଲଚ୍ଛୁ ତାର୍ ଶେଷ୍ କଥା କହେଲା "ଇଟା ତୋର୍ ସୁନା ଆୟୁ୍, ନେବୁ ତ ନେ ନେହେଲେଁ ଯା' ଯା'ଣା କର୍‌ବାର୍ ଅଛେ କରିପକା । ଜହ ଜାନ୍‌ବାର ନେ ଦେଖା ।"

"ହଉ, କା'ଟା କରି ପାର୍‌ମି ମୁଇଁ ? ଈ ଦେଶେଁ ଈ ଯୁଗେଁ ଗରିବ୍‌ କେ'ନ କା'ଣା କରି ପାର୍‌ସି ? ଥାନା ତକ୍‌ ଯାଇ ଦେଖ୍‌ସି" କହି କରି ପରାଗ ବାହାର ବସୁଛେ ଦୁକାନ୍‌ ଭିତରୁଁ କି ଲଛୁର୍ ରଶ୍ମି ଶିରାଗରତ୍ ହଇଁ ପର୍‌ଲା ।

"କା'ଣା କହେସୁ ବେ ଡେଙ୍ଗ ! ଥାନାକେ ଯିବୁ ? ଯାଃ" କହେବାର୍ ନୁହେ ସରେ, ଲୁହାକେଣ୍ଡ ଯେନ୍‌ ହାତେଁ ଥିଲା ଫିକିନେଲା ପରାଗ ଉପର୍‌କେ । ପରାଗର୍ ନାକ୍‌ସୁରିଆ ପାୟ୍‌ଲା କେଣ୍ଡ ଲୁହା । ଲୁହା ତଳେଁ ନୁହେ ପଡ଼େ ପରାଗ ଜୁର୍‌ରେଇ ହଇ ପର୍‌ଲା; ଦୁକାନର୍ ପୟ୍‌ସା ବାକସ୍‌ ଉପ୍‌ରେଁ ପରାଗର୍ ମୁଣ୍ଡ୍‌ଟା କଚ୍‌ରେଇ ହେଲା; ପରାଗର୍ ମୁଣ୍ଡର୍ ରକତ୍‌ ଥପ୍‌ଥପ୍‌ ପୟ୍‌ସା ଛିଙ୍ଗ୍‌ଲା କନ୍ହାଁ ଥିଁ ବାକ୍‌ସେଁ ପଡୁଥାୟ୍‌ । ସାଙ୍ଗେଁ ସାଙ୍ଗେଁ ଲଛୁ ଫୋନ୍‌ଥିଁ ଥାନା ବାବୁକେ କହେଲା ଯେ "ପରାଗ ସା ତାର୍ ଦୁକାନୁ କାଁ କା'ଣା ଚୁରେଇ ନଉଥିଲା, ପକ୍‌ଡ଼ା ପଡ଼୍‌ଲା କି ଦଉଡ଼୍‌ନୁ ଯିମି ବୟ୍‌ଲା ବେଲ୍‌କେ ଦୁଆର୍‌ବନ୍ଧ୍‌ ବାଜିକରି ପଡ଼ିଛେ । ଆପଣ୍‌ ତୁର୍‌ନ୍ତ ଆସୁନ୍‌; ମରିଛେ କି ଜୀଇଁଛେ କେ ଜାନ୍‌ଏ ?"

# ନୁନୀ

ବୁଢ଼ ଆୟ୍‌ଲା ବେଲ୍‌ର୍ ଲାଲିଆ ଖରା, ଭିଁଡ଼ାର୍ କନର୍ କଲିଆ ମେଘ୍ ସାଙ୍ଗେଁ ଲେଟ୍‌ରେଇ ଘେଁସ୍‌ରେଇ ହଉଛେ । ନୁମାର୍ ପିନ୍ଧ୍‌ଲା କପ୍‌ଟାର୍ ଲାଲିଆ ପନତ୍ ଉଡୁଛେ ସେମାନ୍‌କର୍ ସାଙ୍ଗେଁ ମକ୍‌ର ବସ୍‌ବା ବାଗିର୍ । ଇଠାକେ କଥାବାର୍ତ୍ତା ହେଲା ମେତାଲ୍ ଚିଁଗ୍ହୁଁ କରି ଉଡ଼ି ଯାଉଛନ୍ ଚରେ-ମାନେ, ନଜର୍ ଆଶ୍ରା ଠାନ୍ ବା'ର ବା'ର । ବରଷ୍‌ନେ ବରଷ୍‌ନେ ହଉଛେ ମୁଢ଼ି ଅଷ୍ଢ଼ିଆ ମେଘ୍ ; ଉଦୁର୍ମାତ୍ ଦଉଡୁଛେ । ସେନ୍ତା ଦଉଡ୍‌ଲା ଲେଖେଁ ଗ୍ହଲୁଛେ ନୁମା ଘର୍‌ମୁହାଁ । ଖେତ୍‌କେ ଯାଇଥିଲା ତାର୍ ବାବୁର୍ ଲାଗି ଗ୍ହା ଟିକେ ନେଇ, ତତାପନା ହେଇ ଫେରୁଛେ ଡର୍‌ଡରାନ ମେଘ୍ ଦେଖି । ନୁମା, ଜାତ ସାହୁର୍ ଛେଦ୍‌ଲା ଝିଅ । "ଇଟା ପୁଅ ହେବା ବଲିଁ ଆଶା ଥିଲା । ନୈ ହେଲେଁ ବି କେନ ଫକାଉଡ଼ାଟା ଅୟ୍‌ଯେ" ବଲିସି ତାର୍ ମାଁ ଭାମା । ଯେ ହେଲେଁ ବି କହେସନ୍ କେତେଢ଼େ ସୁନ୍ଦର୍ ଟୁକେଲ୍‌ଟେ । ଉଜଲ୍ ଡାଉଲ୍ ଗୋଲ୍ ମୁହଁ, ଶଁଖ୍-ଧୋବ୍ ବରନ୍ ; ମୁଡ଼େଁ ବୁଝେ ବାଲ୍, ସେଠା ଫେର୍ କୁଚ୍‌କୁଚ୍ । ସାୟ୍‌ଜ୍‌କେ ସୁନ୍ଦର୍ ହେଲା ଧନୁ ତ ଯେ ଦେଖ୍‌ବା ଆଁୟ୍‌ଖ୍ ଅଟ୍‌କି ଯାଉଛେ । ଯୁଆନ୍ ବଏସ୍‌ଟା ବସ୍‌ବା ବଲି ନୁମାର୍ ଦେହ୍-ଆସନ୍‌ଟା କେତେଢ଼ ନୁକୋ କରି ସଜେଇଛେ । ନୁମାର୍ ପିନ୍ଧଲା କପ୍‌ଟାର୍ ପନତ୍ କାନି ସେତାକେ ଡ଼ାପ୍‌ବାର୍‌ଥିଁ ବାୟ୍ । ଫୁଟ୍‌ଲା ଫୁଟ୍‌ଲା ଗାଲ୍ ଦୁହିଥିଁ ଫଗୁଆ ରଙ୍ଗ୍ ଲେସି ହଉଛେ ଟୁୟ୍‌ଟୁୟ୍ । ନୁମାର୍ ଗ୍ହଲନ୍ ଆଉର୍ ଟିକେ ହର୍‌ବର୍ ହଇ ଗ୍ହଲା ଆୟ୍‌ଲା ମେଘ୍ । ବର୍‌ଷିଲା ଯେ ବର୍‌ଷୁଛେ । ନୁମା ବାଟର୍ ଝାପ୍‌ରୁ ଆମ୍‌ଗଛ୍ ତଲ୍‌କେ ଆସି ବର୍‌ଷାନ୍ ବଅଁଚବାର୍ ଚେରେଷ୍ଟା କରୁଥାୟ୍ । ପୁହୁଁଚଲା ରମେଶ୍ ଟାନ୍‌ଲା ଛତାଟେ ହାତେଁ ଧରି ସେ ଆମ୍‌ଗଛ୍ ତଲ୍‌କେ । ନୁମା ଚମ୍‌କା ପଡ଼ଲା କେ ଆସିଗଲା ବଲି । ରମେଶ୍‌କେ ଚହ୍ନି ପାରି ଦମ୍ ଧୟ୍‌ଲା, ହାୟ୍ କଲା । ବନାଶବ୍‌ଦେଁ ଆଁୟ୍‌ଖ୍ ଗ୍ହହିଁଟା କେତେ କେତେ କଥାବାର୍ତ୍ତା ହଇଗଲେ ଅଏନ୍ ଘଡ଼େ । ତେଭ୍‌କେଁ ରମେଶ୍ ମୁହଁ ଫିଟାଲା, ନୁମାକେ ଟାନ୍‌ଲା ଛତା ଉଡ଼େଇ କରି ।

"ଭିଜସିବୁ ବଲି ଡଗୁପଛ୍ ଆଉଛେଁ, ତଥାପି ଭିଜଲୁ ତ ।"

ନୁମା ତାର୍ ଦର୍‌ଭିଜା ପନତ୍‌କେ ନୁକୋ କରି ସଁଖ୍‌ଲା କହେଲା "ମୋର୍ ଲାଗି ଏତେ ଚିଁସେ ? ଭିଜ୍‌ଲେଁ ହେଲେଁ କାୟ୍‌ଁ ଲେକ୍ ଘଉକେଁ ଗଲା ହଇ ଯାୟ୍‌ସନ୍ ?"

"ତୋର୍ ଲାଗି କେତେ ଶଁଘେ ଯେ ହେଁଠା କେନ୍ ତାମ୍ଫି କ କୋକି-ଥି ନାପି ଯୁଖି କହିହେବା । ହନୁମାନ୍ ବାଗିର୍ ଶକ୍ତି ଥିଲେଁ ଗ୍ରୁଡିଚରି ଦେଖେଇ ହେତା ଛୟ୍‌ଲ୍ । ତୋର୍ ମେଡାଲ୍ ପଛ୍ଛା ନିଶଁସେ ହଇ ନାଇଁ ହୟ୍ ।" କହେଲା ରମେଶ୍ ।

ଘଡ଼େ ଗୁମ୍ ମାରି, କହେସିଁ କି ନି କହେସିଁ କି ନି ହଇ କହେଲା ନୂମା—"ତୋର୍ ଶଁସେ ମୋର୍ ଶଁସେ ଭିତ୍‌ରେଁ ପରଭେଦ୍ ଅଛେ" ।

ରମେଶ୍ ପଚରେଇ ପକାଲା "କେନ୍ତା ?"

ନୂମା କହେଲା "ଯଦପି ତୋର୍ ଲାଗି ଦର୍କାର୍ ପଡ଼୍‌ବା, ଯେନ୍-ଘଡ଼ି ବଲ୍‌ବୁ ସେ ଘଡ଼ି ମୁଇଁ ଈ ଜୀବନ୍‌କେ ମୂର୍‌ଛୁ ନେମି । ସତ୍ ନାଇଁ ଲାଗ୍‌ବାର୍ ହୟ୍‌ଲେଁ କେଭେଁ ଛଡ଼ି ଦେଖ୍‌ବୁ ।"

ରମେଶ୍ ଟିକେ ହଁସିକରି କହେଲା "ମହାପ୍ରଭୁ ହିଉବାର୍‌କେ ନାଇଁ-କରୁ, ଆର୍ ତୁଇଁ ଜୀବନ୍ ନାଇଁ ଦେ; ତୁଇଁ ଜୀଇଁଥିଲେଁ ମତେ ବନହାଁ କାମ୍ ଦେବା ।" ରମେଶର୍ କଥା ବନ୍ଦ୍ ହେଲା ।

ଘଡ଼େ ତୁନି ପଡ଼ି ଠିଆ ହେବାର୍ ଦେଖି ନୂମା ପଚ୍‌ରାଲା "କା'ଟା ଭାବୁଛୁ ?"

ରମେଶ୍ ଛତାଗୁଡ଼ର୍ ପଡ଼ୁଥିବାର୍ ପାଣ୍ଡୁନ୍‌କେ କାହାନି ଉପରୁ ପୁଛି ପକାଇ କହେଲା "ଭାବୁଛେଁ ଆମର୍ ଛୁଆଦିନର୍ କଥା । ସେ ଦିନ୍‌କେ ଆଉର୍ ଫିରି ନାଇଁ ହୟ୍‌ନ ନାଇଁ ? ସେ ଦିନ୍ ମାନେ କେତେ ଭଲ୍ କେତେ ସୁଖର୍ ଦିନ୍ ଥିଲା । ସେ ଦିନ୍ ମାନ୍‌କେଁ ଆମେଁ କେଡ଼େ ପାଖେଁ ଥିଲୁଁ । ଆଜିର୍ ଆମେ ପାଖେଁ ଥାଇ ବି କେତେ ଦୂରିଆ ଥିବାର୍ ଜନା ପଡ଼ୁଛୁଁ । ସେତେବେଲେଁ କେତେ ଖେଲ୍, କେତେ ଲଢ଼୍ କେତେ ଗେଲ୍ । ତୁଇଁ ଆସି-କରି ମୋର୍ ଦିହେଁ ଜୁର୍‌ରେଇ ହଉଥିଲୁ; ମୁଇଁ ତତେ କୁତ୍‌କୁତେଇ କୁତ୍‌କୁତେଇ କେତେ ହଁସେଉଥିଲିଁ ଅଥା ହେବାର୍ ତକ୍ । ସେ ଦିନର୍ ସେ ବର୍‌କନିଆଁ ଖେଲ୍, ଲୁକ୍‌ଲୁକାନି ଖେଲର୍ ଅଁଧିଶିଆ ଠାଣ୍ଡ୍ ଠ୍‌କନ୍-ମାନ୍‌କେଁ ଧରି ଛପ୍‌କା କେତେ ଭଲ୍ ଲାଗୁଥିଲା । କାହାରିର୍ ଅଏବ୍ ନାଇଁ, କାହାରିର୍ ଅବ୍‌ଦବାର୍ ନାଇଁ । କାହାକେ ଡର୍ ନାଇଁ । ଆଜିର୍ ଏତେ ଶତୁନ୍ ଜାଗାଥିଁ ଗୁଟେ ଛତା ତଲେଁ ଦୁହେ ଥାଇକରି ବି କାହାରିର୍

ଢହେଁ କାହେ ଠଟେଇ ହେବାକେ କେତେ ଡର୍, କେତେ ଅଏବ୍ । ତମର୍ ବାରର୍ ବୁରେଟଛ୍ ଆମର୍ ବାପୁ୍ର୍କେ ଡାକ୍ବ ନେଇଥାପୁ୍ । ମୁଇଁ ବୁରେ ଝାର୍ଲେଁ ତୁଇଁ ବେଟୁଥା'ଉ । ଦର୍ଗେଧ୍ର ବୁରେ ଗୁଖିକର ସୁଆଦ୍ ଲଗୁଛେ ବଲି ମୋର୍ ଆଡ୍‌କେ ଦେଇନଉ, ଆର୍ ମୁଇଁ ଝପ୍ ଝପ୍ ମୁହେଁ ପକେଇ ନଉଥାପୁଁ । ତୋର୍ ଅପୁଁ୍ଠା ବୁରେ ଭ ମତେ କେତେ ସୁଆଦ୍ ଲଗେ । ଦୁହିକର୍ ଭିତ୍ରେଁ ସୁର୍ଷୋ ଏତ୍କି ଫାଁକ୍ ନାଇଁ, ଉଁଟେ ବି ତଫାତ୍ ନାଇଁ, ଫରକ୍ ନାଇଁ ସତେଁ ଦୁହେ ଗୁଟେ ଆଉ । ଆର୍ ଆପୁ୍ଜ୍ ? ତୋର୍ ଏତେକ୍ ସୁନ୍ଦର୍ ଚେହେରା, ଅସମାନ୍ ଦେହର୍ ଲୋଭ୍ ମନ୍‌କେ ଟାଣିଲେଇ ନେଲେଁ ଭି ମୁଇଁ ଅକର୍ତବ୍, ମୋର୍ ଦେହ୍‌କେ କାଠ୍ କରି ନଉଛେଁ; ତାହାର୍ ମନ୍‌କେ ଟାନ୍ କରି ନଉଛେଁ ପଥର୍ ଲେଖେଁ ।"

ହସି ପକାଲା ନୂମା "ଛି ଢହେଁ କା'ଣା ଥିସି ? ଇଟା ତ ଦୁଇଦିନିଆଁ ଥାପୁ୍ । ଜୀବନ୍ ଥିବାର୍ ତକ୍ ବି ନୁହେ, ବଏସ୍ ଥିବାର୍ ତକ୍ ଇତାର୍ ମାପୁ୍ନ । ସେଟା ଗଲେଁ କାଏ ପଗୁରେ ? କୁଆ, କୁକୁର୍, ମାପୁ୍ଠ୍, ଜୁଏର୍ ଭୋଗ୍ ।"

ନୁମାର୍ କଥା ନାଇଁ ସର୍ନୁ ରମେଶ୍ ଖେଦ୍‌ଖିଦେଇ କରି ହସି ପକେଇ କହେଲା "ଏସୁରର୍ ତମର୍ ପଟର୍ ଭାଗ୍‌ବତ୍ ବସ୍‌ବାର୍‌ଟା ତତେ ଛାଁ ଖାଲି କାମ୍ ଦେଲା ମେଡାଲ୍ ଲଗୁଟେଛ । ଭାଗ୍‌ବତର୍ ଭାବ୍ ଅରଥ୍ ତୋ'ର ଢହେଁ ଗୁଁଥି ହେଲା କାପୁଁ୍ ? ବୁଢ଼ାବୁଢ଼ୀ ବାବାଜି ବପୁ୍ଷ୍ମ୍ ବାଗିର୍ କହୁଛୁ ।"

ନୂନା ସାଙ୍ଗେଁ ସାଙ୍ଗେଁ କହି ପକାଲା "ସତ୍‌ଟା ହେଁ ଅପୁ୍; ବାବାଜୀ ବପୁ୍ଷ୍ମ୍ କହୁନ୍ କି ମୁଇଁ କହେଁ । ତୁଇଁ ଟରେ ଡାକ୍ତର୍ ହେଲୁନ । ଛ ଛ ବରଷ୍ ଡାକ୍ତରି ପଢ଼ୁଲୁ । କେତେ ଦେହ୍ କାଟିଥିବୁ କେତେ ଢହେଁ କେତେ ଘା'ଦା' ଦେଖିଥିବୁ; ଦହ୍‌ଟା କା'ଣା ଥାପୁ୍ ତତେ କେ ବୁଝାବା ? ଆର୍ ଦହର୍ ଲୁଟେଁ ସୁଖ୍ ପାଦୁ୍ବାର୍, ଭଲ୍ ପାପୁ୍ବାର୍‌ଟା ସଉଦାଗିରି ଥାପୁ୍, ଦୁକାନ୍‌ଦାରି ଥାପୁ୍ । ଦହ୍ ସୁଦର୍ ଥିବାର୍ ତକ୍ ଭାବ୍ ବି ସୁନ୍ଦର୍ । ଢହୁଁ ବଏସ୍ ଉଣ୍ଡର୍‌ଲେଁ ତୁଇଁ ତୋର୍ ଘରେଁ ମୁଇଁ ମୋର୍ ଘରେଁ, ନାଇଁ ? ଗଛୁଁ ପତର୍ ଝର୍ଲେଁ ଟରେ ଟର୍ଗୁନ୍ ବି ନାଇଁ ବସନ୍ ଅସ୍‌କଟାସନ୍ । ଆର୍ ମୁହୁଁ ବଏସ୍ ଗଲେଁ, ଢହୁଁ ତେହେରା ଝୁର୍ମୁରାଲେଁ କେ ପଗୁରେ କାହାକେ ?"

ନୁମାକେ ଆଉର୍ କହ୍ବା ନେଇ ଦେଲା ରମେଶ୍ । "ହେଲା ହେଲା ନୁମା ! ହେଉକ କହ, ମତେ ହେନ୍ତା ଧହ୍ ବେପାର୍ ବଲି ନାଇଁ ଭବ୍ । ମୁଇଁ ତୋର୍ ରମେଶ୍ ଆୟୁଁ, ଯାହାକେ ଦିନ୍‌ଏ କେ ଆମର୍ ରମେଶ୍ ବୟୁ୍‌ଲେଁ ତୁଇଁ ଟାଏଲ୍ ହଉଥିଲୁ ମୁଇଁ ସେ ରମେଶ୍ ଆୟୁଁ; ଗୁଠାଗୁଠି ତୋର୍ ।" ରମେଶ୍ ଫେର୍ ଟିକେ ଭବତ୍ ବାଗିର୍ ଠିଆ ହଇଁ କହେଲା "ସତେଁ କେତେ ବୁଧି ତୋର୍ ନୁମା ! କେତେ ଭବ ବଗୁର କହୁଛୁ କଥା । ମୁଇଁ ଜିତ କକାଙ୍କେ ଯାହା କହେଲିଁ ନାଇଁ ଶୁନ୍‌ଲା । ତୁଇଁ ପଢ଼ିଥିଲେଁ କେତେ ଭଲ୍ ହଇଥିତା । ସାତ୍ କ୍ଲାସେଁ ବୃର୍ତ୍ତି ବି ପାଇଥିଲୁ । ହେଲେଁ ଜିତ କକା କହେଲା — ଟୁକେଲ୍ ଜାୟୁ୍‌ତ, ପାଠ୍ ପଢ଼ି କାଁ କର୍‌ବା ? ଫେର୍ ଦୁସର୍ ଗାଁର୍ ଇସ୍‌କୁଲ, କୁଶେ ବାଟ୍ ଯିବାର୍ ଆୟୁ୍‌ବାର୍; ଥାୟୁ୍‌ତ, ଡର୍ ଲାଗ୍‌ସି ନିନ୍ଦା ବଦ୍‌ନାମ୍‌କେ । ମୋର୍ ବଡ଼ ଆଶା ଥିଲା, ତୁଇଁ ପଢ଼ିହୁ..."

ତାହାକେ ଆଉ କହି ନେଇ ଦେଇ ନୁମା କହେଲା "ନୂଆଁ ନୂଆଁ ରକମର୍ ପିଁଧନ୍ ଓଢ଼ନ୍ ଶିଖିଥିଛେଁ, ଦାହାର୍ କେନ୍ ଭାଗ୍ ଖୁଲା ରଖି କେନ୍ ଭାଗ୍ କେତେ ଢ଼ପା ଯାୟୁ୍‌ସି ଶିଖିଥିଛେଁ, ପିଲାମାନ୍‌କର୍ ନିକେ ଗୁପତ୍ ଚିଠି କେନ୍ତା ଲେଖା ଯାୟୁ୍‌ସି ଶିଖିଥିଛେଁ । ଆଉ ଶେଷେଁ କେନ୍‌-ଠାନେ ଗ୍ରାମ୍‌ସେବିକା କି ଧାଙ୍ଗି ନେହେତ ମାଷ୍ଟ୍ରେନ୍ ହଇଁ କା'ର୍ ସାଇକେଲ୍ ପଛେଁ ତ କା'ର୍ ଫଟ୍‌ଫଟି ପଛେଁ ବସି ଇନ୍‌ସେନ୍ ହଉଥିଛେଁ କହ । ନାଇଁ ? ହେଁଠା ଗୁଟେ ଜୀବନ୍ ଆୟୁ୍ ?" ରମେଶର୍ ମୁହଁ୍‌କେ ଦେଖିଲା କା'ଣା କହେବା ବଲି ।

ରମେଶ୍ ତାର୍ ନିଜର୍ କଥା ଉପରେଁ ଜୋର୍ ଦେଇ କହେଲା "ନାଇଁ ନାଇଁ, ତୁଇଁ କା'ଣା ପ୍ରଫେସର୍, ଡାକ୍ତର୍, ଇଂଜିନିୟର୍, ଅଫିସର୍ ହଇ ନାଇଁ ପାରଥିତୁ ? ସେଡା ବି ତ ସମ୍ଭବ୍ ଆୟୁ୍ । ହେଲେଁ..." ଫେର୍ କଥାର୍ ମୂଲ୍‌କେ ବକସ୍ କରି କହେଲା ରମେଶ୍ "ତୁଇଁ କା'ଣା ହଇଥିତୁ କି କା'ଣା ଆଉ କେ ଜାନ୍‌ଏ ? ଯା'ଣା ଭି ହ ମୋର୍ ହିଁ ଆଉ, ନିଜର୍ ଲୋକ୍‌-କେ ସଭେ ଗୁହେଁସନ୍ ଯେନ୍ତା ଭଲ୍ ହଇପାରେ ହଉ ।"

"ନିଜର୍ ଲୋକ୍" ହୁରଗୁନି ହେଲା ବାଗିର୍ କହେଲା ନୁମା "ମୁଇଁ ତୋର୍ ହଇ ପାରମି ରମେଶ୍ ? ଇ ଜନମେ ସେ'ଠା ହଇପାରବା ?"

"କାଁ କର ନେ ହେବା ?" ବନ୍‌ଏ ଜୋର୍ ଦେଇକର ପଛାଁ ଭିତ୍ରୁଁ କହେଲା ଲେଖେଁ କହେଲା ରମେଶ୍ "ମୁଇଁ ତତେ ବିହା ହେମି, ମୁଇଁ ତତେ ଛୁଡ଼ି ନାଇଁ ଜାଇଁପାରେଁ, ନେ ରହିପାରେଁ । ଆମେ ଦୁହେ ମିଶି ଏକ୍ ହେମା, ଦୁଇଟା ଦେହେଁ ଗୁଟେ ନିଶାସ୍ ବୁହିବା, ଗୁଟେ ଜୀବନ୍ ଗୁଟେ ନାଡ଼ୀ ଖେଲ୍‌ବା । ଦୁଇଜେଣାଆଁ ଚଛ୍ ମେତାଲ୍ ଗୁଟେ ଚେରେଁ ଜାଇଁମା, ଗୁଟେ ଡାଲେଁ ପତ୍ରେଁ ନିଶାସ୍ ନେମା । ମତେ ଜର୍ ଆନ୍‌ଲେଁ ତୋର୍ ମୁଣ୍ଡ୍ ବଥାବା, ତୁଇଁ ପିନ୍ଧ୍‌ଲେଁ ଉତଲେଁ ମୁଇଁ ସୁନ୍ଦର୍ ଦିଶ୍‌ମି ।"

ଗୁଟେ ଜେତରେଁ ହାଁସି ପକେଇ ରମେଶର୍ କଥାକେ ଠିକେ ଉଶାସ୍ କଲା ଲେଖେଁ କହେଲା "ନେ ହେଲା କଥା ଭାବ୍‌ବାର୍‌କେ କେତେ ଭଲ୍ ଲଗ୍‌ସି ନାଇଁ ? ତୁଇଁ ଗୁଟେ କାହାଁ ଡାକ୍ତର୍ ଆର୍ ମୁଇଁ ଗୁଟେ ସାତ୍ କଲସ୍ ପଢ଼ା ଗଅଁଲିର୍ ଟୁକେଲ୍ । ତୁଇଁ ବାହ୍ମନ୍ ପିଲା, ମୁଇଁ କୁଲ୍‌ତା ଘରର୍ ଝି । ଏକ୍ ହଇ ପାର୍‌ମା ? ଲୋକ୍ କହେବେ କେତେ କଥା । କେ କହେବା ଉଧ୍‌ଲିଆ ତ କେ କହେବା ପଯୁ୍‌ସାମୁଣ୍ଡି । ଜାଯୁ୍‌ତ୍ ଧର୍‌ବେ । ଆମର୍ ମା-ବାପ୍ ଆମର୍ ଲଗି ଏକ୍‌ଘରିଆ ହଇ ଆମ୍‌କୁଁ ଜନମ୍ ଜାତ୍ କର ପୁଷି ପାଲି ହେଁ ପୁରସ୍କାର୍ ପାଯୁ୍‌ବେ । ଆମେ ସେମାନ୍‌କୁଁ ସୁଖ୍ ନେ ଦେଇପାର୍‌ଲୁଁ ତ ନାଇଁ; ଦୁଖ୍ ଦେବାର୍‌ଟା ବନ୍‌ଏ ହେବା ? ଆକାଶର୍ ଜନ୍ ଆର୍ ବନ୍ଧର୍ କଯୁଁ୍‌ଫୁଲ୍ ଦୁହେ ଦୁହିଙ୍କୁଁ ସୁଖ୍ ପାଯୁ୍‌ସନ୍ ହେଲେଁ କଯୁଁ୍‌ଫୁଲ୍ ଆକାଶ୍‌କେ ଯାଇ ନାଇଁପାରେ କି ଜନ୍ ବନ୍ଧ୍‌କେ ଉତ୍ରି ଆସି ନାଇଁ-ପାରେ । ହେଁ କଥା ଛୁଡ଼୍; ମଯୁ୍‌ଧିଣିଆଁ ସପନ୍ ମେତାଲ୍ ପାଣିର୍ ଫକା । ଡୁମେର୍ ଗଛେଁ ଫୁଲ୍ ଆଉର୍ ତୁଲ୍‌ସୀ ଗଛେଁ ମଦାଙ୍ଗ୍ ମେତାଲ୍ ତୋର୍ ଆମର୍ ବିହାଲା କଥା ବି ହେବାର୍ ନୁହେ । ଏ ମା ! ବେଲ୍ ବୁଡ଼ି ଅନ୍ଧାର୍ ହେଲାନ" ଆକାଶୁଁ ପଡ୍‌ଲା ବାଗିର୍ କହେଲା ନୁମା "ତତେ ମତେ ନେଇ ଗାଁଥି କେତେ ଫୁସୁର୍ ଫାସର୍ ଟୁପ୍ ଟାପ୍ । ମୋର୍ ବାବୁ ବି ଏଛନ ଇ ବାଟେଁ ଆସୁଥିବା । ମୁଇଁ ଯାଉଛେଁ" ଲମି ବସ୍‌ଲା ନୁମା ।

ନିରାଶ୍ ନେ ପାଗି ହେଲା ବାଗିର୍ କଥା ଥିଁ କହେଲା ରମେଶ୍ "ମୁଇଁ ବି କାଯୁ୍‌ଲ୍ ଯାଉଛେଁ ନୁମା ! ଦିଲ୍ଲୀ । ବୁର୍ଲା କଲେଜର୍ ପାଠ୍ ସର୍‌ଲା; ସର୍‌କାରି ବୃତ୍ତି ପାଇ ଦିଲ୍ଲୀ ପଢ଼ିଯିମି ଦୁଇ ବରଷ୍; ତତେ କହେମି ବଲି ନୁ ରୁଥିଲିଁ । ଦୁଇ ବରଷ୍ ଠାକ୍‌ବୁ । ଦୁଇଟା ବଛର୍ ଏ'ଦେ ଉଛ୍‌ନାର୍ ପାଯୁ୍‌ନ୍ ବାଗିର୍ ବୁହିଯିବା ।"

ନୁମା ତଡାପନା ହଇ ଆମ୍‌ଡଲୁଁ ବାହାରି ଯାଉନ୍ ଯାଉନ୍ କହେଲା "ଦେଖ୍‌ବୁ, ଦିଲ୍ଲୀ ସହର୍ ବନହାଁ ଅଠ୍‌ପଠିଆ ଜାଗା ବଲ୍‌ସନ୍; ଦେଖିଗୁହିଁ ଚଲ୍‌ବୁ । ଦହ୍‌ପା'ର୍ ଖିଆଲ୍ ରଖ୍‌ବୁ ।"

ନୁମା ଯାଇ ସାର୍‌ଲା ବେଲ୍‌କେ ଅଁଧାର୍ ଖାଲି ଆମ୍‌ଡଲେଁ ଠୋଲ୍ ହେଲା, ନୁହେ, ରମେଶର୍ ମନ୍ ଭିତର୍‌ଟାକେ ବି କୁହୁକୁହୁ କରି ନେଇ-ଥିଲା । ରମେଶ୍ ବି ଧୀରେ ଧୀରେ ଗାଁ ଆଡ଼୍‌କେ ଗୁଲ୍‌ଲା । ତାହାକେ ଲାଗୁଥିଲା ସତେଁ ଯେନ୍ତା ତାର୍ ଆଶାର୍ ଗୁର୍ ହାଁଡ଼ିଥି ଟାଁଟି ଲାଗି ଯାଇଛନ୍ ।

ସତେଁ ରମେଶର୍ କହେଲା ଲେଖେଁ ବଛର୍ ଦୁଇଟା ପାଷ୍ଟୁନ୍ ମେଡାଲ୍ ବୁହିଁଗଲା । ମାତର୍‌କ ଛି ଦୁହି ବଛର୍ ସେ ପାଲେଁ ଅକାଲ୍ ପଡ଼୍‌ଲା । ବନହାଁ ଠାନେ ତ ହିହ୍‌ଡ଼ା ବି ନାଇଁ ଚଲ୍‌ଲା । ଜିତ ସାହୁ କାଁ କର୍‌ତା ? ନୁମାର୍ ଉପ୍‌ରର୍ ଝି'କେ ତ ଆଗର୍ ବର୍‌ଷେଁ ପଠାନି ଦେଇ-ଥିଲା ଘର୍‌କେ ଶୁନ୍‌ଶାନ୍ କରି । ତାର୍ ଉପ୍‌ରେଁ ଉଞ୍ଜିଆ ଗାଁନୁ ରବି ପଧାନ୍‌ଠାନୁ କଛି ଧାନ୍ ବି ଆନିଥିଲା । ଆର ବଛର୍ ଫେର୍ ଚୁଷ୍ କର୍‌ବାକେ ରବି ପଧାନର୍ ଆଶ୍ରା ନେବାକେ ହିଁ ପଡ଼୍‌ଲା । ସବୁ ମିଶି ବନହାଁ ଲାଗ୍ ହଇଗଲା ନା । ଜିତ ସାହୁର୍ ମୁଡ଼େଁ ବେଛୁ ମାଷ୍ଟୁଲ ମେଡାଲ୍ ଲାଗୁଛେ; ଶୁଝ୍‌ସି କେନ୍ତା କରି ?

ରମେଶର୍ ବାପା ଶିବ ଛିହାଡ଼ି ବି କା'ଣା କର୍‌ବେ କା'ଣା ନାଇଁ ଭାବୁଛନ୍ । ହଳିଆ ରଖି ନାଇଁ ପାର୍‌ବାର୍ । ଗାଁଥିଁ କା'ର୍ ନ କା'ଣା ଅଛେ ଯେ ପରର୍ ଜମି ଚୁଷ୍ କର୍‌ବା । ନିଜର୍ ଜମିକେ ଧର୍ ସଁଭାଲ୍ । ଛିହାଡ଼ି ଲାଜ୍ ମହତ୍ ଛାଡ଼ି ନିଜର୍ ଜାଷ୍ଟୁ ଜୀବିକା ଧଷ୍ଟୁଲେ । କେ'ନ ଜଗନ୍ନାଥ୍ ମେଲା, ସତ୍‌ନାରେନ୍ ପୂଜା ତ କେ'ନ କାର୍ତ୍ତିକ୍ ମହାତ୍‌ମା ଲକ୍ଷ୍ମୀ ପୁରାନ୍ ଗାଇ କଷ୍ଟେଁ ମଷ୍ଟେଁ ଦୁଇଟା ପେଟ୍ ପୂରାଇ ଚଲ୍‌ଲେ । ଅପାଳକ୍ କଥା ଅଭାବ୍ କଥା ପୁଓର୍ ପାଶ୍‌କେ ନାଇଁ ଲେଖନ୍ । ହେଲେଁ ଭି ରମେଶ୍ ଗେଜଟ୍‌ମାନ୍‌କେଁ ଇ ସବୁ କଥା ବାହାରି ଥିବାର୍ ପଢ଼ିଛେ । ସେ ନିଜେଁ ଦୁଖେଁ ସୁଖେଁ ଚଲି କେତେବେଲେଁ କେନ୍ତା ଦୁଇପଷ୍ଟୁସା ପେଟ୍ଁ ଭିଲ୍‌ଟ ପଠେଇଛେ ବି । ନୁମାର୍ କଥା ନାଇଁ ପରୁଛି ଜିତ କକା ଘରେଁ କେନ୍ତା ଅଛନ୍ ବଲି ଚିଠିମାନ୍‌କେଁ ଧାଡ଼େ ଅଧେ ଲେଖିସି । ଶିବ ଛିହାଡ଼ି ହଲ୍-ଷୁତା ଭାର୍‌ବୁହା ସୁଡ଼େ କଥା ଛାଡ଼ି ବାକି ସବୁ ଖେତର୍ ବୁତା କରି

ଅଧ୍ ପରାନ୍ ହେଉଲେନ । ଚହ୍ନି ନାଇଁ ହେବାର୍ । ତହାଡେ଼ନ୍ ସବୁ ଦିନେ ଘାୟୁ ଘାୟୁ କହୁଛନ୍ ରମେଶର୍ ବହା ବର୍ଷନ୍ କରିନେଲେଁ ଦୁଖ୍ ଯାୟୁତା । କେଡେ଼ କେଡେ଼ ଘର୍ ଟୁକେଲ୍ ଯଚୌଛନ୍ । ଘର୍ ଭରି ଯାୟୁତା । ହେଲେଁ ତହାଡ଼ ଶୁନକରି ଭି ନାଇଁ ଶୁନ୍ଲା ଲେଖେଁ ରହେସନ୍ । କହେଲେଁ ଏଖେଁ ପଦେ "ପୁଓ ଧଲ୍ଲୀ ନ ଥିତା ଆର୍ ତୁଇଁ ଛିନ ଥାଇ ବହୁ ପର୍ଶନା ଖାୟୁବାର୍ ମନ୍ । ଧୟୁନ୍ ଧୟୁନ୍ ତୋର୍ ମା' ପଣିଆଁ ।" ତହାଡ଼ ପୟୁସେ କ ଅଧ୍ଲେ ନେଁ ଦେଇ ପାର୍ବାର୍ ପୁଓକେ, ଉଲ୍ଟିଆ ପୁଓ ପାଠ୍ ପଢ଼ି ବି ଯାହା ପାରୁଛେ ସାହେଯ୍ କରୁଛେ । ନିଜ୍କେ ଦୁଷୀ ଭାବିନା ଘାୟୁ ଘାୟୁ ଘାରି ପକାସି ।

ରବି ପଧାନ୍ ବନହାଁ ଧାନ୍ ଗୁଣ୍ଡଲର୍ ମହାଜନ୍ ଆୟୁ । ମାମୁଁ-ମାଇଁ ଦୁଇ ପରାନି । ଖାୟୁବାକେ କେ ଅଛେ ? ପୁଓ ଝି ପାୟୁବାକେ ଯାହା ଚେରେଷ୍ଟା କଲା କିଛି ଫଲ୍ ନାଇଁ । ପଧାନେନ୍ ନିଜେଁ ଭରିଘରି ହଇଁ ବଅଁଶ୍ ରଖିବାର୍ ପର୍ତିଗାଁ ନେଇ ବାହାରି ଦର୍ଲେ । ସେ ପସନ୍ଦ୍ କଲେ ନୂମିକେ ।

ଜିତ ସାହୁକେ କହେଲେ "ନୂମିକେ ଦିଅ ମୁଇଁ ବହେନ୍ କରି ଝି' ବାଗିର୍ କରି ରଖ୍ମି ।" ରବି ପଧାନ୍ ଭି ନୂନୀକେ ଦେଖି ତାର୍ ବଅଁସ୍ ରଖିବାର୍ ମନ୍ ଆର୍ ଟିକେ ପାଆଁଲି ଉଠ୍ଲା । ଜିତ ସାହୁର୍ ମନ୍କେ ରବି ପଧାନ୍ ଆସୁ ନାଇଁ ଆସୁ, ତାର୍ ଲାଗ୍ ବାଧ୍ ବାଗିର୍ କିଛର୍ ମନ୍କେ ଆଁପ୍ରି ଚପ୍ରିଁ ଘିଚି ଉଲ୍ଟି ରବି ପଧାନ୍ ଆଡ୍କେ ଅଜାଇ ଆନ୍ଲା । ତଥାପି ସେ ଭାବଲା ନୂମିକେ ପଦେ ପଚରିବାର୍ ଥା ବନ୍ଏ ହେବା । ଗାଁଥିଁ ଈ କଥା ଯାଜି ହଇଗଲା । ନୂମି ତ ପହେଲା ଚହେଲା ଶୁନ୍ ପର୍ଲା, ଆମ୍ ଲିମ୍ କଷା ପିତା ହଁ ନାଇଁ କିଛି ନାଇଁ । ଲୁକେ ଶୁନି କହେଲେ "ରମେଶ୍ ଆର୍ ନୂମି ସତ୍ କରାକରି ହଇଛନ୍ ପରେ । ହେଁଥିର୍ ଲାଗି ନୂମିର୍ ମନ୍ ନାଇଁନ ।" ଈ କଥା ତାର୍ କାନ୍ ତାର୍ କାନ୍ ହଇ ରମେଶର୍ ମା'ର୍ କାନ୍କେ ଭି ଗଲା । ରମେଶର୍ ମା'ର୍ ପୁଓକେ ନେଇ ବହୁ ସାଙ୍ଗେଁ ଗୁଣ୍ଡୁ ଗୁଣ୍ଡୁ ଧନ୍ ସଂପତ୍ତି ପାୟୁବାର୍ ସପନ୍ମାନେ ଛିଟିବିଛି ହଇ ଧୂକା ମୁହଁର୍ ରୁଆ ବାଗିର୍ ଇଆଡେ଼ଁ ସେଆଡେ଼ଁ ଉଡ଼ି ପଲାଲେ । ସେମାନ୍କୁଁ ଗୁଠାଗୁଠି କରି ଯେନ୍ ସୁଖର୍ ଆଶା-ଦୁଲି ଥିଁ ସେ ଦୁଲ୍ତେ, ସେ ଦୁଲିର୍ ରଶି ବୁଢ଼ି ଛିଣ୍ଡିଗଲା । ଜିତ ସାହୁ ଆଡ୍ର୍ ଶିବ

ଛିହାଡ଼୍; ଦୁହିକର୍ ଘର୍ ଲଗାଲଗି, .ଗ୍ଲୁଦନ୍‌କେ ଗ୍ଲୁଦନ୍ ଠଠା ଠଠି ବଜାବଜ; ଈ ଘରର୍ ପର୍‌ଥନା ସେ ଘରେଁ କହ୍‌ରସି ତ ସେ ଘରର୍ ହାଇ ଈ ଘର୍‌କେ ଶୁଭ୍‌ସି । ନୁମା ସବୁଦିନେ ଶୁନ୍‌ସି ରମେଶର୍ ମାଆର୍ କଥା । କେନ୍ ଅଫିସର୍ କେନ୍ ଗଁଣ୍ଡିଆ ରମେଶ୍‌କେ କନିଆଁ ଯଚଉଛେ, କିଏ କେତେ ସୁନା ଦେବା, କିଏ ମଠର୍ ବ ଘିନକରି ରଖ୍‌ଲାନ; ଏଛନି ରମେଶ୍ ହିଁ ବସ୍‌ଲେଁ ସକାଲ୍‌ପୁଆକେ ତାକର୍ ଘରେଁ ଦରବ୍ ଭଖ୍‌ବାକେ ଠାନ୍ ନୈ ହେତା । ରମେଶର୍ ସୁନାର୍ ଫସାର୍ ଯେନ୍‌ଟା କି ରମେଶର୍ ମା'ର୍ ମନ୍-ମୁଲ୍‌କେଁ ଛିଆରି ହେସି ତାର୍ ଗୁସ୍ ଙ୍କି ଘାପ୍‌ଘାପ୍ ନୁମାର୍ ଘବ୍-ଇଲକାକେ ଲମି ଯାସ୍‌ସି । ନୁମା ଭ୍ରବ୍‌ସି ରମେଶର୍ ହେନ୍ତା ଫସାଇଛେ ହେଲେଁ କେତେ ଭଲ୍ ହେତା । ରମେଶ୍ ସୁଖେଁ ରହେଲେଁ ତାହାକେ ନିଜ୍‌କେ କେତେ ସୁଖ୍ ଲାଗ୍‌ତା । ହେଲେଁ ସେ ରମେଶର୍ ମନ୍-ଡ଼ବାଘର୍କେ ବହେଁଇ ଚଉରେଇ ଆନିଛେ, ଗୁଟ୍‌ଗୁଟ୍ କରି ସବୁ ଅନ୍ଧ କନ୍ଧ ଦେଖିଛେ, କେନ୍‌ସିନ ହେନ୍ତା ଜାଗା ନାଇଁନ, ଯେନ୍‌ଠାନେ ନୁମା ନୈଁ ଥାଇକରି ରମେଶର୍ ନିଜର୍ ଲଗି ଫସାର୍‌ଟାକର୍ କଲ୍‌ପନା ଅଛେ । ତାହାକେ ନେଇ ରମେଶ୍ କାଁ ଫସାର୍ କର୍‌ବା ? ଯେନ୍ ଫସାର୍ କର୍‌ବା, ସେ'ନ ସୁଖ୍ ନୈଁ ଥାସ୍, ଆନନ୍ଦ୍ ନୈଁ ଥାସ୍ । ଥିବା ଖାଲି ନିନ୍ଦା ବଦ୍‌ନାମ୍, ଗାଁର୍ ଲୁକର୍ ଟପା ଗୁଲ, ମା' ବାପର୍ ଅସନ୍ତୋଷ୍ । ପଛେଁ ରମେଶ୍ ଙ୍କି ବାଆନି କସ୍‌ବା; ନାଇଁ ପଡ଼ି କଲି, ହୁସିଆର୍ ନୁହେ ଚଲାଁକ୍ ନୁହେ ବଲି । ସେତେ-ବେଲେଁ ତାର୍ ହାତେଁ କର୍‌ବାକେ ଆର୍ କିଛୁ ନାଇଁ ଥିବା, ଯଦି କିଛୁ ଥିବା ତ ସେଟା ଖାଲି ପସ୍ତାବାର୍‌ଟା । କୂଲ ବାନ୍ଧ୍‌ଲେଁ ଯାଇ ଆର୍ ସେଟା ଫେର୍ ସମାନ୍ କୂଲ ହେଲେଁ ଯାଇ ଫସାର୍ । ସେ ରମେଶର୍ କେନ୍‌ମି ମିତ୍‌ରେଁ ସନ୍ତିସ୍ନା ନାଇଁ ହଇପାରେ, ସମାନ୍ ନୈଁ ହଇପାରେ । କସ୍ତାଲ୍ ପଟେ ଆର୍ କିନଟେ କାଁ ଢଙ୍ଗେଁ ବାନ୍ଧ୍‌ବା ? କେନ୍ ସୋର୍ ଦେବା ? ବଲଦ୍ ଗାଡ଼ିର୍ ପଟେ ଟେକା କନ୍‌ଏ ବର୍କସ୍ ଥାଇ ଆରି ପଟ୍‌କ ଫିରି ଯାଇଥିଲେଁ, ବିଦ୍‌ରି ଯାଇଥିଲେଁ ସେ ଗାଡ଼ି କେନ୍ତା ଗୁଲ୍‌ବା ? ଛଟା ନାଇଁ ମାର୍‌ବା କାଏଁ ? ନାଇଁ ନାଇଁ, ରମେଶର୍ ସୁଖର୍ ଫସାର୍‌କେ ଅଦବା, ଅସ୍‌କଟିଆ କର୍‌ବାର୍ ଠାନ୍ ତାର୍ ସାଙ୍ଗ୍ ଗୁଡ଼ି ରମେଶର୍ ଫସାର୍‌କେ ସୁନ୍ଦର୍, ଫୁଲ୍ ଫଲ୍‌ଭରା ହିଁସିଖୁସିର୍ ସୁନାର୍ ଫସାର୍ କରି ପାର୍‌ଲେଁ ନିଜେଁ ଭି ସୁଖେଁ ରହେଲା ବାଗିର୍ ଲାଗ୍‌ବା । ତାର୍ ଜୀବନ୍‌ଟା ଟେଲିଙ୍ଗ୍ ଢେଁସ୍‌ରି ଉଠ୍ ବସ୍ ପଛେଁ ହଉଥାଉ ରମେଶ୍ ତ

ସୁଖେଁ ରହେବା । ତାର୍ ମନ୍‌କେ ତ ସୁଖ୍ ମିଲ୍‌ବା, ତନ୍‌କେ ନାଇଁ ମିଲ୍‌ଲେଁ ନାଇଁ । ଈ ତନ୍ ଥିଁ କା'ଣା ଅଛେ ? ଇତାର୍ ସୁଖେଁ କାୟୁଁ ସୁଖ୍ ? ଈ ଦେହ୍‌ଟା ଦେଇ ହେବାର୍ ଜନିଷ୍‌ଟେ । ହେଁଥିର୍ ଲଗି ଶାସ୍ତର୍ ପୁରାନ୍ ଇତାକେ 'ଦେହ' ବଲ୍‌ସି । ଇ ଦେହ୍‌କେ ମହାପ୍ରୁର୍ ନାଁଥିଁ ଭଜ ନେଇ ପାର୍‌ଲେଁ ପରେ ମୁକ୍‌ତି ମିଲ୍‌ସି, ସବୁଦିନିଆଁ ସୁଖ୍ ମିଲ୍‌ସି । ତାର୍ ଲଗି ଆର୍ କେନ୍ ମହାପ୍ରୁ ଅଛେ ? ରମେଶ୍‌କେ ଛାଡ଼ି ତାର୍ ମନ୍-ଦଉଲେଁ ଆର୍ କେନ୍‌ସି ମହାପ୍ରୁର୍ ଲଗି ଘଁଟି ବାଜ୍‌ବାର୍ ସେ ନୁହେ ଶୁନ୍‌ଏ । ତାର୍ ମନ୍ ଭିତର୍‌ଠା ରମେଶ୍ ହିଁ ଆବ୍‌ରି ବସିଛେ; ଦୁସ୍‌ରା କେନ୍‌ସି ଦେବ୍‌ତାର୍ ଲଗି ଠାନ୍ ନାୟୁଁନ୍, ଜାଗା ନାୟୁଁନ୍ । ହେଲେଁ ତାର୍ ଲଗି ରମେଶର୍ ଘରେଁ ଦୁଆରେଁ ଠାନ୍ ନାଇଁ, ଠିଆ ହେବାର୍ ଆଗୁଁ ହପ୍‌କା ମାରୁଛନ୍, ହେକ୍‌ଲେଇ ନଉଛନ୍ ।

କାଲିର୍ ତ, ହଁ ଠିକ୍ କାଲିର୍ ଇ ସଜ୍ ପହରିଆ ବାଂଧାଲ୍ ଘରର୍ ଜେମା କାକାକେ ରମେଶର୍ ମା କହେବାର୍ ତାର୍ ନିଜର୍ କାନେ ଶୁନିଛେ "କାଁ କହେବୁ ଲେ ଜେମା ! ବହ ଡ଼ୁକାବାର୍ କଥା କହେସୁ ଯେ ଡ଼ୁକାଉଁ ନ । ମାତର୍ କାଁ କହେବୁ, ଦାୟୁବାର୍ କାଠ୍‌ବାଛ୍‌କେ ପାରି ହେସି, ଈ ମୁନ୍‌ଷର୍ କାଠ୍‌ବାଛ୍‌କେ ନାଇଁ ପାରି ହୟୁ । ଗାଁଉଡ଼େ ଆଁଠ୍‌କୁରେ ତାକର୍ ଝିମାନ୍‌କୁଁ ଡେଇରି ରଖିଛନ୍ । କା'ର୍ ପୁଓକେ ମହମା ଜଲ୍‌କା ଦେଇ ବେଁକେଁ ବାଁଧିନେତେ; ଜାୟୁତ୍ ଅଜାୟୁତ୍ ଯା'ଣା ହଉ । ମୋର୍ କପାଲ୍ ଆୟୁ ଲେ ଜେମା ! ନିଜର୍ ସୁନା ତ ଖଣ୍, କାହାକେ ଦୋଷ୍ ଦେବୁ । ଘରେଁ ବଡ଼୍‌ଲା ଝି ଥିଲେଁ ଘର୍‌ବର୍ ଉଠିର୍‌ଲେଁ ଲୋକ୍ ଝି ଦେଇ ପାର୍ ପାୟୁସନ୍, ହାୟୁ କରସନ୍ ସିନା । ଆୟୁଜ୍ କାୟୁଲ୍ ଲୁକେ ଝିମାନ୍‌କୁଁ ଛଚରିଲେ ନ; ବଲଦ୍‌କେ ପରୁରି ଜୁଏଡ଼୍ ଛାଁର୍‌ଲେ ନ, ଗାୟୁକେ ବୁଝି ଛୁନ୍ଦ୍ ଭାଙ୍ଗ୍‌ଲେ ନ । ଉଲ୍‌ଟିଆ ଯୁଗ୍, ଉଲ୍‌ଟିଆ କଥା ।" ସେ କଥା ଶୁନ୍‌ଲା ବେଲୁଁ ତାହାକେ ସବୁ ଅନ୍ଧାର୍ ଦିଶୁଛେ । ରମେଶ୍‌କେ ନେଇ ସଂସାର୍ କର୍‌ବାର୍‌ଠା ଯମ୍ ଘର୍‌କେ ଗଲା ଲେଖେଁ ଅନ୍‌ମାନ୍ ହଉଛେ । ନୁମା ଖବୁଛେ ଯେ ଖବୁଛେ । ତାର୍ ଥିତି କା'ଣା ହେବା ? କା'ଣା ହେବା ? ରମେଶର୍ ସୁନାର୍ ସଂସାର୍ ଦେଖି ତାର୍ ମନ୍ କା'ଣା ବୋଧ୍ ନାଇଁ ହଇ-ପାରେ ? କାଁ କରି ନେଁ ହେବା ? ରମେଶ୍ ଲଗି ଜୀବନ୍ ଦେଇ ପାର୍‌ବାର୍ ତାର୍ କହେଲା କଥା ଥିଁ କାୟୁଁ ଛିଟେ ସତ୍ ନାଇଁ ଥାଇ ? କହେବାର୍

ସୁରେଁ ଖାଲି କହି ନେଇଥିଲ ? ତାର୍ ନିଜର୍ ଦିହ୍ ସୁଖ୍‌ଭୋଗ୍ ନାଇଁ **ଘାସ୍ତୁ**, ନାଇଁ ପାଉ । ତାର୍ ଇ ଦିହେଁ କାହୁଁ ଅଧିକାର୍ ଅଛେ ? ଇଟା ମା' ବାପର୍ ଦେଲାଟା, ଜନମ୍ ଜାତ କଲାଟା, ପାଲ୍‌ଲା ପୁଷ୍‌ଲାଟା । ଇ ଦିହ୍‌କେ ଭଁଜାଇ ମା' ବାପ୍ ଯଦି ଶାନ୍ତି ପାଆନ୍, ସୁଖ୍ ପାଆନ୍, ହେଁଥୁ ବଡ୍‌କଥାଟେ ତାର୍ ଲାଗି କା'ଣା ହେବା ? ଆର୍ ତାର୍ ଇ ଦିହ୍‌ର୍ ସୁଖ୍ ଭୋଗ୍ ଲାଗି ଯଦପି ରମେଶର୍ ସଂସାରେଁ ହାୟୁ ହାୟୁ ର୍ କାନ୍ଦ ଶୁଭେ, ରମେଶର୍ ପିଣ୍ଡାନ କୁଆ ବସି ନୈ ପାରେ, ମା ବାପ୍ ଲାଗର୍ ଉପରେଁ ରକତ୍ ବୁନ୍ଦା କାନ୍ଦନ୍ ତ ତାର୍ ଇ ଦିହ୍ ଥାଇ ନୈ ଥାଇ କାହୁଁ ଲାଭ୍ ? ସେ ରମେଶ୍ ସାଙ୍ଗେଁ ଥାଇ କାଁ ଲାଭ୍ ପାହ୍ନୁବା ? ନୁମା ଆହ୍ଣର ଦୁରସ୍ କରି ଭାବ୍‌ଲା ସେ ଆଜର୍ ଯେନ୍ ଦୁଇବଟିଆ ନେ ଠିଆ ହଇଛେ, କେନ୍ ବାଟ୍ କେନ୍‌କେ ଯିବା ତାହାକେ ଫଁଟିକ୍ ଦିଶୁଛେ । ସେ ଭାବଚନ୍ତ ଯିବା । ଗୁଟେ ବାଟ୍ ତାର୍ ସୁଖସଂଭୋଗର୍ ଠାନ୍‌କେ ଯିବା । ଆଉର୍ ଆର ବାଟ୍‌ଟା ? ରମେଶର୍, ତାର୍ ମା ବାପର୍, ଆଉର୍ ତାର୍ ନିଜର୍ ମା'ବାପର୍ ସୁଖ ଶାନ୍ତି ଆଡ୍‌କେ ଯିବା । ସେ କେନ୍ ବାଟ୍ ବାଛ୍‌ବା ? ଆର ବାଟେଁ ତାହାକେ ନିର୍ମଲ୍ ଭାବେଁ ଦିଶୁଛେ ରବି ପଧାନର୍ ଘର୍ । ଦୁଇ ସଅଡିଆ ଘର୍, ଅଧେର୍ ବୟସର୍ ବର୍ । ସେ ନ ତାର୍ ମନ୍-ଦର୍ପନ୍‌ଥିଁ ଦିଶୁଛେ ତାରୁ ନିଜର୍ ଚେହେରା; ସେ ଯୁଆନ୍ ବୟସ୍ ଲାହିଁକା ତୁରୁ କଲା ଅଧେର୍ ବୟସେଁ ପୁହୁଁଚଛେ । ତାର୍ ବି ମୁଣ୍ଡର୍ ବାଲ୍ ଗୁଟେ ଗୁଟେ ପାଚି ଆଉଛେ । ରବି ପଧାନର୍ ତିନ୍ ମହଲାନୁ ଦକ୍ ଦକ୍ ଦିଶୁଛେ ତାକର୍ ଗାଁର୍ ଚେହେରା । ରମେଶର୍ ସଁସାରେଁ ସୁନାର୍ କୁକରା ଉଡୁଛେ, ଗାଡ଼ି ମଟର୍, ଧନ୍ ସଂପତ୍ତିର୍ ହିସାବ୍ ନାଇଁ । ରମେଶ୍ ତାର୍ ମା' ବାପର୍ ଗୋଡ଼୍ ତଲେଁ ପଡ଼ି ନୈ ଦେବାର୍ । ତାର୍ ନିଜର୍ ମା' ବାପର୍ ବୟସ୍ କମି ଯାଇଛେ । ଲାଗ୍-ବାନ୍ଧ୍ ଲେଞ୍ଜା ବି ହଲେଇ ନୈ ପାର୍‌ବାର୍ । ରବି ପଧାନର୍ ଘରୁଁ ତାର୍ ମା' ଘର୍‌କେ ଲାଗିଛେ ଧାଡ଼ି; କେତେବେଳେଁ ଭାରୁ ତ କେତେ-ବେଳେଁ ଗାଡ଼ି । ସବୁ ଉତ୍ସବ ସବୁ ଆନନ୍ଦ୍ । ଖାଲି ତାର୍ ନିଜର୍ ଚେହେରା କେ ଦେଖି ନୈ ହେବାର୍ । ଇ ସମ୍‌କରର୍ ଆନନ୍ଦ୍‌ଥିଁ ଜହକର ରମେଶର୍ ଆନନ୍ଦ୍‌ଥିଁ ତାର୍ ଆନନ୍ଦ । ସେ ରମେଶର୍ ସୁନାର୍ ସଂସାର୍, ସୁଖର୍ ଘର୍‌କରା ବାଟେଁ କଁଟା ହଇ କାଁ କରି ରହେବା ? ସେ ଅଲ୍‌ଗି ଗଲେଁ ବନ୍‌ଏ । ନୁମାର୍ ଆଖିଁ ଲହ ଉହୁଲୁଛେ; ପୁଛ୍‌ବାର୍ ସୋର୍ ନାଇଁ; ଗାଲେଁ

ଢହିଲା ଗୁଣ୍ଡିର୍ କପ୍‌ଠା ନ ଛପ୍‌ଲିଁ ଗଲା ନା । ଉଦା ଲଗ୍‌ଲା କି ନୁମିର୍ ସୋର୍ ଆୟ୍‌ଲା ଆର୍ ସାଙ୍ଗେଁ ସାଙ୍ଗେଁ ଆୟ୍‌ଲେ ତାର୍ ମାଁ ଭାମା ।

ନୁମିର୍ ଆଖିଁ ଲହ୍‌ ଦେଖି ଭାମା କହେଲେ "କାନ୍ଦୁଛୁ ପୁତା ! ତୁଇଁ ନାଇଁ କହ୍‌ଲେଁ ଆମେ କାୟୁଁ ଦେଇ ନଉଛୁଁ ତତେ ? ଆମେ ନାଇଁ ଦେଲେଁ କାୟୁଁ, ଜୋର୍ ଜବ୍‌ରାନ୍ ନେଇଯିବେ ସେମାନେ ? ନାଇଁ ନାଇଁ, ତୁଇଁ ହଁ କହ୍‌ଲେଁ ହଁ, ନାଇଁ କହ୍‌ଲେଁ ନାଇଁ । ଆ ମା ! ଆ ମୋର୍ କରିଯ୍ଥା । ନାଇଁ କାନ୍ଦ୍ । ପଧାନ୍ ଘରର୍ ଲୋକ୍ ଆସି ବସିଛନ୍; ହଁ କହ୍‌ଲେଁ ଲଗନ୍ ଦେଇଯିବେ । ତୋର୍ ବାବୁ ଆମ୍‌ଲମ୍ କିଛି କହେବାର୍ ନାଇଁ, ତୋର୍ ଅଠ୍‌କେଁ ଅଛନ୍ । ଆ, ମୁଇଁ ସେମାନ୍‌କୁଁ ଗୁହା ପାୟ୍‌ନ୍ ଟିକେ ବି ଦେଇ ନୁହେ ପାରେଁ ।" ଭାମା ଫେର୍ ସେ ଘରୁଁ ପଲେଲେ । ନୁମି ଏକ୍‌ଲା ରହେଲା କି ଫେର୍ ଯେନ୍ ଭାବ୍‌ନା ମୁଲ୍‌କେଁ ଥିଲା ସେ ନିକେ ଫିରିଗଲା । ହେଲେଁ ଭାବ୍‌ତା କା'ଣା ? ତାର୍ କାନେ ତାର୍ ନିଜର୍ କଥା ଗୁନ୍‌ଗୁନେଇ ଉଠୁଛେ "ତୋର୍ ଶଁସେ ମୋର୍ ଶଁସେ ଭିତ୍ତରେଁ ପରାଭେଦ୍ ଅଛେ, ଯଦର୍ପି ଦର୍‌କାର୍ ପଡ଼େ ଯେନ୍ ଘଡ଼ି ବଲ୍‌ବୁ ସେ ଘଡ଼ି ମୁଇଁ ଇ ଜୀବନ୍‌କେ ମୁର୍‌ଛି ନେମି, ଇ ଜୀବନ୍‌କେ ମୁର୍‌ଛି ନେମି, ଇ ଜୀବନ୍‌କେ ମୁର୍‌ଛି ନେମି ।"

ନୁମିର୍ ଆଖୁଁ ଜୁଲ୍‌ଜୁଲିଆ ପୋକ୍ ବାହାରି ପଡୁଛେ । ତାହାକେ କିଛି ନାଇଁ ଦିଶ୍‌ବାର୍ । ଯେନ୍ ଆଡ୍‌କେ ନଜର୍ ପଡୁଛେ ଖାଲି ରମେଶର୍ ଚେହେରା । ରମେଶ୍ ରମେଶ୍ ରମେଶ୍ ।

ତାର୍ ମା ଫେର୍ ଆସି କହେଲେ "ନାଇଁ ଆୟ୍‌ଲୁ ନୁମି !" "କାଁ କର୍‌ମି ମା ଯାଇକରି ? ଯା ଗୁହା ପାୟ୍‌ନ୍ ଦେ ।" ନୁମି ଲହ୍ ପୁଛି କହେଲା ।

"ଦେଖ୍‌ଲନ ମା, ତୋର୍ ବାବୁ ଠାକିଛନ୍... କାଁ କହ୍‌ବେ ଯେ..." ଅଠ୍‌କଲା ବାଗିର୍ କହେଲେ ଭାମା ।

ନୁମି କହେଲା "ମା' ବାପ୍ ପୁଓ ଝି'ର୍ ଭଲ୍ ସିନେ କର୍‌ବେ ମା ! ଯା ଯେନ୍‌ଠା ବନ୍‌ଏ ଲାଗୁଛେ ସେ'ଠା କର ।"

ରମେଶ୍ ଦିଲ୍ଲୀନୁ ଫିର୍‌ଲା କି ଶୁନ୍‌ଲା ନୁମିର୍ ବିହା ବଡ଼େ ଧୂମ୍‌ଧାମ୍‌-ନେ ହେଲା । ରଜ ପଧାନ୍ ଲାଖ୍‌ଟୁର୍ କରି ବନ୍ଦେଇ ନେବାକେ ପସନ୍ଦ୍ ନୈ କଲେ । ବଜାଗଜା, ଫୁଲ୍‌ବାନ୍ ଭୂତିଭୂତି ଥିଁ ଗାଁ ଉଛ୍‌ଲି ପଡ଼୍‌ଲା । ଲୋକ୍ କହୁଛନ୍, ଏନ୍ତା ବିହା ଇ ଗାଁ ନ କେଭେଁ ନାଇଁ ହଇ ଥାଇଁ ଆର୍ ହେବା କି ନା କେ ଜାନ୍‌ଏ ? ରମେଶର୍ ଆଖିଁ ସେ ଝାପ୍‌ରୁ ଆମ୍ ଗଛ୍ ଝଲ୍‌ସି ଉଠ୍‌ଲା । ସେ ଅଁଧାର୍ ସେନ୍ତା ଘୁରି ହଇଛେ । ସେନ ଦୁଇଟା ଛପ୍ପର୍ ପାଖାପାଖି ଠିଆ ହଇଛନ୍ ।

ଗୁଟେ ଛପ୍ପର୍ ତ ମୁନ୍‌ଷର୍ ଆପ୍ପ; ଆର୍ ଆର ଛପ୍ପର୍‌ଟା ଜୁଲ୍‌ଜୁଲିଆ ପୋକର୍ ଉଜାଲା ନେଇ ଲମି ଯାଇଛେ ଯେତ୍‌କି ଦୂର୍ ଦିଶ୍‌ବା ସେତ୍‌କି ଦୂର୍ ।

# ମୁଇଁ କା'ଣା ଦେଇ ପାର୍‌ମି

ରଘୁନାଥ୍ ମିଶ୍ର । ସୁନ୍ଦର୍ ଟେହେରା । ବଏସ୍ ପଚାଶ୍ ପାର୍ ହେଲା ନ ଗୁଟେ ପିଲାର୍ ବାପ୍ ବି ହେଲା ନ । ବାପା ବନ୍ଦିହାଁ ହିନୁ ସରଗ୍-ବାସୀ ହେଲେ ନ । ମାଁ ବୁଢ଼ୀ ବୁଡ଼୍‌ଲା ବେଲର୍ ଆୟୁଷ୍ ଧରି ରେଙ୍ଗୋ ଢେଟୋ ହଇ ଅଛନ୍ । ବିହା ହଇଥିଲା ବନ୍‌ଏ ଘରର୍ ଟୁକେଲ୍‌ଟେ । କନିଆଁର୍ ବାପ୍ ଭାବିଥିଲେ ଜୁଏଁ ପିଲାଟା ବିଏ ପାସ୍ କରିଛେ, ବନ୍‌ଏ ଡ଼ଭଜନ୍ ବି ପାଇଛେ; ଗୀତ୍ କବିତା ଲେଖ୍‌ସି ପଛର୍ ପତ୍ରିକା ନେ ବି ବାହାର୍‌ବାର୍ ପଡ଼ିଛନ୍ । ଇସ୍‌କୁଲ୍ କଲେଜର୍ ସଭାମାନ୍‌କେଁ ଭାଷଣ୍ ଭଲ୍ ଦେସି । ଝି ଦେଲେଁ ଭୁଖେଁ ନୈ ମରେ ବାଗିର୍ ଲାଗ୍‌ଲା ତାହାକୁଁ । ଜମି ଟୁକୁର୍‌ହୁ ଭି ତ ଅଛେ ।

ଶଶି ରଘୁର୍ କନିଆଁ; ନୂଆଁ ସଂସାର୍ କର୍‌ବାର୍ ବନ୍ଦିହାଁ ସପନ୍ ସାଙ୍ଗେଁ ବାସନ୍ ବର୍ତ୍ତନ୍ ଖଟ୍‌ଦୁ ଆଉର୍ ଆଏଁଖ୍ ହିଶ୍‌ଟୁ କାଠର୍ ସାମାନ୍ ନେଇ ପଠାଣ ଆସିଥିଲା । ତାର୍ ବାପା ବି ହିଷ୍‌କେ ବନ୍‌ଏ ଦୁଇ-ହରବ୍ ଦେଇଥିଲେ । ରଘୁ ନୌକିରି କର୍‌ବା, ମାସ୍‌କେ ମାସ୍ ଦରମ୍‌ହାଁ ପାଉ୍‌ବା ଥିଲା ଆଶା । ଏ'ଦେ ହେବା ସେ'ଦେ ହେବା ବଲି ଶଶି ବାସନ୍ ବର୍ତ୍ତନ୍ ସୁନାରୁପା ଯାହା ଥିଲା ବିକି ଭାଁଜି କରି ଇଣ୍ଟର୍‌ଭୁକେ ଆପ୍ପ୍‌ଜ୍

ଭୁବନେଶର୍ ଭି କାଏଲ୍ କଟକ୍ ଘର୍‌ଦନ ସମଲ୍‌ପୁର୍ କର ପଠାଲ । ବାହ୍ମନ୍ ପିଲା, ସହରେଁ କେ ନ ନୌକ୍ରି ପାଉଛନ୍ । ଫେର୍ ଆଜ୍‌କାଲ୍ ତ ନୌକ୍ରିମାନେ ଦରେ ନିଲାମ୍ ହଉଛେ; ଆଗୋ ଖର୍ଚା କଲେଁ ଯାଇ ପଟେଁ ନୌକ୍ରି । ରଘୁର୍ ସର୍କାରି ନୌକ୍ରିର୍ ବଏସ୍ ଟା ଭି ଡେନା ବାଁଧି ଉଡ଼ଲା ମେତାଲ୍ ପଲେ ଗଲା । ଜମି ଠିକୁର୍ ଦୁକ ଛିଡ଼ୋଲ୍ ଭେଗୋଲ୍ ରେକ୍ କରି-ଦେଲେଁ କୁଟ୍‌ମର୍ ଗୁଉଲ୍ ଭର୍‌କ ହେସି । ବାକି ଖର୍ଚାକେ କାଁ କର୍‌ବା ? ରଘୁର୍ ଯୁଆନ୍ ମନ୍ ବୁଢ଼ାକର୍ ବାଗିର୍ ହଦରି ବସ୍‌ଲାନ । ଘରେଁ ମା ବୁଢୀ ଖୁଁ ଖୁଁ ଖାସି । ପଢ଼ଲା ପୁଅକେ ଘରେଁ ବସ୍‌ବାର୍ ଦେଖି ତାକର୍ ମନ୍ ବି ବସିଗଲାନ । ଉପୋକଧା ଲାଗ୍‌ଲା ନ ମାସ୍‌କ ଶଏ ଛ'କୋର୍ । ରଘର୍ ବହା ହେବାର୍ ବଛର୍ ନୌ ପୁର୍‌ନୁ ଆସ୍‌ଲା ପୁଅ ଶରତ୍ ନାରେନ୍ । ଶଶିକେ ଗୁରସ୍ ହସ୍ ନାଇଁ । ଉବା ଗୁରସ୍ ଘିନି ଘିନି ଜିଆଁ ବାକେ ପଡ଼ଲା । ନୁନ୍ ତେଲ୍ ଠାନୁ ଶନି ଗୁହା ତକ୍ ସବୁ ଘର୍‌ତଲା ଦରବ୍ ଦିନ୍‌କେଁ ଗୁଟେ ଭାଉ । ଶନିର୍ ଦାମେ ନୁନ୍ ଘିନ୍‌ବାକେ ପଡୁଛେ । ଖର୍ଚା ଚଲ୍‌ବାକେ ତ କେତେ କେତେ ଲୋକ୍ କଥିରି ବସ୍‌ଲେନ, ଆର୍ ରଘୁ ଭାସୁଲ୍ କେନ୍ ଖେତର୍ ଢେଲ ଆସୁ ? ରଘୁର୍ ଆଶା ଆର୍ ଶଶିର୍ ସପନ୍ ରଘୁର୍ ଗୋଡର୍ ହାବାଇ ଚଟି ମେତାଲ୍ ସରି ସରି ଛିଡ଼ି ଛିଡ଼ି ଆସୁଲାନ ।

ରଘୁ ତାର୍ ଗୁଲି ଆସ୍‌ଲା ଜୀବନ୍-ରାସ୍ତାକେ ଲେହେଁଟି ଦେଖିଲା; ତାର୍ ଯାହା ଚିହ୍ନାମାନେ ଫଟିକ୍ ଦିଶୁଛେ । ସେ ଦଉଡ଼୍‌ଥିଲା, ଡେଗୁଥିଲା, ନାଚୁଥିଲା, ଇ ରାସ୍ତାର୍ ଦୁହିଆଡ଼େଁ ଫୁଲ୍ ଫୁଟ୍‌ବାର୍ ଦେଖୁଥିଲା; ସେ ଫୁଲର୍ ମହକ୍ ଭିତରେଁ ନିଜେଁ ନିଜ୍‌କେ ହଜେଇ ନଉଥିଲା । ସେ ଠାନୁ ତାହାକେ ଦିଶୁଥିଲା ଆଗର୍ ରାସ୍ତା ଆଉର୍ ସୁନ୍ଦର୍, ଆହୁରି ଫୁଲ୍ ଫଲଭରା ହେବା । ଜୀବନ୍‌ଟାକେ ସୁରୁତ୍ ସର୍‌ବତ୍ ମେତାଲ୍ ପିଇନେବା । ହେଲେଁ ଆଜ୍ ଦେଖିଲା ସେ ସବୁ କେତେ ମିଛ, କେତେ ଦୁଖ୍‌ଦିଆ ଆସୁ । ପଛ୍‌କେ ଲେହେଁଟି ଦେଖି ସେ ନୁରି ବସୁଛେ କେନ ହଜାଲା ତାର୍ ସୁଖ୍, ତାର୍ ଲେଖିବାର୍ ଖିଆଲ୍, ବୁଟ୍‌ବାର୍ ମନ୍ । ଆଜିର୍ ତାର୍ ହଁସିଖେଳାର୍ ବଏସ୍ ସାଙ୍ଗେଁ ତାର୍ ଯାହା କିଛି ଥିଲ ସବୁ ହଜି ଯାଇଛେ । ଅଛେ ଖାଲି ହୁର୍‌ଗୁନି ହେବାର୍ କାନ୍ଦି ପକାବାର୍ ମନ୍‌ଟେ । ହେଲେଁ କାନ୍ଦି ନାଇଁପାରେ । କାନ୍ଦି ପାର୍‌ଲେଁ ଭାସୁଲ୍ ବେଦେନ୍ ଫାଟି ଯୋଜ୍ ବୁହିଁଗଲେଁ ଯେନ୍ତା ଉଶାସ୍ ଲାଗ୍‌ସି ସେନ୍ତା ବାଗିର୍ ଲାଗ୍‌ତା । ହାସୁ ! କେଡ଼େ ହୀନ୍‌କପାଲିଆ

ଆସୁ, ସେ ଭାବୁଲା ମନେଁ ମନେଁ । ତାର୍ ବିତଗଲା ଦିନ୍‌ମାନେ ତାର୍ ଆଖିଁ ଆଗୁଜ୍ ବି ନାଚୁଛନ୍ । ସେ ଦେଖ୍‌ସି ତାର୍ ସାଙ୍ଗେଁ ପଢ଼ୁଥିଲା ପିଲାମାନ୍‌କୁଁ । ଯେନ୍‌ମାନେ ମେଟ୍ରିକ୍‌ନେ ରହିଗଲେ, ସେମାନେ ଆଜିର୍ କାଏ ପଂଚେତ୍ କା ସୁସାଇଟି ସେକ୍ରେଟେରି ହଇ ଫଁଟଫଁଟି ଚଢ଼ୁଛନ୍ ନାଇଁତ ଓଆଡ଼୍‌ମେମ୍ବର୍ ସର୍‌ପଂଚ୍‌କା ରାଜନୀତି ଦଲେଁ ରହି ମାତି, ମଦେ, ମଦାପର୍ ହୋଲ୍‌ସେଲର୍ ସାଜିଛନ୍ । ମେଟ୍ରିକ୍ ପାସ୍‌କରି କଲେଜ୍‌କେ ଯାଇ ନାଇଁ ପାର୍‌ଲା ସାଙ୍ଗ୍‌ମାନେ ମାଷ୍ଟର୍ ହଇଁ ଟିଭି ଟିଭିଏସ୍ କଂପାନି-ମାନ୍‌କର୍ ଭଲ୍ ଅସାର୍ ବଖାନୁଛନ୍ । ତାର୍ ସାଙ୍ଗେଁ ବିଏ ପାଶ୍ କରିଥିଲା ହରିଜନ୍ ଆଦିବାସୀ ପିଲାମାନେ କାଏ କିରାନି ତ କାଏ ପେସ୍‌କାର୍ ହଇ ପକ୍‌କା ଘର୍ କଲେ ନ । ପେସ୍‌କାର୍ ଥିବାର୍ ସାଙ୍ଗ୍ ପରେ ପାର୍ଟିମାନ୍‌କର୍‌ନୁ ଆଗ୍‌ତରିଆ ମାଜିଷ୍ଟ୍ରେଟ୍‌କେ ଦିଆ ଲାଗ୍‌ବା ବଲି ହଜାର୍ ହଜାର୍ ଆନ୍‌ସି, ମକଦମା ହାରିଗଲେଁ ଫେରେଇ ନେମି ବଲି କହିକରି । ବନ୍ଧୁବାନ୍ଧବ୍ ସାଟ୍ ସର୍‌ସିଆ କାହାକେ ଛୁଡେ଼ ନାଇଁ । ଟୁରି ଖାଏବ ତ କାମ୍ ସାନ୍‌ବଡ଼୍; କୁକୁର ଖାଏବ ତ କାମ୍ ଘିନ୍‌ଲା କାମ୍ ପୁନ୍‌ଲା । ଖାଏବ ତ ସବୁ ଖଅ ସବୁ ଏକାଠା । ଇ ରମାକାନ୍ତ କେ ଦେଖ, ତାର୍‌ଠାନୁ ଦୁଇ ବର୍ଷର୍ ଆଗୁଁ ବିଏ ପାସ୍ କରି ଓକିଲତି ପଢ଼ୁଲା । ଓକିଲ ହଇ ଏ'ଦେ ବଛର୍ ଦୁଇଟାକେଁ ସହରେଁ ଘର୍ ଦୁଆର୍ ବନେଇ ଗାଡି, ପିଁଢ଼ା କଲା ନ । ଚକ୍‌ବନ୍ଦୀ ଆର୍ ସିଲିଙ୍ଗ୍ ସାହେବମାନେ ତାର୍ ସାଙ୍ଗେଁ ମାଙ୍ଗ୍‌ହେସନ୍ । ସିଲିଙ୍ଗ୍ ଚକ୍‌ବନ୍ଦୀର୍ ଆଇନ୍ କାନୁନ୍‌ମାନେ ତାର୍ ମୁଠେଁ ମୁଠେଁ ଖେଲୁଥିସନ୍ । ଦୁଇ ଏକଡ଼୍ ବଅଁଶବ ବୟୁଲେଁ ଏକଡ଼୍‌କର୍ ଦାମ୍ ନାଇଁ ମୁର୍ଛୁଲେଁ ହେବା କାମ୍ ବଲି ଡାକ ହାକ କହେସି । ଇ ସବୁକେ ଅସ୍‌କଠ୍ ଲାଗ୍‌ସି ରଘୁକେ । ଶଶି ବଲ୍‌ସି "ପସ୍‌ସାଠା ପସ୍‌ସା ଆସୁ; ମାତି ମଦ୍‌ଏମ୍, ପାପ୍‌ପୁଇନ୍ ବୟୁଲେଁ ପସ୍‌ସା ପଲବା ଯେ କୁଦେଇ ନାଇଁ ପାରୁ ।" ଭାବ୍‌ନାର୍ ଖାର୍ ଭିତ୍‌ରେଁ ରଘୁ ବୁମି ଯାଇଛେ, ଫେର୍‌ବାର୍ ମନ୍ ନାଇଁ । ନାଇଁ ଫେରିଥିତା ବି ଯଦର୍ପି ଶଶି ନେଁ କହିଥିତା ଯେ "ବାବୁର୍ ଦେହେ ବୁଢ଼ି ଧାଉଛେ, ତାହେର୍ ସୀମା ନାଇଁ ଲିଆପୁଠା ଜର୍ । ଓଷୋ କଷା କଣ୍ଠ ନେଁ କଲେଁ କେନ୍ତା ହେବା ? କଂପାଣ୍ଡର୍ ଲେଖି ନେଇଥିଲେ କାଗଜ୍ ନେଇକରି ଯ । ଯେନ୍ତାକରି ହେଲେଁ ଓଷୋ ଆନ୍‌ଅ ।"

ରଘୁ ସଥର୍ ଜୀବନ୍‌କେ ଫେରି ଆସୁଲା; ସବୁଦିନିଆଁ ସଂସାର୍ ସୋର୍‌କେ ଆସୁଲା । ଦେଖ୍‌ଲା ପୁଅକେ ଜର୍, ମାଁର୍ ବି ଓଷୋ ସର୍‌ଲା ନ,

ଶଶିର୍ ଶାଢ଼ୀ କେଭେଁ ଫାଟ୍‌ଲା ନ, ଖଣ୍‌ଏକେ ଧୁଇ ଶୁଖେଇ ପିଁଧୁଛେ । **ଘରେଁ ତେଲ୍, ନୁନ୍, ଚଣା ଗୁହା କଛି ନାଇଁ ଆର୍ ତାର୍ ସାଙ୍ଗେଁ ହାତେଁ ପୟ୍‌ସା ଟେ ବି ନାଇଁ କି ପାୟ୍‌ବାର୍ ବାଟ୍ ବି ନାଇଁ । ଭବ୍‌ନା-ଚୟ୍‌କୁଁ** ବାହାର୍‌ବାକେ ଚେରେଷ୍ଟା କଲା ବେଲ୍‌କେ ଦେଖ୍‌ଲା ଯେ ଚଉର୍‌ଦଗ୍ ବମୋର୍‌କଁଟା ସିଙ୍ଘ୍‌ରାଲା ଲେଖେଁ ବାଟ୍ ରୁଁଧି ହଇଛନ୍ । ରଘୁର୍ ନଗଶ୍ ମୁହେଁ ଶେଥୁଆ ରଙ୍ଗ୍ ପାଉଡ଼ର୍ ମେତାଲ୍ ଲେସି ହେବାର୍ ଦେଖି ଶଶି ତାର୍ ନାକ୍‌ପୁଲ୍‌କି ଟା, ସୁନାର୍ ପାହ୍ନ୍ ବୟ୍‌ଲେଁ ଯେନ୍‌ଟିକି ଖାଲି ବଅଁଚି ଥିଲା ଆନି ଧରେଇ ନେଲା । କହେଲା "ନଅ, ବିକି ଭାଁଜି ଉଷୋ ଆନ୍‌ଅ, ଛୁଆଟା ଆଗୋ ବଅଁଚୁ ।" ରଘୁର୍ ଭିତ୍‌ରର୍ ମୁନୁଷ୍, ତାର୍ ପୁରୁଷ୍ ପନଅଁ ହାହାକାର୍ କରି ଉଠ୍‌ଲା । ତାର୍ ନେଁ ପାରଲା ମନ୍‌ଟା ଦହ୍‌ସାରି ସର୍‌ସରେଇ ଲହେଇଁ ଗଲା । "ନାଇଁ ନାଇଁ, ଥାଇଦେ, ମୁଇଁ କେନ୍‌ସି ରକମେ ଉଷୋ ଆନ୍‌ମି ନ" କହିଁ ତତାପନା ହଇ ସହର୍‌କେ ପଲାଲା ।

ସବୁଦିନର୍ ଦେଖ୍‌ଲା ସହର୍‌ଟା ଆଜ୍‌ଜ୍ ରଘୁକେ ନୂଆଁ ନୂଆଁ ଲାଗୁଛେ । ଇନ ଯେ ଚଢ଼ିଶୁନ ମାକର୍ ନୁ ମୁନ୍‌ଷ୍ ହଇଛେ । ଇନର୍ ପୁଲିଆଁ, ସଡ଼କ୍, ତାର୍‌ଖମ୍, ଦଉଲ୍ ମସ୍‌ଜିଦ୍ ସବୁ ତାର୍ ଚହ୍ନାର୍ ଜନାର୍ ତଥାପି ତାହାକେ କହେ ନେଁ ଚହ୍ନ୍‌ବାର୍ ବାଟିର୍ ଲାଗୁଛେ । ନକେଁ ସାଙ୍ଗ୍‌ସାଥୀକୁଁ ଦେଖ୍‌ଲେଁ ମୁହଁ ଲୁକା ଦଉଛେ, ସାଏତ୍ କାଏ ପଚରେଇ ନେବା କାହିଁକେ କେନ୍ତା ଅଛେ କା'ଣା କରୁଛେ ବଲି । କା'ଣା କହେବା ? ନ ପାର୍‌ଲା ପନ୍ ହୀନ୍‌ମନଅଁ ଭବ୍ ତାର୍ ଦହେଁ ଘୁରି ଘୁରି ଚଢ଼େଇ ନଉଛେ । ସହର୍‌କେ ତ ଆୟ୍‌ଲା ଛୁଟ୍ଟା ହାତେଁ, ଗୁଡ଼୍‌ଦୁ ହାଠ୍‌ବାଠ୍‌ର **ଭବ୍‌ନା ନେଇ । କେନ୍‌ନିକେ,** କାହାର୍ ଠାନ୍‌କେ ଯିବା ? ଯୋର୍ କଲା ତାର୍ ପଢ଼ାସାଙ୍ଗ୍ କୟ୍‌ଲାସ୍ ଜଏନ୍‌କେ । ସେ ଦେଖିଛେ କୟ୍‌ଲାସ୍ ଆଜିର୍ ସହରର୍ ବଡ଼୍ ମହାଜନ୍ ଖାଲି ନୁହେ, ବଡ଼୍‌ଲୋକ୍ ବି ଅୟ୍ । ମୁନ୍‌ସିପାଲ୍‌ଟିର୍ ଚେଆର୍‌ମେନ୍ ହଇଛେ, ବ୍ୟବସାୟୀ ସଂଘର୍ ସଭାପତି, ଯୁବଲେଖକ୍ ସଙ୍ଘର୍ ସଭାପତି, ଟେଠାଗି କ୍ଲବ୍‌ର ସେକ୍ରେଟେରି, ଆର୍ କାଁ କା'ଣା । ଯେଭେଁ ଦେଖ୍‌ଲେଁ ପଚ୍‌ରସି କେନ୍ତା ଅଛୁ ବଲି । "ମୋର୍ ସେବା ଲାଏକ୍ କଛି ଥିଲେଁ କହେବୁ" ବଲି ବି କହେସି । ହେଲେଁ ସେଟା ଗୁଟେ କଥା କହେବାର୍ ସହରି ଫେସନ୍ ଆୟ୍ । ସଥେଁ ସେମାନେ ସାହେବ୍

କରିବେ କାହିଁ୍ ବଲି ରଘୁ ମନେ ମନେ ପଚ୍ରାଇ 'ନାଇଁ' ଉତ୍ତର୍ ପାଉଁଚି, ଶୁନ୍ ପରିସି । ଦୁକାନେ ସେ ଥିବା ନାଇଁ ଥିବା କେ ଜାନ୍‌ଏ ? ଗେଜଟ୍-ମାନ୍‌କେଁ ସବୁଦିନେ ବାହାରିସି ସେ କେନ୍ ସଭାନେ ସଭାପତି, କେନ ମୁଖ୍ୟ ଅତିଥି ତ କେନ ସମ୍ମାନିତ ଅତିଥି ନାଇଁ ତ ଆୟୋଜକ ହେଲେଁ ଥିସି । ଭାବୁନ୍ ଭାବୁନ୍ ତାର୍ ଦୁକାନ୍‌ନ ହାଜର୍ ହଇଗଲା ରଘୁ । କପୁଲସ୍ ଆର୍ କା'ର୍ ସାଙ୍ଗେଁ ବସି ଦୁକାନେ କଥାବାର୍ତ୍ତା କରୁଛେ । ରଘୁକେ ଦେଖି ଡାକ୍‌ଲା "ଆ ବୋ ! ରଘୁ, ଆ ଭିତର୍‌କେ ଆ, କେନ୍ ଆଡ଼େଁ ଆଇଲୁ ?"

ରଘୁର୍ ମରଲା ମନ୍, ମଇଲା ଚେହେରା, ଶୁଖ୍‌ଲା ମୁହଁକେ ବନ୍‌ଏ ଘଡ଼େ ନଘା କରିଲା କପୁଲସ୍; ବନହାଁ ହାଟବାଟ ଫେରିଲା ଅବନି ବଳଦ୍ ପଟେକେ ଦେଖି ଗୋରିବେପାଗି ଯେନ୍ତା ଗହ୍ମା ଥିଁ ମିଲ୍‌ବାର୍ ଆଶ୍ କରି ନଜର୍ ଗଡ଼ାଇ ଦେଖ୍‌ସି । ସାଙ୍ଗେଁ ଥିବାର୍ ଲୋକ୍ ଠାନେ ରଘୁକେ ଚିହ୍ନାର୍ କରବାକେ ଯାଇ କହେଲା "ଏହେ ମୋର୍ ସାଙ୍ଗ୍ ରଘୁନାଥ୍ ମିଶ୍ର, ଏକା-ସାଙ୍ଗେଁ ପଢ଼ୁଥିଲୁଁ, ଗୁଟେ ଡେସ୍ ଥି ବସୁଥିଲୁଁ । ଭଲ୍ ଲେଖାଲେଖି କରି ଆମର୍ ଇସ୍କୁଲେଁ ନାଁ କମେଇଥିଲା ।

ସାଙ୍ଗର୍ ଲୋକ୍‌ଟା ପଚରାଲା "ଏଛିନା କା'ଣା କରୁଛନ୍ ?"

କପୁଲସ୍ କହେଲା "କାଁ କରିବା ? ଏଛିନା ଯେନ୍ ଯୁଗ୍ ଆଇଁ, ଗୁନ୍‌କର ବାକ୍‌ର ତ ମିଲ୍‌ବାର୍ ନାଇଁ, ଗାଁ ନ ଅଛେ ।"

"ତ ଆମର୍ ବ୍ୟବସାୟୀ ସଂଘର୍ କିରାନିଟେ ଦର୍‌କାର୍, ରଖି-ନେଲେଁ ?" କହେଲା ସାଙ୍ଗର୍ ଲୋକ୍‌ଟା ।

କପୁଲସ୍ କହେଲା "ସଂଘ୍ କହୁଛେ, ମାସ୍‌କ ତିନ୍‌ଶ ଟଙ୍କାନୁ ଅଧିକା ନାଇଁ ଦେଇପାରେ; ଇ ନ ରହି ଜନ୍‌ଏ ତିନ୍‌ଶ ଟଙ୍କାଥିଁ ଚଲ୍‌ବା କେନ୍ତା କରି ?" ଫେର୍ ଘାଇଁ ଭାବି କହେଲା "ହଉ, ମୁଇଁ ରଘୁ ସାଙ୍ଗେଁ କଥାବାର୍ତ୍ତା କରି ଯେନ୍‌ଟା ଧରିବା କରିମି ।"

ସାଙ୍ଗର୍ ଲୋକ୍‌ଟା 'ଜରୁରି କାମ୍ ଅଛେ' କହି ପଲାଲା ।

ରଘୁ ଆଉର୍ କପୁଲାସ୍ କଥାବାର୍ତ୍ତା ହଇ ଛିଡ଼ାଲେ ଯେ ରଘୁ ବ୍ୟବସାୟୀ ସଂଘର୍ କିରାନି ହଇ ରହେବା । କପୁଲାସ୍ ଘରେଁ କୁଠିଟେ ରହେବାକେ ଦେବା, ଆର୍ କପୁଲାସର୍ ପୁଅକେ ରଘୁ ପଢ଼ାବା, ତାର୍

ଘରେଁ ଖିଆପିଆ କର୍‌ବା । ଦୁହେ ଉଷତ୍ ହେଲେ । ରଘୁ କସ୍ତୁଲସ୍‌ନୁ ଟଁକା ନେଇ ତାର୍ ହାଟ୍ ବଜାର୍ ଧରି ଘର୍‌କେ ଆୟୁଲା । ଆରଦିନ ପଲଇ ଆୟୁଲା ସହର୍‌କେ ।

ରଘୁକେ ସହର୍‌ଟା ଆୟୁଜ୍ ଦୁସ୍‌ରା ଦୁସ୍‌ରା ଦିଶୁଛେ । ଇ ସହରର୍ ସବୁ ଜିନିଷ୍ ସହରବାର୍ ଲାଏକ୍ ମେତାଲ୍ ଦିଶୁଛେ, ହେଲେଁ ନିଜ୍‌କେ ସେ ପାସଙ୍ଗ୍‌ନେ ପକେଁ ନେଁ ପାର୍‌ବାର୍ । ନିଜ୍‌କେ ବନିହାଁ ଗ୍ଲେଟ୍ ହିନ୍‌ମାନ୍ ଲାଗୁଛେ । ସେ ଆୟୁଜ୍ କସ୍ତୁଲସ୍ ଜଏନ୍‌ର ବାହାର୍ ଛୟୁରା ତଲେଁ ଆଶ୍ରା ନେଇଛେ । ରଠ୍ ଖରାଥିଁ ଗଛ୍ ଯେନ୍ତା ବାଟ୍ ଚଲ୍‌ତାକେ ବସି-ଦେସି । ବନିହାଁ ଦିନାକେତେ କଟିଗଲା । ବ୍ୟବସାୟୀ ସଙ୍ଘ ବନ୍‌ଏ ଚଲ୍‌ଲା । କସ୍ତୁଲସର୍ ପୁଓ ବୁର୍ତ୍ତି ପାୟୁଲା । ରଘୁ ତାର୍ କବାରେଁ ସବୁବେଳେଁ ମନ୍‌ତନ୍ ଦେଇ ଲଗିଛେ । ଦେଖିଲା ଯେ ସକାଲ୍ ପୁଅକେ ତାକର୍ ଗାଁଟା ସଥେଁ ଯେନ୍ତା ଉଠି ଆଉଛେ ଇ ସହର୍‌କେ । ଦଧି କେଉଟ୍ ମୁଢ଼ି ଦୁଇ-ବସ୍ତା ଧରି ଆୟୁଲେଁ ରାମ ମାଲି ଶାଗ୍ ଭାରେ ଆର୍ ଚଟ୍ନା ପତର୍ ଛଟ୍‌ନ୍‌ଏ ଧରି ଆଉଛେ । ଗାଁର୍ ଗୁର୍, ଗୁରସ୍, ଝୁର, ମୁଢ଼ି, ଭୁନ୍‌ଶାଗ୍ ଏନ୍ତା କି କୁକ୍‌ରା ଚଙ୍ଗ୍‌ରା ନୁ ଗାଁନେ ଜନମ୍ ହେଲେଁ ଭି ତାକର୍ ମର୍‌ଘାଟିଟା ସହର୍ ଆୟୁ । ଲଛମନ୍ ଭଁଡ଼ାରି କୁରା ମୁଠି ଧରି ସହରେଁ ହାଜର୍ ହେସି, ରଘୁ ଆର୍ ଶଶି ଭିତ୍‌ରେଁ ଖବର୍ ନେ ଆନ୍ କରସି । ଦିନ୍‌ଏ ଲଛମନ୍ କହେଲା "ମିଟିଂରପିଲ୍ ! ମାଲ ଘାସିର୍ ଟ୍ରି ଲଂତାକେ ଭେଖିସୁ କା ନା ହୋ !"

ରଘୁ ସୋର୍ କଲା ଲତାକେ । ତାର୍ ଆଖିଁ ଗୁଟେ ସୁନ୍ଦର୍ ବର୍କସ୍ ଗୁରା ଟୁକେଲ୍‌ଟାକର୍ ଚେହେରା ନାଚି ଆୟୁଲା । ରଘୁ କହେଲା "ନାଇଁ ତ ବାବୁ ! ନେଁ ଦେଖିବାର୍, ଇ ସହରେଁ ଅଛେ ?"

ଲଛମନ୍ ହଁସି ହଁସି କହେଲା "ତୁହେ ଜାନ୍‌ଉ, ଇ ସହରର୍ ପିଲା ଅଜିତ୍ କଲେଜ୍‌କେ ଗଲା ବଛର୍ ବିହା ନାଇଁ ହଇ ? ଅଜିତ୍ କଲେଜ୍, ମୁନ୍‌ସିପାଲ୍‌ଟିର୍ ମେହେଁତର୍ ମେଟ୍ ମଧୁ କଲେତର୍ ପୁଓ । ଅଜିତ୍ ହୋ ଅଜିତ୍; ରେଉଡ଼ୁନେ ଗାୟୁସି, ଆଜ୍‌କାୟୁଲ୍ ପରେ ଟିଭି ଥି ଭି ଗାୟୁଲାନ । ଲତା, କାଁ କହେବୁ ଯେନ୍ ଟୁକେଲ୍‌ଟେ ଯେ ଖିତ୍‌ଗାଡ଼େଁ ପଦୁଁ ଫୁଲ୍

ଫୁଟ୍‌ଲା ଲେଖେଁ ଘସିଆ କୁଳେଁ ଜନମ୍ ହେଇଲା ସିନା, ନେ ହେଲେଁ ଦେଖ୍‌ବୁ ବୟ୍‌ସ୍‌ଲେଁ ଅପଷରା ଆୟ୍‌ସ୍ ।”

“ତାର୍ କଥା କେନ୍ତା କହେସୁ, ବାରିକ୍‌ଟୁଆ !; ହେନ୍ତା କା’ଣା ବନହାଁ କହୁ କଥା ଅଛେ ଲତାର୍ ନ ?” ପଚ୍‌ରାଲା ରଘୁ ।

“ହଁରେ ବୁଆ ! ହେଥିର୍ ଲାଗି ତ ପଚରଉଥିଲି ତତେ”; କହି-ବସ୍‌ଲା ଲଛମନ୍ । “ଲତାକେ ତ ବହା ହେଇଲା ଅଢ଼େଇ; ଅଢ଼େଇ କେ ଭି ଜାନ୍‌ବୁ ଯେ, କେ’ନ ଧିରିଆର୍ ଲୋକ୍ ଆୟ୍‌ସ୍ ? ଆମର୍ ପାଲି ଗାଁର୍ ମଧୁ ଘାସିର୍ ପୋ । ମଧୁ ହୋ ମଧୁ; ଆଗୋ ଲୋକ୍ ମନ୍ଦ୍‌ଳିଆ ବୟ୍‌ସ୍‌ଲେଁ ଖାଲି ମଧୁକେ ହିଁ ବୁଝୁଥିଲେ । ହେଁ ଠର୍ ଅଢ଼େଇ ବହା ହେଲା କି ବଲୁଛି ପିଇ ବସ୍‌ଲା ଯେ ପିଉଛେ ତ ପିଉଛେ । ସେ ପରେ ସଙ୍ଗୀତ୍ ବିଦ୍ୟାକେ ବହା ହଇଛେ, ଲତାକେ ନୁହେ । ଲତା ତାର୍ ଭରେଁ, ଅଢ଼େଇ ବୁଢ଼ାଲ୍ ସାଙ୍ଗେଁ । ହେଲେଁ ଅଢ଼େଇର୍ ବୁଆ ମଧୁ ଭଲ୍ ଲୋକ୍ ଆୟ୍‌ସ୍ ତ, ଟୁକେଲ୍-ଠାକେ ମୁନ୍‌ସିପାଲ୍‌ଟିନେ ଭରିନେଲା । ଲତା ଏଥିନ ସୁନାରୁପା ଦୁଇଦରବ୍ ପିଁଧିଲା କି ଆହୁରି ସୁନ୍ଦର୍ ଆହୁରି ଲୁଭ୍‌ଲୁଭନ ଦିଶୁଛେ । ଗାଁର୍ ସବୁ ବନ୍‌ଏ ଟିକ୍ ତ ସହର୍‌କେ ଆୟ୍‌ସ୍‌ଲେଁ ଯାଇ ଭାଁଜ୍ ହେସି । ଲୋକ୍ କହେସନ୍ ମୁନ୍‌ସିପାଲ୍‌ଟିର୍ ବଡ଼୍‌ବାବୁ··· ନାଇଁ ବୁଝ୍‌ଲୁ ?” ।

“ହଁ ହଁ ଥାଉଦେ ଟିକେ, ସବୁକଥା କେତେ ଖୁଲାଖୁଲି କହେବୁ !” ବନ୍ଦ୍ କରାଲା ରଘୁ ଲଛମନର୍ କଥାର୍ ଧାର୍‌କେ । ଆର୍ ନିଜେଁ ପଣି ଉଡ଼ୁଲି ଉଡ଼ୁଲି ଗଲା ଭାବନା-ନଦୀର୍ ଧାରେଁ ଧାରେଁ ଯେନ୍‌ଟା କି ଘାଉଁ-ଘାୟ୍‌ସ୍‌କେ ବଡ଼ି ବଡ଼ି ଫୁକାରି ଉଠୁଥିଲା ।

“ଗାଁର୍ ସବୁ ଭଲ୍ ଟିକ୍ ସହର୍‌କେ ଆୟ୍‌ସ୍‌ଲେଁ ଯାଇ ଭଞ୍ଜି ହେସି” କହେଲା ଲଛମନ୍; କେଡ଼େ ସତ୍ । ଭାବୁଥିଲା ରଘୁ “ଗାଁର୍ ସବୁ ଭୁନ୍-ଶାଗ୍ ଝୁରି, ମୁହିଁ, ଅଣ୍ଡା, କୁକ୍‌ରା ସହର୍‌କେ ଆସି ଭଞ୍ଜି ହେବା ଆର୍ ତାର୍ ଗାଁଥି ଗଅଁତ କର୍‌ବେ ରକତ୍ ହୀନ୍‌ତା, ଶୋଥ୍, ସିକ୍‌ଲିଙ୍ଗ୍, ଗୋଡ଼୍‌ଜଲା ବାତ୍, ରାତ୍‌କ୍‌ର କଣା ବେମାର୍ । ପିଲାଛୁଆମାନ୍‌କୁଁ ଗୁରସ୍ ପାୟ୍‌ସ୍‌ନ୍ ନାଇଁ; ଖାଇଲେଁ ଭି ଲସି ଥିପେ ନାଇଁ; ଛୁଆମାନେ ଅଧିକଆଁ ମର୍‌ବେ; ଯଦ୍‌ଭି ଜୀଇଁବେ ତ ପେଟ୍ ବଡ଼୍ ଟାଲ୍ ବଡ଼, ଆର୍ ହାତ୍‌ଗୋଡ଼୍ ସପୁଁର୍ ସପୁଁର୍ ନଲି ଲେଖେଁ; ଆଏଁଖ୍‌ମାନେ ଗାଲ୍‌ଲା ମଢ଼୍ ମେଟାଲ୍

ପେଜକୁଆ । ଲୁନ୍‌ଶାଗ୍ ଝୁରି ମୁଢ଼ି ବାଗିର୍ ଦାନ୍ତ୍‌ମାନେ ବଏସ୍‌ମାନେ ଚେଦେଇବାମାନେ ବ ଆସି ସହରେଁ ଭାଞ୍ଜ୍ ହଉଛେ ବଲି କହେଲା କାୟ୍‌ସେ ଲଛ୍‌ମନ୍ ? ମିଛ୍ ତ ନୁହେ ତାର୍ କଥା ।” ଭାବ୍‌ନା-ନଏଦ୍‌ଥିଁ ଉହ୍ଲୁଛେ ରଘୁ, ଗୋଡ଼୍‌ହାତ୍ ପିଠୁଛେ ଖଏଣ୍ ନେଇ ଧରି ପାର୍‌ବାର୍ । ସୋର୍ କଲା ଚଲା ବଛରର୍ କଥା । ତାକର୍ ଗାଁର୍ ଫୁଟ୍‌ବଲ୍ ଦଲ୍ ଖେଲି ଆଇଥିଲେ କେନ୍ ମେଚ୍‌ଟେ । ସେଥିଁ କେଉଁଠ୍ ଘରର୍ କାର୍ତ୍ତିକ ବଢ଼ିଆ ଖେଲୁଥିଲା । ସହରର୍ ଲୋକ୍ ଭି ଆଶ୍ଚିଯ୍ ହେଲେ ତାର୍ ଆକାଭୂତ୍ ଖେଲ୍ ଦେଖି । ରେଫରି ହଇ ଯାଇଥିଲା ସହର୍ ଟିମର୍ ମେନେଜର୍ ରାମୁ ଅଗ୍ରବାଲ୍ । ଏସୁର୍ ବଡ଼େ ହନୁ କାର୍ତ୍ତିକ କେଉଁଠ କେ ରାମୁ ତାର୍ ଗୁଡ଼ାଖୁ କାର୍‌ଖାନା-ନେ କାମ୍ ଦେଇ ସହର୍ ଟିମ୍‌ଥିଁ ଖେଲାଲା ନ । କାହ୍ନୁ ବଢ଼ିଆ ବାର୍‌ସି, ବଟାଲି, କରତ୍, ଗିର୍‌ମିଟ୍ ଧରି ସବୁଦିନେ ସହରେଁ ମୁଲ୍‌ଗୁଲ୍ ହେସି, ଆରୁ ତାର୍ ଗାଁର୍ ବଡ଼୍‌ଭାଗୀ ଘର୍ ପଡ଼୍‌ନେ ପଡ଼୍‌ନେ ହଉଛେ ।

ଆଉରୁ କତେଁ ? ତାର୍ ନଜର୍ କଥା ଭାବି ବସ୍‌ଲା ବେଲ୍‌କେ ରଘୁ ଭାବ୍‌ନା ନଏଦର୍ କେନ୍ ଭଉଁରୀ ଥିଁ ଭତ୍‌ରେଇ ଗଲାନି ତାର୍ ହେଜା ଗୁଜା ନାଇଁ । କୟ୍‌ଲାସର୍ ପୁଓ ବୁଟି ପାୟ୍‌ଲା; ଆରୁ ତାର୍ ନଜର୍ ପୁଓ ଗାଁଥିଁ କେ'ନ କଷିଆମ୍ କଷିବୁରେ ଲାଗି ଗଛୁଁ ହାଟି ପଡୁଛେ; କେତେ-ବେଲେଁ ଢେଁଉ଼ୁ ସାପର୍ ଫଟେଁ ତ କେବେଁ କେନ୍ ମଠରର୍ ଫଟେଁ ଫଟେଁ ଦଉଡ଼ୁଛେ । କୟ୍‌ଲାସ୍ ସେ ଦିନେ ସହରର୍ ଦୈନିକ୍ ପତ୍‌ରିକାର୍ କଥେନ୍ ଲେଖକ୍ କବିତା ଲେଖକ୍ ବଲି ପୁର୍‌ସ୍କାର୍ ପାଇ ଆସି ରଘୁର୍ ନେ ଭେଟ୍ ହେଲା । ଦୁହେ ଦୁହିଁକର୍ ମୁହଁକେ ଦେଖାଦେଖି ହେଲେ ଖାଲି; କଥାବାର୍ତ୍ତା ନାଇଁ, ଶେଷେଁ କୟ୍‌ଲାସ୍ ନୋଟ୍ ଗୋଛେ ତାହାକେ ଧରେଇ ନେଲା । ହେଲେଁ ରଘୁକାଁ କଲି ନେତା ? ନେଇ ନାଇଁ ପାର୍‌ଲା । ଭାବ୍‌ଲା ତାର୍ ଲେଖା ପୁରସ୍କାର୍ ପାୟ୍‌ଲା, ନାଁଠା ଯାର୍ ହେଲେଁ କା'ଣା ଅଛେ ? କୟ୍‌ଲାସର୍ ପଢ଼ଲା ଭାଷଣ୍, ମୁଖ୍ୟଅତିଥିର୍ ଭାଷଣ୍‌ମାନେ ଗେଜଟ୍‌ମାନ୍‌କେଁ ବାହାରୁଛେ, କେତେ ବାଃ ବାଃ କରୁଛନ୍ । ରଘୁକେ ଦେଖି କୟ୍‌ଲାସ୍ କହ୍ନି କହି ନାଇଁ ପାରେ ତାର୍ ଲେଖା ଭାଷଣ୍‌ମାନେ କେତେ ବଢ଼ିଆ ହଉଛେ ବଲି । ରଘୁର୍ ଭାଷା କୟ୍‌ଲାସର୍ ହଇ ଯାଇଛେ । ରଘୁର୍ ମଗଜ୍-ରାପ୍‌ନେଁ କୟ୍‌ଲାସର୍ ଜବର୍ ଦଖଲ୍ ଥାପି ହେଲା ନ । କୟ୍‌ଲାସର୍ ମୁହେଁ ରଘୁର୍ ଭାବ୍‌ନା ରଘୁର୍ ଭାଷା ଉଦ୍‌ଗାରି ହଉଛେ । ରଘୁର୍

ପାର୍‌ଲ୍‌ପନ୍‌ କଯୂ୍‌ଲସ୍‌ନ ଝକ୍‌ର ହଉଛେ ଦଧି କେଉଁଠେର୍‌ ମୁର୍ହି ମେତାଲ୍‌ କ ଗମ ମାଲ୍ଲିର୍‌ ଶାଗ୍‌ ବାଗିର୍‌ । ଆଉର୍‌ ଲତାର୍‌ ଝିହ୍‌ ବଏସ୍‌ ଝକ୍‌ର ହେବାର୍‌ ଥିଁ କାଯୂଁ୍‌କର ପସ୍ତାବା ? ହେଁ ସବୁ ତ ଝକ୍‌ର ହଉଥିଲ୍‌, ହଉଛେ, ହଉଥିବା । ଲତାର୍‌ ବିହ୍‌ ଭାଙ୍ଗ୍‌ ହେବାର୍‌ ଠା ଲଛ୍‌ମନ୍‌ଭିଁଡ଼ାଖି-କେ ଅସ୍‌କଠ୍‌ ଲଗୁଛେ ତ ତାର୍‌ ନିଜର୍‌ ମନ୍‌, ବୁଦ୍ଧି, ଶକ୍ତି ଭାଙ୍ଗି ସେ ତାର୍‌ କୁଟୁମ୍‌ ଚଲେଇଛେ, ସେଥିଁ ଇଠା ତାହାକେ କେତେ ଅସ୍‌କଠ୍‌ ଲଗୁଥିବା । ତାର୍‌ ମନେ ସେ କେତେ ଛୁଟ୍ଟି ଥୁଥୁ ନୌ କରୁଥିବା । ଭାବ୍‌ନା-ନଦୀର୍‌ ଭଉଁରି ଭିତ୍ରେଁ ଉକ୍‌ବୁକେଇ ଯାଉଛେ ରଘୁ । ଉପର୍‌କେ ଉପ୍‌କେଇ ଆନ୍‌ଲା ଲଛ୍‌ମନର୍‌ କଥା···

"କା'ଣେ ଗା ବାବୁ ମିଶିର୍‌ ପିଲ ! ବନହିଁ ଭାବ ବସ୍‌ଲୁ, ମୁଇଁ ଯିମି ଏତ୍‌ତକେଁ । ଘରର୍‌ ଲୁକେ କହିଥିଲେ ଘାଯୂ୍‌କର୍‌ ଲାଗି ହେଲେଁ ପରେ ଘର୍‌କେ ଯିବୁ । ବୁଢ଼ୀ କାଁ ହେଲ୍‌ ଯେ ବନହିଁ ନୁରୁଛନ୍‌ ।" ରଘୁ ଖାଲି ହିଁ କଲ୍‌ ମେତାଲ୍‌ ମୁଣ୍ଡ୍‌ ହଲଲ୍‌, ଲଛ୍‌ମନ୍‌ ଗାଁ ମୁହିଁ ବାଠ୍‌ ଧଯୂ୍‌ଲ । ରଘୁର୍‌ ମନ୍‌ଟା କାଞ୍ଜିହସର୍‌ ବଲଦ୍‌ ମେତାଲ୍‌ ଇ ନ ସେ ନ ହଉଥାଯୂ୍‌ । ଝନଧାକ ଇ ନ ସେ ନ ହଉଥିବାର୍‌ ମୁନୁଷ୍‌, ଜିନ୍ତୁ, ଚରେମାନେ ନିଜର୍‌ ନିଜର୍‌ ଗୁଡ଼ା ଧଯୂ୍‌ଲେ ନ, ବେଲ୍‌ଠା ମାଁର୍‌ କୋଲ୍‌କେ ଯିବାର୍‌ ଦେଖି । ରଘୁ ଗଲ୍‌ କଯୂ୍‌ଲସର୍‌ ନଉକର୍‌ ମାନ୍‌କର୍‌ ଲାଗି ଠିକ୍‌ ହଇଥିବା ତାର୍‌ କୁଠିକେ ।

ସକାଲ୍‌ ପାଯୂ୍‌ଲ, ଚରେମାନେ ଗୁଡ଼ା ଗୁଡ଼ି ଆହାର୍‌ ଖୁଜି ବାହାର୍‌ଲେ ନ । ଗୋରୁ ଗାଯୂ୍‌ ଭି ଡ଼ିଲ୍‌ ହଇ ଚରିଗଲେ ନ । ରଘୁ ତାର୍‌ ସକାଲର୍‌ କାମ୍‌ ସାରି ବାହାରୁଛେ ବ୍ୟବସାୟୀ ସଙ୍ଘର୍‌ ଅଫିସ୍‌କେ । ସୁନ୍ଦର୍‌ ଯୁଆନ୍‌ ଟୁକେଲ୍‌ଟେ ଆସି ଉଲ୍‌ଗି ହେଲା । ରଘୁ ଦେଖି କହେଲା···

"ଲତା କାଯୂଁ୍‌ ?"

"ହେଁ ଦଦା !" ବଯୂ୍‌ଲ ଲତା ।

ରଘୁର୍‌ ମନର୍‌ ଆଶ୍ରିଯ୍‌ ଭାବ୍‌ଟା ଖେଲଗଲା ମୁହିଁ ଉପ୍‌ରେଁ । ଭାବ୍‌ଲା ସେଥିଁ କେଡ଼େ ସୁନ୍ଦର୍‌ ତାର୍‌ ଗାଁଆଁର୍‌ ଇ ଘସିଏନ୍‌ ଟୁକେଲ୍‌ଟା । କେଭେଁ ନାଇଁ, ଆଯୂ୍‌ଜ୍‌ କେନ୍ତା ଆସି ଲତା ତାହାକେ ଉଲ୍‌ଗି ହେଲା ।

ରଘୁ ପଚ୍‌ରଲା—“କେନ୍ତା ରେ ନୁନୀ ! କେନ୍ ଆଡ଼େଁ ଆସୁଲୁ ?”

“ମୁଇଁ ସବୁଦିନେ ଇ ଦେଆର୍‌ମେନ୍ ଘର୍‌କେ ବର୍ଷ୍‌ଟା ବର୍ଷ୍‌ଟେ କରି ଆସୁସିଁ ଦାଦା ! କେଭେଁ ଦମ୍ ନାଇଁ ଲାଗେ ଭେଟ୍ ହେବାକେ ।” କହେଲା ଲତା ।

“ଆସୁଛ୍ ସେ କେନ୍ତା ଦମ୍ କଲୁ !” ପଚରଲା ରଘୁ ।

“କାସୁଲ୍ ଭଁଡ଼ାସା ଘରର୍ କକା କହେଲା ତ, ତୋର୍ ସାଙ୍ଗେଁ କେନ୍ତା ଭେଟ୍ ନାଇଁ ହଉ ବଲି ।” କହେଲା ଲତା ବହୁତ୍ ସରଲ୍ ଆର୍ ଅଛା ସହଜ୍ ଢଙ୍ଗ୍ ଥିଁ ।

କଥାବାର୍ତ୍ତା ଚୁଲ୍‌ଲା । ଗୁଟେ ଗାଁର୍ ଦୁଇଜନ୍ ବାହାରେଁ ଭେଟ୍ ପର୍‌ଲେଁ ଦୁହେ ଦୁହିଙ୍କୁଁ କେତେ ନିଜର୍ ଲାଗ୍‌ସନ୍; ଭାବୁଥିଲା ରଘୁ । ଲତାକେ ପଚରଉନ୍ ପଚରଉନ୍ ତାର୍ ନିଜର୍ କଥା ପଚରେଇ ନେଲା ରଘୁ ।

ଲତା କହି ଚୁଲ୍‌ଲା ଟିକେ ଭି ଆଡ଼୍ ଉହାଡ଼୍ ନେଁ ରଖି । ସବୁ ତାର୍ ନିଜର୍ କଥା, ତାର୍ ବରର୍ କଥା, ତାର୍ ଶାଶ୍ ଶଶୁରର୍ କଥା । ସଥେଁ ଯେନ୍ତା କି ନଧାର୍ ବାଏଲ୍‌କେ ଛିଟ୍‌ରେଇ ନେଲେଁ ସଫା ନିର୍ମଲ୍ ପାସୁନ୍ ଉପ୍ରି କରି ଛଲ୍‌କି ଯାସୁସି । ଲତା କହେଲା ଗୋଟ୍ ଗୋଟ୍ କରି କେନ୍ତା ତାର୍ ମୁନୁଷ୍ ଅଳତ୍ ମଦ୍ ପାସୁନ୍ ଥି ମାତି ସବୁ ପାଶୋର ନେଇଥିଲା । ଲତାକେ ପିଟୁଥିଲା ମାରୁଥିଲା । ତାର୍ ଶାଶ୍ ଶଶୁର୍ କେନ୍ତା ଲତାକେ ଭୁର୍ତ୍ତାବାକେ ଆସୁ ଅଲଙ୍କାର୍, ଆଉର୍ ବନ୍‌ଏ ବନ୍‌ଏ ଶାଢ଼ୀ ବ୍ଲାଉଜ୍ ଆନି ନଉଥିଲେ । ସେ ସାଙ୍ଗୋ ସେ ଦାମୀ ଶାଢ଼ୀ ଦେଖି ଲୋକ କେନ୍ତା ଲତାକେ ବଦ୍‌ନାମିର୍ କାସୁଲ୍ ଧୂଏଲ୍ ଥିଁ ପାଠି ନଉଥିଲେ । “ସେ ବଦ୍‌ନାମ୍, ସେ ନିନ୍ଦା କାଁ ବଲି ସହେବୁ ଦାଦା ? ବୁଢ଼ି ଜର୍‌କି ହଇ ମରିଯା ବାଗିର୍ ଲାଗେ” କହି ଲତାର୍ ଆଖିଁ ଲହ ଦରେ ଦରେ ବୁହିଗଲା । ବେଲ୍‌କେ ରଘୁ ମନାକଲା ଆଉର୍ କିଛି କହେବାକେ । ହେଲେଁ ଲତା କେ'ନ ମାନୁଛେ ? ଖୋଲ୍ ପାସୁଲେଁ ଜୁଲର୍ ପାସୁନ୍ କେ'ନ ମାନ୍‌ସି ? ବୁହୁଛେ ତ ବୁହୁଛେ । ଆଖିର୍ ପାସୁନ୍ ତାର୍ ସମଲ୍‌ପୁରୀ ଶାଢ଼ୀର୍ ପନ୍‌ତେଁ ପୁଛି ଆନି ଏଛନିର୍ ହାଲ୍ ହିସାବ୍ ଯେତେବେଳେଁ କହେଲା ଲତାର୍ ମୁହେଁ କେତେ ସୁଖ୍ କେତେ ଉପ୍ତର୍ ଧାସ୍ ଝଲ୍‌କି ଉଠ୍‌ଲା ।

“ଏଛନି ଏଦା ! ତୋର୍ ବୁଢ଼େନ୍ ଜୁଏଁଙ୍କେ ଦେଖିବୁ ବସୁଲେଁ କାହିଁ କହେବୁ ଯେ ଇ ମୁନୁଷ୍‌ଟା ଏତେ ତଲ୍‌କେ ଖସ୍‌ଜି ଯାଇଥିଲା । ମଦ୍ ପାଯ୍‌ନ୍ କଥା ଗୁଡ଼୍ ଭାଙ୍ଗ୍‌କ ଗୁଡ଼ାଖୁ ଦେଖିଲେଁ ବି ଛିଛି ଥୁଥୁ କରୁଛନ୍ । ଘାଯ୍ ବି ପାଶୁଁ ଅନ୍ତର୍ ନାଇଁ; ଲତା ଲତା ହଉଛନ୍ ନା । ସେତେବେଲେଁ ଯେନ୍ ଧରମ୍ ଦେବ୍‌ତାକେ ସାକ୍ଷୀ ଦେଇ କହୁଥିଲି— ‘ଯେ ଉଦୁଛେ ବୁଡୁଛେ ସେ ଜାନ୍‌ବା; ଖଦ୍‌ର ମୁଇଁ ଦୁଟେଁ ଗୁନ୍‌ହେଁ ଥିମି; ଯଦପି ମୁଇଁ ବାଟ୍ ଗୁଡ଼ ଉବାଟେଁ ଗଲିଥିମି ତ ମୁଇଁ ଧରମ୍ ଘରେଁ ସଜାଯ୍ ପାଯ୍‌ମି; ନେ ହେଲେଁ ମୋର୍ ମୁନୁଷ୍ ଫେର୍ ମୋର୍ ପନତ୍ ତଲ୍‌କେ ଘୁଚି ଆସ୍‌ବା’, ଆଜର୍ ସେ କଥାଟା ଘଟ୍‌ଲା । ମୋର୍ ଡ଼ାକ୍ ଧରମ୍ ଦେବ୍‌ତା ଶୁନ୍‌ଲା ।”

ଲତାର୍ ଇ କଥାମାନେ ରଘୁର୍ ଠାନେ ଲତାକେ କେତେ ଉପର୍‌କେ ଉଠେଇ ନେଲା ଯେ ରଘୁ ବି ଥାବ୍ ନାଇଁ ପାଯ୍‌ବାର୍ । ଲଛମନ୍ ଭାଣ୍ଡାରୀ ତାର୍ ମନ୍ ଭିତ୍‌ରେଁ ଲତାର୍ ଯେନ୍ ଅଚଲ୍‌ନିଏନ୍ ଅପନ୍ତରୀ ଅପନ୍ତରୀ ଟ୍‌କେଲ୍‌ଟାକର୍ ପୁତ୍‌ଲା ଲେଖିଥିଲା ସେଟା ଆପେଁଆପ୍ ମେଣ୍ଟିଁ ଯାଇ ଗୁଟେ ନୂଆଁ ପୁତ୍‌ଲା ଉଭଗର୍ ହଇ ଆସୁଥିଲା ଯେନ୍‌ଟା କି ସୀତା ସାବିତ୍ରୀର୍ ପୁତ୍‌ଲା ଲେଖେଁ ଦିଶୁଥିଲା ରଘୁକେ ।

“ମୁଇଁ ଯାଯ୍‌ସିଁ ଦଦା !” କହି ଲତା ଫିବାର୍‌କେ ବାହାରୁନ୍ ବାହାରୁନ୍ କହେଲା “ସେ ମତେ ମୁନ୍‌ସିପାଲିଟି ଅଫିସ୍ ପାଖେଁ ଟାକି-ଥିବେ, ଇ ମାସର୍ ପଗାର୍ ମିଲ୍‌ଲା କି ଗାଁଆଁକେ ଫିମା ବଲୁଛନ୍ । କାଁ କା’ଣା ହାଟ୍‌ବାଟ୍ କର୍‌ମୁ; ଆର୍ ଇ ସହରେଁ ଭିହେବାକେ ସେ ମନ୍ ନାଇଁ କର୍‌ବାର୍ ତ ।”

ରଘୁର୍ ମନେ ବନ୍‌ଏ ଆଶ୍ଚର୍ଯ୍ୟ ଭାବ୍‌ଟେ ଖେଲିଗଲା କେମିତା ଇମାନେ ସହର୍-ଜୀବନ୍‌କେ ବାଆଁନି ବସୁଛନ୍ ବଲି; ଲତାର୍ ହର୍‌ବର୍ ଦେଖି ଆର୍ କିଛି ନେ ପଚ୍‌ରେଇ ସେ ନିଜେଁ ବି ବ୍ୟବସାୟୀ ସଙ୍ଘର୍ ଅଫିସ୍ ଆଡ୍‌କେ ବାହାରିଲା । ମନର୍ ଗଢେଁ ଲତା ଟା ଏନ୍ତା ଲଟେଇଁ ଯାଇଛେ ଯେ ସେ ଆର୍ ହଟେଇ ନାଇଁ ପାର୍‌ବାର୍ । ଲତାର୍ ସେ ‘ଦଦା’ ଡ଼ାକେଁ କାଯୁଁ ଇସ୍ ସାନି ହଇଥିଲା ଯେ କାନେ ପଶି ମନେ ସର୍‌ଡ଼ାଇ ହଇଛେ ଗୁଡ଼ ନାଇଁ ହେବାର୍ । ସତେଁ ଗାଁର୍ ଚ ମାଯ୍‌ନ୍ ଦାଯ୍‌ନ୍ ଲଗର୍ ଲେଶର୍

ହେଲେଁ ଭି କେତେ ସତର୍ ମେଡାଲ୍ ଲାଗ୍‌ସି । ବନୋଟିର୍ ନାଁ ଗନ୍ଧ ନାଇଁ ଥାଯ୍ । ହେଁ ସବୁ ସହରେଁ ବୁର୍‌ଲେଁ କେନ ମିଲବା ? ବ୍ୟବସାୟୀ ସଙ୍ଘର୍ ଅଫିସ୍‌ନୁ ମୁନ୍‌ସିପାଲ୍‌ଟି ଅଫିସ୍‌କେ ଯାଉଥିଲା ରଘୁ ।

ବସ୍‌ଷ୍ଟେଣ୍ଡ୍ ପାଖେଁ ଗୁଟେ ଭିଡ଼୍ ଉପର୍‌କେ ଦଉଡ଼ି ଆଉଥିଲା ଲତା, ହାତେଁ ଲମ୍ବା ବାଡ଼ି ଲାଗିଥିବା ଗୁଟେ ନାଲି ସଫା କର୍‌ବାର୍ ବ୍ରୁସ୍, ମୁହଁ ଟଗମି ଥିଁ ଲାଲ୍ ଜର୍‌ଜର୍ । ରଘୁର୍ ମନ୍ ଭିତରର୍ ସୀତା ସାବିତ୍ରିର୍ ରୂପର୍ ଲତା, ବାହାରେଁ ମହିଷା ମର୍ଦ୍ଦିନୀ ରୂପ୍ ନେଇ ଦଉଡୁଛେ । ରଘୁ ବୁଝି ନେଇ ପାର୍‌ବାର୍, ସତ୍ ଆହୁଁକ ସପନ୍ ଆୟୁ । ଲତା କର୍ଲୋଉଛେ "ଇ ରଙ୍ଗଖିଏ, ଇ ଗାଡ଼୍‌ଗୁଏ ମାରି ପକାଉଛନ୍‌ରେ ମୋର୍ ଗାଆଁର୍ ଲୋକ୍‌କେ ।" ଦଉଡ଼ି ଯାଇ ବ୍ରୁସ୍‌ର ଲମ୍ବା ବାଡ଼ିକେ ଭିଡ଼୍ ଭିତ୍ରେଁ କନ୍ଦୋଉଛେ । ଭିଡ଼୍ ଭଙ୍ଗ୍‌କଲା ଭାଙ୍ଗି ଗଲା । ପୁହୁଁଚିଛେ ରଘୁ ଆର୍ ଉଣ୍ଡିଆ ଆଉଡ଼ୁ ଅଜିତ୍ । ହେଣ୍ଡେଲ୍, ମାରବ୍, ନିଷ୍ଟଲ୍, ହଷ୍ଟେଲ୍ ହଇଁ ପଡିଛେ ତଳେଁ ଶୁକ୍ରୁ ଭୁଏ । ପାଶେଁ ଶିକାଭାର୍ ଟେ ଆର୍ ଦୁଇଟା ଖାଲି ବସ୍ତା । ବୁଝୁନ୍ ବୁଝୁନ୍ ଜନା ପଡ଼ଲା ଯେ ଶୁକ୍ରୁ କଲ୍‌ମି ଆମ୍ ବିକି ଆନଥିଲା । ଭିଡ଼ ପଟେଇ ସବେ ଆମ୍ ନେଲେ; ପଯ୍‌ସା ଗୁଟେ ନାଇଁ, ସବେ ଇଆଡ଼୍ ସେଆଡ଼୍ ପଲେଲେ । ଦୁଇଜନ୍‌କୁଁ ଧର୍‌ଲା, ଗୁଡ଼ାଲା ନାଇଁ । ତେଭିକେଁ ତାରି ଉପ୍ରେଁ ଘଣ୍ଟେଲା ମାର୍ । ସେ ମାରର୍ ସୀମା ନାଇଁ, ହେଜାଲେଖା ନାଇଁ; ଶୁକ୍ରୁ କାଁ କର୍‌ତା ? ଗୁହ୍ମଡ଼େ ଲୁକର୍ ବଧା ଥାପଡ଼୍, ଲାତ୍, ହୁଣ୍ଡା ଖାଇଁ ଅଚେତ୍ ହଇଁ ପଡ଼ିନେଲା ବେଲ୍‌କେ ଲତା ପୁହୁଁଚିଥିଲା । ଘାଉଁ ଘାଯ୍‌କେ କଥା ଯାଞ୍ଚ ହେଲା ଆର୍ ଲଛମନ୍‌ନୁ ମୂଲ୍ କରି ରାମ ମାଲି, ଦଧି କେଉଁଟ୍, ଅଜିତ୍, ରଘୁ ସବେ ପୁହୁଁଚିଲେ । ଶୁକ୍ରୁର୍ ହୋସ୍ ନାଇଁ । ରଘୁ ଆର୍ ଲତା ରିକ୍‌ସା କରି ଶୁକ୍ରୁକେ ଡାକ୍ତର୍‌ଖାନା ନେଲେ । ଡାକ୍ତର୍ ଦେଖାଦେଖି କରି ଉଷୋ ଇଂଜେକସନ୍ କରି ବସ୍‌ଲେ । କହେଲେ ବନ୍‌ଏ ମାଡ଼୍ ହଇଛେ, ହୋସ୍ ଆସ୍‌ଲେଁ ଯାଇ ପଛେଁ ଯାହା କରି ହେବା । ବାକି ଲୁକେ କହେ ଝମେଲା ନାଇଁ କର । ରୁଗୀର୍ ପାଖୁଁ ଅଲ୍‌ଗାଇ ହ ।

ସବେ ଯାଇ ଡାକ୍ତର୍‌ଖାନାର୍ ବାହାରେଁ ମୁହଁମାନେ ଉଲ୍‌ମେଇଁ ବସିଛନ୍ । ଲତାର୍ ମୁହଁଟା ଖାଲି ରଗେଁ ତମ୍‌ତମଉଛେ; ସତେଁ ଆଜିର୍ ଗାଁଆଁଟା ଲତାର୍ ରୂପ୍ ନେଇଁ ନିଜର୍ ଭିତରର୍ ଟଗ୍‌ମି ଉଦ୍‌ଗାରି

ଘକଉଛେ । ଅଜିତ୍ ଆର୍ ରଘୁ ଚହ୍ଲାର୍ ଜନାର୍ ହଇଁ କଥାବାର୍ତ୍ତା ହେଲେ, ଦୁହେ ଦୁହିଁକର୍ ଆଉକେ ଭିତ୍ରେଁ ଭିତ୍ରେଁ ଠାନ ହେଲେ ନା । କଥାର୍ ସୁରେଁ ଅଜିତର୍ ମନର୍ ଛବ୍ ତାର୍ ସୁଖେଁ ମୁହେଁ ଦେଖାଲା ।

ଅଜିତ୍ କହୁଥିଲା "ଇ ସହର୍ ମାନ୍କେଁ ଦଦା ! ସବୁ ଘିନାବିକା; ଘନାବିକା ଛଡ଼ା ଇନ ଆଉର୍ କିଛୁ ନାଇଁନ । ମୁହିଁ କେତେ ନେବୁ ? ଝୁଟର୍ କେଜ କେତେ ? ବଢ଼ିଆ ! ଧାନ୍କ କେତେ ନେସୁ ? ଭିଁଡ଼ାଘି ତୋର୍ ଛଅର୍ କଷ କେତେ, ବାଲ୍କଠା କେତେ ପର୍ସି ? ଗାନାବାଲା ! ତୋର୍ ଗୀତ୍ଠାକେଁ କେତେ ପାଏସୁ ? ତୋର୍ ଗଲାର୍ ଦାମ୍ କେତେ ? ଲେଖକ୍ ତୁଇଁ କେତେ ପାଏଲେଁ ମୋର୍ ଲାଗି ଲେଖି ନେବୁ ? ନିଜର୍ ଜିନଷ୍ ବିକି ବିକ ମହାପ୍ରଭୁର୍ ଦେ'ନ୍କେ ଭି ଇନ ବିକ୍ଲେଁ ଯାଇ ବଅଁଚ ହେବା । ଏନ୍ତା ବଅଁଚବାର୍ଠା ମରିବାର୍ ଠାନୁ ବି ମତେ ହୀନ୍ ବାଗିର୍ ଲାଗ୍ସି; ତମେ ମତେ ଯାହା ବଲ । ମୁଇଁ ତ ଠିକ୍ କରିଛେଁ ଗାଆଁକେ ପଲମି, ସେନ ଭୁକେଁ ବି ଜୀଇଁ ହେବା, ଇ ନ ଅଏସ୍ଥି ଭି ମରି ନେଁ ହଏସ୍ । ମୁଇଁ ଘବୁଛେଁ ଗାଁ ମାଁର୍ ଲଗଭିଆ ହଇ ମଲେଁ ଶାନ୍ତି ନାଇଁ ମିଲେ । ମୁଇଁ ସେନ୍ ଗାଁଆଁର୍ ପାଏନ୍ ପବନ୍ ମାଏଟ୍ ଉଜାଲା ନେଇ ଇ ଦିହ୍ଠାକ ଇ ଜୀବନ୍ଠାକ ଇ ମନ୍ଠାକ ଗଢ଼ିଛେଁ, ବଢ଼େଇଛେଁ ଉଢ଼େଇଛେଁ; ସେ ଦିହ୍ଠାକ ସେ ଜୀବନ୍ ସେ ମନ୍ଠାକେ କେନ୍ସି ଭି କାମେ ଲଗେଇ ନେଁ ପାର୍ଲେଁ ସେ ଜୀଇଁବାର୍ଠା କେତେ ହୀନ୍ମାନ୍ କେତେ ନଦାରଦ୍ ହେବା ଦଦା !"

ରଘୁ ଅଜିତର୍ କଥା ସବୁ ପିଇ ଯାଉଥିଲା ସତେଁ । ଭାବୁଥିଲା ଅଜିତ୍ କେତେ ବଡ଼୍ କେତେ ଉଚା ତାର୍ ଭାବନା ? କେଡ଼େ ନିର୍ମଲ୍ ତାର୍ ମନ୍ ? ଏନ୍ତା ଯଦି ଆମର୍ ଦେଶର୍ ଶହେ ରୁ ଅଶୀ ଭାଗ୍ ବଏସ୍ଲେଁ ଅଶୀ କୋଟିରୁ ଚଉଷଠି କୋଟି ଲୁକ୍କର୍ ମନେ ଅଜିତର୍ ରୁପ୍ର୍ ଅମାଠେ ବି ଭାବନା ଆଏସ୍ତା ତ ଆଜର୍ ଇ ଦେଶ୍ ସରଗ୍ ପାଲ୍ଟି ଯାଏସ୍ତା । ଗାଁ ମାନେ ହତ୍ଶିରି ହଇ ଛୁନା ହଅତେଲ୍ ନାଇଁ ଯାଏସ୍ତା । ଦେଶର୍ କଲ୍ଜା ଥିଁ ପୋକ୍ ଚରୁଛନ୍ ତ ଦେଶ୍ଠାର୍ ଟେହେର କା'ଣା ଫୁଟ୍ବା ? ଇ ଅଜିତ୍ ମେତାଲ୍ ମହାନ୍ ଲୋକ୍ ମଦର୍ ନିଶା ଭିତ୍ରେଁ ଉବି ରହିଥିଲା । ଇ ଦେଶର୍ ଲାଖ୍ ଲାଖ୍ ଲୋକ୍ ତାର୍ ବାଗିର୍ ଉବି ରହିଛନ୍ ନିଜ୍କେ ପାଶ୍ରି ସଂସାର୍ ପାଶ୍ରି ପକାଇଛନ୍ । ସେଥିଁ ସାହେସ୍ ଅଛେ ଇ ଦେଶର୍ ସବୁ

ଦଳର୍ ଶାସନ୍ କଲାର୍ । କେତେ ଖରାପ୍ କେତେ ଅସ୍‌କଟ୍ କରି କହୁଥିଲା ଲକ୍ଷ୍ମନ୍ ଅଜିତର୍ ନାଆଁ ଥିଁ । ମୁଇଁ ବି ଶୁନ୍‌ଲା କଥାକେ ସବୁ କରି ଗଁଠେଇ ପକେଇଥିଲିଁ । ଅଜିତର୍ ନେଁ ଦେଖ୍‌ଲା ମୂର୍ତ୍ତିକେ କେତେ ଛୁଛି ଥୁଥୁ କରଛେଁ । ଓଃ ମାରି ପିଟି ହଇ ମରି ଗା ମେଡାଲ୍ ଲଗ୍‌ସି ସୁର୍‌ତା କଲେଁ । ଭିଁଡ଼ାଘି ପିଲର୍ ହେଲେଁ କାଏଁ ଦୋଷ୍ ? ସେତ୍‌କି ବେଲେଁ ସେ'ଠା ସବୁ ବି ତ ଥିଲା । ହେଲେଁ ଲତା ବୁଝିଲା ଅଜିତ୍‌କେ ଜୀଏ ଭିତରର୍ ସୁନା ବାଗିର୍ କରି ଢିଚି ଆଣିଥିଲା । ଲତା ପୁରାନର୍ 'ଶିବା' ଆଏ, ଯେ ନାଇଁଥିଲେ 'ଶିବ୍' 'ଶବ୍' ହଇ ଯାଏସନ୍ । ରାମେଶର୍ 'ସୀତା' ଆଏ, ଯାର୍ ଠାନେ ରାମ୍ ପଛା ସଁପି ହଇଥିସନ୍ ଏକ୍ ହଇ-ଥିସନ୍ । ଅଗ୍‌ବା ରାମ୍ ହଇ ନାଇଁ ରହିପାରନ୍, ସୀତାରାମ୍ ହେବାର୍‌କେ ପଡ଼ସି । ଲତା ଆଏକେ ଆଏ ବୁଝି ଆଉଛେ ଶୁନ୍‌ର୍ ସୋର୍ ନାଇଁ ଆଏବାର୍ ତ ତାର୍ ମନ୍‌ଟା ବିତୋପୋର୍ ହଇଯାଉଛେ । ତାହାକେ ସାନ୍ତନା କର୍‌ବାକେ କାହାରି ଦମ୍ ନାଇଁ । ବନହାଁ ଗୁମ୍ ହଇଁ ବସି-ଥିବାର୍ ଦେଖି ରଘୁକେ ପଚାରଲା ଲତା "କା ହେଲା ଦାଦା ! କେନ୍ ଯାଏଜ୍‌କେ ପଠେଇ ଦେଲୁ ?"

ଟିକେ ଚମ୍‌କଲା ବାଗିର୍ ହଇ ରଘୁ କହେଲା "ହଁ ରେ ନୁନୀ ! ଅଜିତ୍ ଆଏଜ୍ ଗୁଟେ ନୂଆଁ ରାଏଜ୍‌କେ ନେଇଗଲେ ତ, ବାଟ୍‌ଘାଟ୍ ନାଇଁ ପାଏବାର୍ ଫିର୍‌ବାକେ ।"

ସାଙ୍ଗେଁ ସାଙ୍ଗେଁ ଅଜିତ୍ କହି ପକାଲା "ହଁ ତମର୍ ବହେନ୍‌କେ କହ ଦାଦା ! ହେଁ ଠିକ୍ ଜାନିଛେ, ବାଟ୍ ବତେଇ ଦେବା । ମତେ ତ କେଭେଁ ନେଁ ଫିର୍‌ବାର୍ ରାଏଜ୍ ଫିରେଇ ଆନିଛେ, ତମ୍‌କୁଁ ଭି ଫିର୍‌ବାକେ ବେଲ୍ ନାଇଁ ଲାଗେ ।" ଲତାର୍ ମୁହେଁ ଟିକେ ଚଏନ୍ ଚଢ଼୍‌ଲା । ତଏଁ ଟିକେ ହଁସିର୍ ଝଲକ୍ ଖେଳେଇ କହେଲା—

"ମୁଇଁ କାଏଁ ବାଟଘାଟ ଜାନ୍‌ସି ଗୋ ମା !, ମୁଇଁ ନାଲି ନର୍ଦ୍ଧମା, ପାଇଖାନା ସଫା କର୍‌ବାର୍ ଲୋକ୍ । ନାଲି ନର୍ଦ୍ଧମା ଥିଁ ବନ୍ଏ ଜିନିଷ୍ ପଡ଼ିଥିଲେଁ ଫିକି ହେସି କାଏଁ ? ଗୁନି ଆନି ଉପରେଁ ଥୁଇ ନେସିଁ ।"

ଅଜିତ୍ ଟିକେ ଲଜାଲା ଲେଖେଁ କହେଲା "ସତେଁ ଦାଦା ! ମୁଇଁ ନାଲି ନର୍ଦ୍ଧମା କା'ଣା ଆଦ୍ଭୁତ ଖରାପ୍ ଠାନେ ପଡ଼ିଥିଲିଁ ।"

ରଘୁ କହେଲା "ଲତା ! ଇ ସହର୍‌କେ ସଫା କରି କରି ତୋର୍ ହାତ୍‌ଟା ବନ୍‌ଏ ହାତ୍ ସଫେଇ ଶିଖି ସାୟ୍‌ଲା ନ ।"

"କାଏଁ ହାତ୍ ସଫେଇ କର୍‌ବୁ ଦଦା !" ଲତା ଅଜଡର୍ ଦିହେଁ ଘେଁସ୍‌ରେଇ ହଇ ବସି କହେଲା "ଇ ସହରର୍ ବାହାର୍‌କେ ଯେତେ ସଫା କଲେଁ କାଁ ହେବା ? ତାର୍ ଭିତର୍‌ଟା ଯେତେ ମୟ୍‌ଲା ଯେତେ ଦୁର୍‌ଗନ୍ଧ୍ ଯେ ସେ'ଟା ସଫା ହଇ ନାଇଁ ପାରେ । ସେ ନ ଖାଲି ପରର୍ ଜିନଚ୍‌କେ ଲୋଭ୍ । କହେ ଖରାକେ ଶୀତ୍ ବର୍ଷାକେ ଘରୁଁ ନେଁ ବାହାର୍‌ତେ, ପିଁଖା-ତଲେଁ ବସି ଗୁଲ୍‌ଗଲ୍ କଲେ ଠେଁକାକେଁ ଝୁଲି ମୁର୍ହି ସବୁ ଶସ୍ତା ଥିଁ ଆର୍ ସଜ୍ ପାୟ୍‌ଲେଁ ଲୁଟିକରି ହରଜୁରି କରି ପର୍‌ହର୍ କମାନକେ ଗେପ୍‌ଲାଦେ । ହେଁ ମୟ୍‌ଲାକେ କିଏ ସଫା କର୍‌ବା ? ହେଁ ଜାଗା ନ କେନ୍ ଝାଡୁ କେନ୍ ବୁରୁସ୍ ଚଲ୍‌ବା ?"

ରଘୁ କହେଲା "ତୁଇଁ ବି ଇ ସହରେଁ ଉକ୍‌ବୁକେଇ ଗଲୁନ କାଏଁ ? ହେଲେଁ ଗାଁଥି ଚଲ୍‌ବ କେନ୍ତା କରି ?"

ଟିକେ ବି ନାଇଁ ଠାକି କରି ଅଜଡ୍ କହି ପକାଲା "ବାପ୍ ଅଜା ଚଉଦ ପୁରୁଷ୍ କେନ୍ତା ଚଲୁଥିଲେ ଦଦା ! ? କମାନ କୁଠାନର୍ କଥା କହୁଛ ତ । ମୋର୍ ବାପ୍ ଅଜାର୍ ବେଉସା ମାନ୍ଦଲ୍ ମୃଦୁଙ୍ଗ୍ ଢୋଲ୍ ନିଶାନ୍ ତବ୍‌ଲା ମର୍ଦ୍ଦଲ୍ ବନା କରି ସଜା ସଜଅଁ ଭି ଜାଇଁବା ଖାୟ୍‌ବା କେ ନାଇଁ ଖଙ୍ଗେ । ଖାୟ୍‌ବାର୍ ମୁଠାକ ହେଲେଁ ଗାଁର୍ ପିଲାକୁଁ ଶିଖାବାକେ ଗାୟ୍‌ବାର୍ ବଜାବାର୍ ଗୁଟେ ବେବସ୍ଥା କରିହେବା । ସବୁ ନୁ ବଡ୍ କଥାଟେ ଭାବୁଛେଁ ଦଦା ! ତମର୍ ମନ୍‌କେ କେନ୍ତା ଆୟ୍‌ବା ଯେ";

"କା'ଣା କହ" ପଚ୍‌ରାଲା ରଘୁ ।

"ଆଜିର୍ ସମଲ୍‌ପୁରି ଗୀତ୍ ବାୟ୍‌ଦର୍ ଯେନ୍ ଆଦର୍‌ଟା ବଢ଼ୁଛେ, ସେଥିଁ କେତେ ଭାଗ୍ ଆମର୍ ନିଜର୍ ସୋର୍ ଶବଦ୍ ଅଛେ ? ନିଧା କରିଛ ଦଦା ?" ବନିହାଁ ଭାବଚିନ୍ତା କରି ବନ୍‌ଏ ଗହେରୁଁ କହେଲା ଅଜଡ୍ । ରଘୁର୍ ଉତ୍ତର୍‌କେ ନାଇଁ ଠାକି କରି ଫେର୍ କହି ବସ୍‌ଲା—"ଇଥିଁ ଆଜର୍ କେନ୍ ସିନେମା ସୋର୍, କେନ୍ ଉଡ଼ିଆ ରଜପଦାର୍ ସୋର୍, କାଁ କା'ଣା ମିଶେଇ କରି ଘାଁଟି ପକାଲେ ନେ ଆମର୍ ନିଜର୍‌ଟା କେନ୍‌ଟା ଆର୍ ପର୍‌ହର୍‌ଟା

କେନ୍‌ଟା ବାଆର ନାଇଁ ହେବାର୍ । ମୁଇଁ ଟିକେ ଚେରେଷ୍ଟା କର୍‌ତିଁ ବଲିଁ ଭାବୁଛେଁ ଗୁଟେ ନବେଲ୍ ସମଲ୍‌ପୁରି ସଂଗୀତ୍ ନଥ୍‌ରେଇ ଆନ୍‌ବାକେ ।”

ହସି ପକେଇ କହେଲା ଲତା “ବନ୍‌ଏ ଅସାର୍ ବାଛି ବାଛି ଫର୍ଛା ଶୂଇନ୍ ନୈ କର ନଅ ତ ?”

ରଘୁ କହେଲା “ଗାଁକେ ଗଲେଁ ଯାହା ଦଶ୍‌ବା କର୍‌ବ । ଆଗୁଁ ଏତେ ଖଜୁର୍ କୁଟ୍ରର୍ ବନ୍‌ଏ ନୁହେ ।”

ଲଛମନ୍ ଇ ସବୁ ଶୁନି ଶୁନି କହେଲା “ହେଁ ସବୁ ମୋର୍ ମୁଡ଼୍‌କେ ନୈ ଭୁକ୍‌ବାର୍; ଖାଲି ଗୁଟେ କଥା ମତେ ଦଶୁଛେ ଯେ ଆମେ ଗାଁ ସାରି ବାଗିର୍ ସହର୍‌କେ ଉଠି ଆସି ଇନର୍ ସେବା କରୁଛୁଁ । ଯେନ୍ ଦୁଇପଇସା ପାଉଛୁଁ କେତେ ଗାଁକେ ନେସୁଁ ? କଏ ଗୁହା ପକଡ଼ି ଦୁକାନେ, କଏ ମଦ୍-ଭାଟି ଥିଁ ତ କଏ ସଟା ନ ଦେଇନେଇ ନଙ୍ଗ୍‌ଲା ହଇଁ ଘର୍‌କେ ଯାଉସୁଁ । ସହର୍ ଆମ୍‌କୁଁ ଦେସି ବଦ୍‌ଲା ନେ ମାର୍ ଗାଯୂଲ୍ ଛୁଟୁଛୁ ଥୁଥୁ ଭାବ୍‌ନା । ଆଜିର୍ ଶୁନ୍ଦ୍ରୁ ମାର୍ ନାଇଁ ଖାଇ; ଇ ମାର୍ ପଡ଼ୁଛେ ଗାଁକେ, ଶହେ ନୁ ଅଶୀ ଲୁକ୍‌କୁଁ କୁଟେଣ୍ଡି ଲେକ୍ ଆୟୁଜ୍ କୁରୁଡ଼ାଥିଁ ବୁଲେଇ ବୁଲେଇ ପିଟୁଛନ୍ ।”

ରଘୁ ଠହର ନାଇଁ ପାର କହେଲା “ରାଜ୍‌ନୀତିର୍ ଲେକ୍ କହୁଛନ୍ ଦେଶର୍ ଖର୍ଚା ବ ଦେଖ୍‌ଲେଁ ଗାଁଥି କମ୍ ସହରେଁ ବେଶୀ ଖର୍ଚା ହଉଛେ ।”

ଲଛମନ୍ କହେଲା “ଗାଁକେ ଚେତାବାକେ ପଡ଼୍‌ବା, ଜାଆଁବାକେ ପଡ଼୍‌ବା । ଗାଁର୍ ଲୁକ୍‌କୁଁ ଗୁଡ଼ିଆ ରଖି ସହର୍‌କେ ଚଳନ୍ କର ଆର୍ ମୁଇଁ ନାଇଁ ଅସେଁ; ନାଇଁ ଆସେଁ ।”

ରଘୁ ମନେ ମନେ ଭାବୁଥିଲା “ସବେ କିଛି କିଛି ଦେଇ ଗାଁର୍ ସେବା କର୍‌ବେ ହେଲେଁ ଗାଁ ଉଠ୍‌ବା । ମୁଇଁ କା’ଣା ଦେମି ? ମୋର୍ ନ କା’ଣା ଅଛେ ? ଅଛେ ମୋର୍ ବଲି ଖାଲି ଇ କଲମ୍ । ଇଟା ମୁଇଁ ଗାଁକେ ଦେମି । ମୋର୍ ଗୀତ୍ କବିତା କଥାନର୍ ଚରିତର୍ ମାନେ ହେବେ ଗାଁର୍ ଲେକ୍ । ମୋର୍ ଲେଖାର୍ ପରିବେଶ୍ ହେବା ଗାଁର୍ ମାଯୂଠ୍ । ଗାଁର୍ ସକାଲ୍ ଗାଁର୍ ସଞ୍ଜ୍, ଗାଁର୍ ଖେତ୍ ଗାଁର୍ ଗଛ୍‌ପତର୍ ହେବେ ମୋର୍ ଲେଖାର୍ ବିଷେ । ହେଁଟା ତ ଦେଇ ପାର୍‌ମି ।” ବନ୍‌ଏ ଦର୍କାସ୍ ମନର୍ ସିଧ୍ ଭାବ୍‌ନା ଥିଁ ବୋଧ୍ ହଉଥିଲା ରଘୁ ।

ରାମ ମାଲ୍ଲୀ ଜହ୍ନି ଘରେ ନେଇ ଗାଁନୁ ଆସୁଲା ଆର୍ ବଟେଇ ନେଲା ଶଶି ଦେଇଥିବା ଚିଠି ଖଣ୍ଡେକ ।

ଚିଠି ପଢ଼ଲା ରଘୁ "ବାବୁର୍ ପେଷ୍ଟ୍‌କୁଣ୍ଡା ଆର୍ ନାଇଁ ଚଲ୍‌ବାର୍ ନା । ମାଁର୍ ଉଷୋ ନେ ପଠାଲ ଯେ ଖଟେଁ ଲଟ୍‌କି ଗଲେ ନା । ରେକ୍‌ଥିଁ କମଉଥିବାର୍ ସା' ଘରେଁ ଏମୁର୍ ଆମର୍ ଜମି କମାବାକେ ମନା କଲେ । ମୋର୍ ଶାଢ଼ୀ ତ କେଭୁଁ ଫାଟିଛେ ଜାନିଛ ।" ରଘୁ ଭାବୁଥିଲା 'ମୁଇଁ କା'ଣା ଦେଇ ପାର୍‌ମି ?'

ଲତା ଆସି କହେଲା ଶୁକୁର୍ ଯୋର୍ ନହେ ଆନେସ । ରଘୁ ଫଁ କରି ନିଶ୍ୱାସ୍ ଛାଡ଼ି କହି ପକାଲା "ମୁଇଁ କାଣା; ଦେଇ ପାର୍‌ମି ?"

# ଭିତରେ କଥା ହାତରେ ଫୁଲ୍

( ଜା )

"ମେଘ ବାଦଲ ନାଇଁ ଥିଲେଁ ପୁସ୍‌ମାସର୍ ସକାଲଟା ଦେଖିବାର୍ ଆସୁ । ଖରା ଥିଁ ଝରି ପଡୁଥିବେ ସୁନାର୍ ଗୁଣ୍ଡ୍; ଗଛେଁ ପତ୍ରରେଁ ଘିଅର୍ ଛୁସୁନ୍ ପିଢ଼ା ଥିଁ ବି । ଉଡ଼ଲା ଚରେର୍ ପଁଖ୍‌ମାନ୍‌କେଁ ଇ ସୁନାର୍ ରଙ୍ଗ୍ କେତେ ସୁନ୍ଦର୍ ଦିଶ୍‌ମି । ବନ୍ଧିକଠାର୍ ପାସୁନ୍ ଉପରେଁ ସୁନାର୍ ରଙ୍ଗ୍ ଛୁଇ ହଇଥିସି, ତାର୍ ଉପର୍‌କେ ଠିକେ ଠିକେ କୁହୁଲା ଆର୍ ମଛି ଗୁଟେ ଗୁଟେ ଜରେଲ୍ ମଧ୍ୟରେଲ୍ ଝୁରି ଫଡ଼କୁ ଥିବାର୍ ଦେଖିଲେଁ ଆଖିଁ ଫିରେଇ ନାଇଁ ହସୁ । ଖଲମାନକେଁ ଓସ୍ ପଡ଼ିଥିବାର୍ ଧାନ୍ ମାଡ଼େନ୍‌ଥିଁ ଇ ଖରା ପଡ଼ି ଚୁଆଲ୍ ସବୁକେ ସୁନାର୍ ତାର୍ କରି ପକାସି । ଘାଁସ୍ ଲଟା ଉପରେଁ ପଡ଼ିଥିବାର୍ ଓସ୍ ଇ ସୁନେଲ ଖରାକେ ଧରି ଚକ୍‌ଚକେଇ ଯାସୁମି; ଯେ ହେଲେଁ କହେବା, ଧର୍‌ଣି ରାଣୀ ଗୁଟେ ମହାନ୍ ଦାମର୍ ଶାଢ଼ୀ ପିନ୍ଧିଛେ କାସୁଁ ?" "ବୁଆରେ ! ତୋର୍ କଥାରେ, କବି ହଇଗଲୁ ନ କାସୁଁ ବୋ ରୂପ୍‌ଧର୍ !" କହେଲା ମଣ୍ଡା ମହାନନ୍ଦ୍ । ମଣ୍ଡା ଆର୍ ରୂପ୍‌ଧର୍ ଦୁହେ ପିଲ-ଦିନୁ ଜୀବନ୍ ଦିଆଦେଇ ସାଙ୍ଗ୍ । ଗାଁଡା ଫଟର୍ ପିଲା ଦୁହେଟା; ଏକାସାଙ୍ଗେଁ ପଢ଼ୁଥିଲେ । ମଣ୍ଡା ତ ସାତ୍ କଲସ୍‌ନୁ ଇଠାଗର୍ଦା ଶିଖି ଚମ୍ପନ-ଭାଟି ମାନ୍‌କୁଁ ଯାସୁସି । ରୂପ୍‌ଧର୍ ମେଟ୍ରିକ୍ ପାସ୍ କରି ନେ ପାର୍‌ଲା ତ ଇ ନା ସେ ନ ହଉଛେ, କେନ୍‌ସି ନ ଖସୁଣ୍ ଧରି ନେ ପାର୍‌ବାର୍ ତାସୁଲ୍ ।

ସାଙ୍ଗେଁ ସାଙ୍ଗେଁ ରୂପ୍‌ଧର୍ କହେଲା "କେନ୍ତା କଥା କହେସୁ ବୋ ! ସର୍ପ୍ନାଲା ବାଗିର୍; କାହ୍ନିଁ କଭ ଆର୍ କାହ୍ନିଁ ମୁଇଁ ? ଯେନ୍ ଜାଡ଼୍ ହଉଛେ ଯେ ଖରା ନାଇଁ ଲାଗ୍‌ଲେଁ ତ କାହ୍ନିଁ ବାହାର ନେଁ ହେବାର୍ । ଉଠ୍‌ବାର୍‌ଟା ମୁଇଁ ଟିକେ ସକାଲୁଁ ଉଠ୍‌ଲି ନ ତ, ତତେ ବାହାର୍‌ବା ନେଁ ବାହାର୍‌ବା ବଲି ଇଆଡ଼୍ ସେ ଆଡ଼୍ ହଉଥିଲିଁ; ସେତେବେଲେଁ ଯାହା ଦେଖ୍‌ଲିଁ ମୋର୍ ମନ୍ ଭିତ୍‌ରେଁ ଲଖେଇଗଲା ବାଗିର୍ ଲାଗ୍‌ଲା; ତତେ ଶୁନାସିଁ ବଲୁଥିଲିଁ ।"

"ହେଁଟା ଲୁହେ ବୋ ରୂପ୍‌ଧର୍ ! କଥାର୍ ମଞ୍ଜି ମୁଇଁ ପାୟୁ୍‌ନାଁ ନ" କହେଲା ମହା ମହାନ ଜାନ୍‌ବାର୍ ଲେଖେଁ ମୁହଁଟେ କରି । "କଥା କା'ଣା କି ? ଦୁଇଟା ଜୀବନ୍ ଏକ୍ ହେବାକେ ଗଲେଁ ମନ୍ ଟିକେ ପାଆଁଲି ଉଠ୍‌ସି ତ ଆୟୁଁଖ୍‌କେ ସବୁ ସୁନ୍ଦର୍ ଦିଶ୍‌ସି, ମୁହଁକେ ଅଏନ୍ କଥା ଆୟୁସି । ଢୋଲର୍ ଦୁଇପାଖ୍ ଗୁଡ଼ଜଣ ହଇଗଲେଁ ନାଇଁ ବଜାଲେଁ ବି କେନ୍‌ସି ଶବଦ୍ ଥିଁ କି ବାଜଲା ବାଜ୍‌ଲା ବାଗିର୍ ଲାଗ୍‌ସି । ତପର୍ ଆର୍ ତୋର୍ ଯୁଡ଼ିଟା ବିଧାତାର୍ ସିର୍ଜନା ବାଗିର୍ ଭିର୍‌ବା ଗା । ହଁ, ତପର୍ ଲାଗି ଯେତ୍‌କି କବାର୍ କର୍‌ବାକେ ପଡ଼ଛେ ସେଟା ମୁଇଁ ଜାନେ । ତପଟା ଯାହା ବଲ୍ ବନ୍‌ଏ ଝୁଟ୍‌କେଲ୍ ଆୟୁ ଗା । ଦେଖ୍‌ବାକେ ତ କୁନେଁ ବସାଲା ବାଗିର୍, ତାର୍ ଗୁଲ୍ ଚଲନ୍ ଟିକେ ବି ଖୁନ୍ ନାଇଁ ହୟୁ୍‌ଗା । ମାଁ ଛଉଣ୍ ଝୁଟ୍‌କେଲ୍, ପଢ଼ି ନେଁ ପାର୍‌ଲା । ଏମି ଇସ୍‌କୁଲର୍ ମାଷ୍ଟର୍‌ମାନେ ତପ ଉପର୍‌କେ ନାଇଁ ପଡ଼୍‌ଲା ବଲି କମ୍ ନାଇଁ ପସ୍ତାଇଁ । ବାପ୍‌ଟା ତ ଜାନୁଛୁ ଜନ୍‌ହା ମଦୁଆ ଆୟୁ, କାଁ କର୍‌ତା ହେଲେଁ ? ତୋର୍ ବହୁ ଯେତେବେଲେଁ ତୋର୍ ସାଙ୍ଗେଁ ବିହା ବର୍‌ପନ୍ କଥା ଚଲାଲା, ଉଞ୍ଚା ଲୁକର୍ ମନ୍‌କେ ଆସୁ ନେଁ ଆସୁ ତପ ଲୁନ୍ ଛର୍‌ଲା । ତୋର୍ ପର୍‌ଶା କଥା ପର୍‌ଲେଁ କାନ୍ ପାରି-କରି ଶୁନ୍‌ଲା । ବନହାଁ ଝର୍‌ବର୍ ହେଲେଁ ନାଇଁ ଉଛିର୍‌ଲେ କାୟୁଁ ? ବୁଢ଼ାର୍ ମନ୍ ଭିକନ ଦୁଇପୟୁ୍‌ସା ଚିନ୍ତା, ତାର୍ ହାତୁଁ ଯେନ୍ତା କଣ୍ଟୁ ଦିଆ ନାଇଁ ଲାଗ୍‌ତା ! ପଚ୍ଚ ପାଠକେଁ ଭି ତୋର୍ ପଟିଆ ହେଲେ ତ ଉଁ ଚୁଁ ନାଇଁ କଲା ସିନା ହେଲେଁ ତାର୍ ମନେ ଦୁସ୍‌ରା ଭାବ୍‌ନା ଥିଲା । ବରଗଡ଼ର୍ ସେ ବୟୁ୍‌ଜୁ ବୋ ! ବୁଢ଼ାର୍ ପିଣ୍ଡୁ ନ କମ୍ ଖର୍ଚା ନାଇଁ କର୍‌ବାର୍ । ନ ତପ ଟିକେ ବି ବୟୁ୍‌ଜୁର୍ ଆଉଟ୍‌କେ ନାଇଁ ଡ଼ଲ୍‌ଲା । ପରାର୍ ଲୁକେ ପଟେଇ ନେଲେ ଯେ ରୂପଧର୍ ତ ଝୁରା ପିଲା ଆୟୁ କା'ଣା ପାୟୁବା ? କପ୍‌ଟା

ଖଣ୍‌ଏ ଚୂଡ଼ ମୁଠେ ନେଇ ଆଯୁ୍‌ବା । ଜାଏତ୍ ଖାଯୁ୍‌ଦ୍ ଭ ଯାହା ଦେବା ତାହା ସହି ।

କଥାର୍ ମଝିନୁ ରୂପ୍‌ଧର୍ କହେଲା "ହଁ ତତେ ନେଁ କହେବାର୍ ନବେ ! ମୋର୍ ନନା ଘୁଷ୍‌ରି ଛୁଆଟେ ଦେଇଛେ ଜାଯୁ୍‌ର୍ ଖାଯୁ୍‌ଦ୍ ଲାଗି । ଆର୍ କପ୍‌ଠାର୍ ଲାଗି ତ ଆଜର୍ ତତେ ଜୁଗି ଜୁଗି ଆନ୍‌ଲିଁ । ମୋର୍ ବା' ଟଁକା ତିନ୍‌ଶ ତାକେଁ ପଠେଇ ନେଇଛେ; ଆର୍ ଟଁକା ଦୁଇଶ ବାଗିର୍ ଭୁତି ଦୁଖ୍‌ନୁ ଅଗ୍‌ଲେଇ ପେଟଁ ଉଲ୍‌ଟା ରଖିଥିଲିଁ । ପାଁଚ୍‌ଶ ଥିଁ ଶାଢ଼ୀ ସାୟା ବ୍ଲାଉଜ୍ କରୁଁ; ଯଦଗି ଅଗ୍‌ଲବା ତ ବାକି ଖର୍ଚାନେ ଲଗାମା ।"

"ଆରେ ବାକି ଖର୍ଚା ବର୍ଚା କଥାର୍ ଭୁଇଁ କାଯୁଁ୍ ଚିନ୍ତା କରସୁ । ଆମେ କି ହାତେ ଗୁଡ଼େ ନାଇଁ ଦେଇ ଲଗ୍‌ମୁ କାଯୁଁ୍ ?" କହି ଗୁଲଛେ ମହା । "ହଁ ମୋର୍ ଶଶୁର୍‌କେ ତ ଜାନ୍‌ଛୁ ହେଁ ତପଧର୍ ଘରର୍ ମୁକ୍‌ବର୍ ବଲ୍ କି ସିଆନ୍ ବଲ୍ ସଭେ ମାନ୍‌ସନ୍ । ସେ କହିଛନ୍, ରୂପ୍‌ଧରର୍ ଖର୍ଚାକେ ଠିକେ ସଭେ ଜୁଟ୍‌ବ । ତପର୍ ବୁଆକେ କି ସେ ଧନ ସେ କହୁ-ଥିଲେ ରୂପ୍‌ଧର୍ ଟୁରି ପିଲା ଆଯୁ୍, ତାହାକେ ଝି ଦେବାର୍‌ଟା ଗୁଟେ ଧରମ୍ ଆଯୁ୍ । ରୂପ୍‌ଧର୍‌କେ ହେଲେଁ କା'ଣା ବାଆନବ ? ବର୍କସ୍ ପିଲଟେ କେଡ଼େ ସୁଧାର୍ ଟିଖେ ବି ଉପଦ୍ରେଗ୍‌ରି ନାଇଁ । ତପର୍ ବୁଆ କାଁ ବଲୁଛେ ଶୁନ୍‌ବୁ ରୂପ୍‌ଧର୍ !। ସୁଧାର୍‌ପନ୍‌କେ ଘୁଣି ପିଇଲେଁ ଭୋକ୍ ଯିବା କାଯୁଁ୍ ହୋ ସୁନା ବୁଢ଼ା; ମୋର୍ ଶଶୁର୍ କାଯୁଁ୍ ବଲେ ଶୁନଥା । ରୂପ୍‌ଧରର୍ ଖାଲି ଗୁନ୍ ନାଇଁ ଘର୍ ବାଯୁ୍‌ର୍ ଠିକେ ତ ବନ୍‌ଏ ଅଛେ । ପିଲଙ୍ଖ୍ ଥିଁ ଶିକ୍‌ଷା ଠାଙ୍ଗର୍ ଘଟେଁ ହଉ ଜମିନ୍ ଏକ୍‌ଡ଼େ ଭଲ୍ ପାଇଛେ । ମେଟ୍ରିକ୍ ଫେଲ୍ ହେଲେଁ ବି ହରିଜନ୍ ପିଲା ଆଯୁ୍, ପିଅନ୍ କି ଚପ୍‌ରାଶି କାମେ କେତେବେଲେଁ ହେଲେଁ ଲଗ୍‌କି ଯିବାର୍ ଆଶା ଅଛେ । ସବୁଠାନୁ ବନ୍‌ଏ ଇଟା ଆଯୁ୍ ଯେ ପିଲ୍‌ଟା ମଦ୍ ଗଁଜେଇ କି ଜୁଆ ତାସର୍ ଛଯୁ୍‌ରି ବି ମାଡ଼େ ନାଇଁ । ହେଲେଁ ତପର୍ ବୁଆର୍ ମୁହଁ ଉସ୍‌ରେ ନାଇଁ, ଭୁଆସେନ୍ ଭୁଗା ଲେଖେଁ ଫୁଲେଇ ଆଯୁ୍ । ଘରର୍ ଲୋକ୍ କେତ୍‌କେ ଗୁଣ୍ଡସନ୍ ? ସଭେ ଗୁହୁଁଛନ୍ ଯେ ତପ ବନ୍‌ଏ ପିଲଟାକେ ବିହା ହଉ ଆର୍ ସେ ବନ୍‌ଏ ପିଲ୍‌ଟା ଖାଲି ରୂପ୍‌ଧର୍ ଆଯୁ୍ । ବୁଢ଼ା ବଡ଼ା କଷ୍ଟେଁ ହଁଟେ କଲା । ତେତ୍‌କେଁ କାଯୁଁ୍ନ ଇ ସବୁ ଚୂଡ଼ କପ୍‌ଠାର୍ କଥା ସର୍‌ଲା । ହଁ ତୋର୍ ବା ତିନ୍‌ଶ ଟଁକା ପଠେଇଛନ୍

ବଲ୍ । କେ ନ ପାଇଥିବା ଗା ?" ମହ୍ମିର୍ ଲମ୍ବା ଏକସ୍‌କିଁଟି କଥା ଟିକେ ବନ୍ଦ୍ ହେଲା ।

ରୂପ୍‌ଧର୍ କହେଲା "କେ'ନ ପାଯ୍‌ବା ବୋ !, ହେନ୍ତା ମାଗିଯାଚି କରି ଯେନ୍ ଦୁଇ ପଯ୍‌ସା ଠୁଲେଇଥିବା ସେ'ଠାକେ ପଠେଇଥିବା କାଯ୍‌ଁନ । ବାପ୍‌ମାନ୍‌କର୍ ମନ୍ ଦୁସ୍‌ରା ଆଯ୍‌ବୋ । ଦେଖ୍‌ତ ନିଜେଁ କେତେ କଷ୍ଟେଁ ଚଲୁଥିବା ?"

ମହ୍ମି କହେଲା "ତୋର୍ ବା' ବନ୍‌ଏ ଲୋକ୍‌ଟେ ଥିଲା ଆର୍ ବନ୍‌ଏ ରୋଗ୍‌ଟେ ଝ ତାହାକେ ଧଯ୍‌ଲା ।"

ରୂପ୍‌ଧର୍ ଟିକେ ଦୁଃଖ୍‌ମନା ଭାବେଁ କହେଲା "ବନ୍‌ଏ ଲୋକ୍ ନୌ ହଇଥିଲେଁ ତାର୍ ଦହେଁ ଛଉ ଗୁଟେ ଗୁଟେ ହଶ୍‌ଲା କ ଲୋକ୍ ଅବ୍ଧ ବସ୍‌ଲା ମାତର୍‌କେଁ ଭାଯ୍‌ଲ୍ ମୋର୍ ପୁଓ୍ଡକେ ଡେଗିଯିବା ବଳି ମତେ ତୋର୍ ବୁଆର୍ ହାତେଁ ପରା ପାଟ୍‌କେଁ ସଁପି ପଲେଲା ହାଣ୍ଟିବାର । ସେ ଥିଲେଁ ମୋର୍ ଇ ଅବସ୍ଥା ହଇଥିତା କାଯ୍‌ଁ ? ମୋର୍ ମା'ର୍ ଚେହେରା ତ ମନେ ନାଇଁନ । ସେ ମାଁ ବୁଆ ଦୁହେଁଠା ଥିଲା । ଗୁଡ଼୍ ଭାଇ ! ଯାହେଁ ଯା ତାହେଁ ଯା କପାଲ୍ ନେଇ ଯା ।"

ମହ୍ମି କା'ଣା କହେବାକେ କହେବାକେ ହଉଥିଲା ବେଲ୍‌କେ ସାଯ୍‌କଲ୍‌ଟେ ତାର୍ ଆଗ୍‌ମୁଡ଼େଁ ବରେକ୍ ଦେଇ ମହ୍ମିକେ କହେଲା "ଭେନେଇ ଯୁହାର୍" ।

ମହ୍ମି ତାର୍ ଗଲାକେ ଚିହ୍ନିପାରି ଆଶ୍ଚିର୍ଯ୍ ଭାବେଁ କହେଲା "କେନ୍-ଆଡ଼େଁରେ ! ଏତେ ରେଡ୍‌ନେ ଯାଉଥିଲୁ ?"

"ତମର୍ ନିକେ ବୋ !" "ତପ ଆଇଛେ କାଯ୍‌ଁ ? ତାର୍ ଖୁଜାର୍ ଥିଁ ପରା ଯାକର୍ ଅଥା" ।

ରୂପ୍‌ଧର୍ ଆର୍ ମହ୍ମି ଦୁହେ ଯାକ ଥକା ହଇଁ ବସି ପଡ଼୍‌ଲେ ସଡ଼୍‌କର୍ ତରପଟିଆ । ମହ୍ମିର୍ ଗଲା ମୁଲୁଁ ଶେଷ୍‌ତକ୍ ଯାହା ହଇଛେ କହେଲା ।

"ଗଲା କାଲ୍‌ହର୍ ବେଲ୍‌ବୁଡ଼େଁ ବଯ୍‌ଜ୍ ବର୍‌ଗଡ଼ୁଁ ଆଯ୍‌ଲା ତପ ଘର୍‌କେ । ବନ୍‌ଏ ରଙ୍ଗାମଦ୍ ଦୁଇବୁତଲ୍ ଆର୍ ବଧିଆ ପଟେ ଧରି । ତପର୍ ବୁଆ ମାନଙ୍କେ ଖିଆ ପିଆ କଲେ । ବୃହ୍ଣାକେ ପଠାପଠି କଲା କାନ୍ଦୁ ଭିତରଆ

ଯାରି ଟଙ୍କା ପୟ୍‌ସା ଦେଇକରି । ବୁଢ଼ା କହେଲା ତପକେ ଆର୍ ରୂପ୍‌ଧର୍‌କେ ନାଇଁ ଧଏ ନ । ରୂପ୍‌ଧରର୍ ବୁଆକେ ବଡ଼୍ ରୋଗ୍ ହଇଛେ । ହେଁ ବଇଁଶ୍ ହେଁ ରକତ୍; ଇ ବେମାର୍‌ଟା ବେଇମାନ୍ ବେମାର୍ ଆୟ୍, ପୁରୁଖା ଉତ୍ରସି । ଘରର୍ ଲୁକେ ଜମିଗଲେ । ମୋର୍ ବା ବନ୍ଧାଁ କହେଲା ଜନ୍ଏ-କେ ହଁ କରିଛୁ, ସେ ଆଶା କଲା ନ; ଇ କରମ୍ ନେଁ କର୍, ଇଟା ବଡ଼େ ପାପ୍ ଆୟ୍ । ହେଲେଁ ବୁଢ଼ା କେ'ନ ମାନୁଛେ । ତପ ବି ତ ସା'ବାଲକ୍ ହେଲାନ ତାହାକେ ହେଲେଁ ପଚର ବଳ ପରର୍ ଲୁକେ କହେଲେ । ତପ ବୟ୍‌ଲା ମନ୍ ଜନ୍ଏକେ ଆର୍ ତନ୍ ଜନଏକେ ନାଇଁ ଦେଇ ହୟ୍ । ମୋର୍ ମନ୍ ମୁଇଁ ଯାହାକେ ଦେଇଛେଁ ମୋର୍ ଦେହ, ମୋର୍ ଜୀବନ୍ ତାର୍ ଆୟ୍ । ବୁଢ଼ା ଯେତେବେଳେଁ କହେଲା ଯେ ବଡ଼୍ ରୋଗ୍ ହଇଛେ ତାର୍ ବାପ୍‌କେ ବଲିଁ, ତପ କହେଲା ବାଘ୍‌କେ ହଇଥାୟ୍ ନା ଯେ ପୁଓକେ ତ ନାଇଁ ହଇଁ । ଆର୍ ଇ ବର୍‌ଗଡ଼ଆକେ ତ ତାହିଁରୁ ବଡ଼୍ ରୋଗ୍ ଧରିଛେ ସବୁବେଳେଁ ନିଶା ପାୟ୍‌ନ୍ । ମୁଇଁ ହେତାର୍ ନିକେ ନାଇଁ ଯାୟ୍ଁ । ହେନା ଗୁଲ୍‌ମଳିଆ ଧଏଲା କଥା ବେଲ୍‌କେ ସଭେ ବୟ୍‌ଲେ ରାୟ୍‌ତ୍ ଗୁୟ୍‌ର୍ ପହର୍‌କ ଯାଉ୍ ଯେନ୍‌ଟା ହେଲେଁ ନିଷ୍ପତ୍ତି ହେବା । ସକାଲ୍ ପାୟ୍‌ଲା କା ତପ ନାଇଁ । ସଭେ ଖୁଜୁଛୁଁ, ଆଖେଁ ପାଖେଁ କାହିଁ ନାଇଁ । କଏ ବଲୁଛେ ବୁଡ଼୍ ଉର୍‌କ ହଇ ମଲା ନ ତ କଏ କହୁଛେ ରୂପ୍‌ଧର୍ ନିକେ ପୟ୍‌ସାମୁଡ଼ ଡ଼ୁକଥିବା । ଭଗବାନ୍ ଜାନ୍ଏ କାହିଁ ଗଲା ଟୁକେଲ୍‌ଟାକ ଯେ ।"

ରୂପ୍‌ଧର୍ ଫଁକର ନିଶ୍ୱାସ୍ ଛାଡ଼୍‌ଲା; ପୁଟର୍ ସକାଳିଆ ଖରା ତାହାକେ ସାଁପ୍ ଗର୍‌ଲର୍ ରଙ୍ଗ୍ ଧରିଛେ ବାଗିର୍ ଲାଗୁଥିଲା । ସଙ୍ଗ୍‌କେଁ ଲାଇନ୍‌ଗାଡ଼ ଏକସ୍‌କିଁଟି ଗୁଲଥିଲା; କାହାରର୍ କଥା ତାହାକେ ନାଇଁ ଶୁଭୁଥାଇ ।

( ଖ )

ଶଏନ୍‌ବାର୍ ହାଟର୍ ଦିନେ ଯେ ଇ ସଡ଼କ୍‌କେ ଦେଖିଛେ ସେ ହିଁ ଜାନ୍‌ବା ଯେ କେତେ ଭିଡ଼୍ । ଗାଡ଼ି ମଟର୍ ଟେକ୍‌ସି କି ସାଇକଲ୍ ଫଟ୍‌ଫଟି ଦେଖ୍‌ବ । ବାଟ୍ ଚଲ୍‌ତା ଘର୍‌ବୁହା ଲୋକ୍ ଭି ତିନ୍ ଛୁଷ୍ଟୁର୍ ଜନର୍ ଭିଲ୍ ବାଁଧି ଗୁହୁଡ଼ା ଗୁହୁଡ଼ା ଯାଉଥିସନ୍ । ଲୋକର୍ ଧାଡ଼ି ସରେ-ନାଇଁ କି କଥାର୍ ଧାର୍ ମରେ ନାଇଁ ।

ବନ୍‌ଏ ଫୁଲ୍‌କୁଢ଼ି ଘର୍‌ଟେ ବୁଝି ଲୁଚନ୍ ପଧାନ୍ କପ୍‌ସି କପ୍‌ସି ଗୁଲୁଥିବାର୍ ଦେଖି ସପ୍‌ନେ ସାହୁ କହେଲା "ଦଦା ! ତତେ ତ ବୋହୁଁ ଘରି ଜନା ପରୁଛେ ବୋ ! କନହୁଁ ଦିନୁ ତତେ ଘର୍ ବୁଝିବାର୍ ନେଁ ଦେଖିଥାଇ, ଆର୍ ଆଯ୍‌ଜ୍ ଦେଖ୍‌ଲିଁ ତ ମହାନବାର୍ ଘର୍‌ଟେ ଖଣ୍ଡେଇଛୁ । ଉତର୍, ଘର୍ ପଲ୍‌ଟେଁ ପକାମା । ଯେନ୍ତା ହେଲେଁ ମୋର୍ ଘର୍ ଟିକେ କମ୍ ଥିବା, ଉଶାସ୍ ଥିବା ।" ଲୁଚନ୍ ପଧାନ୍ ତାର୍ କହେବାର୍‌କେ ଠାକଥିଲା ବାଗିର୍ ଠେଘୋନୁ ଘର୍ ଉତ୍‌ରେଁ ଖନ୍ଦର୍ ଗୁପ୍‌ର୍‌ହାଣ୍ଡି ନେ ଧୁକି ହେଲା । ସପ୍‌ନେ ସାହୁ ଘର୍ ଭିତ୍‌ରେଁ ଟିକେ ବସି ଘର୍‌ଲା ବେଲ୍‌କେ ତାର୍ ସାଙ୍ଗେଁ ଆସୁଥିବା କଲିଆ କୁକୁର୍‌ଟା ତାହାକେ ଲେଠ୍‌ରେଇ ହଇ ବସ୍‌ଲା ଆର୍ ଜିଭ୍ କାଢ଼ି ଥାକ୍ ମାର୍‌ଲା । ଲୁଚନ୍ ପଧାନ୍ କହେଲା—

"ଘଁର୍‌ମୁଖା ଜନୁଟେ ଧଣ କାଏଁ ହାଟ୍‌କେ ବାଟ୍‌କେ ଆସୁଛୁ ବୋ ! ଆସୁ ତ ।" ସପ୍‌ନେ ତାର୍ କୁକୁର୍‌କେ ଟିକେ ସୁଆଁଲି କରି କହେଲା "ଆମର୍ କୁଟ୍‌ମର୍ ଜନେ ଆପ୍ 'ଦଦା !', ମତେ ଛାଡ଼ିକରି ନାଇଁ ରହିପାରେ ।"

ଆଉର୍ କି ଝନାଦୁ ଘର୍ ବୁଝିଁ ଆସ୍‌ଲେ । ଘର୍‌ମାନ୍‌କୁଁ ଭିତ୍‌ରେଁ ଘାଁଙ୍ଗ୍ ଢିଆନିଆ ହଇଁ ଟିକେ ସୁସ୍ତାଲେ ।

ସାପ୍‌କଲର୍ ପଛେଁ ଆର୍ ମଝିଁ ମେସିନ୍ ଉପରେଁ ଦୁଇଟା ବସ୍ତା ଥୁଇଁ ଚଲେଇ ଚଲେଇ ଆନୁଥିଲା ମାଲୁ ଭୁଏ; ସେ ବି ଅଟ୍‌କି ବଡ଼ଟାକେ ଜୁଏ ଧରଉନ୍ ଧରଉନ୍ କହେଲା "ପଧାନ୍ ଦଦାର୍ ଘର୍‌ବୁହା ତ ମୁଇଁ ଜନ୍‌ମୁ ନେଁ ଦେଖି ବୋ !"

ଲୁଚନ୍ ପଧାନ୍ ତାର୍ ସାଙ୍ଗେଁ ସାଙ୍ଗେଁ କହି ପକାଲା "କାଁ କରବୁ ରେ ଭାଇ ! ସଂସାରର୍ ଗଣ୍ଡଗୋଳ ଏନ୍ତା ଚଲୁଛେ; କହେ କାହାରର୍

ନୁହନ୍ । ଦେଖ୍‌ତ ଇ ଶପ୍ତୁନ୍‌ବାରୁ କେ, ମୋର୍ ଗୁଡ଼ ବୋ !, କୁଠିଆ ଢନୁ ତାହାକେ ଘରର୍ ପୁଓ ବାଗିରୁ ରଖି ପାଳି ପୁଷି କେନ୍ତା କରଛେଁ ଗାଁ ମାଁ ଜାନୁଛନ୍ । ଏସୁରର୍ କଥା ଦେଖ । ତାର୍ ବହା ଚୂର୍ ଥିଁ ଯାହା ପାର୍‌ଲେଁ ଗଁଧେ ପୁଷ୍ପେ ଦେଲେଁ । ତାର୍ ଲଗ୍‌ବାଡ଼ି ଯେନ୍‌ଠା ବି ଥିଲା ଶୁର୍ଟ୍‌ଲେଁ । ପିଁଧ୍‌ନା ପଠା ବି ବଛର୍ କେ ବଛର୍ ଦଉଛେଁ । ଦୁସର୍ ଲୋକ୍ ହେଲେଁ ଥୁକ୍‌କେ ହାତ୍ ପାତିଥିତା । କାପ୍ତୁଲ୍ କୁବ କାଠ୍‌ଲା ବେଲ୍‌କେ ନୈ କହେତା ବୋ କାପ୍ତୁଲ୍ ନାଇଁ ଯାଇପାରେଁ ବଲି । ମୁଇଁ କାଁ କରି କୁବ କାଠିଥିତି । ସକାଲୁଁ ବଲୁଛେ ମୋର୍ ଶାଶ୍ ଘର୍‌କେ ଧାପ୍ତୁ ଗଲେଁ-ଯାଇ । ଦେଖ୍ ମୋର୍ ଦଶା । ପିଲ୍‌ଠା ଲଏକ୍ ଥିଲେଁ ସାପ୍ତୁକଲେଁ ଥୁରେ ଆନଥିଲେଁ ମତେ କାପ୍ତୁଁ ବୋଝ୍ ହେତା । ମୋର୍ ଦୁଆର ତ ସାପ୍ତୁକଲ୍-ଚଡ଼ା ନାଇଁ ହେଲା କେଭେଁ । ପିଲି ବଲୁଛେ ସକାଲୁଁ ଯେ ସେ ପିକ୍‌ନିକ୍ ଯିବା । ମର୍‌ଗୋ ମୋର୍ ପିକ୍‌ନିକ୍ । ହରେ ଟଶୁରେ ଯେନ୍‌ମାନେ ସବୁ-ଢନେ କବାର୍‌ବୁତା ଥିଁ ବୁଢ଼ି ରହିଥିସନ୍ ସେମାନେ ସିନେ ବରଷ୍‌କେଁ ଢିନ୍‌ଏ ଅଧେ ଯାପ୍ତୁସନ୍ ବୁଲିକିଢ୍ ଆପ୍ତୁଲେଁ ବନ୍‌ଏ ଲଗ୍‌ବା ବଲିଁ । ତମେ ତ ସବୁଢନେ ବୁଲୁଛ ତମର୍ ଫେର୍ କାପ୍ତୁଁ ପିକ୍‌ନିକ୍ ? ତାର୍ ମାଁଠା ପିଲ୍‌ଠାକେ ବଢ଼େଇ ନେଲା ବୋ !; ଇ ଲୋକ୍ ପଦେ କହି ନାଇଁ ପାରୁ । ନୈ କହେସନ୍ ଗୁଟେ ପୁଓ ଯାର୍ ମୁହଁ ପୁଡ଼୍ ତାର୍ । ଯାହା ପାର୍‌ଲେଁ ପଢ଼ାଲେଁ । ପଠା ପିଁଧି ଟେଶକଠ୍‌କି କାଁଣା ବଲ୍‌ସନ୍ ଯେ ପିଁଧାଲେଁ । ନିକେଁ ନୁନ୍ ବାସି ଖାଇ ମେସ୍ ବୁଢ଼ିଙ୍ଗ୍‌ନ ତାହାକେ ରଖାଲେଁ । ଉର୍ଦ୍ଧୁଠ୍ ସୁର୍ଦ୍ଧୁଠ୍ କରି ପାସ୍‌ଟେ କଲା ଯେ ନୌକ୍ରି କାହିଁ ? ଆରେ ବାବୁ ! ନୌକ୍ରି ନାଇଁ ମିଲ୍‌ଲା ତ ନାଇଁ; ଘରର୍ କବାର୍ ବୁତା ହେଲେଁ ନାଇଁ କର୍‌ବୁ ? ଲୁହୁଙ୍ଗି ଟେ ଗୁରେଇ ହଇ ଇ ପିଁଡ଼ା ସେ ପିଁଡ଼ା ହଉଛେ । ମୁଇଁ କୁବ ବାପ୍ତୁର୍ କେ ପାନ୍ଟୁନ୍ ବଲଉଥିମି, ବାବୁ ବୁଲୁଥିବା । ସତେଁ ବୋ ! ନାଇଁ କହେସନ୍ ମୁନୁଷ୍ ଆର୍ ବେଙ୍ଗ୍ ପୋଷ୍ ନାଇଁ ମାନନ୍ ।”

ମାଲୁ ଭୁଏ କହେଲା “ଇ ମୁନୁଷ୍ ଦୁଇଗୁଡ଼ିଆର୍ କଥା ନାଇଁ କହନ ଦଦା ! ତୁଇଁ ତ ନିଜର୍ ଜନମ୍ ଜାତ୍ କଲା ପୁଓ ନୈ ମାନ୍‌ବାର୍ ବଲି କହୁଛୁ, ଆର୍ ମୁଇଁ ମୋର୍ ପୁଷିଆଁ ପୁଓର୍ ପୁବନ୍ କାଁଣା ଗାପ୍ତୁମି ?” ଲିଭ୍‌ଲା ବଡ଼କେ ଖାଡ଼ି ମାପ୍ତୁଲା ।

ସପ୍‌ନେ ବପ୍ତୁଲା “ଆମେ ସଭେ ତ ଭାବୁଥିଲୁଁ ଗା ଭୁଏ ! ତୁଇଁ ଯେନ୍ତା ଲୋକ୍ ଆଉ, ତତେ ମହାପ୍ରଭୁ ବନ୍‌ଏ ସୁଖେଁ ରଖିବା । ପିଲ୍‌ଠା ବି

ପୁତ୍‌ର ହେଲେଁ ବ ଜନ୍‌ମୁ ତଟେ ବାପ୍‌ ବାଗିର୍‌ ଭାବେଁ ମାନ ଆଇଛେ ।"

ମାଲୁ ବଢ଼ର୍‌ କୁହୁଲା ଗୁଡ଼ି କହେଲା "ସେ ସବୁ ଜୁନ୍‌ହାଁ କଥା ଗୁଡ଼୍‌ ବୋ ! । ଯେନ୍ତା ବହା ବର୍‌ପନ୍‌ କରିନେଲେଁ କ ଶଶୁର୍‌ ଆର୍‌ କାପୁଁ ବାପ୍‌ ହଲ୍‌ତା ? ହହାର୍‌ ଆଗୁଁ ସଂପଣ ଟିକ ତାର୍‌ ନାଁ ଥି କରିନେଲେଁ ତ । ଯେନ୍‌-ଥିର୍‌ ଲଗି ମନାଗୁନା, ସେ ଟିକ ତ ହାତ୍‌କେ ତାର୍‌ ଗଲା । ତୋର୍‌ କାଣା ଦେଖିବୁ ? କହେବାକେ ଲାଜ୍‌ ଗା ଭାଇ !, ଭୁଆଷେନ୍‌ ତୋର୍‌ ବହୁର୍‌ ମୁହେଁ ହଗ୍‌ଲା ନ । ଏଛନ୍ନ ଭନ୍‌ଏ ହେଲୁଁ ନ । ଝନ୍‌ଏ ପୁଷ୍‌ବା ପାଲ୍‌ବା, ଥିର୍‌ ଡ଼ୁକେ ଦେବା, ଗୋଡ଼୍‌ହାତ୍‌ ଗୁହ୍‌ମୁତ୍‌ କର୍‌ବା, ମଲା ପରେଁ ପିଁଡ୍‌ ପର୍‌ଦାନ୍‌ ଗଡି ମୁକ୍‌ତି କର୍‌ବା ବଲି ସିନେ ପୁଷ୍‌ପୁତର୍‌ ରଖ୍‌ସନ୍‌; ମୁଇଁ ପୁଷ୍‌ପୁତର୍‌ ରଖିଥିଲେଁ ହୋ ଭାଗ୍‌ବଁଠା ଦେବାକେ । ପୁଓ ନୁହେ ମୋର୍‌ ଭାସୁ୍‌ ହେଲା, ତେଭେଁ ତ ଭାଗ୍‌ ନେଲା । ଏଛନ୍ନ ଛପୁ୍‌ର ମଡ଼ାମଡ଼ି ନାଇଁ, ମୁହଁ ଦେଖାଦେଖି ନାଇଁ ।"

ସଭେ ଭାର୍‌ମାନ୍‌କୁଁ ଉଠେଇ ଗୁଲ୍‌ଲେ । ଲୁଚନ୍‌ ପଧାନ୍‌ ସପ୍‌ନେର୍‌ ହାର୍‌ଡ଼ାକ ଠଂଗ୍‌କଲା ଉଠେଇ କହେଲା "ଯେ ଯାହାକେ ସେନ୍‌ହୋ ସରଗ୍‌ ଟିକେ ଦେବା, ସେ ଟିକ ଭାର୍‌ ଠାନୁ ଆର୍‌ ଟିକେ ଜହକରି ପାଯୁ୍‌ମି ବଲେଁ । ଜହ କା'ଣାରେ ପିଲା ! ସେନ୍‌ହୋ ସରଗର୍‌ ନାଁ ଗଁଧ ନାଇଁ । ତତେ ଦେଖ୍‌ଲେଁ ନାକ୍‌ ଡ଼ିଆଁବେ । ଆଡ଼୍‌ଆଖିଁ ବ ଦେଖନ୍‌ ନାଇଁ । ଶୁଖା ପତ୍‌ରେଁ ନୁନ୍‌ ଗୁଡ଼ାକର୍‌ ଆଶା ନାଇଁ । ଅମେ ଶଲେ ମୁରୁଖ୍‌ ଆଉଁ ତ; ଫେର୍‌ ତାକର୍‌ ଗୋଡ଼୍‌ ତଲ୍‌ ତଲ୍‌ ହେସୁଁ ।"

ଲୁଚନ୍‌ ପଧାନର୍‌ କୁବ ଭାର୍‌ଠା ସଥେଁ ବନ୍‌ଏ ଭାରି ଥିଲା । ସପ୍‌ନେ ବୁହିଲା କ ସେ ଭ ଟିକେ କପ୍‌ସାଲା ବାଗିର୍‌ ଗୁଲ୍‌ଲା । ଦୁର୍ଯୋଗ୍‌କେ ସାଏକଲିଆ ଗୁଟେ ଆସି ତାର୍‌ ଦହେଁ ଜର୍‌ରେଇ ହେଲା କ ସଁଭରିବାର୍‌ ସଁଭ୍‌ରିବାରୁ କେ ହଇଁ ସଡ଼କର୍‌ ଇ ଫାଲୁଁ ସେ ଫାଲ୍‌କେ ଯାଇ ମୁହଁ୍‌ମାଡ଼ି ହଇ ପଡ଼୍‌ଲା । ତାର୍‌ କଲିଆ କୁକୁର୍‌ଠା ଭୋ ଭୋ କରି ସପ୍‌ନେର୍‌ ପାଖ୍‌କେ ଦଉଡ଼ି ଆଉଛେ ବେଲ୍‌କେ ଠରକ୍‌ଟେ ଆସି ହାଜର୍‌ । କଲିଆ କାଁ କ କରି ନେଁ ପାର୍‌ଲା, ସେ ଠାନେ ଖତମ୍‌ । ସପ୍‌ନେ ତାର୍‌ ନଜର୍‌ ଆଘାତ୍‌ ଲଗିଁ କି କଲିଆର୍‌ ମୁର୍‌ଛୁଘାତ୍‌ ଲଗିଁ ଯେ କେ ଜାନ୍‌ଏ ? ଅଚେତ୍‌ ମେଟାଲ୍‌ ପଡ଼ିଥାଯୁ୍‌ । ଲୋକ୍‌କର୍‌ ହୁଆହୁଠା ଥିଁ କଛି ନାଇଁ ଶୁଭୁଥାଇଁ ।

( ଗ )

“ଭାର୍ ଝି’ର୍ ଘଟିଆ କହୁଛେ ବଳି ବଲ୍ ପଡ଼େ ନାମା ! ମୋର୍ ଝରର୍ କେନ୍‌ସି ଦୋଷ୍‌ଗୁନ୍‌ହାଁ ନାଇଁ, ତମ୍‌କୁଁ କା’ଣା କହେମି ? ‘କେନ୍-କଥା ତମ୍‌କୁଁ ଅଜନା ଅଛେ ?” ମାଲି କହେଲା ।

ପୁଷ୍‌ମାସର୍ ବେଲ୍‌ହୋ ବେଲ୍, ମୁଣ୍ଡ୍‌ଉପରୁଁ ବେଲ୍ ଢଲ୍‌କଲା କି ବେଲ୍ ବୁଲ୍ଭଲା ବାଗିର୍ ଲାଗ୍‌ସି; ବେଲ୍ ନେ ବୁଡ଼ଲୁ ଜାଡ଼୍ କୁଦେଇ ଆନ୍‌ସି । ହାଟ୍ ଗଜ୍‌ଗଜଉ ଥିବା ଏଛନ୍ କି ତଥାପି ଘସ୍ତାଥିଁ ହାଟ୍ ଫିର୍‌ତା ଲୋକର୍ ଭଡ଼୍; ହାଟ୍ ଉଖିଲା ନେ ଥିବା ମାତର୍‌କ ଝାଁକ୍‌ରେନ୍ ମାଲିର୍ ଦୁଖ୍ ଯେନ୍‌ଟା କି ତାର୍ ମନ୍ ଭିତ୍‌ରେଁ ବଟି ହଇଁ ଅହେଇ ମାରଥିଲା ଆଜିର୍ ଉଖିଲା ଆସୁଛେ କଥା କଥା ନେ । କେତେବେଲେଁ କେନ୍ତା ଆଖିଁ ପାଯ୍‌ନ୍ କି ଥପେ ଥପେ ଆସି ଠିଁଟି ଆର୍ ନାକ୍ ଚୁଁଧି ନଉଛେ । କହୁଛେ ତାକର୍ ପଟର୍ ମିତ୍‌ର ଲୋକେ ଗାଁର୍ ମାପ୍‌ନ୍‌ଦାପ୍‌ନ୍‌ଥିଁ ଯାହାକେ ଜେଠେନ୍ କଲ୍‌ସି । କହେଲା ମିତ୍‌ର “ଝରର୍ ପିଲାଦନୁ ଆମେ ଅବ୍‌ତକ୍ ଦେଖିଆଇଛୁଁ ମାଛିକେ କି ମର୍ ବଲେ ନାଇଁ । ମୁଣ୍ଡ୍‌ଟେକି ବାଟ୍ ଗୁଲେନାଇଁ । ଯାହାକେ କହେବା ମାପ୍‌ନ୍ ଦାପ୍‌ନ୍ ଧଣ୍ଡ କେତେ ସୁତର୍ କଥା; ଉଗ୍‌ଉଗି ଲୁହେ କି ଦକ୍‌ଦକି ଲୁହେ । ହେଲେଁଲେ ମାଲି, କନ୍‌ଏ ଘରେଁ କି ତ ଦେଇଥିଲୁ, ପିଲାଟା ତ ସୁତର୍ ଲେଖେଁ ଦିଶ୍‌ସି । ଝରର୍ କେନ୍ ଦୋଷ୍ ଗୁନ୍‌ହାଁ ଦେଖି ଏଣ୍ଡ୍‌କି ରକମ୍ କର୍‌ବାକେ ଯାଉଥିଲା; ସେଥିର୍ ଲାଗି ଲୋକ୍ ଅବ୍‌ଧୁଛନ୍ ଝରର୍ କେନ୍‌ସି ଦୋଷ୍ ଥିବା କାଁଯ୍ ?”

ମିତ୍‌ରକେ ଆର୍ କଟ୍ଟି କଥା ନେ ଦେଇ ଭଡାପନା ହଇଁ ମାଲି କହେଲା “ମୂଲ୍‌କୁଁ ପର୍‌ଚ୍ଛୁନ୍ କରି ଟିକେ ଭି କୋର୍ କପଟ୍ ନେ ରଖିଁ ସବୁ କଥା କହୁନଉଛେଁ ଶୁନ୍‌ଅ । ମୋର୍ ଝରର୍ ଯଦପି ଟିକେ ବି ଗୁନ୍‌ହାଁ ପାଯ୍‌ବ ତ ମୋର୍ ମୁହେଁ ପୁଡ଼ାବ ।”

“ନାଇଁଲେ !” ମିତ୍‌ର କହେଲା “ଝରକେ ଆର୍ ନାଇଁ ଜାନିଛୁଁ କାଁଯ୍ ? କି ତମର୍ ବହା ବର୍‌ପନ୍, ଖରା ଉଷା ସବୁକେ ଲୁକୋ ଭବେଁ ଆସ୍‌ବାର୍ ଯିବାର୍ ସବୁ ସଭେ ନାଇଁ ଜାନିଛନ୍ କାଁଯ୍ ? ଭୋର୍ ଝି’କେ ‘ଝର’ ନେ ବଲି ‘ଝର୍‌ଲି’ ନାଆଁ ଦେଇଥିଲେଁ ଚଳିଥିତା ।”

ମାଲ୍ ସାଙ୍ଗେଁ ସାଙ୍ଗେଁ କହେଲା "ହେଁଥିର୍ ଲାଗି ତମ୍‌କୁ ମୂଲୁଁ ଶେଷ୍ କରି କହ୍ନ ନଉଛେଁ, ଭଲ୍‌କେ ଭଲ୍ ବଲ୍‌ବ, ଅସାର୍ ଥିଲେଁ ମତେ ମୁହଁ‌କେ ମୁହଁ କହେବ । ଶୁନ୍‌ଅ, ମୋର୍ ଜୁଏଁଘର୍‌କେ କାଏ ନାଇଁ ଜାନ ? ବରିହା ଘର୍ ବଲି ଡ଼ାକ୍ ପରୁଛେ । କାଣ୍ଠା ତଲେଁ ଜମିନ୍, ଅବଲ୍ ବାହାଲ୍ । ବସ୍ତ୍ର ଶାଖ୍ ମାସେଁ ବଉରସି । ଆମର୍ ସରର୍ ଲାଗି ଅସା ଯୁଆ କଲେ କାହିଁ ବସ୍ତ୍ରଲୁଁ । ସବୁ ପଠ୍‌ଲା; ବହା ବର୍‌ପନ୍ ଖରାଉଷା । ଆମେ କେ'ନ ଜାନ୍‌ଛୁଁ ଯେ ବରିହା, ହେଁ ମୋର୍ ସମ୍ଧି କେଉଁ କେଉଁ ମଦ୍ ସାସ୍ତ୍ରନ୍ କରି ଭିତରେଁ ଭିତରେଁ ସବୁ ପୂଲପୂଲା କରିନେଲା ନ କଲା । ଆମର୍ ଭ ଆଶା ଥିଲା ପିଲାଟା ଦୁଇ ଅଖର୍ ପଢ଼ିଛେ ତ ମୁନ୍‌ଷେଁ ଯିବା । ହେଲେଁ କାଁ କର୍‌ବ ନାମା ! ଗାଁର୍ ହୁଦୁଙ୍ଗିଆ ପିଲ୍‌କର୍ ପଞ୍ଚି ନେ ପରିଁ, ମୋର୍ ଝି'କେ ଯେନ୍ ରତେ ମସେ ଦେଇଥିଲୁଁ ବିକ ଭାଁଜି ସୁରୁ ଫଟ୍‌ଫଟିଛେ ଘିନି ପକାଲା । ସେଟା କାସ୍ତୁଁ ସାଏକଲ୍ ଆସ୍ତ୍ର ଯେ ସୋଜ୍ ଚଲ୍‌ତା ? ତେଲ୍ ମୁବିଲ୍ ରୋଜ୍ ଦର୍‌କାର୍ । ବାପର୍ କାସ୍ତୁଁ ସମ୍ପଦ୍ ଅଛେ ଯେ ଘିନ୍‌ବା ? ଫେର୍ ସାଙ୍ଗେଁ ଯେ ହଉ ଝନ୍‌ଏ ଥିବା, ହୁଟଲ୍ ବେଖ୍‌ଲେଁ ଠିଆ; କଣ୍ଟିନେ ହେଲେଁ ବି ପକଡ଼ି ଚକ୍‌ନେ ଚକ୍‌ନେ ଆର୍ କପେ ଲେଖା ଗୁହାଦେ ପସ୍ତ୍ରସା । ଏନ୍ତା ଥିଁ ବଲୁଛ ନାମା ଯେନ୍ ଦୁଇବରବ୍ ଦେଇଥିଲିଁ ଉଡ଼େନ୍ ଚରେ ଛୁଆ ମେଡାଲ୍ ଗୁଟେ ଗୁଟେ କରି ଡ଼େନା ବାଁଧିଲେ । ମୋର୍ ପଦେ ପଦେ ଖସ୍ତ୍ରଲ୍ କହିଥିତା, ନା ସେ ପିଲକେ ନା ତାର୍ ଶାଶ୍ ଶଶୁର୍‌କେ । ମୁଇଁ ପାଲ୍‌କେଁ ସୋର୍ ପାସ୍ତ୍ରଲିଁ କି ପଚରାଲିଁ ଯେ କସ୍ତ୍ରଲା ବେଳାଭୁ ବେଲା ଦରବ୍ ଫିରେଇ ଆନ୍‌ଥିଭୁ ଖସ୍ତ୍ରଲ୍ ମା ! ତାକର୍ ଦଇବ୍ ସେ ଯାହା କଲେ ମୋର୍ କହେବାର୍ କା'ଣା ଅଛେ ? କାଁଥେଁ ମାସ୍ତ୍ରଲା ବାଗିର୍ ରହିଗଲିଁ ନାମା । ମୁଇଁ ହେଲେଁ କା'ଣା କହେଁତିଁ ?"

ମିତ୍ରବ ବସୂଲା "ସୁତର୍ ବସୂଲେଁ ଏନ୍ତା ହିଁ ସୁତର୍ ହେସନ୍ ଲୋ ମାଲ୍ ! ତୋର୍ ଝି'ର୍ କଥା ଦେଖ୍‌ତ । ସାଁପ୍ ନାଇଁ ଗୁବ୍‌ଲେଁ ଦାଇଁ ଗୁବତା ହେଲେଁ 'ହଁ' ନେ କଲେଁ ତେଲ୍ ପଥର୍ ନାଇଁ ଖାସୂକା କାସୂଁ ?"

ମାଲ୍ ଭିତ୍‌ତରେଇ ଯାଉଥିଲା ସବୁ କଥା କହେବା ବଲି ତ, ଅର୍ ମିତ୍ରବ କେ କହି ନେ ଦେଇ ଫେର୍ କହେଲା "ପହୁର୍ ଉଷାକେ ଆସି-ଥିଲା ବେଲ୍‌କେ ଅସୂର୍ଚା କରୁଥିଲା । ମୁଇଁ ଯାହା ପାରିଲା ଖୁଆଲି ପିଆଲି ।

ଖରକେ ଆସୁ୍‌ଲା ବେଲ୍‌କେ ଦଶ୍‌ମାସୀ । ଏବେହେଁ ହାଡ଼୍‌ ଖେଁଡ଼େ ଦୁହୁଲୁଛେ । ଅଁସଗଁଡ୍ ଦେହେଁ ନୁକୋ ନୁକୋ ଖାନା ପି'ନା ନୈ ହେଲେଁ ଯେନ୍ତା ହେସି । ଆର୍ ଯାଇ ନାଇଁ ଦେଲ ନ । ଇନ ପିଲଟି ପାସୁ୍‌ନ୍‌ ହେଲା । ତାର୍ ପୁଓଟା ହକ୍‌ହକେଇ ଯାଉଥାସୁ୍‌ । ଗୁରସ୍‌ ପାସୁ୍‌ନ୍‌ ହେବା ବଲି ଆମେ କଜେଁ ନାଇଁ ଖାଇପିଇ ଝି'କେ ଖୁଆଲୁଁ ପିଆଲୁଁ । ନୂଆଁ ଖାଇ ଗଲା ତାର୍ ଶାଶ୍‌ଶଶୁର୍ କ ସେ ଜୁଏଁ ପିଲାର୍ ଦେଖାନାଇଁ, ଖବେର୍ ବାତ୍ନ ବ କାଣ୍ଡି ନାଇଁ । କା'ଣା କର୍‌ବୁଁ ? ଗଛ୍‌କେ କାସୁଁ୍‌ ଫଲ୍ ଭାରୀ ? ଯତ୍‌ନା ସଁଖ୍‌ଲା କରି ରଖିଛୁଁ । ଭାସୁ୍‌ଜାଇଁତିଆ ଦୁଇଦିନ୍‌ ଅଛେ ସେ ପିଲା ଆସି ବଲୁଛେ, ଇମାନେ ଯିବେ । ମୁଇଁ ବସୁ୍‌ଲିଁ ଏତ୍‌କି ଦିନ୍ ଗଲା ବୁଆ ! ଆର୍ ଆଠ୍‌ଦିନ୍‌ ଠହର । ଲୋକ୍‌ ଭାସୁ୍‌ଜାଇଁତିଆଁକେ ଶାଶ୍‌ଘରେଁ ଥିଲେଁ ମାଁ-ଘର୍‌କେ ଆସୁ୍‌ସନ୍‌ । ଛ'ମାସ୍‌ ତ ଇହେଲା ନ, ଖେଁଡ଼େଁ କଫ୍‌ଟେ ଖାଞ୍ଜ୍‌ସିଁ, ଲଆଭୁଗା କରି ଯାହା ଜୁଟ୍‌ବା ଭଆମି; ଯିବା, ତମର୍ ମାଲେଁ ଆମର୍ କାସୁଁ୍‌ ହକ୍‌ । କାସୁଁ୍‌ ମାନ୍‌ତା ଲେ ନାମି ! ସେ ଠୁସି ବସୁ୍‌ଲା ନାଇଁ ଚଲେଁ ନାଇଁ ଚଲେ । ଆମର୍ ଘରେଁ ବନହିଁ ଅସୁବଧା ଅଛେ । ମୁଇଁ ବେଢ଼ୀ ବଲୁଛ ନାମି ତାହାରି ଲାଗି ସୁଜି ଟିକେ ଘାଁଟି ଗୁହା ଟିକେ ଫୁଟଉଛେଁ ରନ୍ଧାଘରେଁ ଶୁନ୍‌ଲିଁ ଖାଲି ତମର୍ ଝି ତମର୍ ଘରେଁ ମୋର୍ ପୁଓ ମୋର୍ ଘରେଁ ଆର୍ ଘର୍-ର୍-ର୍ କରି ଲୁନା କ କା'ଣା ବଲ୍‌ସନ୍‌ ଯେ ମୋର୍ ଠୁଁଡ଼େଁ ଲେହେଁଟେ ନାଇଁ ଛୁଆଟାକେ ଧରି ପଲାଲା । ମୋର୍ ଝି କହୁଥାସୁ୍‌ ନାଇଁ ନଅ ନାଇଁ ନଅ ମୁଇଁ ପଛେଁ ଯିମି, ମୋର୍ ପୁଓକେ ନାଇଁ ନଅ । ସେ ଦିନୁ ସରି କାଢ଼ି କାଠି ନାଇଁ ଖାଇ ପିଇ ତନର୍ ତନ୍‌ ହଇଗଲା । ମାସ୍‌ ଗୁରେ ଯାଇଛେ କି ନାଇଁ ଖବର୍ ପାସୁ୍‌ଲୁଁ ଯେ ସେ ଛୁଆଟାକେ ଡ଼ାକ୍ତର୍-ଖାନା ଅ.ନଛନ୍‌ । ଖିଆ ନାଇଁ ପିଆ ନାଇଁ, ଯତନ୍‌ ସଁଖଲ୍‌ କାଣ୍ଡି ନାଇଁ ଦାତା ଦଏବ କହେନାଇଁ କେନ୍ତା ହଇଥିବା ତାର୍ ଅବସ୍ଥା ବିଚୁର୍ କରି ତ ନାମି ! ସରି ଶୁନ୍‌ଲି କି କି ତାହାକେ ସଁଭାଳ ନୈ ହେଲ । ମତେ ଡ଼ାକ୍ତର୍ ଖାନାକେ ନେଇନଅ ନେଇନଅ ବଲି ରଟ୍‌ ଲଗାଲା ଯେ ଲଗେଇଛେ । ସବୁ ଲାଜ୍‌ମହତ୍‌କେ ପଛେଁ ପକେଇ ଆମେ ଦୁହିପରାମ ତାହାକେ ନେଇ ଡ଼ାକ୍ତର୍-ଖାନା ଗଲୁଁ । ଦେଖ ତ ନାମି ! ଛୁଆ ତାର୍ ମା'କେ ଦେଖ୍‌ଲା କି ବଲୁଛ ଜୀବନ୍‌ ପାସୁ୍‌ଲା ବାଗିର୍ ଝେଁପେଇ ହେଲା, ଅହ୍ନରୁଦନ୍‌ ହଇଁ କାନ୍ଦ୍‌ଲା । ଏବେହେଁ ହାଡ଼୍‌ ଖଣ୍ଡେ ଅଛେ, ପବନ୍‌ ଟିକେ ଖାଲି ଆ' ଯା' ହଉଛେ । କେତେବେଲେଁ ପବନ୍‌ଟିକ ବନ୍ଦ୍‌ ହଇଯାସୁ୍‌ସି ନ କାସୁଁ୍‌ ବଲିଁ ମୋର୍

ଖାବ୍‌ନେ ଖାବନ୍ ନାହିଁ । ଡ଼ାକ୍ତର୍ ଉଷୋ ଘିନ୍‌ଅ ବଲି କାଗଜ୍‌ଟେ ଧରେଇ ନେଇଛେ, ସେ'ଠା ପଢ଼୍‌ବା ସାତ୍‌କୋର୍ କି ଆଠ୍‌କୋର୍ । ମୋର୍ ଜୁଏଁ-ଘର୍ ଦୁହି ବାପ୍‌ପୁଓ ମୁହଁ୍ ଉଲ୍‌ମେଇ ବସିଛନ୍ । ସର ସବୁକଥା ବୁଝି୍‌ଲି କି ମୋର୍ ଆଉ୍‌କେ ଏକସ୍‌କଁଠି ଦେଖି୍‌ଲି । ସେ ଦେଖା କାହିଁ ଦେଖା ଆଯ୍ୟୁ୍ ଯେ, ଯେ ଦେଖିଛେ ସେ ହିଁ ବୁଝି୍‌ବା ନାନି ! ସେଠା କହି ନାହିଁ ହୟୁ୍ । କହେଲି ମୋର୍ ଛୁଆକେ ବଞ୍ଚର ମା !, ନୈ ହେଲେଁ ତାର୍ ସାଙ୍ଗେ ମୁଇଁ ବି ଖାବନ୍ ଦେଇନେମି । ମୁଇଁ ଏନ୍ତା ହଇଥିଲେଁ ତୁଇଁ ତୁନ୍ ପଡ଼ିଥିତୁ କାହୁଁ୍ ? ତୋର୍ ଛୁଆ ଲଗି ଛତେ ଯେନ୍ତା ଲାଗ୍‌ସି, ମୋର୍ ଛୁଆ ଲଗି ମତେ ହେନ୍ତା ନାହିଁ ଲଗ୍‌ବା କାହୁଁ୍ ? ଟଁକା ସାତ୍‌କୋର୍ କି ଆଠ୍‌କୋର୍ ଲଗି ମୋର୍ ଛୁଆର୍ ଖାବନ୍ ପଲେଇଯିବା ମା ? ହେଁଠା ତୁଇଁ ସହେବୁ ? ମୁଇଁ ସହେମି ? ମା ମା କେନ୍‌ସି ନ ହେଲେଁ ଖଞ୍ଜି୍ ଟଁକା ଗୁଡ଼ାଦୁ, ମତେ ଗଯ୍ୟୁ୍‌କେଁ ରଖ୍ । ତାର୍ ଦେହେଁ କି ମୋର୍ ଦେହେଁ ସୁନା ରୁପାର୍ ପାଯ୍ୟୁ ନ୍ ନାହିଁ; ଥିଲେଁ କାହୁଁ୍‌ନ କେ'ନ ଗହନା ଗୁଠା କରି ହେତା । ତାର୍ ନାନି ଆସିଥିଲା ଯେ ତାର୍ ଭଉ୍‌କଆ ଗୁଟି ମାଲଠା ସରର୍ ବେଁକେଁ ପିଁଧେଇ ନେଇଥିଲା, ଛୁଟୁ ମେଲି ନଙ୍ଗ୍‌ଲା ହଇଛେ ବଲିଁ । ବଉ୍‌ଶା ଲୁମାକେ ଭୁଖା ହାମ୍‌ଖା କରମି ନ ବଲିଁ ସେ'ଠାକେ ଦେଇ ଦୁଇଶ ଟଁକା ଆନ୍‌ଲେ ତାର୍ ବା ! । ଉଷୋ କଷା କରୁନ୍ କରୁନ୍ ଛୁଆଠା ଠହରି୍‌ଲା । ସେ ଡ଼ାକ୍ତର୍-ଖାନା ନୁ ବାପ୍‌ପୁଓ ଯାଇଛନ୍ ଯେ ଯାଇଛନ୍ । ସରର୍ ନ ଆଉର୍ କା'ଣା ଅଛେ ଯେ ଆଯ୍ୟୁ୍‌ତେ ? ସୁନା ରୁପା ଖୁଣ୍ଟି ଗିନା ସାଙ୍ଗେଁ ପୁଓର୍ ଜନମ୍ କାଟେଁ କେତେହେଲଠାକ ଲୁର୍‌କେଇ ଜଏସ୍‌ଠା ବି ତ ଗଲା । ନାହିଁ ଖାଇ ନାହିଁ ଖାଇ ପୁଣ୍ଡିକେ ଝୁର୍ ଝୁର୍ ସଁଖିଲି ସଁଖି୍‌ଲି ତାର୍ ଦେହର୍ ହାଡ଼୍ ଗଣିଁ ହଉଛେ ।"

ବାଠ୍ ଗୁଲି ଗୁଲି କଥା କହୁଥିଲେଁ ସାହିଁ୍‌ସାହିଁ୍ ଲାଗ୍‌ଯ୍, ଅଧ୍‌ଘଣ୍ଟାଏ ଲାଗ୍‌ସି ବଲିଁ ମାଲି ଟିକେ ଠହରି୍‌ଲା, ଦୁହେ ଘାସ୍ୟୁ୍ ବସି ପକାଲେ କି ମିଭ୍ର ପଚରିଲା "ଏଛ୍‌ନ ତ ଛୁଆଠା ଠେନ୍‌ଠେନ୍ ହେଲା ନ, ସଭ ବି କବାର୍-କମ୍‌କେ ପାର୍‌ଲା ନ, ନେଇକରି ଘର୍ ଦୁଆର୍ କରି ନାହିଁ ଖାଯ୍ୟୁ୍‌ତା ତୋର୍ ଜୁଏଁ :"

ମାଲି କହେଲା "ମୋର୍ ହି କବାର୍‌କମ୍‌କେ କେଭେଁ ନାହିଁ ହଉ୍‌ର ନାନି ! ମୋର୍ ଜୁଏଁ ଅଁଠ୍‌କୁରକେ, ତାର୍ ମା ବୁଆକେ ଖାଲି ପଯ୍ୟୁ୍‌ସା

ଗୃହ୍ନି । ଫେର୍ କେନ୍ସୁ ଗୁଟେ ଆନ୍‌ଲେଁ ଦୁଇଦଭବ୍ ଆନ୍‌ତା ତ ସେଥିଁ ଭଲ୍‌ତେ । ହେନ୍ତା ଖବ ବହେଁ ମୋର୍ ସମ୍‌ଧେନ୍ ଆଁଟ୍‌କୁସି, ଗାଡ଼େଁ ଗାଡ଼େ ହେବା ଯେ, ତାର୍ ଘଏର୍ ଝି'କେ ଭଲରେଁ .ଭଲରେଁ ଠିକ୍ କରିଥିଲା । ପୁଷ୍‌ମାସେଁ ନେଁ ତଲେ ବଲି ତ ଥିଲା, ନେହେଲେଁ କେଭିଁ କେଭିଁ ଡ଼ୁକେଇ ପାରିଥିତା ନ । ହେଲେଁ ସେ ଟୁକେଲ୍‌ଠା ବଲୁଛି ଆମର୍ ନମି ସାଙ୍ଗେଁ ପଢ଼ୁଥିଲା ହେଁ ହାଟ୍‌ଗାଁର୍ ଇସ୍‌କୁଲ୍ ଥିଁ, ତାର୍ ବା'ର୍ ନାଁ ଆୟୁସି ଯେ ହେଁ ଗାଁର୍ ନାଁ ନାଇଁ ଧରେଁ ନାମି ! ମୋର୍ ଝି ପାଁଚ୍ କଲାସ୍‌ନୁ ନେଁ ଗଲାନ, ସେ ସାତ୍ କଲାସ୍ ତକ୍ ପଢ଼୍‌ଲା । ଘର୍‌ବର୍ ନେଁ ଭଉଲେ ବଲିଁ ଏତ୍‌କି ଧନ୍ ତକ୍ ରହି ଯାଇଥିଲା । ଆର୍ ବଡ଼୍ ଠାଠିଏନ୍ ଆୟୁ ତ ଜହ ବଏସର୍ ବାଗିର୍ ଦଶ୍‌ସି । ନ ଟୁସି ବଡ଼େ ହୁସିଏର୍ ବନ୍‌ଏ ବୁଧିଆଲ୍ ଟୁକେଲ୍ ଆୟୁ । ଇ ସବୁ କଥା ସୋର୍ ପାଖୁଲ୍ କି ବଲୁଛି କାୟୁଲ୍ ମୁହଁ ସଞ୍ଜେଁ ଆମର୍ ଘରେଁ ହାଜର୍; ତାର୍ ପଛୁପଛୁ ତାର୍ ମା ବୁଆ ଭି । ଆମେ ସବୁ ଆଶ୍ରିଯ୍ ଏ ମା ! କା'ଣା ହେଲା ? ଆୟୁଜ୍ ନାଇଁ କାୟୁଲ୍ ନାଇଁ କେନ୍ତା ଟୁକେଲ୍‌ଠା ଆୟୁଲା ? ଆର୍ ଛନ୍‌ଏ ନାଇଁ ଯାଉନୁ ତାର୍ ମା'ବୁଆ ଭି । ସର ଦେଖ୍‌ଲା କି ଷୀର କେନ୍ ଆଡ଼୍ ବେଲ୍ ଉଦ୍‌ଲା ଲେ ବଲୁନ୍ ବଲୁନ୍ ଦୁହେ ଦୁହିଙ୍କୁଁ ଆବ୍‌ରି ଝହିଁକେଇ ହେଁକେଇ କାନ୍ଦୁଛନ୍ ସେ କାନ୍ଦୁଛନ୍; ଛୁଆଠା ତଲେଁ ବସି ସେମାନ୍‌କର୍ ମୁହଁ-ମାନ୍‌କୁଁ ଭକ୍ ଭକ୍ ଏକ୍ ସର୍‌ଲଗ୍ ଦେଖୁଛେ । ତାର୍ ମା'ବୁଆ ସଢ଼କ୍ ଦମ୍ ଠିଆ ରହିଛନ୍ । ବୁଝୁନ୍ ବୁଝୁନ୍ ସବୁ କଥା ଜନା ପଡ଼୍‌ଲା । ଷୀର କହେଲା ତାର୍ ମା'କେ—ଇ ଛୁଆତେ ଦେଖ୍, ଇ ସରକେ ଦେଖ୍, ତୋର୍ ଝି'କେ ଏନ୍ତା ଅବସ୍ଥା ନେ ଛାଡ଼ି ତୋର୍ ଜୁଏଁ ଯଦ୍‌ରି ଆର୍ କେନ୍ସୁ ଗୁଟେ ବନେଇ ଆନ୍‌ତା ତତେ କେନ୍ତା ଲାଗ୍‌ତା କହ । ମତେ ବହେଁ ନକେ ବଟାବୁ ଯାହା; ଅଏତ୍‌କା ହଜ୍‌ଛେଁ, ବୋଝ୍ ହଉଛେଁ ବପୁଲେଁ କଷ୍ଟ୍ ମହରା ଟିକେ ଦେଇ ନେ । ସର ସାଙ୍ଗେଁ ଦୁହେ ଖାଇନେମୁ ।

ତାର୍ ମା ବୁଆ ଦୁହେ ଏକାସାଙ୍ଗେଁ କହେଲେ ନାମି, ଛାଡ଼୍ ସେ କଥା ଆର୍ ଆମେ ହେଁ ଘଟିଥି ନେଁ ପଢ଼ୁଁନ । ଯାହା ହେଲା ହଇଗଲାନ; ଚାଲ୍ ଘର୍‌କେ ଯିମା ଚାଲ୍ ।

ମୁଇଁ ବପୁଲିଁ ଆଇଛେ ତ ସାଙ୍ଗ୍ ସର୍‌ସିଆ ବଲିଁ, ଦୁଇ ଗୁପୁର୍ ଧନ୍ ରହୁ ଯିବା । ମୋର୍ ଝି'ର୍ ଲାଗି ଯେ ନଜର୍ ମା' ବାପ୍

ସୁଖ୍‌ ଦୁଖ୍‌କେ ଖାତର୍‌ ନେଁ କରିଁ, ମୁଇଁ ତାହାକେ ହେନ୍ତା ମେଲ୍‌ ହାତେଁ ବଟେଇ ନେଁ ପାରେଁ । ଯ, ମୁଇଁ ପଛେ ଷୀରକେ ନେଇ ଗୁଭ୍‌ମି ନ ବୟୂଲିଁ । ସାଙ୍ଗେଁ ସାଙ୍ଗେଁ ଷୀର ବ ବୟୂଲ୍‌, "ନାଇଁ ଗୋ ବା ଏକ୍‌ଲ ମୁଇଁ ନାଇଁ ଯାୟୁଁ; ସରକେ ନେଇକରି ଯିମି । ଆମର୍‌ ହଲ୍‌ଗାଡ଼ି ଦଟେଇ ନେବୁ, ସମାର୍‌ ଦିନେ ଆମେ ଦୁହେ ଯିମୁ । ଆର୍‌ ଯଦ୍‌ରି ବନ୍‌ବା ତ ସରକେ ମୁଇଁ ସେ'ଠାନୁ ବଠାମି ।"

ମତେ ଇସବୁ ତ ସପନ୍‌ ମେତାଲ୍‌ ଲାଗୁଥାୟୁଲେ ନାମା । ସେମାନେ ପଅର୍‌ ଦିନ ଯିବେ ତ ଛୁଟ୍ଗ ହାତେଁ ମୁଇଁ ହେଲେଁ ବଟେଇ ପାର୍‌ମି ? ତାର୍‌ ବା'କେ କହେଲିଁ ସେ ମାଲି ବାବଦ୍‌ ଫେର୍‌ ଦୁଇଶ ଆନ୍‌ଲେ । ଶାଢ଼ୀ ସାୟା ବ୍ଲାଉଜ୍‌ ସାଗୁନ୍‌ ଅତର୍‌ କରି ଘେନ୍‌ଲିଁ ଦେଖ୍‌ଲ ତ ।"

ମିତ୍‌ରି ବୟୂଲ୍‌, "ନାଇଁ ଜାନି ଗୋ ମା' ମୁଇଁ ଏତେ କଥା । ଆୟୂଜ୍‌ କାୟୂଲ୍‌ ପରେ ଲୋକ୍‌ ଶିଖେତ୍‌ ହେଲେ ନ ରେ କହେନ୍‌, ଆମର୍‌ ଦିନେ ଆମର୍‌ ଇ ସହଁରି ବିଁ ଖାଲ୍‌ କୁଲେଁ ଇନ୍ତା କଥା ଶୁନା ଜନା ନେଁ ଥାଇଁ । କନଆଁ ଠୁକେଲ୍‌ ସାଙ୍ଗେଁ ବନିହାଁ କରି ଦରବ୍‌ ଦର୍‌କାର୍‌ ଇ'ଠା ଗୁଟେ ବେମାର୍‌ ଆୟୁ; କାୟୂତ୍‌ ହାୟୂତ୍‌ ନେଁ ମାନେ ସମ୍ଭୁଁ ଧୟୂଲ୍‌ ନ ।" ବାଟର୍‌ ଲମ୍ବା ପେଟେଁ ସେମାନେ ମେଟିଁ ଯାଉଥିଲେ ଆର୍‌ ଆକାଶର୍‌ ଅସୀମା ଗର୍‌ଭେଁ ହଜି ଯାଉଥିଲା ସେମାନ୍‌କର୍‌ କଥାବାର୍ତ୍ତା ଦୁଖ୍‌ ସୁଖ୍‌ ।

●

( ଘ )

ବର୍‌ଜ ଭୁଏ ଖଦେଁ ମେଲ୍‌ ସିକା ଘର୍‌ଟେ ପକେଇଛେ । ତାର୍‌ ଗଁଡ଼ା ଗୁଏର୍‌ହାଣ୍ଡିକେ ଝୁଲୁମୁନା କରି ମୁର୍ହି ଆର୍‌ ଭକ୍‌ଲ ଚନା ତାହିଁ ମିନ୍‌ଶି ମିଶେଁ ଗର୍‌ସେ ଗର୍‌ମେ ମୁଣ୍ଡହେଁ ପକୌଛେ । ସେଥିର୍‌ ଲାଗି ତାର୍‌ କହେଲ କଥା ବନ୍‌ଏ ଠିକ୍‌ ନେଁ ଶୁଭ୍‌ବାର୍‌ ।

ହେନ୍ତା ନେଲ୍ ଓଲଘରେଁ ଭୁନ୍‌ଶାଗ୍‌ ଯାଙ୍କ ତାଙ୍କ ଗୁଣ୍ଡାଦୁ ଧରି ଶୁକ୍‌ରୁ ଶୁନ୍‌ଲୁଛେ ବର୍‌ଜର୍‌ କଥାକେ ହୁଁକାର୍‌ ଦେଇ ଦେଇ ।

"ତୋର୍‌ କଥା ଫିଟିକ୍‌ ବୁଝି ନେଁ ହେବାର୍‌ ବୋ ! କେତେଦିନର୍‌ ଭୁଖେଁ ଥିଲ କଲେଖେଁ ମୁର୍ହି ମସ୍‌କୁଛୁ ଯେ ମସ୍‌କୁଛୁ ନ" ଶୁକ୍‌ରୁ ବର୍‌କାତ୍‌ ହଉଁ କହେଲା ।

"ନାଇଁ ବୋ ! ଏକଲ୍ ମୁର୍ହି ମୁହେଁ, ଝାଡ୍‌ଲ୍ ମଣ୍ଡର୍ ଭନା ଆର୍ ମିନ୍‌ରି ମିଶା ହଇଛେ ତ, ଗୁଣ୍ଡ଼ ନାଇଁ ହେବାର୍ । ରାଁଧ୍‌ନି ଗଧୁଆ ନୁ ବାସି ଗୁସ୍ୱ୍‌ର୍‌ଟା ଖାଇକରି ଆୟ୍‌ବୁ ଯେ ଏ'ଦେ ବେଲ୍ ବୁଡ଼ି ଅଁଧାର୍ ମେଞ୍ଚାଲ୍ ହେଲା ନ, କେତେ ଠହର୍‌ବୁ ? ପେଟ୍ ଜଳି ଯାଉଛେ । ତୁଇଁ ଏକା ବନ୍‌ଏ ଠହରି ପାର୍‌ସୁ, ମହାନ୍ କଠିନ୍ ଲୋକ୍ ଆଉ" । ବର୍‌ଜ କହେଲା ।

ସାଙ୍ଗେଁ ସାଙ୍ଗେଁ ଶୁକ୍‌ରୁ କହେଲା "ନାଇଁ ପିଲା !, ହାଟୁଁ ଫିର୍‌ଲା ବେଲ୍‌କେ ଛୁଆପୁତା ବା' କା'ଣା ଆଣିଛେ ବଲି ବୁର୍‌କା ତାମ୍‌ଢ଼ି ହେସନ୍ ତ, କିଛି କା'ଣା ନେଇକରି ନାଇଁ ଯିବୁ ତ ଇ ଲୁକୁଁ କେନ୍ତା କେନ୍ତା ଲାଗ୍‌ସି । ତାକର୍ ସାଙ୍ଗେଁ ପଛେ ଥିବା ବସ୍ତ୍‌ଲେଁ ଗର୍‌ସେ ମୁଠେ ଖାଇ-ହେସି । ଆର୍ ହାଟେଁ ବାଟେଁ ଖାୟ୍‌ବାକେ ଟୁଁଡ଼୍‌କେ ନାଇଁ ଯାୟ୍‌ଗା । ମତେ କଠିନ୍ ବଲ୍‌ସୁ ଯେ, ମୁଇଁ କା'ଣା କଠିନ୍ ଆୟୁଁ ବୋ !, କଠିନ୍ ଲୋକ୍ ବଲ୍‌ବୁ ରାମ୍‌ରତନ୍‌କେ । ଦେଖ୍‌ତ ତିନ୍‌ଧନ୍ ତିନ୍ ରାୟ୍‌ତ ହେଲା ନ ଟୁଁଡ଼ି ନୌ ଠୁକ୍‌ବାର୍ ଯେ । ଗାଁ ଯାକ ମନେ ବୁଝେଁ ଦେଖ୍‌ଲେ, ଯେ ଯା'ଣା କହୁଛନ୍ ବୁଲୁଛନ୍, ଉଁ ସୁଁ କିଛି ନାଇଁ ଖାଲି ଭକ୍ ଭକ୍ ଦେଖୁଛେ । ଖାୟ୍‌ବାର୍ କଥା ଗୁଣ୍ଡ଼ ପାୟ୍‌ନ୍ ଥିପେ ବି ମୁହେଁ ନୌ ଦେବାର୍ । ଆଶ୍ଚିଯ୍ କଥା ବୋ ! ମୁଇଁ ଏନ୍ତା କଥା ଦେଖ୍‌ବାର୍ ତ ଗୁଣ୍ଡ଼୍ କେନ୍‌ସି ଶାସ୍‌ତର୍ ପୁରାନ୍‌ଥିଁ ବି ନାଇଁ ଶୁନି ।"

ବର୍‌ଜ ବସ୍ତ୍‌ଲା "ହୟ୍‌ବୋ ! ଦେଖ୍‌ତ ବାପର୍ ଲାଗି ପୁଓ, ପୁଓର୍ ଲାଗି ବାପ୍, ମାୟ୍‌ଝିର୍ ଲାଗି ମୁନୁଷ୍, ମୁନୁଷ୍ ଲାଗି ମାୟ୍‌ଝି; ଆରୁ ଦେଶ୍ ଲାଗି ଗାଁ ଭୂଇଁର୍ ଲାଗି ଲୋକ୍ ଜୀବନ୍ ଦେଇ ନେବାର୍ ଶୁନା-ଯାୟ୍‌ସି; ହେଲେଁ ଗଣ୍ଡ୍‌ଟାକର୍ ଲାଗି କହେ କେଭେଁ ଜୀବନ୍ ଦେବାର୍ ଶୁନା ଜନା ନାଇଁ; ଇଟା ତ ଟେଜଣ୍ଠ୍ ହେବାର୍ କଥା ବୋ !" କଥାର୍ ଶେଷେଁ ତାର୍ ଝୁଲି ମୁନାର୍ ଶୋଷ୍ ମୁଠାକ ମୁର୍ହି ଭନା ଖାଇ ଦେଇକରି ଗୁସ୍ୱ୍‌ର୍‌ହାଣ୍ଟାକ ଖାର୍‌ଲା; ଆର୍ ଝଟେଁ ଉଠି ହେଲା । କାଠ୍‌ଲା ଲୁକ୍‌କୁଁ ଯିନେ ଜନା ନାଇଁ ପରୁଆଇଁ ହେଲେଁ ବନ୍‌ଏ ଶୀଘ୍ର ହଉଥିଲା ।

"ଟେଜଣ୍ଠ୍ ହେବାର୍ କଥା ବଲ୍‌ସୁ ଯେ" ଶୁକ୍‌ରୁ ତାର୍ ଖନ୍ଦୁ ଖସ୍‌ରୁ ଥିବାର୍ ହଜ୍‌ରଟାକ ବନ୍‌ଏ କରି ଉଠି ହଇଁ କହେଲା "ଗାଁ ଗଁଡ଼ାର୍ କଥା କାଁ କରି ଟେଜଣ୍ଠ୍ ହେଉତା ଗା, କେଭେଁ ହେଲା ନ ? ଇଟା କେନ୍‌ସି ସହରେଁ ହଉଥିତା ତ ଦେଖ୍‌ତୁ କେତେ ଫଁଟୁ, କେତେ କଥା, କେତେ ନେତା,

କେତେ ଅଫ୍‌ସର୍‌, କେତେ ଗେଜଟ୍‌ବାଲା ପୁହୁଁଚତେ ନା । ଗାଁର୍‌ କଥା ଛାଡ଼ି !, କଏ ପଚ୍‌ରଉଛେ ? ଗାଁ ଗଅଁଲ ନେ ହାଣ୍ଡି ମଲେଁ ବି ଚାଁହି ଆସୁ । ଆର୍‌ ସହରେଁ ବଲ୍‌ବୁ ବସୁ୍‌ଲେଁ ଫସ୍‌କଥାକେ ମହେମା ଡ଼ାକ୍‌ । ଭୁରେ ପିଠାକେ ପାଠର୍‌ ଉଡ଼୍‌ନା ।”

ବରଜ ପାଣିଆ ଧଇଲା ବାଗିର୍‌ ଶୁକ୍‌ରୁର୍‌ କଥାକେ ମାଥ୍‌ବଣ୍ଡ ଡେଙ୍ଗଲା ମେଟାଲ୍‌ କହେଲା “ଭେଠ୍‌ ବେଲ୍‌କେ ନେତାମାନେ କାଣା କହେସନ୍‌ ଜାଣିଛୁ ? ଇ ଗାଆଁମାନ୍‌କେଁ ପରେ ଦେଶର୍‌ ଜୀବନ୍‌ ଅଛେ । କେନ ଅଛେ କେ’ନ ଅଛେ ଗା ସେ ଜୀବନ୍‌ ? ମତେ ଢଗ୍‌ଡା ବଖୁ୍‌ଲେଁ ଚଙ୍ଗ୍‌ର ଚପ୍‌ଲା ମେଟାଲ୍‌ ଚପିନେଉଁ ପୁଡ଼ାକେ ଯେ କନ୍ଦା ଖାଇ ଯାସୁତା ।”

ବନ୍‌ଏ ଟିକେ ଖଣ୍ଡ୍‌ଖଡେ଼ କରି ହଁସି ଶୁକ୍‌ରୁ ବରଜର୍‌ କଥାକେ ହାଲ୍‌କା କରିନେଇ କହେଲା—“ତୁଇଁ କେନ୍ତା କର୍‌ତୁ ଗା ? ତୁଇଁ କେନ୍‌କେ ଯାସୁତୁ ? ତୁଇଁ ଦେଶର୍‌ ବାହାର୍‌ ଆଜି ଯାସୁଲ୍‌ ?”

ବରଜ ତାର୍‌ କହେଲା କଥାକେ ବର୍‌କସାଲା ବାଗିର୍‌ କହେଲା—“ମୁଇଁ ବି ମର୍‌ଡି । କାଣା ହେଉଛି ? ଆମର୍‌ ଇଠା କାପୁଁ୍‌ ଜାଉଁନ ଖାଉନ ଆସୁବେ ? ଗର୍ରା ପଟେକେ ଯେନ୍ତା ଖୁଟିଟେ ଗାଡ଼ି ରଶି ଖଣ୍ଡ୍‌କେଁ ବାଁଧି ନେଇଥିସନ୍‌ ସେନ୍ତା ଆଜିଁ ଆମେ । ରଶି ଯେତ୍‌କି ଲମ୍ବା ସେ ଭିତ୍‌ରେଁ କନ୍ଦୁ୍‌ଥା, ସେ ଭିତ୍‌ରେଁ ଯେନ୍‌ ଘାସ୍‌ ପତର୍‌ ଗୁଟେ ଗୁଟେ ପିକଉଥିବା ଖୁଣ୍ଟୁ୍‌ଥା । ରଶି ଲମେ ନାଇଁ କି ଆଶା ଥମେ ନାଇଁ । ହେନ୍ତା ଜୀବନ୍‌ଠାନୁ ମଲା ଭିତ୍‌ରୁଁ ଜିନ୍‌କେ ଯାସୁସନ୍‌ ଯେ ସେ ଠାନ୍‌ ଭାସୁଲ୍‌ ବନ୍‌ଏ ଥିବା କେ ଜାନ୍‌ଏ ? ଗାଁ ମାନ୍‌କେଁ କା’ଣା ଅଛେ ? କେନ୍‌ ସୁଖ୍‌, କେନ୍‌ ସପଦ୍‌ ? କା’ର୍‌ ଲୁଭେଁ ଇନ ରହେଛନ୍ତି, ଇନ ଜୀଇଁଛି ବଲ୍‌ବୁ ହେଲେଁ କହ ।”

ଶୁକ୍‌ରୁ କହେଲା “ଇନ ସୁଖ୍‌ ନାଏଁନ, ସପଦ୍‌ ନାଏଁନ, ବଡ଼୍‌ ବଡ଼୍‌ ମହଲ୍‌ ନାଏଁନ; ହେଲେଁ ଇନ ଯେନ୍‌ ସଫା ନିର୍‌ମଲ୍‌ ପବନ୍‌ ଟିକେ ଅଛେ, ସାଁକୁର୍‌ ପଛେ ହେଉ ଖୁଲା ମନ୍‌ ଅଛେ, ସେ’ଠା ସବୁ ଆସୁ । ସମ୍‌କାର ଉପ୍‌ରେଁ ଅଛେ ଜନମ୍‌ମାସୁଠର୍‌ ଚୁମ୍ବକ୍‌ ଯେନ୍‌ଠାକି ଯେତେ-ଦୂରେଁ ଥିଲେ ବି ଲୁକ୍‌କୁଁ ଟାନି ଆନ୍‌ସି । ବୁଢ଼ା ହେଲେଁ ବି ଯେନ୍ତା ମାଁର୍‌ କୁଣ୍ଡେଁ କୁର୍‌ଗେରେଇ ହି ବାଗିର୍‌ ଲଗ୍‌ସି । ଏ’ବେ ନାଇଁ ଦେଖୁଛୁ, ଇ ସମ୍‌-

ରତନ୍‌ଙ୍କ । ଇତାକେ କାହିଁ ନା କାହିଁ କାଳିମାଟିରୁ ଟାଣି ଆଣିଥିଲା ସେ ଚୁମ୍ବକ୍ ।”

ଶୁକ୍‌ରୁଙ୍କ କଥା ନାଇଁ ସରିଥାଇ ବାଗିର୍ ଲାଗୁଥାଏ, ଆଉ ବଉଳ କହେଲା “ଦେଖିଲୁ, ଆମେ କଥାରୁ ସୁରେଁ କେତେଦୂର୍ ପଲେଇ ଯାଇଥିଲୁଁ, ମୁଇଁ ପଚରୁଥିଲି ହେଁ ରାମ୍‌ରତନର୍ କଥା । ଦେଖ ତ ଖାନା ପି’ନା କିଛି ନାଇଁ, ଯଉଡ଼େଛେ ସେ ପଡ଼େଛେ । ସେ ଉଦର୍‌ରାକେ ଲୋକ୍ ଆମ୍‌ରତନ୍ ବଲୁ-ଥିଲେ ବୋ ! ତାର୍ ଆମ୍‌ଗଛ୍ ସାଙ୍ଗେ ଭାବ୍‌ରଙ୍ଗ୍ ଦେଖି । ତୁଇଁ ଯେନ୍ତା କଣି ହେଲେଁ ଏ ବଛରେ ପାଁଚ୍‌କର୍ ତ ବଡ଼୍ ହେଲୁ; ତୁଇଁ ବନ୍‌ଏ ଜାନି-ଥିବୁ, କହ ହେଁ ରାମ୍‌ରତନର୍ କଥା । ଆମେ କାହିଁ ଜାନ୍‌ଲୁଁ ବୋ ତାର୍ କଥା । ସେ ତ କାହାରି ସାଙ୍ଗେ ହେଲେ ବେଶୀ କଥାବାର୍ତ୍ତା ହୁଏ୍ ନାଇଁ, ତାର୍ ଆମ୍‌ଗଛ୍ ସାଙ୍ଗେ ଟେଲେ ପୁଟ୍‌ପୁଟା ଉଥିବା ।”

ଶୁକ୍‌ରୁ ବନ୍‌ଏ କଥାଅଟେ କହେବାର୍ ଢଙ୍ଗେ ଗଲ୍‌ଡ଼ାଙ୍ଗ୍ କରି କାହେଲା—“ରାମ୍‌ରତନ୍ ଆମର୍ ସାଙ୍ଗର୍ ଅଏ୍ । ଏକାସାଙ୍ଗେ ପଢ଼ୁଥିଲୁ ଖେଲୁଥିଲୁଁ ବୁଲୁଥିଲୁଁ । ତାର୍ ବୁଆ ନର ମହାନ୍ ଜୁଆରି ଥିଲା । ଯେନ୍ ଟେପ୍‌ରେ ଟାଙ୍ଗ୍‌ରେ ଥିଲା ଜୁଆଥିଁ ଝୁଁପେଇ ନେଲା ଉହୁଁରୁ ହୁଆ ହାରିକରି ମରିଗଲା ବଲି ସବେ କହେଲେ । ଭୁତାଁଟା ବି ଧନା ଗୁରୁ୍କେଁ ତାର୍ ପଛ୍ ଧଏ୍‌ଲା । ଦୁହିକର୍ କାମ୍‌କାରଯ୍ ଅଲ୍‌ଗେଁ ହେଲା । ଗାଁର୍ ଲୁକେ ତାମ୍‌ଏ ମାନ୍‌ଏ ଗୁନ୍ଦା ଭେଦା କରି ଇତାର୍ ମୁଣ୍ଡ୍ ଖାର୍ ଟିକେ ହିଁଟାଲେ । ତାର୍ ନାମି ଭେନେଇ କାଳିମାଟି ନୁ ଆସିଥିଲେ । ଘର୍‌ଟିକେ ଟାଁଉଆକେ ସଁପି ସାରି ନେଇ ଇତାକେ ଧରି କାଳିମାଟି ପଲାଲେ । ରାମ୍‌ରତନର୍ ବି ବନ୍‌ଏ ହେଲୁ ହଇଥିଲା ନା । ଗଲାବେଳେଁ ତାର୍ ନାମି ଟାଁଉଆକେ କହିଥିଲା—

ଜମିବାଡ଼ି ତ ଗଲା ଦାଦା !, ଉହୁ୍ ଟିକେ ଘମର୍ ହେପାଜତ୍ ଥିଁ ରଖି-ଥିବ ଯେ କେବେଁ ଜନମ୍‌ମାଟ୍‌କେ ବଲିଁ ଫିର୍‌ଲେଁ ରାମ୍‌ରତନ୍ ଇହେବା ! ଗଲାବେଳେଁ ରାମ୍‌ରତନ୍ ଆମରୁ ଘର୍‌କେ ଯାଇଥିଲା ଯେ ମୋର ମା’ ପାଲ୍‌କେଁ ମୁହିଁ ଆଉ ଉଖ୍‌ରା କରି ବୁଟ୍‌କେ ଗଁଠେଇ ନେଇଥିଲା ଆଉ ଶୁଖ୍‌ରୁକେ ଟେ ଧରେଇ କହେଲା—

“କାଟେଁ ଆଟେଁ ରେଲ୍ ମଟର୍ କରିବ ପୁତା ! ବଡ଼୍ ହେଲେଁ ଗାଁ ଭୁଇଁକେ ଫିରି ଆସ୍‌ବା ।”

ବର୍‌ଜ ହଁସି ସଁଘଲ ନେଁ ପାଖ କହେଲା "ଗୁପ୍‌ରଙ୍କ ଟେ ?" ଶୁକ୍‌ରୁ ବସ୍ଲା "ଆରେ ସେତେବେଲର୍ ଗୁପ୍‌ରନ ଟେ ଆଜିର୍ କେତେ ଟଁକା ହେବା କହ ତ ? ଗୁଣ୍ଡଲ୍ ତାମ୍ବି ଦୁଇଅନା ଥିଲା ।" ଫେର୍ ନେଁ ଥେଇ କରି କଥେନ୍ କହେଲା ମେତାଲ୍ କହେଲା "ଗାଁ ମୁଣ୍ଡ୍‌ସାର୍ ଭିଣ୍ଡ୍, ବନହାଁ ଲୁକର୍ ଲାଲ୍ ଥିପି ପରୁଥିଲା । ହେଲେଁ ଗଁଡିଆ କାଏଁ ଦେତା କାହାକେ ? ସେତେବେଲେଁ ଗଁଡିଆ ମାନ୍‌କର୍ ଗାଁ ଭୁଇଁ ନ ଯେନ୍ ପାଉର୍ ଥିଲା, ଏଛନ୍ ତସିଲ୍‌ଦାର୍ କା'ଣା କଲ ସାହେବର୍ ବ ନାଏଁନ । ବରଷ୍ଦୁ ଗଲା କି ଗଁଡିଆ ନଡ଼ା ଛୁଦନ୍ କରି ଗୁହାଲ୍ ବନାଲା । ପଛେଁ ରାମ୍-ରତନର୍ ଆର୍ ସୋର୍ ଖବର୍ ନେଁ ପାଏଲ୍ କି ଝାଉଲା ମହଲ୍ । ଗଅଁଡ଼ ଗଲା, ପଂଚେତ୍‌ରାଜ୍ ହେଲା ବେଲ୍‌କେ ସେ ଗଁଡିଆ ହେଲା ସର୍‌ପଂଚ୍ । ହେଁ ଘରର୍ ଠିକେ ଆଗ୍‌କେ ଧର୍‌ସା ଲଗ୍‌ନୁ ଥୁରେ ବାଗିର୍ ଗୁଚର୍ ଥିଲା; ସେନ ହେଲା ପଂଚେତ୍ ଅଫିସ୍ । ଧୀରେ ଧୀରେ ସର୍‌ପଂଚ୍ ବନ୍ଧ୍‌କଠା ବେଉଡ଼୍-ରାସ୍ତା କାମ୍ କରି ବନ୍‌ଏ ଦୁଇପଇସା କମାଲା । ପଇସାର୍ ବଲେଁ ଚେଆର୍‌ମେନ୍ ବ ହେଲା । ଗାଆଁ, ରାମ୍‌ରତନ୍‌କେ ପାଶ୍‌ରି ଥିଲା ନ, ହେଲେଁ ରାମ୍‌ରତନ୍ ଗାଆଁକେ ନାଇଁ ପାଶ୍‌ରି । ତାର୍ ନାମ୍ମ ଭେନେଇ ସେ କାଳମାଟି ନେ ମରିଗଲେ । ଇତାକେ କାର୍‌ଖାନା ଥିଁ ଭ ଭର୍‌ବାକେ ଭେନେଇ ଗୁସିଆଁ ଚେରେଷ୍ଟା ବ କରିଥିଲା ଘରେ । ମାତର୍‌କ ଇତାର୍ ମନ୍ ନାଇଁ । କାହାର୍ ଟିଫିନ୍ କା'ର୍ ମିଲ୍ ହିଆ ଅନା କରି ଦୁଇପଇସା ପାଉଥିଲା । ତାର୍ ହାତେଁ ପନ୍‌ତେଁ ଯାହା କହୁ ଥିଲା ଧରିକରି ହନ୍‌ଏ ଗାଁଥି ଲାଗର୍ । ହାତେଁ ସୁ ରୁଟେ ସୁଟ୍‌କେଶ୍ ଆର୍ ମୁଡ଼େଁ ବଡ଼େଟେ ଆଶା । ତାର୍ ଭିଣ୍ଡ୍ ଥିବା, ସେନ ଘର୍ ବନାବା, ସେ ଠାନେ ରହେବା । ତାର୍ ଭିଣ୍ଡେଁ ଦେଖ୍‌ଲା ଯେତେବେଲେଁ ଯେ ବଡ଼େ ଜାବର୍ ମହଲ୍‌ଟେ ଠିଆ ହଇଛେ, ନିକେଁ ବସି ପଡ଼୍‌ଲା ଦେଖ୍‌ଲା ସକେଁ । ସର୍‌ପଂଚ୍ ହନାଦୁ ଡ଼ାକି ହାକି ଖାଇବାକେ ପିଇବାକେ ଦେଲା । ଇହେ ଜାନ୍‌ଥିବାର୍ କବାର୍ ଗାଁନ ନାଇଁ, କି ଗାଁନ ଥିବାର୍ ଖେତ୍‌ଖଲାର୍ କବାର୍ ଇତାକେ ଜନା ନାଇଁ । ଦିନୁ ଦିନ୍‌କେ ସର୍‌ପଂଚ୍ ଧିକାର୍‌ଲା କି ପଂଚେତ୍ ଅଫିସର୍ ପଛିଁଥିଁ ଶୁଏ, ଆର୍ କାର୍ ବୁର୍‌କା ପେଁଡ଼ା ଧରି ଇ ଗାଁନୁ ସେ ଗାଁ ଯାଇ ଯାହା ପାଇ୍ ଖିଆ ପିଆ କରେ । ଥରେ ମୁଡ଼ି ଅଷ୍ଟଡ଼ିଆ ହାଟ୍‌କେ ଗୁରିଆ ଘରର୍ ପସ୍‌ରା ବୁହିଁ ହାଟ୍‌କେ ଯାଇଥିଲା, ଆର୍ ଫିର୍‌ଲା ବେଲ୍‌କେ ଗୁଟେ କଲମି ଆମ୍-ଗଛ୍‌ଟେ ଧରିଁ ଆଇଲା । ମତେ ବସ୍ଲା ଭାଇ ! ଇଟା ବାରମାସୀ ଫଲ୍‌ବା

ବଳିଁ ବକ୍‌ନେବାଲ କହୁଥିଲା । ଦେଖିବାର୍ ଲାଗି ଘିନ ଆନ୍‌ଲିଁ ବୋ ! । ବନ୍‌ଏ କଲୁ ବଳିଁ କହେବାର୍‌ଠା କହେଲିଁ, ନ କେ'ନ ଜଗାବା ବଳିଁ ମନେ ମନେ ଭାବୁଥାଏଁ । ନ, ପିଲା ତାର୍ ଡ଼ହ୍‌ ଆର୍ ଝଂଟେର୍ ଅଫିସ୍‌ର ମଟ୍ଟିଁ ଯେନ୍ ବଢ଼େ ତୁଣ୍ଡା ନାଇଁଥିଲ କାଏଁ ବୋ ? ପାଶେଁ ଖତ ମୁତ ଘାଁସ୍ ପଛର୍ ଅବଡ଼୍ ଜବଡ଼୍ ନାଇଁ ଥିଲା କାଏଁ ? ସକାଲୁଁ ଲାଗ୍‌ଲା ଯେ ଅଁଧାର୍ ନେଁ ହଇ ଯାଉ୍‌ଲା ପାଟିକରି ଆମ୍ ଗଛ୍‌ଠାକ ଜଗେଇ ନେଲା; ଆର୍ ହାତ ପାଁଚ୍‌କର୍ ଭାଉଁତରେ ବନ୍‌ଏ ବାଁକକିଁଠା ଲାଠ୍‌ଦୁ ଆଣି ରୁନ୍ଧି ନେଲା । ଆମ୍ ଗଛ୍‌କେ ଯେନ୍ ରକ୍‌ମେ ସଁଖ୍‌ଲା ବୁଟ୍‌ଲା କଲା ଦେଖ୍‌ବୁ ବସ୍‌ଲେଁ ମହାପ୍ରଭୁର୍ ପୂଜାକଲା ମେତାନ୍ ବୋ । ଧୂପ୍‌କାଠି ଜଲ୍‌ବାର୍ ଦେଖ୍‌ବୁ କ ଘି ସପ୍‌ଲତା ଦେଖାବାର୍ ଦେଖ୍‌ବୁ । ନକେଁ ପଛେଁ ଭୁଖେଁ ରହିଯିବା, ହେଲେଁ ଯାହୁଁହେଲେଁ ପିରୁଆ ଘିନ ଆନି ଗଛର୍ ବୁଢ଼୍‌କେ ଗୁଡ଼ ଠାନ୍ ଠାନ୍ ଭୁସୁଥାଏ । ସେ ଆମ୍ ଗଛ୍ ବି ବୋ କାହିଁ ପଡ଼ଲିଁ ବସ୍‌ଲା; ଢନ୍‌କ ପତ୍ରରେ ଢନ୍‌କ ପତ୍ରରେ ପକେଇ ଦୁଇ ପାଏ୍‌ନ୍ ନାଇଁ ଯାଇଥାଇ ନ ଫଳି ବସ୍‌ଲା । ଆମ୍ ଗଛର୍ ବୁହିଁକୁଡ଼ି କନାମାନେ ଗାଡ଼ ଆମ୍ ଗଛର୍ ଭାଉଁରେ ଖର୍ ପୁଆଲ୍ ଗୁଇଁ କୁରିଆ ମେତାଲ୍ କରି ଦକାଲ୍ । ସେ'ନ ଖନ୍ଧ୍‌ଲା, ସେନ ଖାଏ୍‌ଲା ସେ'ନ ଶୁଆବସା ହବୁ । ବନ୍‌ଏ ଖରା ହେଲେଁ ଆମ୍ ଗଛ୍‌କେ ଟିନ୍ ଟିନ୍ ପାଏ୍‌ନ୍ ଆନି ଗଧେଇ ପକଉଥାଏ୍ ଆର୍ କହୁଥାଏ୍ ଯେ ଖରା ନେଁ ହଉନୁ ମୁହଁଠା ଉଲ୍‌ମେଇ ନେସି, କହି ପାର୍‌ଲେଁ ତ କହେତା । କେତେବେଳେଁ ବହା ହେଲା ମାଏ୍‌ଝି ବାଗିର୍, କେତେ-ବେଲେଁ ମା'ବାପ୍ ବାଗିର୍ ତ କେତେବେଲେଁ ଜନମ୍ କଲା ଛୁଆପୁତା ମେତାଲ୍ ସେନ୍‌ହୋ ଆଦର୍ କରେ । ଆମ୍ ଗଛ୍‌କେ ଡଶୋଲ ଲାଞ୍ଜି କଲା-ଲେଖେଁ କଥାବାର୍ତ୍ତା କରେ ବଳିଁ ନେକ୍ ତାହାଙ୍କେ ଆମ୍ ଇତନ୍ ବସ୍‌ଲେ । ଆର୍ କଏ କଏ ତ କଥା ହେଇଗଲାନ ବଳିଁ ଝର୍ଟାଇ ବସ୍‌ଲେ । ଆମ୍ ଫଲ୍‌ଲା କ କଏ ମାର୍‌ଲେଁ ରହ ପାଶଡ଼ିଅ ଥିପିଢ଼ିଅ ବଲେ । ଥିପ୍‌ଲା ଲେଣ୍ଡିମାନେ ମିଠା କାଏଁ ବୋ ! ଖାଣ୍ ମଧୁର୍ । ଥଭେ ମୁହେଁ ଯାର୍ ପଶଛେ ଛାଗର ନାଇଁ ପାରେ । ଥିପ୍‌ଲା ଲେଣ୍ଡି ମହାପ୍ରଭୁ ଗୁଡ଼, ମହାଦେବ୍ ଗୁଡ଼, ସମ୍‌ଲେଇ ଗୁଡ଼କେ ପଠାଏ୍ । କା'ର୍ ଘରେଁ ସତ୍ୟନାରେନ୍ ପୂଜା ହେଲାକ ତର୍ନାଥ୍ ମେଲା ହେବାର୍ ଖବର୍ ପାଏ୍‌ଲେଁ ସେନ ଦେଖ୍‌ବୁ ତାର୍ ଯାଉ୍‌ଲା ଆମ୍ ଭୋଗ୍ ଲାଗିଥିବା । କା'ର୍ ଘରେଁ କଏ ବେମାର୍ ସେମାର୍ ଅଛେ ବଲି ଜାନ୍‌ବା କି, କା'ର୍ ଝି ବହ ଆଗ୍‌ରେ ହଇଥିବାର୍ ଜାନ୍‌ଲା ବେଲେଁ

ସେ ନଜକ ନଜେଁ ଯାଇକରି ଦେଇଆସେ । ଜଏ ପଯ଼ୁସା ପଡ଼ର୍ ଯାଚ୍ଲେଁ କହେ ମହାପ୍ରୁର୍ ପର୍ସାଦ୍ ଥିଁ କାଯ଼ୁଁ ଦାମ୍ କାମ୍ ? ଭୁଏ ଯାଚଲେଁ ସେ ଗଛେ ଫେର୍ ବଉଲ୍ ଆସେ । ଏନ୍ତା ବ ମୁଇଁ ଦେଖିଛେଁ ବୋ ! ଗଛେଁ ବଉଲ୍, କଷି, ପାଚ୍ଲା ତିନ୍ହି ଅବସ୍ଥାର୍ ଫଲ୍ ଥିବାର୍ । ଫଲେଁ ଲଦିଁସୁ-ଥିବାର୍ ଡ଼ାଳ୍ହି ମାନ୍କୁଁ ଦେଖି ରାମ୍ରତନର୍ ଗୁଟେ ଭାବ୍ ତହିଁରି ଆସେ, ଯେନ୍ଠା କି ତଉବରଗ୍ ପୂଣ୍ଥିବାର୍ ଲୁକର୍ ମୁହେଁ ଭ ନେଁ ଦେଖିଯାଉ । କେତେବେଳେଁ ଗଛେଁ ଅଦ୍ଲେଇ ହଇଁ ଉପର୍କେ ଦେଖୁଥାଯ଼ୁ ତ କେତେ ବେଳେଁ ଗଛର୍ ଡ଼ାଲେଁ ପତ୍ରେଁ ଚୁମା ଦଉଥାଯ଼ୁ । କବାର୍ କମ୍ ଲାଗିଁ ବ ଆଉ ଦୂରଆଡ଼କେ ଯିବାକେ ମନ୍ ନାଇଁ କଲା ନ । ଖାଯ଼ୁବାର୍ ବି ଚିନ୍ତା ଧକ୍ ନାଇଁ । କିଛି ନେଁ ହେଲେଁ ତଲେଭି ଗୁଟେ ଖଣ୍ଡ୍ଏ ଖାଇ ପାଯ଼ୁନ୍ ପେଟେ ପିଇ ଦିନ୍ ଦିନ୍ ରହିଯାଯ଼ୁ । ଏନ୍ତା ଭାବେଁ ବଡ଼େ ଆନନ୍ଦ୍ ଉଲାସ୍ ନେ ଥିଲା ରାମ୍ରତନ୍ । ତାର୍ ଡ଼ିହ୍ ନାଇଁ ଥିବାର୍, ଇ ସଂସାରେଁ ତାର୍ ନିଜର୍ ବଲିଁ କହେ ନାଇଁ ଥିବାର୍ ସେ ଜାନି ନାଇଁ ପାରୁଥାଇ । ତାର୍ ମା' ବାପ୍, ଭାଇ ଦାଈ, ପୁଓ ମାଏପୋ, ଦେ ଦେବ୍ତା ସବୁ ଥିଲା ତାର୍ ଆମ୍ ଗଛ୍ ।

ସର୍ପଂଚ୍ ତାର୍ ଠିକା କାମର୍ ମାଯ଼ୁଠ୍ ଚୁଗଡ଼ି ଦୁହାର୍ବାର୍ ଆର୍ ଖେତି କାମ୍ ଦୁହିଠା ପଠ୍ବା ବଲି ଟାକ୍ଟର୍ଟେ ଆନ୍ଲା । ହେଲେଁ କେ'ନ ରଖ୍ବା ? ସେନ୍ତା ଜାଗା କାଇଛେ ? ତାର୍ ନୂଆଁ ମହଲ୍ (ଯେନ୍ଠା କି ରାମ୍ରତନର୍ ଡ଼ିହ୍ ଉପ୍ରେ ଠିଆ ହଇଥିଲା) କେ ଲାଗି ଇ ଜାଗାଠାକେ ଆଯ଼ୁଁଖ୍ ପକାଲା; ହେଲେଁ ଛବୋ ରାମ୍ରତନର୍ ଆମ୍ଗଛ୍ଠା କାଲ୍ କାଲ୍ । କେନ୍ତା କର୍ସି ? ଲାଖ୍ ଲାଖ୍ ଟଁକାର୍ ଟାକ୍ଟର୍ଠାକେ ହେନ୍ତା ଯାହି ତାହି ଅଖିର୍ ଉଡ଼ାଲେଁ ତ ନାଇଁ ରଖି ହଯ଼ୁ । ବଖା ଶଶୁର୍ ! ଗଛ୍ଟେ ଜଗେଇ ନେଲା, ନେହେଲେଁ ହେଁଠାନେ ଗ୍ରୁଦନ୍ ଟିକେ ଉଭରେଇ ନେଇଥିଲେଁ କେତେ ସୁନ୍ଦର୍ ହଇଥିତା । ମନ୍କେ ମନ୍ ଝିଗୁନି ହଇଁ ଗୁମ୍ ହଇଁ ରହେଲା ସର୍ପଂଚ୍ ।

ଦିନା ତିନ୍ଏ ହଉଛେ ରାମ୍ରତନ୍ ଗୁଣିଆ ଘରର୍ ଟସ୍ରା ନେଇ ହାଟ୍କେ ଯାଇଥାଯ଼ୁ । ସେ ଦିନର୍ ବେଲ୍ବୁଡ଼ିଆ ଝଧୂମ୍ ବର୍ଷା ନାଇଁ ହେଲା କାଯ଼ୁଁ ସେମାନେ ଆରଦିନର୍ ସକାଲ୍ ପୁଆଡ଼କେ ଯାଇ ଆଯ଼ୁଲେ । ଆସିକରି ଦେଖ୍ଲେ ଯେ ତାର୍ ଆମ୍ଗଛ୍ଠା ଲଙ୍ଗ୍ଗୁଟ୍ ହଇଁ ଶୁଇଛେ ।

ଗଛ୍ ବୁଢେଁ ଢ଼ଳେ ମେତାଲ୍ ଦରଦ୍ କଥା ଗୁଲ ପଡ଼ୁଛେ । ରାମ୍ ରତନ୍ ଦେଖିକରି କାଢ ବ ନେଁ ପାର୍ଲା । ତାର୍ ଆଖିର୍ ଲହ ସବୁ ଆମ୍ ଗଛର୍ କନ୍ଦ୍ନା ଥିଁ ମିଶି ସତେଁ କାପୁଁ କଥା ଜାଗାନ ରୁକଁ ହଉଛେ । ଖିଆପିଆ କଛି ନାଇଁ; ଯେ ଗଲେଁ ଯାହା କହେଲେଁ ହଁ ସୁଁ କଛି ନାଇଁ; ଖାଲି ଭକ୍ ଭକ୍ ଦେଖୁଉଛେ । ଗଛ୍ ଠାକେ ଆବ୍ରି ଧରି ନଜେଁ ବ କଟାଗଛ୍ ଲେଖେଁ ପଡ଼ୁଛେ । ପିରୁଆ ବୁଚ୍କେଇ ଥିବାର୍ କରିଆ ଖଣ୍ଡେ ବେକେଁ ଗୁଡ଼େଇ ହଇଛେ ଯେ ଟାଁଠି ଧାର୍ ଲଗିଛନ୍ ତାର୍ ଦହ୍ ମୁଣ୍ଡ୍ ଯାକ ଜାଗାନାଇଁ ।

ବର୍ଜ ପଚର୍ଲା "କଏ କାଟିଥିବା ଗା ? ଦେଖ୍ ତ ଇ ଅନ୍ନିଯେ ଟେବୋ ! ସଂସାର୍ ଇଥିଁ ରହେବା ? ଏନ୍ତା ଥିଁ ସମିସ୍ଥା ସୁକାଲ୍ କର୍ବା ?"

ଶୁକ୍ରୁ କହେଲା "କଏ କାଟିଛେ ସଭେ ଜାନୁଛନ୍ ପିଲା !, ନ କହେ କାହାରର୍ ନାଁ ନେଁ ଧରନ୍ । ଆମର୍ ଘରେ ଅନ୍ନିଯେ ଅମାନ୍ତର୍ ଭଣ୍ଡାର୍ ହଇଗଲା ନ ଟେବୋ ।"

ବର୍ଜ ପଚ୍ରର୍ଲା "ସର୍ପଂଚ୍ ସେ ନକେ ଯାଇଥିଲା ଟେବୋ ?"

ଶୁକ୍ରୁ କହେଲା "ସର୍ପଂଚ୍କେ ତ ସେ ଦନୁ କହେ ଦେଖାନ୍ ନହେ, ତଲ୍ ଗଲା କ ଉପର୍ ଗଲା, ଯେ ଉଦୁଛେ ବୁଡୁଛେ ସେ ଜାନ୍ବା ।"

ଦୁହେ ବାଟର୍ ଅନ୍ଧାରେଁ ହଜି ଯାଉଥାଆନ୍ ଗଲା ଆପୁ୍ଲା ଲୁକର୍ ମଝି, ଆର୍ ଅନ୍ଧାର୍ ବ ଆହୁରି ଆହୁରି କଲରଙ୍ଗ୍ ଥିଁ ଶୀତ୍ ମିଶେଇ କରି ପିଇ ପିଇ ଗୃଟିଁ ଆସୁଥାସୁ୍ ।

× × × × ×

କାଗଜ୍ ଥିଁ କଲମର୍ ଟାର୍ ନାଇଁ ଫଟ୍ବାର୍ ନ । ବନ୍ଏ ଅନ୍ଧାର୍ ହେଲନ, ଉଞ୍ଚ ସଡ଼କେଁ ଲୁକର୍ ଧାର୍ ମୁହେ ଛୁଟେ, ଗୁଲଛେ; ସାଗେଁ କଥାର୍ ଧାର୍ଟେ ଛୁଟୁଛେ, ସଲ୍ସଭାନ ଲୁଭ୍ଲୁଭାନ ହେଲେଁ ବ ସଁଖ୍ଲବାର୍ ଗୁଠାବାର୍ ଲୋକ୍ କହେ ନାଇଁ । ସକାଳୁଁ ଆସିଥିଲଁ ଖଲକେ । ଖଲଟା ଦେଶର୍ ଗୁଟେ ବନ୍ଏ ସଡ଼କର୍ ତରେଁ ଥାଇ ଇ ଶଏନ୍ବାର୍ ହାଟର୍ ଆପୁ୍ଲା ଗଲା ଲୁକର୍ କଥାମାନ୍କୁଁ କାନ୍ ପାରିକରି ଶୁନ୍ଲା ମେତାଲ୍ ଓ୍ରୁଗ୍ ଡ୍ରୁଗ୍ ଦେଖୁଛେ ।

ଖରୁଁ କାଗଜ୍ କଲମ୍ ଆନକରି ଆସିଥିଲଁ, କଛି କଥାନର୍ ଫୁଲ୍ ଠାଁଥିଁ ହାର୍ଟେ କରି ଭାଷା ମାଆଁକେ ପିନ୍ଧାମି । ଭାବ ଦେଖ୍ଲଁ କେତେ କଥେନ୍, କେତେ ବଷେ, ଅକଥନ୍ କଥାର୍ ଫୁଲ୍ । କେନ୍ଟା କହଡ଼୍

ହେବାର୍ ଆଗୁଁ ଝରିଗଲା; କେନ୍ତା ଫୁଟ୍‌ବାକେ ହଉନ୍ ହଉନ୍ ଝୁର୍‌ମୁରେଇ ଗଲା । ଯେନ୍ ଗୁଟେ ଝେଁଡ଼େ ଫୁଲର୍ ରୂପ୍ ଧସ୍‌ଲା ସେ ସବୁ କାଗଜର୍ ଫୁଲ୍ ମେତାଲ୍ ଲାଗ୍‌ଲା । ରଙ୍ଗ୍ ନାଇଁ କି କହର୍ ନାଇଁ ।

ସଞ୍ଜକର୍ ଧାରେଁ ଧାରେଁ ଝର୍ ଝର୍ କଥାର୍ ଧାର୍‌ଟେ ଲୁକ୍‌କର୍ ମୁହେଁ ଉଲ୍‌ଦିଁ ହଉଛେ । ନିଜର୍ କଥା, ଘରର୍ କଥା, ଗାଆଁର୍ କଥା, ମୁନୁଷ୍ ଜୀବନର୍ ସତର୍ କଥା ଭୁଗ୍‌ଲା କଥା । ସେଥିଁ ବନୋଟି ନାଇଁ ଦେଖେଇ ହେବାର୍ ବାଗିର୍ ଝଲ୍‌ମା ନାଇଁ । ଗାଁର୍ ଉକ୍ତି, ଗାଁର୍ ଉପମା ଗାଁର୍ ବର୍ଷେ, କେତେ ସରଲ୍ କେତେ ତରଲ୍ ଝରେଁ ଇ ମୁହୁଁ ସେ କାନ୍‌କେ, ସେ ମୁହୁଁ ଇ କାନ୍‌କେ ହଇ ଗଡେଇ ହଉଛେ । ସେଥିନୁ ଝରେ କଥା ଉଠାଲେଁ, ଗଁଥିଲେଁ ଗୁଟେ ହାର୍ ସଏଦ୍ ଫୁଟ୍‌ଲା ଫୁଲର୍ । କହର୍ ଭର୍ ଭର୍, ମହକ୍ ସର୍‌ସର୍ ବାଗିର୍ ମତେ ଲାଗୁଥାଏ, ସିନା ମୋର୍ ମାଁର୍ ମନ୍‌କେ କେନ୍ତା ଆସୁବା ଯେ କେ ଜାନ୍‌ଏ ?

## ନୂଆଁ ଖାଇ

"ଗାଁ ଗଁଡ଼ା ଉକ୍ରି ପକାଲା ନ ଆଜ୍‌ହେଁ ବାନ୍‌ଦେ ନୂଆଁ ଖାଇ । ମଟି ଗୁଟେ ନ ହାଟ୍ ପର୍‌ବା । କା'ଣା କରିହେସି ? ନୂଆଁ ଖାଇ ବଛର୍‌ଟାକେ ଥରେ । ମାଟି ତିହାର୍ ଆସୁ, ବାପ୍ ଅଜା ତେମନ୍ ପୁରୁଖା ମାନିଆଇଛୁଁ, ତାଇଁ ମାନ୍‌ଲେଁ ହେଲେଁ ଚଲ୍‌ବା କାହୁଁ ? ହେଲେଁ ତିହାର୍‌ଟେ ବସୁଲେଁ କା'ଣା କରିବୁ ? ଏବେଁ ନାଇଁ ଜରନ୍ ତଷ୍, କା'ଣା ନେଇ ଆବର୍ ବସୁ ବସ୍‌ଲା ବାଗିର୍ କଥା ।"

ତାର୍ ତାର୍ କହେଲା ମେଣ୍ଟାଲ୍ କହୁଥିଲା ଜଶାଲ୍ ବୁଢ଼ା । ତାର୍ ବଡ଼ ଟୁକେଲ୍‌ଟା ଇନ୍ଦାଘରେଁ ଥିର୍ ଡୁକେ ଉଲ୍‌ହଉ ଥିଲା । ଆର୍ ପୁଓ ଜୀବର୍‌ଧନ୍ ପିଣ୍ଡିଥିଁ ବସି ତାର୍ ଉଦା ଲୁହୁଙ୍ଗି ଠା ଗୁଁଡ଼ିଆ କୁହୁଲ ଅଁତ୍ରି ଉପ୍‌ରେଁ ଶୁଖଉଥିଲା । ଦୁହେ ଶୁନୁଥିଲେ ବୁଢ଼ାର୍ କଥା, କହେ କିଛି ନାଇଁ କହୁଥାଇଁ ।

ଫେର୍ କହେଲା ବୁଢ଼ା "ହଁ ଆମର୍ ଧାନ୍‌କେ ଆମର୍ ବାପ୍ ଅଜା ଅମ୍‌ଲୁଁ ଘରର୍ ଯେ ବସ୍ଠା ବସାସି, ଯେ ଦେ ଦେବ୍‌ତା କରସି, ତାର୍ ଲାଗି ହାତେ କାଣ୍ଏ ଯାହା ହେଉ ନୂଆଁ ବସ୍ତ୍ର୍ ଟିକେ ଅନା ହଉଥିଲା ।

ଢେଙ୍କଟାକେ ପିନ୍ଧି ସେ ବଣ୍ଟ୍ଠା ବସୌଥିଲା, ଢେ ଦେବ୍ତା କରୁଥିଲା । ହେଲେଁ ସେ ଢିନ୍‌କାଲ୍ ଗଲା ନ । ଆଗୋ ଠେଁକେ ଶୁଙ୍କେ ନ, କି ପଛେଁ-ପଛେଁ ଆମର୍ ଅମଲର୍ କଥା ବି ପାଁଚ୍ ଦଶ୍ ଥିଁ କି ଗଏଲ୍ କପ୍ଡ଼ା କି କକେନ୍‌ପର୍, ଆର୍ ଟିକେ ଉପର୍‌କେ ଗଲେଁ ଦୁଇଫୁଲିଆ କପ୍ଡ଼ା ମିଲୁ-ଥିଲା । କାହିଁ ଯୁଗ୍ ହେଲା ଯେ ତ ଶଅ ନେ ଗନ୍‌ଲେଁ ଗୁରେଇ ହେବାର୍ ଯୁକ୍ତର ଛିଣ୍ଡା ହାତେ ନାଇଁ ମିଲେ । କା'ଣା କରିହେସି ?" ବଲି ଲମ୍ବା ନିଶାସ୍‌ଟେ ପକାଲା ।

ଗୋବର୍ଧନ୍ ବସ୍କୁଲା "କପ୍ଡ଼ା ଲତାର୍ ନାଁ କା'ଣା ଧରୁଛୁ ବୁଆ ! ଘର୍ ଭୁନ୍ ଟିକେ ଖଞ୍ଜି ହଉଛେ କି ନି ଦେଖ୍ । ପିଠାପନା କଥା ତେନ୍‌କେ ଥାଉ । ଏ'ବେ ଦେଖ୍ ଯେ ଚାଉଳ କେଜି ଦଶ୍ ଟଁକା, ଗୁର୍ କେଜି ସାତ୍ କି ଆଠ୍, ମୁଗ୍ ବାର ଅଠା ଛଅ । ଆର୍ ତେଲ୍ ଗୁଲଶ୍ । ଗୁଉଲ୍ କେଜେ ଘେନ୍‌ବା ଯେ ତାହାକେ ବି ଛ' କି ସାତ୍ ଟଁକା ଗନ୍‌ବାକେ ପଡ଼୍‌ବା । ତେହେଁରୁ ଗଲା ତେହେଁରୁ ଗଲା ନୁନ୍ କେଜି ବି ଡେଡ଼୍ ଟଁକା । ଖା, କେନ୍ତା ନୁଆଁ ଖାସ୍କୁ ସୁ ଯେ । ସର୍କାର୍ ବଲ୍‌ସି ସବୁ ଜିନଷ୍ ସୁଲଭ୍ ଦରେଁ ଯବତ୍ ଉପରେଁ ହି ପରେ ଯୁଗେଇ ନଉଛେ । କେଭେଁ ? କେନ ? କାହାକେ ? ଯେ କେ ଜାନ୍‌ଏ ? କସ୍ତାନି ଠିକର୍ ଲାଗି କେତେ ଗୁଲ୍‌ଗୁଲ ଦେଖ୍‌ତ । ଭଲେ ତୋର୍ ବହ ଢିନ୍ ଦୁଇପହର୍ ନାଇଁ ମାନି, ଖରା ତରକେ ନାଇଁ ଡ଼ରି ଟୋଲ୍ ଗରା ଗୁଡ଼ାକୁ କେନ୍ତାକରି ବେଟିଥିଲା ଯେ, ଘନ୍‌ଏ ଦୁଇଶନା ପେଟେ ଥିଲା ବଲି ସେଥିଁ ଆମେ ଗଏଜ୍ କରୁଛୁଁ । ସେ ଟିକି ମଖା ଘଁଷା ପର୍ଦା ଉର୍ଦ୍ଧା ସବୁ । ସଞ୍ଜିଁ କେଉସଞ୍ଜିଆ କେଁଚ୍ ମାନ୍‌କେଁ ଦେବାକେ ହି ସେଠା ନ । ସେଥୁଁ ଅଗ୍‌ଲା ଉଛଲା ଟିକେ ଥିଲା ଯେ ସପ୍ଲ୍‌ତାଟେ ଲଗେଇଁ ଗଞ୍ଚର୍ ଖିଆପିଆ । ନେ ହେଲେଁ ଅନ୍ଧାର୍ ଗସ୍ତ୍ କାହାର୍ ଜାସ୍ତ୍ । କସ୍ତାନ ଟିକେ ହି ନାଇଁ ମିଲ୍‌ବାର୍ । ଇଆଡ଼୍ଁ ଯେ କହୁଥିଲେ ଖାସ୍‌ବାର୍ କାଯେଁ ପାମୋଲିନ୍ ତେଲ୍ ପରେ ସର୍କାର୍ ଶସ୍ତା ନ ଦେସି । ସେଠା ଏକା ସହରୁଁ ଗାଁକେ ନାଇଁ ଆସେ । ବାଟ୍ ଭୁଲି ଯାସ୍ନି କାହିଁ ? ଗାଁମାନ୍‌କୁଁ ବାଟ୍ ହେଲେଁ କେନ ଅଛେ ଯେ ଆସ୍ତା ।" ଗୋବର୍ଧନ୍ ଆର୍ ବି କାଁ କା'ଣା କହୁଥିତା, ହେଲେଁ ବୁଢ଼ା ସେ ଅଁଧାରେଁ ହି ତାର୍ ଆଡ଼୍‌କେ ମୁହଁକରି ସଁଭ୍‌ରି କରି ବସ୍‌ଲା ଆର୍ କହେଲା—

"ମୋର୍ ଘର୍ ବସିଥିଲା ନ, ଭୁଇଁ ଦେହେଁ ଥାଉ । ହେଁ ବଛରର୍ କଥା ଆସ୍ ଲେଖେଁ ସୋର୍ ପଡ଼ୁଛେ । ଆମର୍ ଗାଁର୍ ବେହେର ବୁଢ଼ା

ଗାଁଧୀ ମହାରାଜର୍ ନାଆଁ ଧରି ଜହଲ୍ ଯିବାର୍ ଥାଏ୍ । ତେ ସଙ୍ଗକେ ମୁଇଁ ଯାଇଥାଏଁ୍ । ସେ ସଭା ନକେ ହେଁଥିର୍ ଲୁକେ କହଦେନ୍ ଆସିଥାନ୍ । ସେମାନେ ତେନ ଯେନ୍ କଥାମାନେ କହୁଥାଆନ୍ ସୋର୍ କଲେଁ ଏହୁନ ବ କାନେ ପିଟି ହଉଛେ ଲେଖେଁ ଲାଗ୍‌ସି । ଆମେ ପର୍‌ଦେଶୀ ଶାସନ୍‌ଥୁଁ ଅଳୁଁ ବଲ ଗରବ୍, ପେଟ୍‌କେ ଗୁଁଣ୍‌ଏ, ପିଠ୍‌କେ ଖଣ୍‌ଏ ଜୁଟେଇ ନେଇ ପାର୍‌ବାର୍ । ସରାଜ୍ ହେଲେଁ ଆମେ ଆମର୍ ଦେଶ୍‌କେ ସଁଭାଲ୍‌ମା । ସବୁ ଦରବ୍ ଶସ୍ତା ହେବା ଗରବ୍ ବଲ୍‌ବାର୍‌ଟା ନୁର୍‌ଲେଁ ଖୁଜ୍‌ଲେଁ ବ ନାଇଁ ଥାଆନ୍ ।

ଏ'ବେ ତ ବୁଆ ! ସରାଜ୍ କେଭୁଁ ହେଲା ନ; ଆମର୍ ଲୁକର୍ ହାତେଁ ଶାସନ୍ ଅଛେ । ଗଁଧିର ତେଲ୍ ଟିକ୍‌କର୍ ଲାଗି ବ ଗୁଲ୍‌ଗୁଲ୍ । କରିଆଟିକେ ଗୁର୍ହେଇ ହେବାକେ ନାଇଁ କ କୁରିଆ ଟିକେ ମୁଣ୍ଡ୍ ଲୁକାବାକେ ନାଇଁ । ଆମର୍ ଗାଁ ଗଁଢ଼େଁ ଯାହାକେ ଦେଖ୍‌ବ ସେ ଗରିବ୍, କହେ କାହାକେ ଖଁଡ୍‌ଏ ମାନ୍‌ଏ ଚଲେଇ ନେଇ ପାର୍‌ବାର୍ । କାଁ ସରାଜ୍ ବୁଆ ଇଟା ? ଆଗୋ ପଛେଁ ଲୋକ୍ ନୁକୋ ଥିଲେ ।"

ବୁଢ଼ାର୍ କଥା ନେଇ ସର୍‌ନୁ ଗୋବର୍ଧନ୍ ବୟୂ୍ଲା "ସବୁକଥା ବନଛେ ଯେ ବୁଆ । ଆମର୍ ଲାଗି ନହେ । ଯେନ୍‌ମାନେ ଶାସନ୍‌ଥିଁ ଅଛନ୍ ଆସନ୍ ଥିଁ ଅଛନ୍, ସେମାନ୍‌କୁଁ ଦେଖ୍‌ବୁ ଯା ଫଟା କୁରିଆ ବାଲା ଷନ୍‌ମହଲ କରୁଛେ; ଭଙ୍ଗା ସାଏ୍‌କଲ୍ ଚଢ଼୍‌ବାକେ ନାଇଁ ମିଲୁଥିଲା ଯାହାକେ ସେ ଉଡ଼ାଜାହାଜ୍ ଚଢ଼ୁଛେ । ହେଁଟା ତ ସରାଜ୍ ହେଁମାନ୍‌କର୍ ଲାଗିଁ । ଆମର୍ ଲାଗି ଦେଶୀ ଶାସନ୍ ଯାହା ପର୍‌ଦେଶୀ ଶାସନ୍ ତାହା । ସରାଜର୍ ସୁଫଲ୍ ବର୍‌ଷିଲା ପାଏ୍‌ନ୍ ଜେଖେଁ ଆଏ୍ । ଉହୁଲେନ୍ ଦେଖି କନା ପର୍‌ସି, ଆପୁଁ୍‌ଖ୍‌କେ ଢାରସି । ଆମେ ତ ଠଠ୍‌କୋ ଠାଙ୍ଗର୍ ।"

ବୁଢ଼ା ଭୁର୍‌ଭି କହେବାର୍ ତତାପନା ଥିଁ ମୁଲ୍ କଲା ଫେର୍—
"ଶୁଣ୍ଡ୍‌ରେ ବୁଆ ! ହେଁ ସବୁ କଥା; ଆମେ କେନ୍ତା କର୍‌ମା କହ । ଦେଖ୍ ଯେ ମୋର୍ ମା'ର୍ ଲାଗି ମୋର୍ ଅଜା, ତୋର୍ ମା'ର୍ ଲାଗି ମୋର୍ ବୁଆ, କପ୍‌ଟା ଖଣ୍‌ଏ ଖଣ୍‌ଏ ଇ ଢନେ ଆନନ୍ । ମୁଇଁ ଭ ଅବ୍‌ତକ୍ ଆନୁଥିଲିଁ । ଏସୁର୍ କା'ଣା କର୍‌ମିଁ ବଲୁଛେଁ । ଆଛା ଗୁଟେ କଥା କର୍ ।"

ବୁଢ଼ା ଟିକେ ମେତାଲ୍ ଥେଇ ଖାକ୍‌ଲା ଫରେଁ କହେଲା "ପାଏ୍‌ନ୍ ଝଁକେର୍ ବଲ କାଠ୍ ଖଣ୍‌ଡୁ ଥିଲା । ତଲ ଟେପ୍‌ରର୍ ପୁଇ ଜାମ୍‌ଗଛ୍‌ଟା

ଠାଉ୍ମର ହଇଥିଲା ବଲିଁ ଆମି ରଖିଥିଲିଁ । ଗାଡେ଼ ନୁ କମ୍ ନାଇଁ ହୟ୍ । ସାୟ୍କଲ୍ଏ କାଠ୍ ଆନ୍ଲେଁ ଲୋକ୍ ଭୂଲାଶ୍ ପଗୁଶ୍ ଦଲୁଛନ୍; ଯା' ନେଏ, ଦକ ଆନ୍, ଅବେଶ୍, ଜନ୍ମ ନେହେଲେଁ ଜ ଛ'କୋର୍ କ ସାତ୍ କୋଡ଼୍ ନୁ କମ୍ ନାଇଁ ହୟ୍ । ହେଁଥିରୁ ଛୁଡ଼ା ହାତେ ଘିନି ଆନ୍ବୁ ଭୁଆରେଷେନ୍ ଲଗି । ତାର୍ ପିଁଧ୍ନା ଦ ତ ନାଇଁନ, କେଭ୍ଲୁଁ ନ କେଭ୍ଲୁଁ । ଖଁଡ୍ଏ କେ କାଚ ଖୁନ୍ଧ, ଧୁଇ ଶୁଖେଇ ପିଁଧୁଛେ । ସେଥୁଁ ଅଗ୍ଲେଁ ଅଟା, ଚନା, ଗୁର୍, ମୁଗ୍ ଯାହା ପାର୍ବୁ ଘିନି ଆନ୍ବୁ । ସଖାଲୁଁ ଯା' ସେ ବେଲ୍ ତକ୍ ଘୁରି ଆଇଥିବୁ ନ ।”

“ସତ୍ ଆୟ୍ ସେ” ଗୋବର୍ଧନ୍ କଥା କେହେଁଠାଲା “ମୁଇଁ ବଲୁଥିଲିଁ କ ସାର୍ ବସ୍ତେ ଆନ୍ତାଁ । ନେଁ ଦେଖୁଛୁ, ଦୁସ୍ରା ଲୁକର୍ ଖେତ୍ ମାନେ କେନ୍ତା ଲେସୁନ୍ ଫର୍ଚିଆ ଧରି କୁସେର୍ ବାୟ୍ର୍ ବାଗିର୍ ଦିଶୁଛେ, ସେନ ସାର୍ ଟିକେ ରଁଚେ ପକେଛେ । ଏସାର୍ ଲଁଚୁଆ ହଇଗଲାନ ବୁଆ ! ଅସ୍ସର୍ ନୁ ଧାନ୍ ଗଛ୍ ତକ୍; କଛି ନାଇଁ ଦେଲେ ନାଇଁ ହୟ୍ । ତୋର୍ନ ଦ ତ କରିଆ ଏକଖଇ ଖଣ୍ଏ ଅଛେ, ଯେନ୍ ଆଠ୍ ହାଣ୍ଡ ଖଟ୍କ ମୋର୍ ମାମୁଁ ଘରେଁ ଦେଇଥିଲେ ମୋର୍ ମା'ର୍ କାରଯ୍କେ । ମୋର୍ ଲୁହୁଙ୍ଗି ଚ ଖଣ୍ଏ ପଛା କୁଲ୍କୁଲ୍ ହଇଗଲା ନ, ଆର ଖଟ୍କ ଶୁଖାଲେଁ ଯାଇ ପିଁଧି ହଉଛେ । ହେଁସବୁ କର୍ତାଁ, ଧାନ୍ ଗୁଉଲ୍ ହେଲେଁ ତାର୍ ଲଗି କପ୍ଠା ଘିନ୍ତାଁ ନ ।”

ଗୋବର୍ଧନର୍ କଥା ନେଁ ସର୍ନୁ ବୁଢ଼ା କହେଲା “ନାଇଁ ଗା ବୁଆ ! କପ୍ଠା ଖଟ୍ଏ ସେନ୍ତା କରି ହେଲେଁ ଆନ୍ବୁ । ସାରୁ ବଲ୍ସୁ ସେ ମତେ ଥିର୍ ଡୁକେ ଡୁକେ ନେଇନେବ ତ ମୁଇଁ ଦୁଇଜନେ ଛୋଟ୍ ଜମିନ୍କେ ସାର୍ ସର୍ ସର୍ କରିନେମି । ଡ଼ଲ୍ଦାର୍ ଧୟ୍ଲିଁ ବୟ୍ଲେଁ ଘର୍କେ ଘର୍ କଁରୁ ଗୁବର୍ ତୋର୍ ଡ଼ଲ୍କେ ଡ଼ୁଲି ଦୁକି ଆନ୍ମି । କେତେ ଶ' ଜମିନ୍ ସେ ବୋ ! ଧାନ୍ ପୁରୁଗ୍ କର୍ ପରନ୍ ତ, ଦୁଇଏକର୍ ହେବା କଣି କେ ଜାନ୍ଏ, ମତେ ଦିନ୍ ଦୁଇଟା କ ଡନ୍ଠା ଲଗ୍ବା । ସାର୍ ପକାଲେଁ ମାୟ୍ଟ୍ ପଖନ୍ ଘାଲ୍ଟି ଯାୟ୍ସି ବୋ !, ପୋକ୍ସେଗ୍ ଦ କାଟ୍ ଦେଖୁଥିସନ୍ । ଆର୍ ଏସୁର୍ ସାଲେଁ ଲୋକ୍ ସାର୍ କଷେଥିଁ ସର୍କାରର୍ ସେନ୍ ପେଁଚ୍ ପାଁଚ୍ କଥା କହୁଛନ୍ ସେ, ଥିଲା ଲୋକ୍ ତ ହଣ୍ଡିର୍ ବସୁଛନ୍ ଆର୍ ଆମର୍ ତ ଆଁ କଲେଁ ଦକଶ୍ ଦାଁତ୍ ଦିଶୁଛେ ।”

"ଢେ଼ଗି ଉଭକ ଝାଟଝୁଗ ନାହିଁ ପାରଲା କ କୁଲହା ପରେ କହେଲା ଗୁଡ଼ ଅଙ୍ଗୁର୍ ଫଲ୍ ଆମଟ୍ ଲାଗ୍ସି; ହେଲା ମେତାଲ୍ କଥା ଆଯୁ୍, ହଉ ତୋର୍ କହେଲା କଥା କର୍ମା ।" କହିକରି ଜୀବର୍ଦ୍ଧନ୍ ଟିକେ ହଁସି ପକାଲା; ଯେନ୍ ହଁସି ନେ ଝରି ପଡୁଥିଲା ତାର୍ ମନ୍ ଭିତରର୍ ଅସନ୍ତୋଷ୍, ବନହାଁ କରି ଜମି ରହିଥିବା କୃଷି ଜୀବନର୍ ଦରଦ୍ ।

ହାଟର୍ ଦିନ୍ । କାଲିହାର୍ ନୂଆଁଖାଇ । ଜୀବର୍ଧନ୍ କୁକ୍ରାଡ଼ିକୁଁ ତାର୍ ଉଲ୍ଟ ଥିଁ ଯାହା କାଠ୍ ଥିଲା ଗାଡ଼ି ନେ ଯାହା ଧରାଲା ଜୁଗ୍ରାଲା; ଆଉ ମନ୍ ଭିତରେଁ ଯାହା ଧରାଲା ଆପେଁଆପ୍ ଖୁଦ୍ଧି ହଇ ଜୁଗ୍ରେଇ ହେଲେ ଭାବନା ମାନେ ମନା ନେଁ ମାନ୍ବାର୍ ଆଶା ମାନ୍କୁଁ ନେଇ ।

ଝିବିନିର୍ ଲାଗି କେନ୍ତା କପ୍ଡା ଘେନ୍ବା ? କେନ୍ ରଙ୍ଗ୍ ହେଲେଁ ଝିବିନିର୍ ମାଗୁର୍ ଦିହା ବରନ୍କେ ଭିର୍ବା ? ମୁହିଁ ଥିଲା କପ୍ଡା ଝିବିନିକେ ଫବ୍ବା କି ବନ୍ମୁହାଁ ? ଝିବିନି କେଭେଁ ଭଲ୍ ମନ୍ଦ୍ ବଝୁନେଁ ଶୁଖେ ନାହେ । ଆପୁନ୍ ଜରୁର୍ କିଛି ତାର୍ ଲାଗି ଆନ୍ବା । ସିଙ୍ଗ୍ଡ଼ା, ଆଲୁଚପ୍ କି ପକୁଡ଼ି ? ପିଲାଦିନେ ନିଜେଁ ରଥ୍ ବେଲ୍କେ ଜିଲ୍ବି ଘେନିକରି ଖାଇଥିଲା ସେ ମିଠା ଅବ୍ତକ୍ ସେ ନାହେ ପାଶ୍ରେ, ହେଁଟା ଆନ୍ଲେଁ କେନ୍ତା ହେତା ? ତାର୍ ବୁଆକେ ପରେ ମିଠେଇ ଲଡ଼ୁ ପରେ ବନ୍ଏ ଲାଗ୍ସି; ହେଁଟା ଗୁଟାଦୁ ସଭେ ଖାଯୁତେ । କାଠ୍ ବିକ୍ଲା କ ଆପ୍ନେ ନିଜେଁ ତ କେନ୍ସି ଭି ହୁଟେଲ୍କେ ଢୁକିଯିବା । ପକୁଡ଼ି ଆର୍ ମିଛା ଚଟ୍ନି ଖାଇ-ନେବା ଟିକେ ଅଧିକର୍ । କେ'ନ କେଭେଁ ଖାଇଛେ ଯେ ? ବରଷ୍କେଁ ଦିନ୍ଏ ହେଲେଁ ନେଁ ଖାଯୁବା କାଯୁଁ ? ହେଁଟା ଭାବି ତ ଝିବିନି ତାର୍ ଲାଗି ବଢ଼େଇ ନେଇଥିବାର୍ ବାସି ବଟ୍କି ଟା ଜାନି ଜାନି ନାଇଁ ଆନ୍ଲା । ନୂଆଁଖାଇର୍ ହାଟ୍ ବାଟ୍ ଶନି ଅଟା ଗୁର୍ ମୁଗ୍ ପଛେଁ କମ୍ ଆନ୍ବା, ହେଲେଁ କପ୍ଡା ବନ୍ଏଟା ଖଣ୍ଡେଏ ଆନ୍ବା ।

ସହର୍କେ ପୁହୁଁଚଲା କ ଜଙ୍ଗଲ୍ ଚେପରାସି ଆସି ହାଜର୍ । ଟାଙ୍ଗି ଜପତ୍ । ଜୀବର୍ଧନ୍ କୁକୁଟି କରି ଭାଙ୍ଗ୍ଲା ମନ୍ ଆର୍ ଉଦ୍ରି ବଦ୍ରି ଯାଇଥିବାର୍ ଆଶା ଭର୍ସା ନେଇ ମେଲା ନଙ୍ଗ୍ଲା ହାତେଁ ଘର୍କେ ଫିର୍ଲା । ରାତିର୍ ସେ ଚହ୍ରେଁ କାଯୁଲ୍ କେନ୍ତା କର୍ବେ ଯେ ଝିଅନ୍ଖି ଲୁକର୍ କଥାବାର୍ତ୍ତା ।

ବୁଢ଼ା କହ୍‌ଲା "କାଁ କରମା ? ଗୁଡ଼ ଆମର୍ କରମ୍ କପାଲ୍ ଖରାପ୍ ଆଏ୍ । ତୁଇଁ ଏଖନ୍ ହଇଁ ଘର୍‌କେ ଫିର୍‌ଲୁ ଯେ ଏହେଁଟା ବଡ଼୍ କଥା ଆଏ୍ ।" ଫେର୍ ଟିକେ କା'ଣା ଭଳି ହତାଶିଆ ହଇଁ କହେଲା "ପୁଡ଼ ଯାଉ ମୋର୍ ଜୀଉଁନ ଖାଉନ, ମୋର୍ ବହ୍ ଟୁକେଲ୍‌କେ ନୂଆଁ ଖାଇ ଅସ୍-ହନେ ଭି ଟୁଡ଼ା ହାତେ ନେଁ ଦେଇପାର୍‌ଲିଁ ।"

ଜୀବର୍ଧନ୍ କହେଲା "ଏନହାଁ ହାଏ୍‌ଲୁଟି ବାଏ୍‌ଲୁଟି ହେଲିଁ, ଯୁଦ୍ଧାର୍ ପାହେଁ ପର୍‌ଲିଁ, ତ ଏ ଗଲା ଗୁନ୍‌ଲା କାଏଁ୍ ? କାଠ୍ ରହେଲା, ଗାଡ଼ ରହେଲା, ଆର୍ ତାର୍ ସାଙ୍ଗେଁ ତୁଇଁ ବ ରହେବୁ ବଲୁଥିଲା ଚପ୍‌ରାଶି । ଏନହାଁ ଗୁଲ୍‌ଗୁଲ ସୁଲ୍‌ସୁଲ ହେଲିଁ ବେଲ୍‌କେ ସାଦା କାଗଜେଁ ଦସ୍‌କତ୍‌ଟେ ନେଇଁ ଗୁଡ଼ନେଲା । କହେଲିଁ ଭି ଆମର୍ ଜମିର୍ ଠାଡ଼୍‌ମରା ଜାମ୍‌ଗଛ୍ ଫଟେଇଛେଁ, ସର୍‌କାରୀ ଜଙ୍ଗଲର୍ ନୁହେ । ଶିଶୁ, ସାଗୁନ୍ କ ବିଜା ରେଙ୍ଗାଲ୍ ନୁହେ । ତଥାପି ବେଟା ମାନ୍‌ଲା କାଏଁ୍ ? ମେଷ୍ଟ ମଲ୍‌କୌଥାଏ୍ । ମନ୍ ହଉଥାଏ୍ ଗଲକେ ପକାଏଁ କାଏଁ୍ କୁଟଡ଼ିର୍ ଫସାଟେ ଆର୍ ଉଡ଼-ନେଏଁ । ଘର୍ ଆଉ୍‌କେ ସୋର୍ କଲିଁ, ତହାର୍ ବାହାର୍‌ଟେ ଆଉଛେ ସହ୍ନେସିଁ ବହୁ୍ଲିଁ । ନେ ହେଲେଁ..."

ଚଷା ଆଉର୍ ସର୍‌କାରୀ ଅଫିସର୍ ଭିତରେଁ ଥିବା ଖାଇଟା ଆହୁର ଆଁ କରି ରସାନ୍ତାଲ୍‌କେ ଫାଟ୍ ଧହ୍‌ଲା ମେତାଲ୍ ଜନା ପଡୁଥିଲା । ଆଉର୍ ଚଷାର୍ କେତେ ଦିନୁ ନାଇଁ କେତେ ଦିନର୍ ଚୁନ୍ଧି ହଇଥିବାର୍ ରଶ୍ମି ପ୍ରତିହିଂସା ଜୀବର୍ଧନର୍ ମୁହେଁ ଗୁଡ଼ା ବାଁଧ୍‌ଲା ବାଗିର୍ ଦିଶୁଥିଲା । ସେ ଅଁଧାରେଁ ଭି ଏଗାଲ୍ ବୁଢା ଜୀବର୍ଧନର୍ ରାଗ୍‌ନୁ ବାଆରେ ପାରୁଥାଏ୍ ଯେ ତାର୍ ରଶ୍ମି ଅସଁଭାଲ୍ ଧରିଛେ । ତାହାକେ ଶୀତଲ୍ କର୍‌ବାକେ କହେଲା ।

"ଏନ୍‌ଏ କଲୁ ବୁଆ ! ସହେଲା ଲୋକ୍ ବଡ଼୍ ଆଏ୍ । ମୁଣ୍ଡ୍ ଲୁହି-ନେଲେଁ ସମୁଦର୍ ପାର୍ ।"

ଜୀବର୍ଧନର୍ ରଶ୍ମି ଶାନ୍ତ୍ ନେଁ ହଉଥାଇଁ ତ ସାଙ୍ଗେଁ ସାଙ୍ଗେଁ କହେଲା—"କେନ୍ ସମୁଦର୍ ପାର୍ ହେଲିଁ ବୁଆ ? ମତେ ତ ଲାଗୁଛେ ତୁଣ୍ଡାଟେ ଡେଙ୍ଗି ଅତାଲ୍ ତାଲ୍ ଅଭାବ୍ ସମ୍ଦରେଁ ଆସି ଜୁଗ୍‌ରେଇ ହଇ ପର୍‌ଲିଁ ।"

ବାପ୍ ପୁଅର୍ କଥା ବତୁଥିବାର୍ ଶୁନି ଡକିନି ରନ୍ଧାଘରୁଁ ଟିକେ ପଞ୍ଛିକେ ଆସି କହେଲ୍—

"ହେଁଥିର ଲଗି କାଏଁ୍ ଏତେ ଗୁଡା ଭଗୁର; ହଉ ସବୁ ଚଲ୍‌ବା । ମୋର୍ କପ୍‌ଡା ଖଣ୍‌କ ସରଫ୍ ଖେଜାକର୍ ଆନ କାଡ ଖୁନ୍ଧ କରି ଶୁଖେଇଛେଁ ; ହେଁଡା ପିନ୍ଧିଁ ବଯୂ୍‌ଠା ବସାମି; ଦେ'ଦେବ୍‌ତା କର୍‌ମି । ଘରେଁ ଯାହା ଅଛେ ହେଡ଼୍‌କ ଥିଁ ନୂଆଁ ଖାଇ ମାନ୍‌ମା । ସବୁଦିନେ ସବୁ-କଥା ନାଇଁ ଥାଏ୍, ଆମେ ହେଲେଁ କାଏଁ୍ ସବୁଦିନେ ଗରିବ୍ ଥିମା ? ମହାଲକ୍ଷ୍ମୀ କେତେବେଲେଁ ହେଲେଁ ଘାଏ୍ ଆଉ୍ ଆଖିଁ ନାଇଁ ଦେଖ୍‌ବେ ? ସଁଭ୍‌ରିଲେଁ ବନ୍‌ଏ କରି ମାନ୍‌ମା ନ । ରାଁଧି ସାର୍‌ଲିଁନ ଆସ ଖିଆପିଆ କର । ମୁଇଁ ଖାଇ ସାଏ୍‌ଲେଁ ଲୁଁଙ୍ଗା ଖୁରି କଲେଁ ଯାଇ । ସଖାଲ୍‌ଙ୍କ ବାସି କବାର୍ ଥିଲେଁ ନାଇଁ ପାରିହଏ୍, ଏକ୍‌ଲ ଲେକ୍ ।"

ସକାଲ୍ ନୁହେ ପାଏ୍, ଡିବିନି ଉଠି ଗାଧି ପାଧି ଆଏ୍‌ଲା । କବାର୍ ଉସ୍‌ରାବାର୍ ଲଗିଁ କ ଅଗ୍‌ବା ଦର୍‌କଲା କପ୍‌ଡା ପିଁଧିଛେ, ତନ୍‌ଖଉ୍‌ବନ୍ ଡାପି ନେ ହେବାର୍ ଲେକ୍ କାଁ ବଲ୍‌ବେ ବଲିଁ ଯେ କେ ଜାନ୍‌ଏ ? ଆସି-କରି ତାର୍ ଶୁଖାଲା କପଡାକେ ଭର୍‌କୋ କରି ଉଲା ଆନ୍‌ଲା ପିଁଧିବାକେ । ବାଉଁଶ୍ ଅଡ଼ା, ଗଏଁଠ୍‌ନ ଅଲ୍‌ହିଲା ବାଗିର୍ ଲଗୁଥାଏ୍, କପ୍‌ଡାଟିକ ଅଧେର୍ ହେଲ୍ ନ । ଥିଲାଲେକ୍ ହଇଥିଲେଁ କେଭ୍ନୁଁ ଅଲ୍‌ଗେଇ ନେତା ନ କ ପାନ୍‌ଭ ଗୁବର୍‌ଭକେ ଦେଇ ନେତା ନ । ନାଇଁ ଘିନ ପାର୍‌ବାର୍ ବଲିଁ ସେ ଖଣ୍‌ଏ କେ ଧୂଇ ଶୁଖେଇ ପିଁଧି ଉଡ଼ି ହଉଛେ ।

ଉଲ୍‌ଲା ବେଲ୍‌କେ କପ୍‌ଡା ଖଣ୍‌କ ଏନ୍ତା ତରି ହେଲା ଯେ ଆର୍ କେନ୍‌ସି ମିଡରେଁ ପିଁଧି ନାଇଁ ହଏ୍ । କାଁଣା କର୍‌ତା ଆର୍ ? ବୁଡ଼ାର୍ ଧୂଭି ସେ ଅଭ୍ଡାନ ଶୁଖୁଥିଲା ପିଁଧି ଦେକାଲା । ଆଠ୍‌ହାଣ୍ଡ ଧୂଭି, ମାଏ୍‌ଝି ଝୁକେଲ୍ ପିଁଧ୍‌ଲା ବେଲ୍‌କେ ଫାଲେ ଡାପିହେଲେଁ ଫାଲେ ମେଲା ।

ବନ୍ଦ୍ର୍‌ଠା ବସାଲା; ମହାଲକ୍ଷ୍ମୀ ବସାଇ, ପୂଜାଧଜା କଲା । ଇ ସବୁ ବୁଡ଼ାର୍ ନଜର୍‌କେ ଡେଗି ନାଇଁ ପାର୍‌ଲା । ବୁଡ଼ା ଗାଧି ଆଏ୍‌ଲା ଉତ୍ରୁଁ ଦେଖଲା ତାର୍ ଆଠ୍‌ହାଣ୍ଡି ନାଇଁନ; ବହ ଝୁକେଲ୍ ପିଁଧିଛେ । ତର୍‌ହା କପ୍‌ଡା ଡା ସେ ଅଭ୍ଡାନ ଉଲା ହଇଛେ, ମଥେଁ ଯେନ୍ତା କ ତାକର୍ ଘରର୍ ମାନ୍‌ମହତ୍, ଗରିବ୍‌ଥିଭି ଉଟ୍‌କ ହଇଁ କୁତ୍‌କୁତା ଚୁବ୍‌ଚୁବା ହଇ କର୍‌ଲୌଛେ—"ମାନ୍‌ଅ, ମାନ୍‌ଅ ଆଏ୍‌କ୍ ନୂଆଁ ଖାଇ ଅଏ୍ । ମହାଲକ୍ଷ୍ମୀ ବସ, ଆସ ଗୁଉ୍‌ଣାଲେଁ ପରି ।"

ବୁଢ଼ା ସୁକ ସୁକା ଆନ ବଢ଼ ଟୁକେଲର୍ ଫଁଠା କଟ୍‌ଠାକେ ମିଶି କହୁଥିଲା କି ତାର୍ ଘରର୍ ଫଁଠା ଦଦ୍‌ରା ଥିଲେ କେ ଟିପି ବସୁଥିଲା କେ ଜାନ୍‌ଏ ? ତାର୍ ଆଖୁଁ ଘାମ୍‌ନ୍ ଥପେ ଥପେ ଝରୁଥିଲା; ସେଥିଁ ମହାଲକ୍ଷ୍ମୀର୍ ଗୋଡ଼୍ ଧୁଇ ହଉଥିଲା କି ନା ମହାପ୍ରଭୁ ଜାନ୍‌ବେ । ସେ କାନ୍ଧ କଷାଲ୍ ବୁଢ଼ାର୍ କାନ୍ଧ ଆପ୍‌ନ୍ କି ଘରର୍ ମାଟାର୍ ରକତର୍ ବୁନ୍ଦାର୍ କାନ୍ଦନା ପରୁଥିଲା କିଏ କହେବା ?

ଘାମ୍‌ବେ କି ନା ଧେ କେ ଜାନ୍‌ଏ । ଲୋକ୍ ବନହାଁ ଦାନ୍ ଧରି ମୁରୁଛନ୍ ।

# ମୁଟେରେନ୍ ନୁହେ ଯୁଟେରେନ୍ ଆଏ

ଗାଁର୍ ଡିଁଢ଼ା ଖୁଏଲ୍‌ଠା ଅଜଗର୍ ବାଗିରି ପଡ଼ିଛେ । ତାର୍ ମେରୁ-ହାଡ଼୍‌କିଁଠା ବାହାରିଲା ମେଡାଲ୍ ସାନ୍ ସାନ୍ ଖୁଏଲ୍‌ମାନେ ଆଖିପାଖି ବାହାରିଛନ୍ । ଗାଁର୍ ଉପର୍ ମୁଡ଼େଁ, ଆ'ଉ ଭୁଜଙ୍ଗ ଆଡେଁ ଯେନ୍ ସଁପୁର୍ ଖୁଏଲ୍ ଠା ମୁଷାକେଞ୍ଜିଆ ଉଭରଁ ଯାଇଛେ, ସେ'ଠା ସୁଲ୍‌କି ପରା । ଗାଁର୍ କୁଆନୁ ବୁଢ଼ା ତକ୍ ସେ ନାଆଁ ଥିଁ ଜାନ୍‌ସନ୍ । ସୁଲ୍‌କି ପରାର୍ ଶେଷ୍-ଘର୍‌ଠା କହେଲେଇ ବରିହାର୍ ଆପ୍‌ନ୍ । ପୁଆଲ୍ କୁଆନ ମାଟିର୍ କାଁଥର୍ ଦୁଇ ବଖ୍‌ରା ଘର୍, ଟିକେ ବାଗିର୍ ପଛିଁ, ଝଟ୍ ଦୁଇଖଣ୍ ପଡ଼୍‌ବାର୍ ମିଉଳି ଦୁଆର୍ ଟିକେ । ଘରର୍ ପଛ୍‌କେ ବନ୍‌ଏ ବାପ୍‌ନ୍‌ର୍ ଖଡ୍‌ଏ; ତାର୍ ଲଗ୍‌ନୁ ପଧାନ୍ ଘରର୍ ଭିନ୍‌ମହଲା ଘର୍; ଟିକେ ଗୁଡ଼ି ସଡ଼କ୍, କେ'ନୁ କେନ୍‌କେ ଯାଇଛେ ଯେ ଦାନ୍ ଗପ୍‌ନ୍ ମଠର୍ ଗଁଗାଁ ସଁସାଁ, ଜାନ୍ କଲ୍‌କଲେଇ ଯାଉଥିସି, ଇ ପାଖୁଁ ସେ ପାଖ୍‌କେ ଲହଁକିବାକେ ଡ଼ର୍ ।

ସକାଲ୍ ଘାଧ୍‌ନ୍‌ବାର୍ ବନ୍‌ଏ ଘାପ୍‌ନ୍ ହେଲା ନା । ଦରା ପରା ଛରା ଦେଲା ମେଡାଲ୍ ଖରା ଗୁପ୍‌ନ୍‌ଗୁପ୍‌ନ୍ ପରିଲା ନା । ହାଲ୍ କଅଁଲେଇ ଥିବାର୍ ଦାମୁର୍-ଟେ ଗୁହାଲୁଁ ଆସି ଗାଁ ଖୁଲୁଁ ଧୁକା ମେଡାଲ୍ ଦଉଡୁଛେ । କୁଆ ଗୁଟେ ଗାଁ ଖୁଲି ବସିଛେ ଟୁପ୍‌ଲିଠାକେଁ ମୁହିଁ ଗୁଠାଦୁ ଧରି; ନାକେ ସିଁଘେନ୍ ଧାରେ ବୁହୁଛେ । ପାଶେଁ ପାଶେଁ କୁକ୍‌ରା ଛଆଁ ଗୁଠାଦୁ ବୁଲି ବୁଲି କୁଆର୍ ପକାଲା ମୁହିଁ ବେଟି ବେଟି ଖାଉଛନ୍ । ଗୁଦନ୍ ଉପ୍‌ରେଁ ବଲେଇ ପଟେ କୁହୁ-କୁହୁ ନଘା କରୁଛେ, ମନ୍ ପାପ୍‌ନ୍‌ଲେଁ କୁକ୍‌ରା ଛଆଁକୁ ଗୁପ୍‌କତା, ହେଲେଁ

ଦେଖୁଛେ ଯେ ସେ ପାଖେଁ ଝାଁକର୍ ଘରର୍ କବ୍‌ରା ଶୁଇକରି ତାର୍ ଦେହର୍ ଉକେନ୍ ଖୁଟ୍‌କେଇ ହଉଛେ ପଛର୍ ଗୁଡ଼େଁ ଆଁପ୍‌ରି ଆଁପ୍‌ରି । ହଲେଇ ଝପ୍‌ଟିବାର୍‌କେ ଦମ୍ ନାଇଁ କର୍‌ବାର୍ । ଝାଁକର୍ ଘରର୍ ସୁ ରୁ ଭୁଆସେନ୍ ପାୟ୍‌ନ୍ ଯୁଗ ଧରିଁ ଆଉଛେ; ମୁଣ୍ଡର୍ ମଠିଆ କାଖର୍ ମଠିଆର୍ ମଝିଁ ଦଶ୍‌ମାସିଆ ଗରଭ୍ ଦେଖ୍‌ଲେଁ ମାଁକେ ଧର୍‌ତ୍ରି ବଲ୍‌ବାର୍ କି ଧର୍‌ତ୍ରିକେ ମାଁ ବଲ୍‌ବାର୍ କଥା ଭାବ୍‌ବାକେ ପଡ଼୍‌ବା । କହୁଥାଏ—

"ବରଷା ବୁଡ଼ା ଆୟ୍‌ଜ୍ ନୁହେ ଉଠନ୍ କାୟଁ୍‌ଗା ? ଠାୟ୍‌ଠ୍ ଅଜା ହଇଛେ ଯେ, ବେଶ୍ ବି ଅବର୍ନ୍‌ହାଲ୍ ଲେଖେଁ ଲାଗୁଛେ ।"

କହେଇ ବରଷା ଖଟେଁ ପଡ଼ିଛେ, ତାର୍ କାନେ ହି ଇ କଥା ପଡ଼ୁଛେ; ହେଲେଁ ଉଠ୍ ବାଗିର୍ ନାଇଁ ଲାଗ୍‌ବାର୍ ତାହାକେ । ସବୁଦିନେ କୁକ୍‌ଡ଼ା ଡାକ୍‌ଲା ବେଲ୍‌କେ ସେ ଉଠି ଥାୟ୍‌ସି ନା । ସେ କେତେବେଲେଁ ଉଠ୍‌ସି ଗାଁର୍ ଲୋକେ କହେ ନୁହେ ଦେଖନ୍ ବୟ୍‌ଲେଁ ଚଲେ । ହେଲେଁ ଆୟ୍‌ଜ୍ ସେ ଖଟ୍ ନାଇଁ ଛାଡ଼ି ପାର୍‌ବାର୍ । କେଜାଣି ବି ଭାବୁଛେ କାଣା ହେଲା ତାହାକେ ? କେନ୍ତା ସେ ଉଠି ନୋ ପାର୍‌ବାର୍ ? ତାର୍ ସା' ଘରର୍ ପିଲା ତାକର୍ ଜମିନ୍ ସବୁକେ ହିଁକି ନଉଛେ । ହେଲୁ, ତାର୍ କା'ଣା ଗଲା ? ହେଁଠା ଶୁନ୍‌ଲା ବେଲୁଁ ସେ ଖଟେଁ ପଡ଼ିଛେ ଯେ ପଡ଼ିଛେ । ସେ ହେଲେଁ କାୟ୍ ଉଠ୍‌ବାର୍‌କେ ଚେଷ୍ଟା ନାଇଁ କର୍‌ବାର୍ ? ଉଠ୍‌ଲେଁ ମୁଣ୍ଡ୍ ଘାୟ୍ କରୁଛେ, ଦେହ୍‌ଠା ଗଦେଇ ହଉଛେ, ହାତ୍‌ଗୋଡ଼୍ ଭଲ୍ ଝିମ୍‌ଝିମେଇ ଯାଉଛେ, ନାଇଁ ଚଲ୍‌ବାର୍ । କାୟ୍‌ଲ୍ ବାଟେଁ ତ ଖିଆପିଆ ନାଇଁ ହେନ୍ତା ଶୁଇ ପଡ଼୍‌ଲା । ଶୁଇଲା କେ'ନ ? ଖାଲି ଖଟେଁ ପଡ଼ିଛେ । ଦିଶ୍‌ନା ବି ନୋ ଦିଶାଇଁ । ଖଟେଁ ଦେହ୍‌ଠାକ ଥୁଇଁ ସୟ୍‌ତ ସର୍‌ତା ବୁଲୁଛେ ତାର୍ ସା' ଘରର୍ ଜମିନ୍ ଦଶ୍‌ଏକଡ଼ର୍ ଇଲ୍‌କା ଭିତ୍ରେଁ ।

ଏକ୍‌ଠନିଆଁ ଜମିନ୍, ଇର୍ ଡେଟା ନାଇଁ ଲାଗେ ହଲ୍ ପାଘ୍‌ଲେଁ । ଗୁଟେ ଡୁଙ୍ଗି ପରେ ଡୁଙ୍ଗି । ସେ ଭିତ୍ରେଁ ଆଁଠ୍ ମାଲ୍ ବେର୍ଣ୍ଣା ବାହାଲ । ଉପ୍‌ରେଁ ଉପ୍‌ରେଁ ଧାନ୍ ହେଲେଁ ବି ମୁଣ୍ଡାଟେ । ବାହାଲ୍ ଭିତ୍ରେଁ ଚୂଆଁ । ଗ୍ରୀଷ୍ମ କୁଣ୍ଡ ଗଛ୍‌ଗୁଟେ, ହେଥେଁ କାଏ ନେଇ ଯାୟ୍‌ସି ନ ବାଗିର୍ ଚୂଆଁ-ଠାକ ଜଗି ବସିଛନ୍ । ସୋଜ୍‌ଦିନେ ବି ସେ ଖେତ୍‌କେ ଆୟ୍‌ଲେଁ ଇନ ଘଡ଼େ ନାଇଁ ବସ୍‌ଲେଁ ଯାଇ ନାଇଁପାରେ । ଈ ଚୂଆଁ ଥିଁ ହେତ୍‌କି ଦାୟ୍‌ନ୍ ନୋ ଥିବା ଯେତ୍‌କି କଥା ତାର୍ ମନ୍ ଭିତ୍ରେଁ ଉପ୍‌ଜିସି ଈ ଚୂଆଁକେ ଦେଖ୍‌ଲେଁ । ଇନ ଆସି ବସ୍‌ଲେଁ ତାର୍ ମୋର୍ ହେମି 'ଛପନ୍‌ହାଲ୍' ।

ତାର୍ ଚେହ୍ନ ହଇଥିଲା ନ, କରଆ ପିଁଧି ଥିଲା ନ। ଯେ ବୁଆ ! ହେନ୍ତା ଅକାଲ୍, ହେନ୍ତା ଦୁର୍‌ଭିଖ୍, ହେନ୍ତା ମର୍‌ଡ଼ର୍ ଆର୍ କେଭେଁ କାହାଁ ଶୁନା ନାଇଁ ଜନା ନାଇଁ। ନାଇଁ ହଉ ମହାପ୍ରଭୁ ! ହେନ୍ତା କେନ୍‌ସି ଦେଶେଁ, କେନ୍‌ସି ଭି ମୁଲ୍‌କେଁ। ଶତ୍ରୁ କେ ଭି ହେନ୍ତା ଦଶା ନାଇଁ ମିଳୁ। ତାର୍ ବୁଆ ଘନ ବରହା ଛ ଟୁଆଁ କୁଡ଼ୁଥାୟ୍ ଯେ, ସେ ସା'କାର୍ ଘରୁଁ ଥିର୍ ବସ୍‌ଲେଁ ସଥେଁ ଥିର୍ ଖୁରେ ଆର୍ ଜାନ୍ ନେଁ ଜାନ୍ ଗର୍‌ସେ ମେତାଲ୍ ଫଶାଲ୍ ଧରି ଇନ୍‌କେ ଆନି ନଏ। ହେତ୍‌କି ଭି ତ ଲୁକ୍‌କୁଁ ନାଇଁ ମିଳୁଥାଇଁ ଯେ ତେତେଲ୍ ପତର୍ ନୁ ନେଁ ପୁ ରୁ ଥାଇଁ ଖାଇ ନଉଥିଲେ। କଙ୍ଗାଲି-ଖାନା ଥିଁ ରେଙ୍ଗୁନ୍ ଗୃଉଲର୍ ପଗେ ପଗେ ଲମର୍ ଭାତ୍ ଖାଇ ରଇ ଝୁଡ଼ୀର୍ ହାବ୍‌ଡ଼େଁ ପଡୁଥିଲେ।

ତାର୍ ମାଁ ହେଁ ବଛର୍ ମର୍‌ଡ଼ି ନ ମଲା। ତାର୍ ବନ୍‌ଏ ସୋର୍ ଅଛେ ଯେନ୍ତା କରି ତାହାକେ ଆବ୍‌ରି ଧରିଥାୟ୍ ଆର୍ ତାର୍ ବୁଆକେ କହୁଥାୟ୍, "ମୋର୍ ବୁଆକେ ଦେଖି ନାଇଁ ଛୁଉବ୍; ନଜେଁ ଭୁଖେଁ ରହି ଇତାକେ ଖୁଆଁବ, ବଅଁଶ୍ ରହେବା। ବରହା ବଅଁଶ୍ ତମର୍ ଠାନୁ ଛୁଟି ନେଁ ଯିବା ଠୁଟି ନେଁ ଯିବା।"

ଦୁହି ବାପ୍‌ପୁଓ କେନ୍ତା କରି ତାର୍ ମାଁକେ ନେଇ ଯୋର୍ ଖଁଡ଼ି ଝୁଡ଼୍‌ଝୁଡ଼େଁ ନେଲେ, ନଜେଁ ନାଇଁ ବୁହି ପାରୁଥାଇଁ ବଲି ଠାନ୍‌କେ ଠାନ୍ କେନ୍ତା ଜିହ୍ଲଉ ଥାଆନ୍, ଏଛନ ବ ସୋର୍ କଲେଁ ତାର୍ ଦାହ୍ ଶୀତେଇ ଉଠ୍‌ସି। ଗୁଟେ ପେଟ୍ ପୁଷ୍‌ବାର୍‌ଟା ଅସଁଭାଲ୍, ଦୁଇଦୁଇଟା ପେଟ୍ କେନ୍ତେଇ ପୁଷ୍‌ମୁ ବଲିଁ ତାର୍ ବୁଆର୍ ଭାଲ୍‌ନି ଏଛନି ବ ସଏଦ୍ ଦେଖିଲା ମେତାଲ୍ ଲାଗୁଛେ। ହେଲେଁ ବାହ୍ମନ୍ ବୁଡ଼ାର୍ ସେ ଦିନର୍ କଥା କାନ୍ ଭିତ୍‌ରେଁ ଲେସି ହଇ ଯାଇଛେ ଯେ ସୋର୍ କଲା ମାତର୍‌କେଁ ଶୁଭ୍‌ସି ଫଟିକ୍ ଭାବେଁ।

"କାହୁଁ ଭାଲ୍‌ନି କର୍‌ସୁ ଦଦା ! ଯେ ଗଲା ସେ ଗଲା। କାନ୍ଦ୍‌ଲେଁ ବୁବାଲେଁ, ଭାଲ୍‌ନି କଲେଁ ମଲା ଲୋକ୍ ଫିରି ଆଉଥିଲେଁ ତ ଲୋକ୍ ଭୁତିଆର୍ ଲଗେଇ ଭାଲ୍‌ନି କରାତେ। ଛୁଡ଼୍ କହେଇର୍ ମାଁ ଆର୍ ନାଇଁ ଫିରନ୍ ନ। ହଁ ତୋର୍ ପେଟ୍ ଅଁଟାର୍ କଥା ଯଦପି ଭାଲ୍‌ନି କରୁଛୁ ତ ଶୁନ୍ କହୁଛେଁ। ତୁଇଁ ଘରେ ମୋର୍ ଗୁତି ଆଉ, ମୋର୍ ଗୋତ୍ କୁଟ୍‌ମର୍ ହଇଯାଇଛୁ; ଆମେ ଏକ୍ ଆଉଁ। ମୁଇଁ ଖାୟ୍‌ଲେଁ ତମେ ଖାୟ୍‌ବ, ମୁଇଁ ଭୁଖେଁ ରହେଲେଁ ତୁମେ ଭୁଖେଁ ରହେବ ।

ମୋର୍ ନ ଧନ୍ ନାଇଁ ନ ଧାନ୍ ନାଇଁ । ମୋର୍ ଘରେଁ କା'ଣା ଅଛେ କା'ଣା ନାଇଁ ମୋର୍ ଠାନୁ ତୁଇଁ ଜହ ଜାନ୍‌ବୁ । ଯାହା ବି ଅଛେ ସେ ଭର୍‌କ ବାଆର କର ସବୁ ସଁଭାଲ ଚଲ୍‌ମା ବୟୂ‌ଲେଁ ବଛର୍‌ଟେ ଗୁଁଜ୍‌ରେଇ ନେମା । ଆମେ ହେଲେଁ କେତେ ଜନ୍ ବୋ ! ମୁଇଁ ଆର୍ ତୋର୍ ବହୁ, ତୁମେ ଦୁହି ବାପ୍ ପୁଓ । ତାମ୍‌କର୍ ଠାନେ ମାନ୍‌ଏ ଫୁଟାମା, ଚଲ୍ ସିମାନ ।

ହଁ ଏଛେନ୍ ଆର୍ କାଝୁଁ ବୁଢା ଚଲ୍‌ବା କି, ପାର୍‌ବୁ ବୟୂ‌ଲେଁ ତୋର୍ ଦେହେ ଘା' ଦେଖିକରି କାହାଲର୍ ହେଁ ବନୁଆଁ ଡିଯାର୍ ତଲ୍‌କେ ପାୟୂ‌ନ୍ ଦେତା ବାଗିର୍ ଲଗ୍‌ସି, ଚୁଆଁଟେ କୁଡ଼୍ ।"

ତାର୍ ବୁଆର୍ କାନେ କଥା ପଡ୍‌ବାର୍‌ଠା ବେଲ୍ ଲାଗ୍‌ଲା, ମାଉର୍‌କ ବେଲ୍ ନାଇଁ ଲାଗ୍‌ଲା ଚୁଆଁ କୁଡ଼ାନ ଭେଟ୍ ପଡ୍‌ବାର୍ । ଚୁଆଁ କୁଡ଼ା ଗୁଲଛେ, ଦିନ୍ ଦୁଇପହର୍ କା'ଣା ଜନ୍ ଥିଲେଁ ସନ୍ତିଁଭ ଥେବେ ନାଇଁ । ମୁର୍‌ମୁରିଆ ପଥ୍‌ରିଆ ମାୟୂ‌ଟ୍ ଗୟୂଁ‌ତି ଭେଟ୍ କେ ଭ ଉଁ କରେ ନାଇଁ । ହେଲେଁ ତାର୍ ବୁଆର୍ ସେ ଅଥକ୍ କବାର୍, ଓଃ କହେଇର୍ ମୁଡ଼େଁ ଘସି କରଛେ । ସୋର୍ କର୍‌ବାକେ ନାଇଁ ଗୁହେଁଲେଁ ବି ତାର୍ ମନେ ମନେ ଉପ୍‌ଲାଁ ଆପୂ‌ସି, ଗୁପ୍‌ଲେଇ ହେସି ଭାବ୍‌ନାର୍ ଭିଡ଼୍ ଭିତ୍‌ରେଁ !

ପଥ୍‌ରୁଁ ପାୟୂ‌ନ୍ ବାହାର୍‌ଲା । ପାୟୂ‌ନ୍ ନୁହେ ତ ସେ ଦୁସ୍‌କାଲ୍‌କେ ଖ୍ୱଏଦ୍ ଅମ୍‌ରିତର୍ ଧାର୍ ଗୁଟେ । ତାର୍ ବୁଆର୍ ଗହଦର୍ ଧାର୍ ରକ୍‌ତର୍ ଧାର୍ ଚୁଆଁର୍ ତଲୁଁ ପାନର୍ ରୂପ୍ ଧରିଁ ଉପ୍‌କିଁ ଆୟୂ‌ଲା । ବାହ୍ମନ୍ ବୁଢ଼ା ସେ ସେ ପାୟୂ‌ନ୍‌କେ ନେଇ ଘର୍ ଘର୍ ବାଆଁଟିଲା କେତେ ଉଷତ୍ ମନେ । ପାୟୂ‌ନ୍ ଯେତ୍‌କି ବାହାର୍‌ଲା ତାର୍ ଦୁଗୁନୁ ତାର୍ ବୁଆର୍ ମନ୍ ଭିତ୍‌ରେଁ ଉସତ୍ ଆନନ୍ଦର୍ ଗୁଟେ ଧାର୍ ଉତ୍‌ରି ଆୟୂ‌ଲା । ସେ ଦିନ ଇ ପୁଇଜାମ୍ ଗଛର୍ ଛୟୂ‌ରି ତଲେଁ ତାହାକେ ବସେଇ କହିଥିଲା—

"ଦେଖ୍ ଗୋ ବୁଆ ! ଇ ମାନେ ଇ ବାହ୍ମନ୍ ଘର୍‌ଠା ଆମର୍ ମହାପ୍ରଭୁ ଆ'ନ୍ । ନେହେଲେଁ ଯେତେବେଲେଁ ବାପ୍ ପୁଓକେ ନାଇଁ ପର୍‌ଖିବାର୍, ଭାଏ ଭାଏ କେ ଦେଖୁଛେ ଯେ ଭୁକେଁ ମରୁଛେ ଥିର୍ ତୁକେ ନେଁ ଦେବାର୍, ପୁଓର୍ ମୁହୁଁ ଛଡ଼େଇ ମା ଖାଇ ନଉଛେ, ଏନ୍ତା ଦିନେ ଆମ୍‌କୁଁ ଗୁଟେ ନୂହେ ଦୁଇ ଦୁଇଠା ମୁହୁଁକେ ଆଧାର୍ ଦେଇ ବଆଁଚେଇଛନ୍, ଇ ମାନ୍‌କୁଁ

ତୋର୍ ଖାଇଁଥିବାର୍ ତକ୍ ନାଇଁ ଛୁଉବୁ । ମୁଇଁ ତ ଆୟୁଷ୍ ଅଛେଁ କାୟୁଲ୍ ନାଇଁ, ତୁଇଁ ଯେତ୍କି ଦିନ୍ ତକ୍ ଥିବୁ, ଇତାକର୍ ନୁନ୍ ଖାଇକୁଁ ଗୁନ୍ ଗାୟ୍‌ବୁ ।" ତାର୍ ବୁଆର୍ ଇ କଥା ପଦ୍‌ଦୁକ କହେଇର୍ ଲଗି ବେଦ୍ ପୁରାନ୍ ଧରମ୍ କରମ୍ ସବୁ ହେଲା । ଲେଉଠେ ବଛ୍‌ରେଁ ଆଣ୍ଡିର୍ ଜନମ୍ । ଗୁଣି ସା'କାର୍ ଦୁହିକର୍ ଉଷଦ୍ କହେଲେଁ ନାଇଁ ସରେ । ସେ ଆଣ୍ଡିକେ ପାୟ୍ଲି କଲା, ଖେଲାଲା, ବୁଲାଲା । ତାର୍ ଲାଗି ହମା ହଇଁ ହାଣ୍ଡି ହେଲା, ଘୁଙ୍ଗା ହେଲା । ବାହ୍ମନ୍ ଘରର୍ କାଙ୍କି ଆଣ୍ଡିର୍ ମା କହନ୍ "କହେଇ ଆଗୋ, ଆଣ୍ଡି ଘରେଁ"; କହନ୍ ଖାଲି ନୁହେ କରନ୍ ଭି । ସେ ବଛର୍ ତଳଉଲି ବନାଲା ତାର୍ ବୁଆ ମାୟୁଠ୍ ବୁଝି ବୁହି । ଧାନ୍ ହେଲା ଯେ କାହୁଁ କା'ଣ । ଚରି ହାଣ ବଲିଁ କୁର୍ମାଟେ ଗାଡ଼ ରାଣ୍ଡିଁ ଉଲିର୍ ଆରେଁ ତାର୍ ବୁଆ ଶୁଏ । ଧାନ୍ ପେଣ୍ଠା ପଡ଼ିଥାଏ ଆର୍ ସକାଲ୍‌କେ ଆସି ଦେଖିଲା ବେଲ୍‌କେ ତାର୍ ବୁଆ ମରିକରି ଶୁଇଲା ସଜେଁ ଶୁଇଛେ । କଲେର୍ ସାଁପଟେ ତାର୍ ପିଠ୍ ତଲେଁ ଚେପେଇ ହଇ ଚେପ୍‌ଟା ହଇ ଧାଇଛେ । ହେନ ନ ଗାଉଁଟେ କୁଡ଼େଇ ତାର୍ ବୁଆକେ ମାୟୁଠ୍ ଢିଆଲା ବାହ୍ମନ୍ ବୁଢ଼ା । ସେ ମୁଢାର୍ ତୁପା ଉପ୍‌ରେଁ ଆମ୍ ଗଛ୍ ଟେ ଜଗେଇ ନେଲା । ଏଛନ ବି ସେ ଆମ୍ ଗଛ୍ ଧନର୍ ଆମ୍ ଗଛ୍ ଆଉର୍ ଉଲିର୍ ନାଁ ଧନର୍ ଉଲି । ହେଲେଁ ଜମିନର୍ କାଗଜ୍ ପତ୍ରେଁ ଧନ ବରିହାର୍ ନାଁ ଗଁଧ କିଛି ନାଇଁ ।

ତାର୍ ବୁଆର୍ ମଲା ପରେଁ ଆପେଁ ଆପ୍ ତାର୍ ଖାନ୍ଦ୍ ଉପ୍‌ରେଁ ଜୁରିଗଲା ହେଲା ଇ ସବୁ ଜମିବାଡ଼ିର୍ ବୁତା କବାର୍ । ସେ ବି ଇ ଜମିର୍ ଖାଲ୍ ଢିପ୍ ସମାନ୍ କଲା, ଉଲି ବନାଲା, ଚୁଆଁର୍ ପାନି ବେଉସା ପାଣ୍ଡି କଲା । ତାର୍ ଅଥକ୍ କବାର୍ ଦେଖିଁ, ଗାଁର୍ ମାଟ୍‌ବର୍ ପ୍ରଧାନ୍ ଘରେଁ, ସା ଘରେଁ ଅରି ଆର୍ ଲୁଟିକି ହାଣ୍ଡି ଦେମୁଁ ଘୁଙ୍ଗା ଦେମୁଁ ବଲି ତାହାକେ ଲୁଭେଇ ଦେଖିଲେ, ନ ନେସ କାହିଁ ନେଁ ଖସ୍‌ରି । ତାର୍ ପଢ଼୍‌ବାର୍ ବୟସେଁ ତାର୍ ବୁଆକେ ଗାଁର୍ ପଁଚ୍ ମାଷ୍ଟ୍ରେ କହେଲେ 'କହେଇକେ ଇସ୍‌କୁଲ୍ କେ ପଠା' ।

ତାର୍ ବୁଆ କହିଥିଲା କହେଇର୍ ମାନ୍‌କେ "ଆଜ୍ଞା ଆମର୍ ଇସ୍‌କୁଲ୍ ବାହ୍ମନ୍ ଘରର୍ ଖେତ୍ ଆର୍ ଢର୍ । ମୋର୍ ପୁଅର୍ ପାଠ୍ ବାହ୍ମନ୍ ଘରର୍ ବୁତା କବାର୍ ଥିଁ ଝୁରି ହଇଥିବାର୍ ଭଲ୍ ମନ୍ ।"

ଇ ଖେତେଁ ତାର୍ ଜଗାଲା ଗଛ୍ ଖୁଣ୍ଟ୍ ଗୁଲାକେ ବେଲେଁ ସେମାନ୍‌କର୍ ଡାଲେଁ ପତରେଁ କହେଇକେ ସଥେଁ ଝୁଆଁଲି ନେହନ୍ ଫେରେବେଲେଁ,

ସେ ଭାବୁସି ସେ ନିଜେଁ ବି ବାହ୍ମନ୍ ଘରର୍ ଜଗାଲି, ପୁଷ୍‌ଲି ପାଲ୍‌ଲି ଗଛ୍-ଟେ ଆସ୍ତୁ । ସେ ଈ ବାହ୍ମନ୍ ଘର୍‌କେ କେନ୍ତେଇ ଛାଡ଼୍‌ବା ? ତାର୍ ବିହା ବଏସ୍ ଗଡ଼ି ଯାଉଥିବାର୍ ଦେଖି ଲୋକ୍ ତାହାକେ ବର୍ଝାଇ ବସନ୍ ହେଲେଁ ସେ କେଭେଁ ବି ସେ ବିଷେ ନାଇଁ ଭାବି । ଆଉଁର୍ ବିହା ହେଲା ଯେନ୍ ଦିନ ସେ ଦିନେ ହିଁ ତାର୍ ବିହା କରେଇ ନେଇଥିଲା ବାହ୍ମନ୍ ବୁଢ଼ା ତାର୍ ମାମୁଁର୍ ଝି ଗୁର୍‌ବାରି କେ । ଗୁର୍‌ବାରି କହ୍ନେଇର୍ ଘର୍‌କେ ଖାଲି ଉଜଳ୍ ନେଇ କରି, ତାର୍ ଛାତି ଭିତର୍‌ଟା ପୁରାପୁରି ଆବ୍‌ରି ବସି ବସ୍ତୁ୍ଠା ବାଗିର୍ ଜଳୁଥିଲା । ଏଠ୍‌ନ ବି ତାର୍ ମଲା ଉତରୁଁ ଭଲ୍ ସେ ବସ୍ତୁ୍ଠା ନୁହେ ଲିଭେ, ଜଳୁଛେ ।

ବିହା ହେବାର୍ ବଛର୍ ଦଶେ ବିତ୍‌ଲା ପରେ ଯାଇ ତାର୍ ପୁଓ ହଇଥିଲା ଫଗୁ, ଫଗୁନ୍ ପୁନି ଦିନେ ଦିନେ । ଆଉଁର୍ ପୁଓ ଭଉଁ ମୁ ପାଁଚ୍-ବଛରର୍ ପଛେଁ । ଫଗୁ ନର୍‌ଦ ଡେଗି ଆଇଥିଲା ନ, କାସ୍ତୁ୍ ବେମାର୍‌ଟେ ଧଏଲା ଯେ ବଅଁଚି ନାଇଁ ପାର୍‌ଲା; ବାହ୍ମନ୍ ବୁଢ଼ାର୍ ସବୁ ଉଷୋ କଷାଟେ ଲତ୍ ମାରି ପଳାଲା । ଗୁର୍‌ବାରିର୍ ଗୁର୍‌ମଧୁର୍ ବେଭାର୍, ତାର୍ ସେବା ଖାସନ୍ ତାହାକେ ଯେତ୍‌କି ବୁଡ଼େଇ ରଖିଥିଲା ପୁଓ ମଲା ପରେଁ ସେ ସବୁ ପାସ୍ତୁନ୍ ଫାଟିଁଗଲା, ଆମଠ୍ ଧସୁ୍ଲା । ପୁଓ ପୁଓ ବଲିଁ ଗୁର୍‌ବାରି ବି ମୁଓର୍ ବାଠ୍ ଧସୁ୍ଲା । ହେଁ ବଛର୍ ବାହ୍ମନ୍ ବୁଢ଼ା ବି ମଲା ଆର୍ ଆଉଁ ନୌଜି ପାସ୍ତୁ୍ଲା । ସେ ଦିନୁଁ ସେ ଈ ବାହ୍ମନ୍ ଘରେଁ ଖାଉଛେ ଆର୍ ନିଜର୍ ଘରେଁ ଶୁଉଛେ । ତଥାପି ଆଉଁ ତାର୍ ବସ୍ତୁ୍ଶିକ୍‌ମା ନିସ୍ତାର୍ ପାତି ହିସାବ୍ କରି ବଛର୍ କେ ବଛର୍ ପୁଠ୍ ପାସୁ୍ଲା ବେଲ୍‌କେ ଠଁକା ଆକାରେଁ ଦେଇନେସି । ଈ ଜମି ଦଶ୍ ଏକର୍ ଥିଁ ତାର୍ ହାତେଁ ସୁନା ଫଲ୍‌ଲା । ଏଠେନ ସିନା ବୁଢ଼ା ହେଲା ନ ଯେ ଖେତ୍‌ଖଲର୍ ବୁତା ନାଇଁ ପାର୍‌ବାର୍, ହେଲେଁ ଈ ସବୁ ଉଲା ହେ ନିଜେଁ ବନେଇଛେ, ଈ ସବୁ ଗଛ୍‌ଗୁଠ୍ ତାର୍ ହାତେଁ ହାତେଁ କରିଛେ । ଆଉଁକେ ଈ ଦସ୍ତୁ୍ଖି ନେଇ ସହେଲା । ଭଉଁକେ କୁଡ଼େ ବଛର୍ ଭର୍‌ଲା କି ହେ ଭଲ ଅର ଫାଲ୍‌କେ ପାହା ବଢ଼ାଲା । ସେ ବଛର୍ ଫେର୍ ଭଉଁର୍ ଡାକ୍ତରି ପଢ଼ି ସିବାର୍ ଆଛି୍ ।

ଏଠ୍‌ନ ବି ତାହାକେ କେନ୍ତା କେନ୍ତା ଲାଗେ ହେତେବେଲର୍ ମାଁର୍ ଚୂରି ନେଇ ଥିବାର୍ ମେଲା ହାତ, ଧୋବ୍ କପ୍‌ଠା ଆର୍ ଫେନ୍ଦୁରୁ ଟିକା ନେଇ ଥିବାର୍ କନ୍ଦ୍‌କନ୍ଦ୍‌ନିଆଁ ଗୁଲ୍‌ଗୁଲ ମୁହଁର୍ ନିରସି ଭାବ୍ ସୁର୍‌ତା କଲେଁ ।

ଭର୍ଥିର୍ ଭେଲ୍‌କା ଅବାକ୍ ମୁହେଁ, କେନ୍‌କେ ଯାୟ୍‌ସିଁ କାହିଁ ରହେସିଁ କା'ଣା କର୍‌ସିଁର୍ ଭାବ୍‌ନା କନ୍ଦ୍‌ର ବୁଲୁଥାୟ୍ । ସେ ନଜେଁ ଆର୍ତିକେ କେତେ ଭଲ୍ ପାଉଥିଲା କହି ନାଇଁ ହୟ୍ । ନଜର୍ ପିଠିର୍ ଭାୟ୍‌ଟେ ଥିଲେଁ ହେତେ ଭଲ୍ ପାଇ ପାରଥିତା କ ନ କେ ଜାନ୍‌ଏ ? ଆର୍ ଭର୍ଥି, ତାର୍ ଫଗୁର୍ ମଲା ପରେଁ ତାର୍ ମନ୍ ଭିତ୍ରେଁ ଯେନ୍‌ଟିକ ସେନ୍‌ହୋ ସରାଗ୍ ଥିଲା ସବୁତକ ଉଲ୍‌ଦି ହଇଥିଲା ଈ ଭର୍ଥିର୍ ଉପରେଁ । ଭର୍ଥିକେ ବୁଆ ବଲିଁ ଡ଼ାକଲା ବେଲ୍‌କେ ତାର୍ କଲଜା ଭିତରର୍ ପଣ୍ ପଣ୍ ରକତ୍ ନଥ୍ରେଇଁ ହଉଥିଲା ତାର୍ ଅଜାନ୍‌ତକେଁ ।

ଆର୍ତିର୍ ମର୍‌ବାର୍‌ଟା ତାହାକେ ନିଜକେ ଯେତେ ବାଧୁଥିଲା ସେଥୁଁ ଉବ୍‌ର ପାର୍‌ସି କ ନ ଭାବୁଥିଲା । ମାତର୍ କ ଈ ମା ପୁଅକର୍ ଅବସ୍ଥା ଦେଖି ତାହାକେ ନିଜକେ ଦମ୍ ଧର୍‌ବାକେ ପଡ଼ଲା । ଗୁଡ଼ ବର୍‌କସ୍ କଲା । କହେଲା "କାୟ୍ ଭାଲ୍‌ନା କର୍‌ସ ? ମୁଇଁ ଅଛେଁ, ତମର୍ ଅଗି ଗୁଡ଼େ କଁଟା ନେଁ ଗଡ଼େ । ମୁଇଁ ସବୁ ସଁଭ୍‌ଲମି । ଭର୍ଥି ପଢ଼ି ଯିବା ମୁଇଁ ଖଞ୍ଜ୍‌ମି ।" ସେ କଥା ପଦ୍‌କ କୁଟୁମ୍‌ଟାକେ ବାୟ୍‌ଜେଁ ରଖିନେଲା । ଦିନ୍ ରାୟ୍‌ତ୍ ଗୁଟେ କରି ଦିହର୍ ରକତ୍ ପାୟ୍‌ନ୍ କରି ଈ ଦଶ୍ ଏକଡ଼୍ ଜମି ନୁ ସେମାନେ ଖାଇଁଛନ୍, ଭର୍ଥି ପଢ଼ିଛେ, ଡ଼ାକ୍ତର୍ ହଇଛେ । ଭର୍ଥି ସର୍କାରି ନୌକ୍ରି ପାୟ୍‌ଲା ଉତ୍ରୁଁ କହିଥିଲା—

"ବବା ! ତମେ ଆର୍ କବାର୍ ବୁତା ନାଇଁ କର ନ । ବୁଢ଼ା ହେଲ ନ । ଲୋକ୍ ରଖ, ମୁଇଁ ସବୁ ଦେମି, ତମେ ଖାଲି ଦେଖ୍‌ରେଖ୍ କର । ମୋର୍ ବାପା ଥିଲେଁ ଯାହା କର୍‌ତେ ତାହା କର । ମୁଇଁ ତୁମର୍ ଆର୍ ମୋର୍ ବାପାର୍ ଭିତ୍ରେଁ କେଭେଁ ଫରକ୍ ନାଇଁ ଦେଖି ।" ସେ ଈ କହେଇ ସଥେଁ ସରଗ୍‌କେ ଗଲା, ଆର୍ କେତେଦିନ ଗଲା ପରେଁ ତାର୍ ଡ଼ିହ୍‌ବାରି ଟିକ ଭର୍ଥିର୍ ନାଏଁ ରେଜେଷ୍ଟ୍ରେରି କରିନେଲା । ଆନ୍ଧୁତି ଜୀବନର୍ କାୟୁଁ ଆଏତ୍ ? ତାର୍ ମଲା ପରେଁ କଏ କାଁ କରି ମାଡ଼ିବସ୍‌ବା । ପଧାନ୍ ଘରେଁ ତାର୍ ଡ଼ିହ୍‌କେ କେତେ ହଜାର୍ ଅର୍ ମରାଡ଼ି ତ ସଡ଼କ୍ ତରାର୍ ଜାଗା ବଲିଁ ଯେତ୍‌କି ବୟ୍‌ଲେଁ ସେତ୍‌କି ଟଙ୍କା ନେମି ବଲୁଛେ ତାୟ୍‌ଲ୍ । ଭର୍ଥି ତାର୍ ସାଙ୍ଗର୍ ଡ଼ାକ୍ତରେନ୍ ଟୁକେଲ୍‌ଟାକେ ବିହା ହେଲା ବେଲ୍‌କେ ତାହାକେ ଫଟରେଇଥିଲା ଯେ "ଜାତିର୍ ଟୁକେଲ୍ ଆୟ୍‌ବୟ୍‌ଲେଁ କାୟୁଁ ତମର୍ ମନ୍ ଉନା ହେବା" ବଲିଁ କହିଥିଲା ସେ ।

ମାୟ୍‌ଝି ମୁନୁଷ୍ ଦୁହେ ଡାକ୍ତର୍ । ସର୍‌କାରି ନୌକ୍ରି ପୟ୍‌ସା ବୁଝୁଷ୍ଟି । ଅଭାବ୍ ନାଇଁ ଅସୁବଧା ନାଇଁ । ଆୟୁଁଷ୍ ମିଠ୍‌କା ମାରୁନ୍ ମାରୁନ୍ ବଛର୍ ଦଶ୍‌ଟା ପଲେଇ ଗଲା ।

ଭର୍ଥ ଆସି କାୟ୍‌ଲ୍ କହେଲା "ମୁଇଁ ଜମିନ୍ ସବୁ ବିକି ନଉଛେଁ ବବା ! ଆମେ ସଭେ ସମଲ୍‌ପୁର୍ ଯିମା । ସେ ନ ନିଜର୍ ଡାକ୍ତର୍‌ଖାନା କର୍‌ମା । ଘର୍ ବନା ସର୍‌ଲା ନ । ଈ ଗାଁଥିଁ କା'ଣା କର୍‌ମା ? ବୟ୍‌ଶୀ ମାର୍‌ବାଡ଼ି ନଉଛେ ଚମ୍‌ନ ଭାଟି କର୍‌ବା ପରେ ।"

ସେତ୍‌କି ବେଲ୍‌ଁ କହେଇ ଖଠ୍ ଧରିଛେ ଯେ ନୁହେ ଗୁଡ଼େ । ଈ ଜମି ଟିକି ସୁଷ୍ଟି ସିଜିନା ହେଁଠାନେ ହେନ୍ତା ପରଛେ । କେତେଲୋକ୍ ମୋର୍ ବଲିଥିବେ । କେ ବଲିଥିବା ମୁଇଁ ନେଲିଁ । ହେଲେଁ କହେ କେଭେଁ କେନ୍‌ସି ଠାନ୍‌କେ ନାଇଁ ନେଇପାରିଁ । ଯେଣ୍‌ର୍‌ଟା ହେ'ନ ଅଛେ । ଢଡ଼ିଆ ଥିଲା, ଖାଲ୍ ଡିପ୍ ଥିଲା; ସମାନ୍ କରି ଇର୍ ପାୟ୍‌ର୍ ଛେକି ଜମିନ୍ କଲେ ଯେନ୍‌ମାନେ, ସେମାନ୍‌କର୍ ନାଁ ନାଇଁ, ଭଞ୍ଜା ଲୋକ୍ ହେଲେ ମାଲିକ୍ । କହେଇ କେ ବାଧୁଥାୟ୍, ତାହାକେ ପଦେ ପର୍‌ଗଲା ନାଇଁ ପିଲାଟା, ବିକ୍‌ମା କି ନାଇଁ ବିକୁଁ ବଲିଁ । ଭାବୁଥାୟ୍, ଇ ଜମିଟିକି ଅନାଜ୍ ଉପ୍‌ଜଉ ଥିଲା; କେତେ ଫଲ୍‌ମୁଲ୍ କେତେ ମୁଗ୍ ମୁଗ୍‌ଫଲି, କେତେ ମଡ଼ିଆ । ମୁନୁଷ୍ ଅଗ୍‌ବର୍ ନୁହଁନ୍ ଲଖ୍ ଲଖ୍ ଚରେ ଚର୍‌ଗୁନ୍ ଜଁତୁ ଜାନୁଆର୍ ଚାଁଟି ମକ୍‌ର ଠାନୁ ଖାଉଁଥିଲେ । ଇଟାଭଟି ହେଲେଁ ଖାୟ୍‌ବାକେ କା'ଣା ବାହାର୍‌ବା ? ତାହାକେ ସମଲ୍‌ପୁର୍ ଯିବାକେ କହୁଛନ୍ ଯେ କେନ୍ତା କରି ଯାଇପାର୍‌ବା ? ତାର୍ ଆଧୀନ୍ ତାର୍ ଦେଖ୍‌ରେଖ୍‌ନେ ଈ ଜମିନ୍ ନୌ ଥିଲେଁ ନୌ ଥିବା, ଈ ଜମିବାଡ଼ି ନୁ ବୁଲି ଆୟ୍‌ବାକେ କେ ମନା କର୍‌ବା ? ଈନ ତାର୍ ବୁଆ ଘନ ବରିହା ଅଛେ, ବାହ୍ମନ୍ ବୁଢ଼ା ଅଛେ ଆର୍ ଆଈ ବି ଅଛେ । ଈନ୍‌କେ ଆୟ୍‌ଲେଁ ସେ ସମ୍‌କୁଁ ସୋର୍ କର୍‌ସି, ଦେଖିଲା ବାଗିର୍ ଲାଗ୍‌ସି । ଈ ଗାଁ ନାଇଁ ଛୁଟେ । ଈ ଜମିନ୍‌ଥିଁ ତାର୍ ଯେନ୍ ମୋର୍ ପଣିଆ, ନିଜର୍ ନିଜର୍ ଭାବ୍‌ଟେ ଗାଢ଼ି ହଇଛେ ସେତାକେ ଉସ୍‌କେଇ ପାର୍‌ବା କାୟ୍‌ଁ ? ଈ ଖେତର୍ ସବୁ ଢେଲ୍ ତାର୍ ଯାଲେଁ ବୁଥି ହଇଛେ, ସବୁ ପଥର୍ ସବୁ ଢିପାଥିଁ ତାର୍ ରକତ୍ ଲେସି ହଇଛେ । ଇନର୍ ସବୁ ଗଛେଁ ଝୁଟେଁ ତାର୍ ନିଶାସ୍ ଖେଲିଛେ, ସବୁ ଆରିଁ ତାର୍ ପାହାଚହ୍ନା ତାର୍ ବୁଆର୍ ପାହାଚହ୍ନା ତାର୍ ଆୟୁଁଖ୍‌କେ ଦକ୍ କରୁଛେ ।

ଈ ଜମିନେ ନଙ୍ଗଲ୍ ଗାଚରେଁ ସେ ବାହ୍ମନ୍ ଘରର୍ ଭାଏଗ୍ ସାଙ୍ଗେଁ ନିଜର୍ ବି କରମ୍ କପାଲ୍ ଖୁଜିଛେ ବୁଲିଛେ । ଈ ନ ମାସୁଟ୍ ଦୁଇହାତ୍ ପାସୁଲେଁ ମୁଦ୍ଦାର୍ ହଇଁ ଶୁଇବା; ମଲା ପରେଁ ପେଡେନ୍ ଭୁତେନ୍ ହେଲେଁ ଈ ଖେତ୍ ଠିନେଁ କନ୍ଦ୍‌ରୁ ଥିବା । ମୁନୁଷ୍ ଜନମ୍ ପାସୁଲେଁ ଈ ଜମିନର୍ ମାସୁଟ୍ ସାଙ୍ଗେଁ ଫେର୍ ମାସୁଟ୍ ହେବା; ଏନ୍ତାକେ ଯଦପି ଗୋରୁ ଜନମ୍ ବି ପାସୁ ତେବେଁ ଈ ଖେତେଁ ଫାନ୍ଦ ହେବା, ଇନର୍ ଇର୍ ପାସୁର୍ ନେ ଚରୁବା, ଇ ଖେତର୍ ଗଛ୍ ଛାଏଁ ତଲେଁ ଶୁଇଁ କାସ୍‌ଲି କରୁବା । ସମଲ୍-ପୁର୍‌କେ ସେ କାଁ କରି ଯିବା ? ସେ'ନ କା'ଣା ଅଛେ ? ତାର୍ କାଏ ଅଛେ ଲାଗର୍ କ ଲେସର୍ ?

ବନିହାଁ ବେଲୁଁ ସକାଲ୍ ପାହେଲା ନ । ଖବ୍ ବଜରି ଆସୁଲା ନ । ବନିହେନ୍ ଡାକ୍‌ଦୁ ପରେଁ ଯାଇ କହେଇ ଓ କଲା । ଦେଖ୍‌ଲା ଯେ ତାର୍ ଖଟ୍ ପାଶେଁ ଭଥ୍ ଆର୍ ତାର୍ କନିଆଁ ଦୁହେ ଠାଡ୍ ହଇଛନ୍ । ହଡ୍‌ବଡେଇ କରି ଉଠ୍‌ବାର୍‌କେ ଚେରେଷ୍ଟା କଲା; ମାତର୍‌କ ଉଠି ନାଇଁ ପାର୍‌ଲା କ ବସି ବି ନାଇଁ ପାର୍‌ଲା ।

ଡାକ୍ତର୍ ଭରତ୍ ଦାଶ୍ କହେଲା "କାଁ ହେଲା ବବା ! କେନ୍ତା ଲାଗ୍‌ଲା ? କାସୁଲ୍ ବନିହାଁ ବସୁତ୍ ତକ୍ ଠାକ୍‌ଲୁଁ, ଖାଇ ନାଇଁ ଗଲା ?"

ଡାକ୍ତରେନ୍ କଲ୍‌ପନା କହେଲା "ବବା ! ଏ'ଦେ ମାଁ ଈ ଟିଫିନ୍-ଡବା ନେ କା'ଣା ଖାସୁବାକେ ଦେଇଛନ୍, ଖାଇନିଅ । ଅମେ ଆଉଛୁଁ ଉପେକ୍ଷା କରୁମା; ତୁମେ କିଛି ନାଇଁ ହ' ।"

ଡାକ୍ତର୍ ଦାଶ୍ ଫେର୍ ପୁଚିନେଲେ "ହଁ ବବା ! ଆସୁଜ୍ ରେଜେଷ୍ଟ୍ରି ଠା ଅଛେ ତ; ସଭେ ଆସିହେବେ । ଆମେ ଆମର୍ ନିଜର୍ ମଟ୍‌ରେଁ ଯାଉଛୁଁ, ଜଲ୍‌ଦି ଫେରିକରି ଆସୁମୁଁ । ଆସୁଲେଁ ବନ୍ଏ କରି ତୁମର୍ ଟ୍ରିଟ୍‌ମେଣ୍ଟ୍ କରୁମୁ ।"

କହେଇ ବଡ୍ଡା କଷ୍ଟେଁ ବେବାଲେଇ କରି କହେଲା "ବୁଆ ! ଗୁଟେ କଥା କରୁବ । ମୁଇଁ ଆର୍ ଠହର୍‌ମି ବାଚିର୍ ନେଇଁ ଲଗ୍‌ବାର୍ ନ । ମୁଇଁ ମରିଗଲେଁ ହେଁ ଖେତେଁ ମାସୁଟ୍ ଦୁଇହାତ୍ ଦେବ । ମତେ ମୋର୍ ମୁଦ୍ଦାର୍‌କେ ତୁପ୍‌ବାର୍ ଲାଗି ହେଉନି ନ । ହେଁ ଠିକ ଗୁଣ୍ଡକରି ରେଜେଷ୍ଟ୍ରି କରୁବ ।"

ଡାକ୍ତର୍ ଦାଶ୍ ହର୍ବରେଇ କରି କହେଲା "ତମେ କାଁ ହେବ ଯେ ବବା ! କଣ୍ଟ ନେଁ ହ । ଏ'ହେ ଅମେ ଚଲେଇ ଆଉଛୁଁ ।" ସେମାନେ ଦୁହେ ପଲାଲେ । କହ୍ନେଇ ଫେର୍ ମୁହଁ ଡାପି ଶୁଇଲା । ଖାୟ୍‌ବାର୍ ପିଇବାର୍ କେ ମନ୍ ନାଇଁ କି ଉଠ୍‌ବାର୍ ବସ୍‌ବାର୍ କେ ବପୁ ନାଇଁ । ପରା ପାଠ୍‌କର୍ ଲୋକ୍ ସୋର୍ ପାଇ ଆୟ୍‌ଲେ, ପର୍‌ରା ଉର୍‌ରା କଲେ; କେ କେ କାଁ କା'ଣା ଆନନେମୁଁ କାୟ୍ଁ, ଖାୟ୍‌ବୁ କାୟ୍ଁ ବୟ୍‌ଲେ । ସବୁକେ କହ୍ନେଇ ମୁଣ୍ଡ୍ ହଲେଇ ନାଇଁ କର୍ଲା । ଲୁକେ ଫେର୍ ନିଜର୍ ନିଜର୍ କାମ୍ କବାରର୍ ରଣି ଥିଁ ଖିଣ୍ଟାନ ହଇଁ ଯେ ଯାହିଁ ଗଲେ ।

ବେଲ୍‌ହେଁ ବେଲ୍, ଖରା ଉହୁର ଆଉଛେ; କହ୍ନେଇ ବଉହା ସେନ୍ତା ଖଟେଁ ଘଣ୍ଟେ । ତାର୍ ଦହ୍ ଉପରେଁ ପଛ୍‌ରା ଖଣ୍‌ଏ ଉଢ଼ା ହଇଛେ । ମାଛିମାନ୍‌କଣ୍ଡ୍ ଘରବ୍ ଘର୍ଲା ମେତାଲ୍ ଭନ୍‌ଭନଉଛନ୍ । ଡାକ୍ତରେନ୍ ଦେଇ ଯାଇଥିବା ଟିଫିନ୍ ଡବାଟା ହଲେଇ ଧୂର୍ଲ୍‌ଧୂଡ଼େଇ ନେଇଛେ ଯେ ଖାପ୍‌ନ ହୁଣ୍ଟିକରି ଆଁ କରିଛେ; ମାଛି ବୁଲୁଛନ୍ । ପାଶେଁ ଭଉଣର୍ ମାପିଁ ତାଟାକେଁ ବସିଁଛନ୍ । ତାକର୍ ଆଖିର୍ ପାଣ୍ଟ୍‌ନ୍ ତରା ତରା । କହୁଛନ୍ "ବଡ଼୍‌ଖାଟା !" ଣି ନାଆଁ ନେ ସେ କହ୍ନେଇର୍ ସାଙ୍ଗେଁ ସବୁଦିନେ କଥା-ବାର୍ତ୍ତା ହେଇ ଆସିଁଛନ୍, ମାନ୍ଟ୍‌ନ୍ ଥିଁ ଜେଡ଼୍‌ଶଶୁର୍ ଆୟ୍‌ତ । "କଣ୍ଟନାଇଁ ଖାୟ୍‌ଲ ଯେ । କେନ୍ତା ଲାଗୁଛେ ? ଏତେଇ ଦିନ୍‌କେଁ ଏତେ ଦୁବଲ୍ ହଇଗଲ । କାୟ୍‌ଲ୍ ତ ଣି ଗହେ ବଛରଣ୍ଡ୍ ଦିହେଁ ଭ ଖେଲୁଁ ଘର୍ ବୁହ-କଣ୍ଡ ଆଉଥିଲ । କା'ଣା ହେଲା, କଣ୍ଟ କହ । ଯାହା ବ ରୁଚୁଛେ ଶିଆପିଆ କର ।"

କହ୍ନେଇ ବଉହା ଆର୍ ବନ୍‌ଏ କରି କହି ନାଇଁ ପାର୍‌ବାର୍, ବେବ୍‌ଲଉଛେ । ଏତ୍‌କି କୁହିଁ ହଉଛେ ତାର୍ କହେବାର୍ ଯେ "ବୁଆ ନୁହେ ଆସେ ? କେତେବେଳେଁ ଆୟ୍‌ବା ?"

ଡାକ୍ତର୍ ଭରତ୍ ଦାଶ୍ ଆଉର୍ ଡାକ୍ତରେନ୍ କଲ୍‌ପନା ମଠ୍‌ରୁଁ ଉତ୍‌ରି ସିଧା କହ୍ନେଇର୍ ଘର୍‌କେ ଆଇଛନ୍ । ମା'କେ ସେନେ ଦେଖି ଭରତ୍ କହେଲା "ମା ! ତେଜକ୍ଷ୍ଣିଟା ତମେ ଶଲେଁ ଯାଇ ହେବା । ତମର୍ ନାଁଥିଁ ଜମିନ୍ ଅଛେ ।"

ଈ କଥା ଶୁନି କହ୍ନେଇର୍ ମୁହେଁ ଦର୍‌ହଁସିର୍ ଝଲକଟେ ଖେଲିଗଲା । ଭରତର୍ ମା ପଚରାଲେ "କା'ଣା ହଁସ୍‌ଲୁ ବଣ୍ଡ୍‌ଖାଠା ?"

କହ୍ନେଇ କିଛି କହି ନି ପାର୍‌ଲା ସିନା ତାର୍ ମନେ ମନେ ଭାବୁଥିଲା ଯେନ୍‌ମାନେ ସେ ଜମିନ୍ ବନାକରା କଲେ, ଫୁଲାଲେ ଫଲାଲେ; ସେମାନେ ନି ହେଲେଁ ବି ଚଲ୍‌ବା; ନ ସେ ଜମିନର୍ ସୀମ୍‌ନା କେଭେଁ ମାଡ଼ି ନାଇଁ, ଜମିନ୍‌ଟା କେନ୍ତା ଦିଶ୍‌ସି ମନେ ବି ଭାବି ନାଇଁ, ଜମିନ୍ ତାର୍ ନାଁଥିଁ ଅଛେ । ଧୟ୍‌ନ୍ ଧୟ୍‌ନ୍ ଈ ସଂସାର୍ । ଭରତକେ ଦେଖି କହ୍ନେଇ ଉଠ୍‌ବାର୍‌କେ ଚେରେଷ୍ଟା କଲା । ତାର୍ ହଜି ଯାଉଥିବା ସବୁ ବଲ୍‌ବପୁ ସାଉଁଟି କରି କହେଲା "ବୁଆ ! ଏ'ଦେ ମୋର୍ ଜୀବନର୍ ସବୁ କମାନି ଧମାନି ମୋର୍ ମୁଣ୍ଡ୍ ଆଡ଼େଁ ଅଛେ । ଇଥିଁ ପଇସେ କି ଅଧ୍‌ଲେ ମୋର୍ ନିଜର୍ ପିଁଧ୍‌ନା ଉଡ଼୍‌ନା କି ଖାନା ପି'ନା ନେ ଖର୍ଚା ନାଇଁ କରି, ଛଁଚି ରଖିଛେଁ । ସେଥିର୍ ଲାଗି ଦର୍‌କାର୍ ନାଇଁ ଥାଇ ବି । ସବୁ ତୁମେ, ତୁମର୍ ବାପ୍ ଅଜା ଦେଇଛନ୍ । ଈ ସାଙ୍ଗେଁ ଏ'ଦେ ମୋର୍ ଉହ୍‌ବାର ଠିକର୍ ରେଜେଷ୍ଟ୍ରିର ଇଷ୍ଟାମ୍ । ଈ ସବୁ ଭଁଜାଇ ନେବ ।"

ଭରତ୍ ପଚରାଲା "କା'ଣା ଭଁଜାମି ବବା ?"

କହ୍ନେଇ ବେକ୍‌ଲେଇ କରି କହେଲା "ଈ ପୁଥୀ ଭିତରେଁ ବି ପରେ ଗୁଟେ ଦେଶର୍ ଟଁକା ଆର୍ ଆର୍ ଦେଶେଁ ନି ଚଲେ । ମୁଇଁ ତ ଈ ପୁଥୀ ଛାଡ଼ି ପଛା ଦୁସ୍‌ରା ମୁଲକ୍‌କେ ଯିମି ସେ'ନ ଈଟା କେ'ନ ଚଲବା ? ସେ ମୁଲ୍‌କେଁ ଯେନ୍ ପଇସା ଚଲ୍‌ବା ସେ'ଟା ଭଁଜେଇନେବ ।"

ଭରତ୍ କହେଲା "ବୁଝି ନାଇଁ ପାର୍‌ଲିଁ ବବା !"

କହ୍ନେଇ ବନିହାଁ କଷ୍ଟେଁ କହେଲା ଅଟ୍‌କି ଅଟ୍‌କି—

"ହଁ ଈ ସବୁକେ ନେଇ କୁରିଆ ଗୁଟା ଦୁ ବନାଇ ନେବ । ସେ'ନ ମୋର୍ ମେତାଲ୍ ପୁଓ ମାଯ୍ୟ୍‌ପୋ ନି ଥିବାର୍, କି ଯେନ୍‌ମାନ୍‌କର୍ ପୁଓ ମାଯ୍ୟ୍‌ପୋ ଥାଇକରି ଥାଇକଣ୍ଡି ବି ନି ପଚରାବାର୍ ଦେଖ୍‌ରେଖ୍ ନି କର୍‌ବାର୍, ସେନ୍ତା ବୁଢ଼ାବୁଢ଼ୀମାନେ ରହେତେ । ସେମାନେ ଯେନ୍ତା ଠିକେ

ସେବା ଶାସନ୍ ଆସ୍‌ଲେ, ଥିର୍ ଭୁକେ ମାଣ୍ଣ୍‌ଲେ, ପାଲିବ ବସ୍‌ଲେଁ ହେଲା ବେବସ୍ଥା କର୍‌ନେ ତ । ମୁଇଁ ମୋର୍ ପୁଓ ମାୟ୍‌ପୋ ନାଇଁ ଥାଇ ଯେ ବଞ୍ଚହାଁ ଭୁରୁଥିଲି, ହେଇଲି ତମର୍‌ମାନ୍‌କର୍ ଧରମ୍ମୁ ମତେ କେନ୍‌ସି ଦଶା ଭୁଗ୍‌ବାକେ ନେଇଁ ପଡ଼ଲା । ମୋର୍ ମେତାଲ୍ ବୁଢ଼ାବୁଢ଼ୀ ଅଛନ୍ ଅଛନ୍, ଯେନ୍‌ମାନେ ଥିର୍ ଭୁକେ ନେଇଁ ପାଉ୍‌ବାର୍ ଭିଖ୍ ମାଗୁଛନ୍, କାଏ କେନ୍ ପିଁଢ଼ା ନ ତ କାଏ କେନ୍ ଗଛ୍‌ତଲେଁ କୁଆ କୁକୁରର୍ ଅଁପ୍ରା-ଟିଁପ୍ରା ନ ଜୀବନ୍ ଦଉଛନ୍ । ହେଁମାନ୍‌କର୍ ଲାଗି ଏତ୍‌କି ଥିଁ ଯାହା ବନ୍‌ତା କର୍‌ତ । ଏଦେ ନିଅ ।" ବଲି ମୁଣ୍ଡ୍‌ଆଡ଼୍ଁ ମୁରଲି ଖୋଲ୍‌ଟେ ବାହାର୍ କରି ଖସ୍‌ରେଇ ନେଲା; ଯେନ୍‌ଥିଁ କି ସବୁ ଭରା ହଇଥିଲା । ସେଁଟା ଖସ୍‌ଗଲା ବେଲେଁ ନିଜେଁ ବି ଖଟ୍ଁ ତଲ୍‌କେ ଖସିରି ପଡ଼ଲା, ଆଁ କରିନେଲା ଯେ ସେ ଆଁଟା ଆର୍ ମୁକିଁ ନେଇଁ ହଇଁ ନ ।

ଏତ୍‌କି ବେଲ୍‌କେ ବେଲ୍ ଲାଲ୍ ବରନ୍ ଧରି ପଚ୍ଛିମ୍ ଆକାଶେଁ ବୁଡ଼ି ବୁଡ଼ି ଯାଉଥାଏ ।

ଭରତର୍ ମା କାନ୍ଧି ପକାଉଲା ହେଁକେଇ ହେଁକେଇ; ଆଖି ଲହ ଦରେ ଦରେ ଗଡେଇ ହଉଥାଏ । କଲ୍‌ପନା ରୁମାଲ୍ ଥିଁ ଆଖି ପୁଛୁ-ଥାଏ । ଭରତ୍ ସଡ଼କ୍‌ନାମ୍ ଠିଆ ରହିଥାଏ, ଟିକେ ନେଇଁ ଟଳୁଥାଇ । ତାହାକେ ସବୁ ଅଁଧାର୍ ଦିଶୁଥାଏ । ଯେତେବେଲେଁ ତାର୍ ମୁହୁଁ ଫିଟ୍‌ଲା ସେ କହେଲା "ଆର୍ ଇ ଜମିନ୍ ନାଇଁ ବକେଁ ନ ମା ! ସମଲ୍‌ପୁରର୍ ସବୁ ବିକ୍‌ନନି ।"

କହେଇ ବରିହାର୍ ଜାଏ୍‌ତକୁଁ ଧରି ତାର୍ କାମ୍ କାରଯ୍ ସର୍‌ଲା । ଭରତ୍ ଦାଶ୍ ସମଲ୍‌ପୁରର୍ ତାର୍ ବନାଲା ଘର୍ ଦୁଆର୍ ବିକି ନେଲା । ଆପ୍‌ନେ ଦୁହିଁ ଲୁକ ନେଇକି ଗୁଣ୍ଡି ଗାଁନେ ରହେଲେ । ଖେତେଁ ଧାଡ଼୍‌କେ ଧାଡ଼ି ଘର୍ ତିଆରି ହେଲା । ତାର୍ ନାଆଁ ଦେଲେ "କହେଇ କୁରିଆ" । ସେ ନ ଆଖର୍ ପାଖର୍ ନିରାଶ୍ରା ବୁଢ଼ାବୁଢ଼ୀ ଆସି ରହେଲେ । ନର୍ସ ଦୁଇ-ଜନ୍ ରଖି ଭରତ୍ ଦାଶ୍ ଆର୍ କଲ୍‌ପନା ମା'ବାପ୍ ମେତାଲ୍ ସେମାନ୍‌କର୍

ସେବା କଲେ । ଜମି ଦଶ୍ ଏକଡ଼୍‌ନୁ ଆଗର୍ ଠାନୁ ଆହୁରି ବଢ଼ିଆ ଚାଷ୍-ବାସ୍ ହେଲା । 'କହେଲେଇ କୁଣିଆ'ର୍ ବୁଢ଼ାବୁଢ଼ୀକୁଁ ଧରି ଭରତ୍ ଆର୍ କଲ୍‌ପନା ଦୁହେ ଦେହେ ଲଗେଇ କାମ୍‌ଧାମ୍ କଲେ । ଗୁଣ୍ଡି କୁଠିଆ କ ଭୁଣ୍ଡିଆର୍ ଆର୍ ଦର୍‌କାର୍ ନାଇଁ ହେଲା ନ । ଛୁନା ବେଲେଁ ଯେନ୍‌ମାନେ ଚହ୍ଲି ଛନ୍ କହେଲେଇ ବଣିହା ସେ ଜମି ଦଶ୍ ଏକଡ଼୍ ଭିତରେଁ ଉଷତ୍ ମନେ ବୁଲୁଥିବାର୍ ଦେଖିଛନ୍ ବଲିଁ କୁହାବୁଲା ହେସନ୍ ।

କଲ୍‌ପନା କହେଲା "ବବା ଆମର୍ ଜୀବନ୍-ଧର୍‌ସା କେ ବନ୍‌ଏ ମୋଡ଼୍, ଆଜ୍ଞା ମୁରେନ୍‌ଟେ ଦେଲେ ।"

ଭରତ୍ ମୁଣ୍ଡ୍ ହଲେଇ କହେଲା "ମୋଡ୍ ବଲ୍‌ସ, ଯୋଡ଼୍; ମୁରେନ୍ ନୁହେ ଷୁଣେନ୍ ଆସ୍ତୁ" ।